୫୧
# ଧରିତ୍ରୀ
DHARITRI


ଭୁବନେଶ୍ୱର, ଶୁକ୍ରବାର, ଡିସେମ୍ବର ୨୦/୨୦୨୪ (୧୬ ପୃଷ୍ଠା) | Bhubaneswar, Friday, December 20/2024 | Page 16 | ₹ 7.00 | RAYAGADA

୫୧ଶ ଭାଗ ୨୭ ସଂଖ୍ୟା www.orissakhabar.com/www.dharitri.com | Printed at Rayagada, Bhubaneswar, Sambalpur & Angul VOLUME 51 ISSUE 27 ମୂଲ୍ୟ₹୭/-


# ସଂସଦରେ ଠେଲାପେଲା

**ରାଜ୍ୟ ସଭାରେ ଗତ ମଙ୍ଗଳବାର ସମ୍ବିଧାନ ସମ୍ପର୍କିତ ଚର୍ଚ୍ଚାବେଳେ ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହା ଡ. ଭୀମରାଓ ଆମ୍ବେଡକରଙ୍କ ସମ୍ପର୍କରେ ଦେଇଥିବା ବକ୍ତବ୍ୟକୁ ନେଇ ବିବାଦ ଜଟିଳ ରୂପ ନେବାରେ ଲାଗିଛି। ଏ ସମ୍ପର୍କରେ ବୁଧବାର ଭାଜପା ନେତା ଏବଂ ବିରୋଧୀ କଂଗ୍ରେସ ସମେତ ଇଣ୍ଡିଆ ବ୍ଲକ୍‌ର ନେତାଙ୍କ ମଧ୍ୟରେ ବାକ୍‌ଯୁଦ୍ଧ ହୋଇଥିଲା। ଗୁରୁବାର ଏହି ପ୍ରସଙ୍ଗରେ ସଂସଦ ପରିସରରେ ଠେଲାପେଲା ସ୍ଥିତି ସୃଷ୍ଟି ହୋଇଛି। ଏଥିରେ ଏଆଇସିସି ଅଧ୍ୟକ୍ଷ ତଥା ରାଜ୍ୟ ସଭାରେ ବିରୋଧୀ ଦଳ ନେତା ମଲ୍ଲିକାର୍ଜ୍ଜୁନ ଖାର୍ଗେଙ୍କ ସମେତ ୨ ଭାଜପା ନେତା ତଥା ବାଲେଶ୍ୱର ଏମ୍‌ପି ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ଏବଂ ଉତ୍ତରପ୍ରଦେଶର ଫାରୁଖାବାଦ ଏମ୍‌ପି ମୁକେଶ ରାଜପୁତ୍ ଆହତ ହୋଇଛନ୍ତି। ଏମ୍‌ପି ପ୍ରତାପ ଷଡ଼ଙ୍ଗୀଙ୍କ ଅଭିଯୋଗ ଅନୁଯାୟୀ ଭାଜପା ସଦସ୍ୟମାନେ ସଂସଦର ମକରଦ୍ୱାରରେ ବିକ୍ଷୋଭ କରୁଥିବାବେଳେ ଲୋକ ସଭାର ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ ଜଣେ ଏମ୍‌ପିଙ୍କୁ ଠେଲିଦେଇଥିଲେ। ଫଳରେ ସେ ତାଙ୍କ ଉପରେ ପଡ଼ିଯାଇଥିଲେ। ଏଥିରେ ପ୍ରତାପଙ୍କ ମୁଣ୍ଡ ଫାଟିଯାଇଥିବା ଅଭିଯୋଗ ହୋଇଛି। ଅନ୍ୟପକ୍ଷେ ରାହୁଲ ଏହି ଅଭିଯୋଗକୁ ଖଣ୍ଡନକରି କହିଛନ୍ତି, ଭାଜପା ଏମ୍‌ପିମାନେ ପଥ ଅବରୋଧ କରି ତାଙ୍କୁ ଠେଲିଥିଲେ। ଆମ୍ବେଡକରଙ୍କୁ ଅପମାନିତ କରିଥିବା ସ୍ୱରାଷ୍ଟ୍ରମନ୍ତ୍ରୀ ଶାହାଙ୍କୁ ସୁରକ୍ଷା ଦେବା ପାଇଁ ଶାସକ ଦଳ ଏଭଳି ଡ୍ରାମା କରୁଥିବା ରାହୁଲ ପାଲଟା ଅଭିଯୋଗ ଆଣିଛନ୍ତି। ରାହୁଲଙ୍କ କାର୍ଯ୍ୟକୁ ଶାସକ ପକ୍ଷ ନିନ୍ଦା କରିବା ସହ ଦୃଢ଼ କାର୍ଯ୍ୟାନୁଷ୍ଠାନ ଦାବିରେ ଥାନାରେ ଏତଲା ଦେଇଛି। ଭାଜପା ଏମ୍‌ପିମାନେ ଠେଲିଦେବାରୁ କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜ୍ଜୁନ ଖାର୍ଗେଙ୍କ ଆଣ୍ଠୁରେ ଆଘାତ ଲାଗିଥିବା ଦର୍ଶାଇ ଇଣ୍ଡିଆ ବ୍ଲକ୍ ନେତାମାନେ ମଧ୍ୟ ଥାନାରେ ପାଲଟା ଅଭିଯୋଗ କରିଛନ୍ତି।**

## ଖାର୍ଗେ, ପ୍ରତାପଙ୍କ ସମେତ ୩ ଆହତ


ମଲ୍ଲିକାର୍ଜ୍ଜୁନ ଖାର୍ଗେ


ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ

**ନୂଆଦିଲ୍ଲୀ,୧୯।୧୨**

ସମ୍ବିଧାନ ପ୍ରଣେତା ଡ. ଭୀମରାଓ ଆମ୍ବେଡକରଙ୍କୁ କିଏ ଅପମାନିତ କରିଛି? ଏହି ପ୍ରସଙ୍ଗକୁ ନେଇ ଶାସକ ଜାତୀୟ ଗଣତାନ୍ତ୍ରିକ ମେଣ୍ଟ (ଏନ୍‌ଡିଏ) ଏବଂ ବିରୋଧୀ ଇଣ୍ଡିଆନ୍ ନ୍ୟାଶନାଲ ଡେଭେଲପ୍‌ମେଣ୍ଟାଲ ଇନ୍‌କ୍ଲୁସିଭ୍ ଆଲାଏନ୍ସ (ଇଣ୍ଡିଆ) ନେତାମାନେ ମୁହାଁମୁହିଁ ଅବସ୍ଥାରେ ଥିବାବେଳେ ଶୀତ ଅଧିବେଶନ ଶେଷ ହେବାର ଦିନକ ପୂର୍ବରୁ ସଂସଦ ପରିସରରେ ଏହାର ଚରମ ପରିଣତି ଦେଖିବାକୁ ମିଳିଛି।

ଗୁରୁବାର ପୂର୍ବାହ୍ନ ୧୦ଟାରେ ସବୁ ଦଳର ଏମ୍‌ପିମାନେ ପାର୍ଲାମେଣ୍ଟକୁ ପ୍ରବେଶ କରିବାରେ ଲାଗିଥାଆନ୍ତି। ଏତିକି ବେଳେ କଂଗ୍ରେସ ଅମଳରେ ଆମ୍ବେଡକର ସର୍ବାଧିକ ଅପମାନିତ ହୋଇଥିବା ଦର୍ଶାଇ ପୁରୁଣା ସଂସଦ ଭବନ ସମ୍ମୁଖ ମକରଦ୍ୱାରରେ କେତେଜଣ ଭାଜପା ସଦସ୍ୟ ବିକ୍ଷୋଭ କରୁଥିଲେ। ରାହୁଲ ଗାନ୍ଧୀ ସେହି ଦ୍ୱାର ଦେଇ ପାର୍ଲାମେଣ୍ଟ ଭିତରକୁ ଯାଉଥିଲେ। କିନ୍ତୁ ପାହାଚ ମଝିରେ ଠେଲାପେଲା ଯୋଗୁ ସେ ଯାଇ ନ ପାରିଥିଲେ। ଏହି ସମୟରେ ଜଣେ ଭାଜପା ଏମ୍‌ପି ଠେଲିଦେବାରୁ ରାଜ୍ୟ ସଭାରେ ବିରୋଧୀ ଦଳ ନେତା ମଲ୍ଲିକାର୍ଜ୍ଜୁନ ଖାର୍ଗେଙ୍କ ଆଣ୍ଠୁରେ ଆଘାତ ଲାଗି ସେ ଆହତ ହୋଇଥିବା ଅଭିଯୋଗ ହୋଇଛି। ସେହିପରି ଭାଜପା ନେତାମାନଙ୍କ ଅଭିଯୋଗ ଅନୁଯାୟୀ ରାହୁଲ ବିକ୍ଷୋଭରତ ଉତ୍ତର ପ୍ରଦେଶର ଫାରୁଖାବାଦ୍ ଭାଜପା ଏମ୍‌ପି ମୁକେଶ ରାଜପୁତ(୫୫)ଙ୍କୁ ଠେଲିଦେଇଥିଲେ। ମୁକେଶ ସେଠାରେ ଉପସ୍ଥିତ ପୂର୍ବତନ କେନ୍ଦ୍ରମନ୍ତ୍ରୀ ତଥା ବାଲେଶ୍ୱର ଏମ୍‌ପି ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀଙ୍କ ଉପରେ ପଡ଼ିଯାଇଥିଲେ। ଏଥିଯୋଗୁ ମୁକେଶ ଆହତ ହେବା ସହ ପ୍ରତାପଙ୍କ ମୁଣ୍ଡରେ ଗଭୀର ଆଘାତ ଲାଗିଛି ବୋଲି ଅଭିଯୋଗ ହୋଇଛି। ପ୍ରତାପଙ୍କ ମୁଣ୍ଡରୁ ରକ୍ତସ୍ରାବ ହେବାରୁ ତାଙ୍କୁ ରାମମନୋହର ଲୋହିଆ ହସ୍ପିଟାଲର ଇନ୍‌ଟେନ୍‌ସିଭ କେୟାର ୟୁନିଟ୍ (ଆଇସିୟୁ)ରେ ଭର୍ତ୍ତି କରାଯାଇଛି। ଏତିକି ନୁହେଁ, ସେହି ସମୟରେ ରାହୁଲ ନାଗାଲାଣ୍ଡରୁ ପ୍ରତିନିଧିତ୍ୱ କରୁଥିବା ଭାଜପା ସଦସ୍ୟା ଫଙ୍ଗୁନ କୋନ୍ୟାକ୍‌ଙ୍କୁ ଦୁର୍ବ୍ୟବହାର କରିଥିବା ନେଇ ମଧ୍ୟ ଅଭିଯୋଗ ହୋଇଛି। ସେପଟେ ଆର୍‌ଏମ୍‌ଏଲ୍ ଆଇସିୟୁରେ ଚିକିତ୍ସାରତ ପ୍ରତାପଙ୍କ ମୁଣ୍ଡରେ ୫ଟି ଷ୍ଟିଚ୍ ପକାଯାଇଛି। ଆହତ ମୁକେଶଙ୍କୁ ମଧ୍ୟ ସେହି ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ଦୁହିଁଙ୍କ ମୁଣ୍ଡରେ କ୍ଷତ ସୃଷ୍ଟି ହୋଇଥିବା ଆର୍‌ଏମ୍‌ଏଲ୍ ହସ୍ପିଟାଲର ମେଡିକାଲ ସୁପରିଣ୍ଟେଣ୍ଡେଣ୍ଟ ଡା. ଅଜୟ ଶୁକ୍ଳା ସୂଚନା ଦେଇଛନ୍ତି।

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ପ୍ରତାପ ଓ ମୁକେଶଙ୍କୁ ଫୋନ୍ କରି ଉଭୟଙ୍କ ସ୍ୱାସ୍ଥ୍ୟାବସ୍ଥା ପଚାରି ବୁଝିଛନ୍ତି। ଏଭଳି ହିଂସାତ୍ମକ କାର୍ଯ୍ୟ ପାଇଁ ଶାସକ ଓ ବିରୋଧୀ ପକ୍ଷ ପରସ୍ପର ଉପରେ ଦୋଷ ଲଦିବା ସହ ପାର୍ଲାମେଣ୍ଟ ☞ପୃଷ୍ଠା-୪

### ରାହୁଲ ଗାନ୍ଧୀଙ୍କ ଦାୟିତ୍ୱହୀନ ଆଚରଣ: ମୁଖ୍ୟମନ୍ତ୍ରୀ

**ଭୁବନେଶ୍ୱର,୧୯।୧୨(ଅନିଲ ଦାସ)**


ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ

ବାଲେଶ୍ୱର ଏମ୍‌ପି ପ୍ରତାପ ଷଡ଼ଙ୍ଗୀ ସଂସଦ ପାହାଚରୁ ପଡ଼ି ଆହତ ଘଟଣାକୁ ନେଇ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ନିନ୍ଦା କରିଛନ୍ତି। ସୋସିଆଲ ମିଡିଆ ଏକ୍ସରେ ସେ କହିଛନ୍ତି, କଂଗ୍ରେସ ଏମ୍‌ପି ରାହୁଲ ଗାନ୍ଧୀଙ୍କ ଦାୟିତ୍ୱହୀନ ତଥା ଆପତ୍ତିଜନକ ☞ପୃଷ୍ଠା-୪

**ଆଜିର ସମ୍ପାଦକୀୟ**

**କଳିଙ୍ଗିଆର ଆହ୍ୱାନ**







# ବିବାଦରୁ ଧ୍ୟାନ ହଟାଇବାକୁ ଉଦ୍ୟମ: ରାହୁଲ

**ନଭେମ୍ବର ୨୫ରୁ ଚାଲିଥିବା ଶୀତ ଅଧିବେଶନ ସରିବାକୁ ଦିନେ ବାକି ଥିବାବେଳେ ଗୁରୁବାର ପାର୍ଲାମେଣ୍ଟ ପରିସରରେ ଦେଖିବାକୁ ମିଳିଛି ଅଭୂତପୂର୍ବ ଘଟଣା। ରାଜନୈତିକ ସ୍ୱାର୍ଥ ହାସଲ ପାଇଁ ସମ୍ବିଧାନ ପ୍ରଣେତା ଭୀମରାଓ ଆମ୍ବେଡକରଙ୍କ ଲିଗାସିକୁ ନେଇ ଚାଲିଥିଲା ହାଇଡ୍ରାମା। ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ୍ ଶାହା ଆମ୍ବେଡକରଙ୍କୁ ଅପମାନିତ କରିଥିବା ଅଭିଯୋଗ ଆଣି ବିରୋଧୀ କେନ୍ଦ୍ର ସରକାରଙ୍କୁ ଘେରୁଥିବାବେଳେ କଂଗ୍ରେସ ଗଣତନ୍ତ୍ରକୁ ହତ୍ୟା କରିଥିବା ଦର୍ଶାଇ ଭାଜପା ସଦସ୍ୟମାନେ ବିକ୍ଷୋଭ ପ୍ରଦର୍ଶନ କରୁଥିଲେ। ଏଭଳି ସମୟରେ ଠେଲାପେଲା ଯୋଗୁ ଆହତ ହୋଇଛନ୍ତି ୨ ଜଣ ଭାଜପା ଏମ୍‌ପି। ଗଣତନ୍ତ୍ରର ମନ୍ଦିର କୁହାଯାଉଥିବା ଭାରତୀୟ ସଂସଦରେ ଏଭଳି ହିଂସାତ୍ମକ ଆଚରଣକୁ ଆଦୌ ହଜମ କରିପାରି ନାହାନ୍ତି ଦେଶବାସୀ। ସମାଲୋଚିତ ହେବା ପରେ ଲୋକ ସଭାର ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ ଭାଜପାକୁ ଟାର୍ଗେଟ କରି କହିଛନ୍ତି, ଆମ୍ବେଡକର ବିବାଦରୁ ଧ୍ୟାନ ହଟାଇବା ପାଇଁ ଏହା ହେଉଛି ଶାସକ ଦଳର ଉଦ୍ୟମ।**


ଆହତ ଭାଜପା ଏମ୍‌ପି ପ୍ରତାପ ଷଡଙ୍ଗୀଙ୍କୁ ପାର୍ଲାମେଣ୍ଟ ପରିସରରେ କଂଗ୍ରେସ ନେତା ରାହୁଲ ଗାନ୍ଧୀ ଦେଖିବାକୁ ଯାଇଛନ୍ତି।

ନୂଆଦିଲ୍ଲୀ,୧୯।୧୨

ରାଜ୍ୟ ସଭାରେ ମଙ୍ଗଳବାର ସମ୍ବିଧାନ ସମ୍ପର୍କିତ ବିତର୍କ ବେଳେ ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ୍ ଶାହା ବିରୋଧୀଙ୍କୁ ଟାର୍ଗେଟ କରି କହିଥିଲେ, ଏବେ ଏକ ଫ୍ୟାଶନ୍ ହୋଇଯାଇଛି, 'ଆମ୍ବେଡକର, ଆମ୍ବେଡକର, ଆମ୍ବେଡକର, ଆମ୍ବେଡକର, ଆମ୍ବେଡକର, ଆମ୍ବେଡକର। କଂଗ୍ରେସ ନେତାମାନେ ଯେତିକି ଥର 'ଆମ୍ବେଡକର ଆମ୍ବେଡକର' ଚିତ୍କାର କରୁଛନ୍ତି, ସେତେଥର ଭଗବାନଙ୍କ ନାମ ନେଇଥିଲେ ୭ ଜନ୍ମ ଧରି ସ୍ୱର୍ଗରେ ସ୍ଥାନ ପାଇଥାଆନ୍ତେ। କଂଗ୍ରେସ ଆମ୍ବେଡକରଙ୍କ ନାମ ଧରୁଥିବାରୁ ଭାଜପା ଖୁସି, କିନ୍ତୁ ବିରୋଧୀ ଦଳ ତାଙ୍କ ପ୍ରତି ଥିବା ନିଜ ମନୋଭାବର ମଧ୍ୟ ପରିପ୍ରକାଶ କରିବା ଉଚିତ ବୋଲି ସେ କହିଥିଲେ। ଏହାକୁ ନେଇ ବିରୋଧୀ ଇଣ୍ଡିଆ ବ୍ଲକ୍ ନେତାମାନେ ଏନ୍‌ଡିଏ ସରକାରଙ୍କୁ ଘେରିବାରେ ଲାଗିଥିବାବେଳେ ଗୁରୁବାର ଭାଜପା ଏମ୍‌ପିମାନେ କଂଗ୍ରେସ ବିରୋଧରେ ବିକ୍ଷୋଭ ଚଳାଇଥିଲେ। ସେହି ସମୟରେ ଠେଲାପେଲା ଯୋଗୁ ଭାଜପାର ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ, ମୁକେଶ ରାଜପୁତ୍ ଏବଂ କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖାର୍ଗେ ଆହତ ହୋଇଛନ୍ତି। ତେବେ ପ୍ରତାପଙ୍କ ମୁଣ୍ଡ ଫାଟିଥିବାରୁ ଭାଜପା ଏହାକୁ କଂଗ୍ରେସ ବିରୋଧରେ ଅସ୍ତ୍ର କରି ବିରୋଧୀ ଦଳର ମୁହଁ ବନ୍ଦ ପାଇଁ ଉଦ୍ୟମ ଚଳାଇଛି। ଶାହାଙ୍କ ଆମ୍ବେଡକର ମନ୍ତବ୍ୟ ପରିପ୍ରେକ୍ଷୀରେ ଉପୁଜିଥିବା ବିବାଦରୁ ଧ୍ୟାନ ହଟାଇବା ପାଇଁ ଭାଜପା ଏଭଳି ଉଦ୍ୟମ କରୁଥିବା ଲୋକ ସଭାର ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ ସମାଲୋଚନା କରିଛନ୍ତି। ଏକ୍ସ'ରେ ଏକାଧିକ ପୋଷ୍ଟ କରି ରାହୁଲ କହିଛନ୍ତି, ସ୍ୱରାଷ୍ଟ୍ର ମନ୍ତ୍ରୀଙ୍କ ବକ୍ତବ୍ୟରୁ ତାଙ୍କ ଚିନ୍ତାଧାରା ସାମ୍ନାକୁ ଆସିଛି। ଆମେ ତାଙ୍କ ଇସ୍ତଫା ଓ କ୍ଷମା ଦାବି କରିଥିଲୁ। ଶାହା ଇସ୍ତଫା ଦେଇନାହାନ୍ତି କି କ୍ଷମା ବି ମାଗିନାହାନ୍ତି। ବିରୋଧୀ ଇଣ୍ଡିଆ ବ୍ଲକ୍ ସଦସ୍ୟମାନେ ଆମ୍ବେଡକରଙ୍କ ପ୍ରତିମୂର୍ତ୍ତିରେ ଶ୍ରଦ୍ଧାଞ୍ଜଳି ଦେଇ ସଂସଦ ଭିତରେ ପ୍ରବେଶ କରିବା ବେଳେ ଭାଜପା ଏମ୍‌ପିମାନେ ଲାଠି ଧରି ଆମ ପଥ ଅବରୋଧ କରିଥିଲେ। ପୂରା ଘଟଣାକ୍ରମକୁ ଦେଖିଲେ, ଶାହାଙ୍କ ବିବାଦରୁ ଦେଶବାସୀଙ୍କ ଧ୍ୟାନ ହଟାଇବା ପାଇଁ ଏହା ଉଦ୍ଦିଷ୍ଟ ଥିଲା ବୋଲି ରାହୁଲ ସ୍ପଷ୍ଟୀକରଣ ଦେଇଛନ୍ତି।

## ସଂସଦ କୁସ୍ତି ଆଖଡ଼ା ନୁହେଁ: ଭାଜପା

୬୯ ବର୍ଷୀୟ ପ୍ରତାପଙ୍କ ଭଳି ଜଣେ ବରିଷ୍ଠ ଏମ୍‌ପିଙ୍କୁ ରାହୁଲ ଠେଲି ଲହୁଲୁହାଣ କରିବା ଅତ୍ୟନ୍ତ ଦୁର୍ଭାଗ୍ୟଜନକ। ସଂସଦ ପରିସରରେ ରାହୁଲ ଗୁଣ୍ଡାଗର୍ଦ୍ଦି କରିଛନ୍ତି। ନିଜ ଆଚରଣକୁ ନେଇ ତାଙ୍କୁ ଲଜ୍ଜା ଲାଗିବା କଥା ବୋଲି ଭାଜପା ଏମ୍‌ପି ନିଶିକାନ୍ତ ଦୁବେ ସମାଲୋଚନା କରିବା ସହ କଂଗ୍ରେସ ବିରୋଧରେ ସ୍ଲୋଗାନ ଦେଇଛନ୍ତି। ସଂସଦୀୟ ବ୍ୟାପାର ମନ୍ତ୍ରୀ କିରେନ୍ ରିଜିଜୁ କହିଛନ୍ତି, ଏହି ଘଟଣାକୁ ନେଇ ଉପଯୁକ୍ତ କାର୍ଯ୍ୟାନୁଷ୍ଠାନ ନିଆଯିବ। ପାର୍ଲାମେଣ୍ଟ ଶାରୀରିକ ଶକ୍ତି ପ୍ରଦର୍ଶନର ସ୍ଥାନ ନୁହେଁ। ଏହା ଏକ କୁସ୍ତି ଆଖଡ଼ା ନୁହେଁ କହି ରାହୁଲଙ୍କୁ ସେ ସମାଲୋଚନା କରିଛନ୍ତି।

## ଚର୍ଚ୍ଚାରେ ୩ ଭାଜପା ଏମ୍‌ପି

**୧. ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ:** ଓଡ଼ିଶାର ବାଲେଶ୍ୱର ସଂସଦୀୟ ଆସନରୁ ଲୋକ ସଭାରେ ପ୍ରତିନିଧିତ୍ୱ କରୁଥିବା ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ମୋଦି ସରକାରଙ୍କ ଦ୍ୱିତୀୟ ପାଳିରେ କେନ୍ଦ୍ରମନ୍ତ୍ରୀ ଥିଲେ। 'ନନା' ନାମରେ ପରିଚିତ ପ୍ରତାପ ନିଜ ସରଳ ଜୀବନଯାପନକୁ ନେଇ ଚର୍ଚ୍ଚାରେ ରହିଆସିଛନ୍ତି। ଏହା ପୂର୍ବରୁ ସେ ୨୦୦୪ରୁ ୨୦୦୯ ଏବଂ ୨୦୦୯ରୁ ୨୦୧୪ ପର୍ଯ୍ୟନ୍ତ ନୀଳଗିରି ନିର୍ବାଚନମଣ୍ଡଳୀରୁ ବିଧାନସଭାକୁ ନିର୍ବାଚିତ ହୋଇଥିଲେ। ଗୁରୁବାର କଂଗ୍ରେସ ନେତା ରାହୁଲ ଗାନ୍ଧୀ ଠେଲିଦେବାରୁ ତାଙ୍କ ମୁଣ୍ଡ ଫାଟିଥିବା ଅଭିଯୋଗ କରିବା ପରେ ପ୍ରତାପ ପୁଣି ଚର୍ଚ୍ଚାକୁ ଆସିଛନ୍ତି। ଆଇସିୟୁରେ ଭର୍ତ୍ତି ହୋଇଥିବା ପ୍ରତାପ ଜଣେ ହୃଦ୍‌ରୋଗୀ। ତେଣୁ ତାଙ୍କ ସ୍ୱାସ୍ଥ୍ୟାବସ୍ଥା ଉପରେ ନଜର ରଖାଯାଇଥିବା ରାମମନୋହର ଲୋହିଆ ହସ୍ପିଟାଲର ମେଡିକାଲ ସୁପରିଣ୍ଟେଣ୍ଡେଣ୍ଟ ଅଜୟ ଶୁକ୍ଲା କହିଛନ୍ତି। ପ୍ରତିରକ୍ଷାମନ୍ତ୍ରୀ ରାଜନାଥ ସିଂ, କୃଷିମନ୍ତ୍ରୀ ଶିବରାଜ ସିଂ ଚୌହାନଙ୍କ ସମେତ ଭାଜପା ନେତାମାନେ ହସ୍ପିଟାଲକୁ ଯାଇ ତାଙ୍କ ସ୍ୱାସ୍ଥ୍ୟ ସମ୍ପର୍କରେ ପଚାରି ବୁଝିଛନ୍ତି।



**୨. ମୁକେଶ ରାଜପୁତ୍:** ଉତ୍ତର ପ୍ରଦେଶର ଫାରୁଖାବାଦ ସଂସଦୀୟ ଆସନରୁ ୩ ଥର ଏମ୍‌ପି ହୋଇଥିବା ମୁକେଶ ରାଜପୁତ୍ ଜଣେ ଆଗଧାଡ଼ିର ଲୋଧ ନେତା। ୨୦୧୪ ନିର୍ବାଚନରେ ସେ କଂଗ୍ରେସ ଏମ୍‌ପି ତଥା ପୂର୍ବତନ କେନ୍ଦ୍ରମନ୍ତ୍ରୀ ସଲମାନ ଖୁର୍ସିଦଙ୍କୁ ହରାଇ ଚର୍ଚ୍ଚାକୁ ଆସିଥିଲେ। ସଂସଦରେ ଠେଲାପେଲା ବେଳେ ମୁକେଶ ମଧ୍ୟ ଆହତ ହୋଇଛନ୍ତି। ତାଙ୍କ ମୁଣ୍ଡରେ ଚୋଟ ଲାଗିଛି। ମୁକେଶଙ୍କ ଉଚ୍ଚ ରକ୍ତଚାପ ରହିଥିବାରୁ ତାଙ୍କ ସ୍ୱାସ୍ଥ୍ୟ ଉପରେ ମଧ୍ୟ କଡ଼ା ନଜର ରଖାଯାଇଥିବା ଡାକ୍ତର ସୂଚନା ଦେଇଛନ୍ତି।



**୩. ଏସ୍. ଫାଙ୍ଗୋନ୍ କୋନ୍ୟାକ୍:** ୨୦୨୩ ଜୁଲାଇ ୨୫ରେ ରାଜ୍ୟ ସଭାରେ ଅଧ୍ୟକ୍ଷତା କରିବାରେ ନାଗାଲାଣ୍ଡର ପ୍ରଥମ ମହିଳା ଏମ୍‌ପି ଭାବେ ଫାଙ୍ଗୋନ୍ ସୁଯୋଗ ପାଇ ଚର୍ଚ୍ଚାକୁ ଆସିଥିଲେ। ଫାଙ୍ଗୋନ୍ ହେଉଛନ୍ତି ଉତ୍ତର-ପୂର୍ବାଞ୍ଚଳ ରାଜ୍ୟ ନାଗାଲାଣ୍ଡରୁ ରାଜ୍ୟ ସଭାରେ ପ୍ରତିନିଧିତ୍ୱ କରିବାରେ ପ୍ରଥମ ମହିଳା ଏବଂ ସଂସଦକୁ ନିର୍ବାଚିତ ହେବାରେ ଦ୍ୱିତୀୟ ମହିଳା। ଭାଜପା ଏମ୍‌ପିମାନେ ଗୁରୁବାର ବିକ୍ଷୋଭ କରୁଥିବାବେଳେ ରାହୁଲ ତାଙ୍କ ଅତି ନିକଟକୁ ଆସି ଉଚ୍ଚ ସ୍ୱରରେ ଧମକ ଦେଇଥିବା ସେ ଅଭିଯୋଗ ଆଣିଛନ୍ତି। ରାଜ୍ୟ ସଭା ଅଧ୍ୟକ୍ଷ ଜଗଦୀପ ଧନକର ନିଜ ଚାମ୍ବରରେ ତାଙ୍କ ଅଭିଯୋଗକୁ ଗ୍ରହଣ କରିଛନ୍ତି।


ଭାଜପା ଏମ୍‌ପି ଅନୁରାଗ ଠାକୁର, ବାଂଶୁରି ସ୍ୱରାଜ ଓ ଅନ୍ୟମାନେ ପାର୍ଲାମେଣ୍ଟ ଷ୍ଟ୍ରିଟ୍ ଥାନାରେ ରାହୁଲ ଗାନ୍ଧୀଙ୍କ ବିରୋଧରେ ଏତଲା ଦେଉଛନ୍ତି।


ରାଜ୍ୟ ସଭାର ବିରୋଧୀ ଦଳ ନେତା ମଲ୍ଲିକାର୍ଜୁନ ଖାର୍ଗେ, କଂଗ୍ରେସ ଏମ୍‌ପି ପ୍ରିୟଙ୍କା ଗାନ୍ଧୀ ଭଦ୍ରା ଓ ଇଣ୍ଡିଆ ବ୍ଲକ୍ ସଦସ୍ୟମାନେ ପାର୍ଲାମେଣ୍ଟ ପରିସରରେ ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ ଶାହାଙ୍କ ମନ୍ତବ୍ୟ ବିରୋଧରେ ବିକ୍ଷୋଭ କରୁଛନ୍ତି।

## ସଂକ୍ଷେପରେ

### ଧନ୍‌କରଙ୍କ ବିରୋଧରେ ଅନାସ୍ଥା ନୋଟିସ ଖାରଜ

ନୂଆଦିଲ୍ଲୀ,୧୯।୧୨(ପି.ଟି.)

ରାଜ୍ୟ ସଭା ଅଧ୍ୟକ୍ଷ ଜଗଦୀପ୍ ଧନ୍‌କରଙ୍କୁ ବହିଷ୍କାର କରିବା ପାଇଁ ବିରୋଧୀ ଦଳଗୁଡ଼ିକ ଦେଇଥିବା ଅନାସ୍ଥା ନୋଟିସ୍‌କୁ ଗୁରୁବାର ଉପାଧ୍ୟକ୍ଷ ହରିବଂଶ ନାରାୟଣ ସିଂ ଖାରଜ କରିଦେଇଛନ୍ତି। ଏହା ଗମ୍ଭୀର ତ୍ରୁଟିପୂର୍ଣ୍ଣ। ଦେଶର ସାମ୍ବିଧାନିକ ଅନୁଷ୍ଠାନ ଏବଂ ଧନ୍‌କରଙ୍କ ଖ୍ୟାତିକୁ ନଷ୍ଟ କରିବା ଉଦ୍ଦେଶ୍ୟରେ ନୋଟିସ ଅଣାଯାଇଥିଲା ବୋଲି ହରିବଂଶ ରୁଲିଂରେ କହିଛନ୍ତି। ରାଜ୍ୟ ସଭା ମହାସଚିବ ପି.ସି. ମୋଦି ଏହି ରୁଲିଂ ଉପସ୍ଥାପନ କରିଥିଲେ। ଧନ୍‌କରଙ୍କୁ ତାଙ୍କ ପଦବୀରୁ ହଟାଇବା ପାଇଁ ଗତ ୧୦ ତାରିଖରେ ଦିଆଯାଇଥିବା ଅନାସ୍ଥା ନୋଟିସ୍‌ରେ ବିରୋଧୀ ଦଳର ୬୦ ସଦସ୍ୟ ସ୍ୱାକ୍ଷର କରିଥିଲେ। ରାଜ୍ୟ ସଭା ଅଧ୍ୟକ୍ଷ ପକ୍ଷପାତ କରୁଥିବାରୁ ତାଙ୍କ ଉପରେ ଆସ୍ଥା ନ ଥିବା ନୋଟିସରେ ଦର୍ଶାଯାଇଥିଲା। ବ୍ୟକ୍ତିଗତ ଭାବେ ଟାର୍ଗେଟ କରାଯାଇ କେବଳ ପ୍ରଚାର ଲକ୍ଷ୍ୟରେ ଏଭଳି ନୋଟିସ ଅଣାଯାଇଛି। ସର୍ବବୃହତ୍ ଗଣତନ୍ତ୍ରର ଉପରାଷ୍ଟ୍ରପତିଙ୍କ କାର୍ଯ୍ୟାଳୟକୁ ଅପମାନିତ କରିବା ପାଇଁ ଏହା ଏକ ଦୁଃସାହସିକ ଅଭିଯାନ ବୋଲି ହରିବଂଶ କହିଛନ୍ତି।

### ପାକିସ୍ତାନ ଏରୋସ୍ପେସ୍, ପ୍ରତିରକ୍ଷା ସଂସ୍ଥା ବିରୋଧରେ ଆମେରିକାର କଟକଣା

ୱାଶିଂଟନ୍,୧୯।୧୨

ପାକିସ୍ତାନର ବାଲିଷ୍ଟିକ୍ ମିଶାଇଲ୍ କାର୍ଯ୍ୟକ୍ରମକୁ ଅବଦାନ ଥିବା ଅଭିଯୋଗରେ ସେଠାର ୪ଟି ସଂସ୍ଥା ବିରୋଧରେ ଆମେରିକା ବୁଧବାର କଟକଣା ଲଗାଇଛି। ସେହି ସଂସ୍ଥା ମଧ୍ୟରେ ପାକିସ୍ତାନର ରାଷ୍ଟ୍ରାୟତ୍ତ ଉଦ୍ୟୋଗ ଏରୋସ୍ପେସ୍ ଏବଂ ପ୍ରତିରକ୍ଷା ଏଜେନ୍ସି ନ୍ୟାଶନାଲ ଡେଭେଲପ୍‌ମେଣ୍ଟ କମ୍ପ୍ଲେକ୍ସ (ଏନ୍‌ଡିସି) ରହିଛି। ପାକିସ୍ତାନ ଦୀର୍ଘ ଲକ୍ଷ୍ୟଭେଦୀ କ୍ଷେପଣାସ୍ତ୍ରର ବିକାଶ ଜାରି ରଖିଥିବାରୁ ଏହା ବିପଦ ସୃଷ୍ଟି କରିଛି। ପାକ୍‌ର ୪ ସଂସ୍ଥା ଗଣବିଧ୍ୱଂସୀ ଅସ୍ତ୍ର ପ୍ରସ୍ତୁତ ଓ ପ୍ରସାର ଚଳାଇଥିବାରୁ କଟକଣା ଲାଗୁ ହୋଇଥିବା ଆମେରିକା କହିଛି। ଏନ୍‌ଡିସି ବ୍ୟତୀତ ଅଖ୍‌ତର ଆଣ୍ଡ ସନ୍ସ ପ୍ରା. ଲିଃ, ଆଫିଲିଏଟ୍ସ ଇଣ୍ଟରନ୍ୟାଶନାଲ ଏବଂ ରକ୍‌ସାଇଡ୍ ଏଣ୍ଟରପ୍ରାଇସ୍ ବିରୋଧରେ କଟକଣା ଲାଗୁ ହୋଇଛି। ଆମେରିକାର ଏଭଳି ନିଷ୍ପତ୍ତିକୁ ପାକିସ୍ତାନ ଦୁର୍ଭାଗ୍ୟଜନକ ଏବଂ ପକ୍ଷପାତମୂଳକ ବୋଲି କହିଛି।

### ୟେମେନ୍‌ରେ ଇସ୍ରାଏଲ୍‌ର ଏୟାରଷ୍ଟ୍ରାଇକ୍

ଦୁବାଇ,୧୯।୧୨

ଇସ୍ରାଏଲ୍‌ର କେନ୍ଦ୍ରୀୟ ଅଞ୍ଚଳକୁ ଟାର୍ଗେଟ କରି ହୁଟି ବିଦ୍ରୋହୀ କ୍ଷେପଣାସ୍ତ୍ର ମାଡ଼ କରିବା ପରେ ଜେରୁଜେଲମ୍ ପକ୍ଷରୁ ଗୁରୁବାର ଏହି ସଂଗଠନ ନିୟନ୍ତ୍ରଣରେ ଥିବା ୟେମେନ୍ ରାଜଧାନୀ ଏବଂ ବନ୍ଦର ସହର ଉପରେ ଜୋର୍‌ଦାର ଏୟାରଷ୍ଟ୍ରାଇକ୍ କରାଯାଇଛି। ଗୁରୁବାର ଭୋର ସମୟରେ ଇସ୍ରାଏଲୀ ସେନାର ୧୪ଟି ଲଢୁଆ ବିମାନ ଘନଘନ ବୋମାମାଡ଼ କରିବାରୁ ଅନ୍ୟୂନ ୯ ଜଣଙ୍କ ମୃତ୍ୟୁ ଘଟିବା ସହ ବହୁ ଭିତ୍ତିଭୂମି ଧ୍ୱଂସ ହୋଇଛି। ଫଳରେ ଇରାନ ସମର୍ଥିତ ହୁଟି ଆତଙ୍କବାଦୀ ଲୋହିତ ସାଗର କରିଡରରେ ଆକ୍ରମଣ ବଢ଼ାଇପାରନ୍ତି ବୋଲି ଆଶଙ୍କା କରାଯାଉଛି। ଲୋହିତ ସାଗରରେ ହୁଟି ଆକ୍ରମଣ ଯୋଗୁ ବୈଶ୍ୱିକ ଜାହାଜ ଚଳାଚଳ ପ୍ରଭାବିତ ହୋଇଛି।

### ବାଂଲାଦେଶୀ ଆତଙ୍କବାଦୀ ସଙ୍ଗଠନର ୮ ସଦସ୍ୟ ଗିରଫ

ଗୁଆହାଟୀ,୧୯।୧୨

ବାଂଲାଦେଶୀ ଆତଙ୍କବାଦୀ ସଂଗଠନ ଅନସରୁଲ୍ଲା ବାଂଲା ଟିମ୍ (ଏବିଟି)ର ୮ ଜଣ ଅପରେଟିଭ୍‌ଙ୍କୁ ଆସାମ ପୋଲିସର ସ୍ୱତନ୍ତ୍ର ଟାସ୍କଫୋର୍ସ (ଏସ୍‌ଟିଏଫ୍) ଗିରଫ କରିଛି। ୧୭ ତାରିଖ ରାତିରେ ଏସ୍‌ଟିଏଫ୍ ପକ୍ଷରୁ କେରଳ, ପଶ୍ଚିମବଙ୍ଗ ଏବଂ ଆସାମରେ ଏକସଙ୍ଗେ ଚଢ଼ାଉ କରାଯାଇଥିଲା। ସାରା ଦେଶରେ ବିଶେଷ କରି ଆସାମ ଓ ପଶ୍ଚିମବଙ୍ଗରେ ସ୍ଲିପର ସେଲ୍ ଗଠନ ପାଇଁ ସେମାନେ କାର୍ଯ୍ୟ କରୁଥିଲେ। ଗିରଫ ଆତଙ୍କବାଦୀଙ୍କ ମଧ୍ୟରୁ କେରଳରୁ ଗିରଫ ହୋଇଥିବା ମହମ୍ମଦ ସାଦ୍ ରାଡ଼ି ଓରଫ ମହମଦ ସାବ୍ ଶେଖ୍ ବାଂଲାଦେଶୀ ହୋଇଥିବାବେଳେ ୨ ଜଣ ପଶ୍ଚିମବଙ୍ଗ ଏବଂ ୫ ଜଣ ଆସାମ ବାସିନ୍ଦା।

## ୫ ଆତଙ୍କବାଦୀ ନିହତ

ଶ୍ରୀନଗର, ୧୯।୧୨ (ପି.ଟି.)

ଜମ୍ମୁ-କଶ୍ମୀରର କୁଲଗାମ ଜିଲାସ୍ଥିତ ବେହିବାଗ ଅଞ୍ଚଳର କାଦରଠାରେ ଗୁରୁବାର ସୁରକ୍ଷା ବଳ ଓ ଆତଙ୍କବାଦୀଙ୍କ ମଧ୍ୟରେ ଗୁଳି ବିନିମୟ ଘଟି ହିଜ୍‌ବୁଲ ମୁଜାହିଦ୍ଦିନ୍ ଆତଙ୍କବାଦୀ ସଙ୍ଗଠନର ଟପ୍ କମାଣ୍ଡର ଫାରୁକ ଅହମଦ ଓରଫ ନାଲିଙ୍କ ସମେତ ୫ ଆତଙ୍କବାଦୀଙ୍କ ମୃତ୍ୟୁ ଘଟିଛି। ସେହିପରି ଗୁଳି ବିନିମୟ ବେଳେ ୨ ଜଣ ସୁରକ୍ଷା କର୍ମୀ ଆହତ ହୋଇଛନ୍ତି। ବେହିବାଗ ଅଞ୍ଚଳରେ କେତେଜଣ ଆତଙ୍କବାଦୀ ଲୁଚି ରହିଥିବା ଖବର ପାଇ ଗୁରୁବାର ସୁରକ୍ଷା ବଳ ପକ୍ଷରୁ କର୍ଡନ ଏବଂ ସର୍ଚ୍ଚ ଅପରେଶନ କରାଯାଇଥିଲା। ଏହି ସମୟରେ ଆତଙ୍କବାଦୀମାନେ ସୁରକ୍ଷା ବଳ ଉପରକୁ ଗୁଳି ଚଳାଇଥିଲେ। ସୁରକ୍ଷା ବଳ ପକ୍ଷରୁ ମଧ୍ୟ ଆତଙ୍କବାଦୀଙ୍କ ଉପରକୁ ପାଲଟା ଗୁଳିବର୍ଷଣ କରାଯାଇଥିଲା। ହିଜ୍‌ବୁଲ ମୁଜାହିଦ୍ଦିନ୍‌ର ଟପ୍ କମାଣ୍ଡର ଫାରୁକ ଗତ କିଛି ବର୍ଷ ମଧ୍ୟରେ ଦକ୍ଷିଣ କଶ୍ମୀର ଅଞ୍ଚଳରେ ଘଟିଥିବା ବିଭିନ୍ନ ଆତଙ୍କବାଦୀ ଗତିବିଧିରେ ସାମିଲ ଥିବା ଜମ୍ମୁ-କଶ୍ମୀର ପୋଲିସ କହିଛି। ଅନ୍ୟ ୪ ମୃତ ଆତଙ୍କବାଦୀ ହେଉଛନ୍ତି ଇର୍ଫାନ ଲୋନ୍, ଆଦିଲ ହୁସେନ୍, ମୁସ୍ତାକ ଇତୋ ଏବଂ ୟାସିର ଜାଭେଦ। ଉକ୍ତ ଅଞ୍ଚଳରେ ଏବେ ମଧ୍ୟ ସର୍ଚ୍ଚ ଅପରେଶନ ଜାରି ରହିଛି ବୋଲି ସୁରକ୍ଷା ବାହିନୀ ପକ୍ଷରୁ ସୂଚନା ଦିଆଯାଇଛି।

## କଶ୍ମୀର ସ୍ଥିତି ସମୀକ୍ଷା କଲେ ଶାହା

ନୂଆଦିଲ୍ଲୀ, ୧୯।୧୨ (ପି.ଟି.)

କେନ୍ଦ୍ର ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ୍ ଶାହା ନୂଆଦିଲ୍ଲୀଠାରେ ଗୁରୁବାର ଜମ୍ମୁ-କଶ୍ମୀରର ସୁରକ୍ଷା ସ୍ଥିତିକୁ ସମୀକ୍ଷା କରିଛନ୍ତି। ଗତ ସେପ୍ଟେମ୍ବର-ଅକ୍ଟୋବରରେ ଅନୁଷ୍ଠିତ ଜମ୍ମୁ-କଶ୍ମୀର ବିଧାନସଭା ନିର୍ବାଚନ ପରେ ପ୍ରଥମ ଥର ପାଇଁ ଶାହା ଜମ୍ମୁ-କଶ୍ମୀରର ସୁରକ୍ଷା ବ୍ୟବସ୍ଥାକୁ ସମୀକ୍ଷା କରିଛନ୍ତି। ଏହି ବୈଠକରେ ଜମ୍ମୁ-କଶ୍ମୀର ଉପ ରାଜ୍ୟପାଳ ମନୋଜ ସିହ୍ନାଙ୍କ ସମେତ ଭାରତୀୟ ସେନା, ଅର୍ଦ୍ଧ ସାମରିକ ବାହିନୀ, ଗୋଇନ୍ଦା ଏଜେନ୍ସି, ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ଏବଂ ଜମ୍ମୁ-କଶ୍ମୀର ପ୍ରଶାସନର ବରିଷ୍ଠ ଅଧିକାରୀମାନେ ଯୋଗ ଦେଇଥିଲେ।

## ଅନଶନରତ ଡାଲେୱାଲ ସଂଜ୍ଞାହୀନ

### ସ୍ୱାସ୍ଥ୍ୟ ପରୀକ୍ଷା ପାଇଁ ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ



ନୂଆଦିଲ୍ଲୀ/ଚଣ୍ଡିଗଡ଼,୧୯।୧୨(ପି.ଟି.)

କୃଷକମାନଙ୍କ ବିଭିନ୍ନ ଦାବି ପୂରଣ ନିମନ୍ତେ ଆମରଣ ଅନଶନରେ ବସିଥିବା ୭୦ ବର୍ଷୀୟ କୃଷକ ନେତା ଜଗଜିତ ସିଂ ଡାଲେୱାଲ ଗୁରୁବାର ସନ୍ଧ୍ୟାରେ ଅନଶନର ୨୪ତମ ଦିନରେ ଅଚେତ ହୋଇପଡ଼ିଥିଲେ। ହରିୟାଣାର ଖାପ୍ ଚାଷୀଙ୍କୁ ସମର୍ଥନ ଦେବା ସହ ୨୯ରେ ହିସାରଠାରେ ମହାପଞ୍ଚାୟତ ଆରମ୍ଭ କରିବ ବୋଲି କହିଛି। ଜଗଜିତଙ୍କୁ ବୁଝାଶୁଝା କରି ତାଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଇବା ପାଇଁ ସୁପ୍ରିମକୋର୍ଟ ଗୁରୁବାର ପଞ୍ଜାବ ସରକାରଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଡାଲେୱାଲ ୨୪ ଦିନ ହେଲା ଅନଶନରେ ବସିଥିବାବେଳେ ତାଙ୍କ ସ୍ୱାସ୍ଥ୍ୟାବସ୍ଥା ଯାଞ୍ଚ କରାଯାଇ ନ ଥିବାରୁ ସର୍ବୋଚ୍ଚ ଅଦାଲତ ପଞ୍ଜାବ ସରକାରଙ୍କୁ ଭର୍ତ୍ସନା କରିଥିଲେ। ଡାଲେୱାଲଙ୍କ ସୁରକ୍ଷା ସୁନିଶ୍ଚିତ କରିବାକୁ ଚାହୁଁଛୁ ବୋଲି ଜଷ୍ଟିସ୍ ସୂର୍ଯ୍ୟକାନ୍ତ ଏବଂ ଉଜ୍ଜଳ ଭୂୟାଁଙ୍କ ଖଣ୍ଡପୀଠ କହିଛନ୍ତି। ନାଗରିକ ଅଧିକାର କର୍ମୀ ଶର୍ମିଳା ବିକ୍ଷୋଭ ଚଳାଇଥିବାବେଳେ ତାଙ୍କୁ ମେଡିକାଲ ପର୍ଯ୍ୟବେକ୍ଷଣରେ ରଖାଯାଇଛି। ଡାଲେୱାଲ ମେଡିକାଲ ସୁପରଭିଜନରେ ବିକ୍ଷୋଭ ଜାରି ରଖିପାରିବେ ବୋଲି ଜଷ୍ଟିସ୍ ଭୂୟାଁ କହିଛନ୍ତି। ଚେତା ହରାଇବା ପରେ ଜଗଜିତଙ୍କୁ ଅନଶନ ସ୍ଥଳରେ ଚିକିତ୍ସା ଯୋଗାଇ ଦିଆଯାଇଛି।

## ସ୍ତ୍ରୀଙ୍କୁ ନିଶା ଦେଇ ୫୦ ଜଣଙ୍କ ଦ୍ୱାରା ବଳାତ୍କାର

### ସ୍ୱାମୀଙ୍କୁ ୨୦ ବର୍ଷ ଜେଲ

ପ୍ୟାରିସ୍, ୧୯।୧୨


ଗିସେଲେ ପେଲିକଟ

ଦକ୍ଷିଣ-ପୂର୍ବ ଫ୍ରାନ୍ସର ଆଭିଗ୍ନନ ସହରରୁ ଆସିଥିବା ଏକ ବଳାତ୍କାର ମାମଲା ସାରା ବିଶ୍ୱକୁ ଚକିତ କରିଛି। ଏହି ମାମଲାରେ ୫୧ ଜଣ ଅଭିଯୁକ୍ତଙ୍କୁ ଆଭିଗ୍ନନର ଏକ ଅଦାଲତ ଗୁରୁବାର ଦୋଷୀ ସାବ୍ୟସ୍ତ କରିଛନ୍ତି। ମାମଲାରେ ପୀଡ଼ିତା ଗିସେଲେ ପେଲିକଟ(୭୨)ଙ୍କ ଧୈର୍ଯ୍ୟ ଏବଂ ସାହସକୁ ଚାରିଆଡ଼ୁ ପ୍ରଶଂସାର ସୁଅ ଛୁଟିଛି। ଗିସେଲେଙ୍କ ପୂର୍ବ ସ୍ୱାମୀ ଡୋମିନିକ୍ ପେଲିକଟ(୭୨) ପ୍ରାୟ ଏକ ଦଶନ୍ଧି ଧରି ତାଙ୍କୁ ବଳାତ୍କାର କରି ଆସୁଥିଲେ। ସେହିପରି ଡୋମିନିକ୍ ଗିସେଲେଙ୍କୁ ନିଶା ଦ୍ରବ୍ୟ ସେବନ କରାଇ ତାଙ୍କୁ ବେହୋସ କରାଉଥିଲେ ଓ ଏହାପରେ ସେ ଅଚିହ୍ନା ବ୍ୟକ୍ତିମାନଙ୍କ ସହ ଗିସେଲେଙ୍କ ଶରୀରକୁ ବ୍ୟବସାୟ କରୁଥିଲେ। ଅନ୍‌ଲାଇନ ମାଧ୍ୟମରେ ଉକ୍ତ ଅଚିହ୍ନା ବ୍ୟକ୍ତିମାନଙ୍କ ସହ ଡୋମିନିକ୍ ଭେଟୁଥିଲେ। ସେମାନଙ୍କଠାରୁ ଡୋମିନିକ୍ ମନ ମୁତାବକ ଅର୍ଥ ସଂଗ୍ରହ କରି ବେହୋସ ଅବସ୍ଥାରେ ଗିସେଲେଙ୍କୁ ବଳାତ୍କାର କରିବା ପାଇଁ ଅନୁମତି ପ୍ରଦାନ କରୁଥିଲେ।

ଗୁରୁବାର ୫ ବିଚାରପତିଙ୍କ ଏକ ପ୍ୟାନେଲ ମାମଲାରେ ଡୋମିନିକଙ୍କୁ ଦୋଷୀ ସାବ୍ୟସ୍ତ କରି ତାଙ୍କୁ ୨୦ ବର୍ଷ ଜେଲଦଣ୍ଡ ଶୁଣାଇଛନ୍ତି। ସେହିପରି ଗିସେଲେଙ୍କୁ ବଳାତ୍କାର କରିଥିବାରୁ ୪୭ ଜଣ ଅଭିଯୁକ୍ତଙ୍କୁ କୋର୍ଟ ଦୋଷୀ ସାବ୍ୟସ୍ତ କରିଛନ୍ତି। ବଳାତ୍କାର ଉଦ୍ୟମ ପାଇଁ ୨ ଜଣ ଏବଂ ଯୌନ ନିର୍ଯାତନା ପାଇଁ ମଧ୍ୟ ୨ ଜଣଙ୍କୁ ଅଦାଲତ ଦୋଷୀ ସାବ୍ୟସ୍ତ କରିଛନ୍ତି। ଡୋମିନିକ୍‌ଙ୍କୁ ଦଣ୍ଡାଦେଶ ମିଳିବା ପରେ ଅଦାଲତ ବାହାରେ ପୀଡ଼ିତା ଗିସେଲେଙ୍କ ସମର୍ଥନରେ ଅପେକ୍ଷା କରି ରହିଥିବା ବହୁ ସ୍ୱେଚ୍ଛାସେବୀ ସଙ୍ଗଠନ ଓ ଜନସାଧାରଣଙ୍କ ମଧ୍ୟରେ ଖୁସିର ଲହରୀ ଖେଳି ଯାଇଥିଲା।

ତେବେ ଏହି ମାମଲାର ଶୁଣାଣି ଚାଲିଥିବାବେଳେ କୋର୍ଟରେ ଅଧିକାଂଶ ଅଭିଯୁକ୍ତ ଦୋଷ ସ୍ୱୀକାର କରି ନ ଥିଲେ। ଗିସେଲେ ଓ ଡୋମିନିକ୍‌ଙ୍କ ମଧ୍ୟରେ ସହମତି ଭିତ୍ତିରେ କୌଣସି ସେକ୍ସ ଗେମ୍ ଚାଲିଥିବା ନେଇ ସେମାନେ ଭାବିଥିଲେ ବୋଲି ଅଭିଯୁକ୍ତମାନେ କହିଥିଲେ। ତେବେ ଡୋମିନିକ୍ ନିଜ ଦୋଷ ସ୍ୱୀକାର କରି କହିଥିଲେ, କୋର୍ଟରେ ଉପସ୍ଥିତ ଅନ୍ୟ ଅଭିଯୁକ୍ତଙ୍କପରି ସେ ମଧ୍ୟ ଜଣେ ବଳାତ୍କାରୀ।

## ଫୁର୍‌ସତ୍

### ୨୦୨୫ ନଭେମ୍ବର ୨୧ରେ '୧୨୦ ବାହାଦୁର'

ମୁମ୍ବାଇ

ଅଭିନେତା ଫର୍‌ହାନ ଅଖତର ତାଙ୍କ ଆଗାମୀ ଫିଲ୍ମ '୧୨୦ ବାହାଦୁର' ପାଇଁ ପ୍ରସ୍ତୁତ ହେଉଛନ୍ତି। ଗୁରୁବାର '୧୨୦ ବାହାଦୁର'ର ଫିଲ୍ମ ନିର୍ମାତା ଏକ୍ସେଲ ଏଣ୍ଟର୍‌ଟେନ୍‌ମେଣ୍ଟ ଏବଂ ଟ୍ରିଗର୍ ହାପି ଷ୍ଟୁଡିଓ ପକ୍ଷରୁ ଏହାର ରିଲିଜ୍ ତାରିଖକୁ ଘୋଷଣା କରାଯାଇଛି। ଏହି ଚଳଚ୍ଚିତ୍ର ଆସନ୍ତାବର୍ଷ ନଭେମ୍ବର ୨୧ରେ ମୁକ୍ତିଲାଭ କରିବ। ପରମ ବୀରଚକ୍ର ମେଜର ସୈତାନ ସିଂ ଭାଟି ଓ ୧୩ କୁମାଉଁ ରେଜିମେଣ୍ଟର ସୈନିକଙ୍କ ବୀରତା ପ୍ରଦର୍ଶନକୁ ନେଇ ଏହି ଫିଲ୍ମ ଆଧାରିତ। ୧୯୬୨ ମସିହାରେ ହୋଇଥିବା ଭାରତ-ଚାଇନା ଯୁଦ୍ଧର ପୃଷ୍ଠଭୂମିକୁ ଏହି ଚଳଚ୍ଚିତ୍ର ମାଧ୍ୟମରେ ଦେଖିବାକୁ ମିଳିବ। ଗୁରୁବାର ଫର୍‌ହାନ ଇନ୍‌ଷ୍ଟାଗ୍ରାମରେ ଏକ ପୋଷ୍ଟ କରି ଏହି ସୂଚନା ଦେଇଛନ୍ତି। ସେ ଏହି ପୋଷ୍ଟର କ୍ୟାପ୍‌ଶନରେ ଲେଖିଛନ୍ତି, ୧୯୬୨କୁ ୬୨ ବର୍ଷ ବିତିଗଲାଣି। ସେତେବେଳେ ଭାରତୀୟ ସେନାର ଯବାନଙ୍କ ସାହସିକତା ଓ ବଳିଦାନକୁ ଦେଶବାସୀ ସର୍ବଦା ମନେରଖିବେ। '୧୨୦ ବାହାଦୁର' ଜରିଆରେ ମେଜର ସୈତାନ ସିଂ ଏବଂ ସାଥୀ ଯବାନମାନଙ୍କ ସାହସିକତା ଏବଂ ଅଦମ୍ୟ ବୀରତାକୁ ଦର୍ଶକ ହୃଦ୍‌ବୋଧ କରିପାରିବେ। ପ୍ରତିକୂଳ ସ୍ଥିତିରେ ଦେଶ ପାଇଁ ଦୃଢ଼ ଭାବରେ ଠିଆ ହୋଇଥିବା ଭାରତୀୟ ସେନାର ଏହି ଯବାନମାନଙ୍କ କାହାଣୀକୁ ଫିଲ୍ମ ମାଧ୍ୟମରେ ପୁନଃଜୀବିତ କରାଯିବ।


ଫର୍‌ହାନ ଅଖତର

## 'ବସୁଧୈବ କୁଟୁମ୍ବକମ୍ ଆଣେ ଏକତା'

### ଅନ୍ତର୍ଜାତୀୟ ମାନବ ଏକତା ଦିବସ



ସମସ୍ତଙ୍କର ଆର୍ଥିକ ସ୍ଥିତି ସ୍ୱଚ୍ଛଳ ରହିଲେ ସମୃଦ୍ଧ ପୃଥିବୀ ଲକ୍ଷ୍ୟ ସମ୍ଭବ ହୋଇପାରିବ ଏହାଦ୍ୱାରା ବସୁଧୈବ କୁଟୁମ୍ବକମ ଲକ୍ଷ୍ୟ ପୂରଣ ହେବା ସହିତ ଲୋକଙ୍କ ମଧ୍ୟରେ ଭ୍ରାତୃତ୍ୱ ବନ୍ଧନ ସୁଦୃଢ଼ ହୋଇ ଏକତାଭାବ ବୃଦ୍ଧି ପାଇଥାଏ। ଗରିବ ଲୋକମାନଙ୍କର ବିଶ୍ୱସ୍ତରୀୟ ମୂଲ୍ୟବୋଧକୁ ଚିହ୍ନିବା ଏବଂ ବିଭିନ୍ନ ଦେଶରେ ଦାରିଦ୍ର୍ୟ ହ୍ରାସ କରିବା ବିଷୟରେ ବିକଶିତ ଦେଶଙ୍କୁ ଅବଗତ କରାଇବା ଏବଂ ସଚେତନତା ସୃଷ୍ଟି କରିବା ଲାଗି ପ୍ରତିବର୍ଷ ଡିସେମ୍ବର ୨୦ରେ ଅନ୍ତର୍ଜାତୀୟ ମାନବ ଏକତା ଦିବସ କରାଯାଇଥାଏ। ୨୦୦୫ରେ ଜାତିସଂଘର ସାଧାରଣ ମହାସଭାରେ ଏହି ଦିବସ ପାଳନ ଲାଗି ନିଷ୍ପତ୍ତି ଗ୍ରହଣ କରାଯାଇଥିଲା। ଏକତା ପାଣ୍ଠି ଗଠନ ଏବଂ ଏହାଦ୍ୱାରା ପୃଥିବୀର ବିଭିନ୍ନ ଦେଶରୁ ଦାରିଦ୍ର୍ୟ ଦୂରୀକରଣ ଲକ୍ଷ୍ୟ ମିଳିତ ଜାତିସଂଘର ବିକାଶ କାର୍ଯ୍ୟ କାର୍ଯ୍ୟକ୍ରମରେ ସାମିଲ କରାଯାଇଛି। ସମସ୍ତଙ୍କ ପାଇଁ ଉତ୍ତମ ଭବିଷ୍ୟତକୁ ସୁଗମ କରିବା ଲାଗି ପରିକଳ୍ପିତ ସ୍ଥାୟୀ ବିକାଶ ଲକ୍ଷ୍ୟ ମାଧ୍ୟମରେ ଦାରିଦ୍ର୍ୟ ତଥା ଅନ୍ୟାନ୍ୟ ପ୍ରତି ପ୍ରତିବନ୍ଧକ ହଟାଇବାର ଉଦ୍ୟମ ସମ୍ପର୍କରେ ଏହି ଦିବସରେ ସଚେତନତା ସୃଷ୍ଟି କରାଯାଇଥାଏ ବିବିଧତାମୟ ପୃଥିବୀର ଏକତାକୁ ପାଳନ କରିବା ଲାଗି ଜାତିସଂଘ ପକ୍ଷରୁ ବିଭିନ୍ନ କାର୍ଯ୍ୟକ୍ରମ ଏହି ଅବସରରେ ଆୟୋଜନ କରାଯାଇଥାଏ।




# ଶିମିଳିପାଳକୁ ସୁରକ୍ଷା ଦେବେ ସ୍ଥାୟୀ ସଶସ୍ତ୍ର ପୋଲିସ

## ୧ କମ୍ପାନୀ ଫୋର୍ସ ନିୟୋଜନ ଦେଶର ପ୍ରଥମ ଘଟଣା ହେବ

ବାରିପଦା,୧୯।୧୨ (ନୀଳାଦ୍ରି ବିହାରୀ ଦଣ୍ଡପାଟ)

ମୟୂରଭଞ୍ଜ ଜିଲା ଶିମିଳିପାଳ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପର ସୁରକ୍ଷା ନିମନ୍ତେ ସଶସ୍ତ୍ର ପୋଲିସ ବାହିନୀକୁ ସ୍ଥାୟୀ ଭାବେ ନିଯୁକ୍ତି ଦିଆଯିବ। ଗୋଟିଏ କମ୍ପାନୀ ଅର୍ଥାତ୍ ୧୩୧ ଜଣିଆ ଏକ ସମର୍ପିତ ସଶସ୍ତ୍ର ବା ଡେଡିକେଟେଡ୍ ଆର୍ମଡ ପୋଲିସ ରିଜର୍ଭ ଫୋର୍ସ ଗଠନ କରାଯିବ। ଏ ନେଇ ଗୃହ ସଚିବ ସତ୍ୟବ୍ରତ ସାହୁ ଚିଠି ମାଧ୍ୟମରେ ଆକାଉଣ୍ଟ ଜେନେରାଲଙ୍କୁ ଅବଗତ କରିବା ସହ ରାଜ୍ୟପାଳଙ୍କ ଅନୁମୋଦନ ପାଇଁ ପଠାଇଛନ୍ତି। ଏଥିନିମନ୍ତେ ନିଯୁକ୍ତି ପ୍ରକ୍ରିୟା ଆରମ୍ଭହେବାକୁ ଯାଉଛି। ଏହି ସଶସ୍ତ୍ର ବାହିନୀରେ ଜଣେ କମାଣ୍ଡାଣ୍ଟ, ଜଣେ ଇନ୍ସପେକ୍ଟର, ୩ ଜଣ ସବ୍ ଇନ୍ସପେକ୍ଟର, ୩ ଜଣ ଆସିଷ୍ଟାଣ୍ଟ ସବ୍ ଇନ୍ସପେକ୍ଟର, ୩୦ ଜଣ ହାବିଲଦାର, ୩ ଜଣ ଡ୍ରାଇଭର ହାବିଲଦାର, ୮୪ ଜଣ ସିପାହି ଓ ୩ ଜଣ ଡ୍ରାଇଭର ରହିବେ। ଏହି ବାହିନୀ ଦାୟିତ୍ୱରେ ମୟୂରଭଞ୍ଜ ଏସ୍‌ପି ରହିବେ ବୋଲି ସ୍ପଷ୍ଟ କରାଯାଇଛି। କମ୍ପାନୀର ସମସ୍ତ ଖର୍ଚ୍ଚ ଜଙ୍ଗଲ ଓ ପରିବେଶ ବିଭାଗ ବହନ କରିବ। ଶିମିଳିପାଳର କ୍ଷେତ୍ର ନିର୍ଦ୍ଦେଶକଙ୍କ ପରିଚାଳନାରେ ସଶସ୍ତ୍ର ସୁରକ୍ଷା ବାହିନୀ କାର୍ଯ୍ୟ କରିବ। ତେବେ କୌଣସି ଅଭୟାରଣ୍ୟ ସୁରକ୍ଷା ପାଇଁ ଗୋଟିଏ କମ୍ପାନୀ ଆର୍ମଡ ପୋଲିସ ଫୋର୍ସ ନିୟୋଜନ ବ୍ୟବସ୍ଥା ଦେଶର ପ୍ରଥମ ଘଟଣା




ହେବ ବୋଲି କୁହାଯାଇଛି।

ସୂଚନା ଥାଉକି, କିଛି ମାସ ତଳେ ଶିକାରୀଙ୍କ ଗୁଳିରେ ୨ ବନ କର୍ମଚାରୀ ବିମଳ ଜେନା ଓ ମାଥି ହାଁସଦାଙ୍କ ମୃତ୍ୟୁ ଘଟିଥିଲା। ଏହାକୁ ନେଇ ତତ୍କାଳୀନ ରାଜ୍ୟ ସରକାରଙ୍କ ପକ୍ଷରୁ ପୋଲିସ ଓ ବନ କର୍ମଚାରୀଙ୍କୁ ନେଇ ଯୁଗ୍ମ ଟାସ୍କ ଫୋର୍ସ (ଜେଟିଏଫ୍) ଗଠନ କରାଯାଇ ଶହେ ଜଣିଆ ପୋଲିସ ବାହିନୀ ମୁତୟନ କରାଯାଇଥିଲା। ଏହା ପରେ ସର୍ଚ୍ଚ ଅପରେଶନ ଜାରି କରାଯାଇ ୧୦୦୦ରୁ ଉର୍ଦ୍ଧ୍ୱ ବନ୍ଧୁକ, ମାରଣାସ୍ତ୍ର ଜବତ ସହ ଅନେକ ଶିକାରୀଙ୍କୁ ଗିରଫ ପରେ କୋର୍ଟ ଚାଲାଣ କରାଯାଇଥିଲା। ଶିମିଳିପାଳ ସଂଲଗ୍ନ ଥାନା ଅଞ୍ଚଳରେ ସର୍ଚ୍ଚ ଅପରେଶନ କରାଯାଇ ୨୫୯ଟି ଦେଶୀ ବନ୍ଧୁକ ଜବତ କରାଯାଇଥିବା ବେଳେ ୯୪ଟି ମାମଲା ରୁଜୁ ହୋଇଥିଲା। ସେହିପରି ଶିମିଳିପାଳ ବନ ବିଭାଗ ପକ୍ଷରୁ ୨୦୨୧,୨୦୨୨ ଓ ୨୦୨୩କୁ ମିଶାଇ ୩ ବର୍ଷରେ ମୋଟ ୪୫୦ ଦେଶୀ ବନ୍ଧୁକ ଜବତ କରାଯାଇଥିବା ବେଳେ ଅଦ୍ୟାବଧି ୬୦୦ ପାଖାପାଖି ବନ୍ଧୁକ ଜବତ କରାଯାଇଥିବା ନେଇ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପ ଦକ୍ଷିଣ ଡିଭିଜନର ଉପ ନିର୍ଦ୍ଦେଶକ ସମ୍ରାଟ ଗୌଡ଼ା ପ୍ରକାଶ କରିଛନ୍ତି। ତେବେ ଜୁନ୍ ୧୮ରେ ବାଲେଶ୍ୱର ସହରରେ କର୍ଫ୍ୟୁ ଜାରି ସମୟରେ ଶିମିଳିପାଳରେ ନିୟୋଜିତ ଟାସ୍କଫୋର୍ସକୁ ପ୍ରତ୍ୟାହାର କରିନିଆଯିବାରୁ ୬ମାସ ଧରି ସର୍ଚ୍ଚ ଅପରେଶନ ବନ୍ଦ ରହିଛି। ଏପରିକି ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପରେ ବାଘ ସୁରକ୍ଷାରେ ମାତ୍ର ୩୫ ଜଣ ଶିମିଳିପାଳ ଟାଇଗର ଫୋର୍ସ (ଏସ୍‌ଟିଏଫ୍) ରହିଥିବା ନେଇ ରାଜ୍ୟ ସଭା ସଦସ୍ୟ ଡ.ସସ୍ମିତ ପାତ୍ରଙ୍କ ପ୍ରଶ୍ନର ଉତ୍ତରରେ କେନ୍ଦ୍ର ଜଙ୍ଗଲ, ପରିବେଶ ଓ ଜଳବାୟୁ ନିୟନ୍ତ୍ରଣ ମନ୍ତ୍ରୀ କୀର୍ତ୍ତିବର୍ଦ୍ଧନ ସିଂ ଉତ୍ତର ରଖିଥିଲେ।

ବନ କର୍ମଚାରୀଙ୍କ ମୃତ୍ୟୁ ପରେ ଗୃହ ସଚିବଙ୍କ ଅଧ୍ୟକ୍ଷତାରେ ଏକ ବୈଠକ ୨୦୨୩ ଜୁନ୍ ୨୨ରେ କରାଯାଇ ଶିମିଳିପାଳ ସୁରକ୍ଷାରେ ମିଳିତ ଭାବେ ସଶସ୍ତ୍ର ପୋଲିସ ସୁରକ୍ଷା ବଳ ନିୟୋଜିତ କରିବାକୁ ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗକୁ ଚିଠି (ନଂ.୧୩୧୬୧/ ୨୩।୬ ୨୦୨୩)ରେ ଅବଗତ କରାଯାଇଥିଲା। ଜଙ୍ଗଲ ଓ ପରିବେଶ ବିଭାଗ ପକ୍ଷରୁ ୨୦୨୩ ଅଗଷ୍ଟ ୧ରେ ନୋଟିଫିକେଶନ କରାଯାଇ ରାଜ୍ୟ ପୋଲିସ ମୁଖ୍ୟାଳୟକୁ ପ୍ରସ୍ତାବ ଦିଆଯାଇଥିଲା। ପୋଲିସ ନିୟୋଜନରେ ବିଳମ୍ବକୁ ନେଇ ଶିମିଳିପାଳ କ୍ଷେତ୍ର ନିର୍ଦ୍ଦେଶକଙ୍କ କାର୍ଯ୍ୟାଳୟ ପକ୍ଷରୁ ବାରମ୍ବାର ପୋଲିସ ମହାନିର୍ଦ୍ଦେଶକଙ୍କୁ ଚିଠି ମାଧ୍ୟମରେ ଅବଗତ କରାଯାଇଥିଲା। ତେବେ ଶିମିଳିପାଳ ସୁରକ୍ଷା ଦିଗରେ ଆର୍ମଡ ପୋଲିସ ରିଜର୍ଭ ଫୋର୍ସ ନିୟୋଜନକୁ ନେଇ ରାଜ୍ୟ ସରକାରଙ୍କ ପଦକ୍ଷେପକୁ ଜିଲାବାସୀ ପ୍ରଶଂସା କରିଛନ୍ତି।

# ମୁଖ୍ୟମନ୍ତ୍ରୀଙ୍କ ୫ ଦିନିଆ ଦିଲ୍ଲୀ ଗସ୍ତ

ଭୁବନେଶ୍ୱର,୧୯।୧୨(ଅନିଲ ଦାସ)

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ୫ ଦିନିଆ ଦିଲ୍ଲୀ ଏବଂ ରାଜସ୍ଥାନ ଗସ୍ତରେ ଯାଇଛନ୍ତି। ୨୦ ତାରିଖରେ ଦିଲ୍ଲୀରୁ ରାଜସ୍ଥାନ ଯିବେ। ସେଠାରେ ବିଭିନ୍ନ କାର୍ଯ୍ୟକ୍ରମରେ ଯୋଗଦେବେ। ରାଜସ୍ଥାନର ଜୟସାଲମେରରେ ପ୍ରାକ୍ ବଜେଟ ପ୍ରସ୍ତୁତି ଆଲୋଚନାରେ ମୁଖ୍ୟମନ୍ତ୍ରୀ ଭାଗନେବେ। ମୁଖ୍ୟମନ୍ତ୍ରୀ ୧୯, ୨୦ ଓ ୨୧ ତାରିଖ ରାଜସ୍ଥାନରେ ରହିବାର କାର୍ଯ୍ୟକ୍ରମ ରହିଛି। ତେବେ ୨୧, ୨୨ ଓ ୨୩ ତାରିଖରେ ଦିଲ୍ଲୀରେ ରହିବେ ବୋଲି ଜଣାପଡ଼ିଛି। ଏହି ଗସ୍ତ ସମୟରେ ଦିଲ୍ଲୀରେ ଆୟୋଜିତ ୫୫ତମ ଜିଏସ୍‌ଟି ବୈଠକରେ ମୁଖ୍ୟମନ୍ତ୍ରୀ ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ଏଥିସହ ମୁଖ୍ୟମନ୍ତ୍ରୀ କେତେକ କେନ୍ଦ୍ରମନ୍ତ୍ରୀ ଏବଂ ଦଳର ବରିଷ୍ଠ ନେତାଙ୍କୁ ଭେଟିବା କାର୍ଯ୍ୟକ୍ରମ ରହିଛି। ଡିସେମ୍ବର ୨୩ ତାରିଖରେ ମୁଖ୍ୟମନ୍ତ୍ରୀ ଓଡ଼ିଶା ଫେରିଆସିବାର କାର୍ଯ୍ୟକ୍ରମ ରହିଛି।

# ସାନ୍ତାଳି ନାଟକ ପାଇଁ ମହେଶ୍ୱର ସୋରେନ୍ ପାଇବେ କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କାର

ଭୁବନେଶ୍ୱର,୧୯।୧୨ (ସୌମ୍ୟରଞ୍ଜନ ରାଉତ)

ଚଳିତବର୍ଷ କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କାର ପାଇବାକୁ ଦୁଇଜଣ ଓଡ଼ିଆ ମନୋନୀତ ହୋଇଛନ୍ତି। ଓଡ଼ିଆ ଭାଷାରେ ବିଶିଷ୍ଟ ସାହିତ୍ୟିକ ପ୍ରଫେସର ବୈଷ୍ଣବ ଚରଣ ସାମଲ ତାଙ୍କ ପ୍ରବନ୍ଧ ପୁସ୍ତକ 'ଭୂତି ଭକ୍ତି ବିଭୂତି' ପାଇଁ ମନୋନୀତ ହୋଇଥିବାବେଳେ ସାନ୍ତାଳୀ ଭାଷାରେ ସାହିତ୍ୟିକ ତଥା ଫାର୍ମାସିଷ୍ଟ ମହେଶ୍ୱର ସୋରେନ୍ କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କାର ପାଇବେ ବୋଲି ଘୋଷଣା କରାଯାଇଛି। ୪୪ବର୍ଷୀୟ ସୋରେନ ସାନ୍ତାଳୀ ଭାଷାରେ ଲେଖିଥିବା ନାଟକ ପୁସ୍ତକ 'ସେଚେଡ ସାୱ୍ନ୍ତା ରେନ୍ ଅନ୍ଧା ମାନ୍‌ମୀ' (ଶିକ୍ଷିତ ସମାଜର ଅନ୍ଧମାନେ) ପାଇଁ ଏହି ଜାତୀୟ ପୁରସ୍କାର ପାଇବେ। ସେ ୧୯୮୦ ମସିହାରେ ମୟୂରଭଞ୍ଜ ଜିଲା ଉଦଳା ବ୍ଲକ ଜାମୁଡିଆ ଗ୍ରାମରେ ଜନ୍ମଗ୍ରହଣ


ମହେଶ୍ୱର ସୋରେନ୍


ନାଟକ ପୁସ୍ତକ 'ସେଚେଡ ସାୱ୍ନ୍ତା ରେନ୍ ଅନ୍ଧା ମାନ୍‌ମୀ'

କରିଥିଲେ। ବର୍ତ୍ତମାନ ସେ କଟକ ଜିଲା ମାହାଙ୍ଗା ବ୍ଲକ୍ ଜଗନ୍ନାଥପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଫାର୍ମାସିଷ୍ଟ ଭାବେ କାର୍ଯ୍ୟ କରୁଛନ୍ତି। ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ନିଜର କର୍ତ୍ତବ୍ୟ ସମ୍ପାଦନ କରିବା ସହ ସାନ୍ତାଳୀ ଭାଷା ସାହିତ୍ୟରେ ସାଧନା ଜାରି ରଖିଛନ୍ତି। ସେ ୪ଟି ପୁସ୍ତକ ଏବଂ ୨ଟି ଫିଲ୍ମର କାହାଣୀ ମଧ୍ୟ ଲେଖିଛନ୍ତି। ଏଥିମଧ୍ୟରେ ରହିଛି କବିତା ପୁସ୍ତକ 'ଶିକାରିଆ', ନାଟ୍ୟ ପୁସ୍ତକ 'ମୋନେ କୋୱାଗ ଧରମ୍ ଦହର' ଓ ପୁରାଣ ପୁସ୍ତକ 'କାରାମ ବିନ୍‌ତି' ରହିଥିବାବେଳେ ୨ ଫିଲ୍ମ ହେଉଛି 'ଦୁଲାର ମାୟା' ଓ 'ଧରମ ଦରବାର'। ତେବେ କେନ୍ଦ୍ର ଏକାଡେମୀ ପକ୍ଷରୁ ପୁରସ୍କାର ପାଇଁ ତାଙ୍କ ନାମ ଘୋଷଣା ହେବା ପରେ ସେ ଭାବବିହ୍ୱଳ ହୋଇପଡିଥିଲେ। ଏତେ କମ୍ ବୟସରେ ଏତେ ବଡ଼ ପୁରସ୍କାର ପାଇବାକୁ ମନୋନୀତ ହୋଇଥିବା ଶୁଣି ଖୁସି ଲାଗୁଛି। ସାନ୍ତାଳୀ ଭାଷାକୁ ଆଗକୁ ନେବାକୁ ଆହୁରି ଅଧିକ ଦାୟିତ୍ୱବାନ୍ ହେବି ବୋଲି ସେ କହିଛନ୍ତି।

# ନୂଆବର୍ଷରୁ ନାଟମଣ୍ଡପରେ ୬ଥାକିଆ ଦର୍ଶନ ବ୍ୟବସ୍ଥା

ପୁରୀ,୧୯।୧୨(ଅଜିତ କୁମାର ମହାନ୍ତି)

ରାଜ୍ୟ ସରକାରଙ୍କ ଫୋକସ୍‌ରେ ଏବେ ଶ୍ରୀମନ୍ଦିର। ୪ ଦ୍ୱାର ଓ ରତ୍ନଭଣ୍ଡାର ଖୋଲିବା ପରେ ଭକ୍ତଙ୍କ ଶୃଙ୍ଖଳିତ ଦର୍ଶନ ବ୍ୟବସ୍ଥା ନେଇ ବିଭିନ୍ନ ପଦକ୍ଷେପ ନିଆଯାଉଛି। ଏହି କ୍ରମରେ ନୂଆବର୍ଷରୁ ଶ୍ରୀମନ୍ଦିର ନାଟମଣ୍ଡପରେ ଲାଗୁ ହେବାକୁ ଯାଉଛି ନୂତନ ୬ ଥାକିଆ ଦର୍ଶନ ବ୍ୟବସ୍ଥା। ଫଳରେ ଭକ୍ତ ଆଉ ମହାପ୍ରଭୁଙ୍କ ଦର୍ଶନରୁ ବଞ୍ଚିତ ହେବେନାହିଁ। ଶ୍ରୀମନ୍ଦିର ଭିତରେ କ୍ରାଉଡ୍ ମ୍ୟାନେଜମେଣ୍ଟ ପାଇଁ ଶ୍ରୀମନ୍ଦିର ପ୍ରଶାସନ ଅଣ୍ଟା ଭିଡ଼ିଛି। ନାଟମଣ୍ଡପରେ ୬ଥାକିଆ ଦର୍ଶନ ବ୍ୟବସ୍ଥାକୁ ଭକ୍ତ ଓ ସେବାୟତ ସ୍ୱାଗତ କରିଛନ୍ତି। ଏପରି ବ୍ୟବସ୍ଥା ଫଳରେ ମହାପ୍ରଭୁଙ୍କ ସ୍ପଷ୍ଟ ଦର୍ଶନ ହୋଇପାରିବ ବୋଲି ମତ ପ୍ରକାଶ ପାଇଛି। ଶ୍ରୀମନ୍ଦିର ଚାରିଦ୍ୱାର ଖୋଲିବା ପରେ ଭକ୍ତଙ୍କ ଗହଳିକୁ ଶ୍ରୀମନ୍ଦିର ଭିତରେ ନିୟନ୍ତ୍ରିତ କରିବା କାଠିକର ପାଠ ହେଉଛି। ଭିତରବେଢ଼ାରୁ ନାଟମଣ୍ଡପକୁ ଯିବା ପାଇଁ ସାତ ପାହାଚ ଦ୍ୱାର ହିଁ ଏକମାତ୍ର ପ୍ରବେଶ ରାସ୍ତା ପୂର୍ବବତ ରହିଛି। ଏହାର ସେଭଳି ବିକଳ୍ପ ମଧ୍ୟ ନାହିଁ। ତେଣୁ ନାଟମଣ୍ଡପରେ ଦର୍ଶନ ଶୃଙ୍ଖଳା ପାଇଁ ନୂଆ କ୍ରାଉଡ ମ୍ୟାନେଜମେଣ୍ଟ ଆପଣାଇବାକୁ ଅଣ୍ଟା ଭିଡ଼ିଛନ୍ତି ରାଜ୍ୟ ସରକାର। ଏକ ନୂଆ ମାନବ ଶୃଙ୍ଖଳ ସହ ଏକ ନିୟନ୍ତ୍ରିତ ଦର୍ଶନ ବ୍ୟବସ୍ଥା ପ୍ରସ୍ତୁତ କରିବାକୁ ଲକ୍ଷ୍ୟ ରଖିଛି ଶ୍ରୀମନ୍ଦିର ପ୍ରଶାସନ। ଫଳରେ ବାହାରକାଠ ଠାରୁ ଗରୁଡ଼ସ୍ତମ୍ଭ ମଧ୍ୟରେ ଷ୍ଟେପ୍ ଓ ର୍‍ୟାମ୍ପ୍ ବ୍ୟବସ୍ଥା ଲାଗୁ ହେବ।

# ଫାୟାରିଂ ଅଭ୍ୟାସ ବେଳେ ଓଡ଼ିଆ ଯବାନ ମୃତ


ଈଶ୍ୱର ତଲିଆ

ବୈପାରିଗୁଡ଼ା,୧୯।୧୨ (କଳ୍ପତରୁ ମହାନ୍ତି)

ରାଜସ୍ଥାନ ପୋଖରାନରେ ଫାୟାରିଂ ଅଭ୍ୟାସ ବେଳେ ଟ୍ୟାଙ୍କରେ ବିସ୍ଫୋରଣ ଘଟି ଜଣେ ଓଡ଼ିଆ ଯବାନ ଶହୀଦ ହୋଇଛନ୍ତି। ସେ ହେଲେ କୋରାପୁଟ ଜିଲା ବୈପାରିଗୁଡ଼ା ଥାନା ଅନ୍ତର୍ଗତ କେନ୍ଦୁଗୁଡ଼ା ପଞ୍ଚାୟତ ବଡ଼ାଗୁଡ଼ା ଗ୍ରାମର ଈଶ୍ୱର ତଲିଆ(୩୪)। ସେ ୪୬ ଆର୍ମି ଆର୍ମଡରେଜିମେଣ୍ଟ ଜମ୍ମୁ ଅଧୀନରେ ନିୟୋଜିତ ହୋଇଥିଲେ। ଫାୟାରିଂ ଅଭ୍ୟାସ ପାଇଁ ସେ ରାଜସ୍ଥାନ ପୋଖରାନକୁ ଯାଇଥିଲେ। ବୁଧବାର ସକାଳେ ଫାୟାରିଂ ଅଭ୍ୟାସ ଚାଲୁଥିବା ବେଳେ ଟ୍ୟାଙ୍କରେ ବିସ୍ଫୋରଣ ହୋଇଥିଲା। ଘଟଣାସ୍ଥଳରେ ଉତ୍ତରପ୍ରଦେଶର ଏସ୍‌ଡିଏମ୍ ଆଶୁତୋଷ ମିଶ୍ର ଓ ଆନ୍ଧ୍ର ପ୍ରଦେଶର ଏଲ୍‌ଡି ଜିତେନ୍ଦ୍ର କୁମାର ଶହୀଦ ହୋଇଯାଇଥିଲେ। ଗୁରୁତର ଅବସ୍ଥାରେ ଈଶ୍ୱରଙ୍କୁ ଚଣ୍ଡିଗଡ଼ ଆର୍ମି ହସ୍ପିଟାଲକୁ ଅଣାଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଥିଲା। ଶୁକ୍ରବାର ଈଶ୍ୱରଙ୍କ ମୃତଦେହ ପହଞ୍ଚିବା ନେଇ ପରିବାର ପକ୍ଷରୁ ସୂଚନା ରହିଛି। ଈଶ୍ୱରଙ୍କ ମୃତ୍ୟୁ ଖବର ପାଇବା ପରେ ଗ୍ରାମରେ ଶୋକ ପ୍ରକାଶ ପାଇଛି।

# ଓଡ଼ିଶାରେ ନିର୍ମାଣ ହେବ ୧୧୦ ରୋଡ୍ ଓଭରବ୍ରିଜ୍

ଭୁବନେଶ୍ୱର,୧୯।୧୨ (ଅନୁରାଧା ମହାରଣା)



ଭିତ୍ତିଭୂମି ତଥା ଜନସାଧାରଣଙ୍କ ନିରାପତ୍ତାକୁ ସୁଦୃଢ଼ କରିବା ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ନେଉଛନ୍ତି ପୂର୍ବତଟ ରେଳପଥର ମହାପ୍ରବନ୍ଧକ ପରମେଶ୍ୱର ଫୁଙ୍କୱାଲ। ରେଳପଥ (ସଂଶୋଧନ) ଅଧିନିୟମ ୨୦୦୮ ଅନୁଯାୟୀ ୧୭୦ଟି ରୋଡ୍ ଓଭର ବ୍ରିଜ (ଆର୍‌ଓବି) ନିର୍ମାଣ ପ୍ରକଳ୍ପକୁ ସ୍ୱତନ୍ତ୍ର ରେଳ ପ୍ରକଳ୍ପ ଭାବରେ ଅନୁମୋଦନ ଦେଇଛନ୍ତି। ଏହି ପ୍ରକଳ୍ପଗୁଡ଼ିକ ମଧ୍ୟରୁ ୧୧୦ଟି ଓଡ଼ିଶାରେ ଥିବାବେଳେ ୬୦ଟି ପ୍ରକଳ୍ପ ଆନ୍ଧ୍ରପ୍ରଦେଶରେ ରହିଛି। ଏଥିପାଇଁ ଜମି ଅଧିଗ୍ରହଣ ପ୍ରକ୍ରିୟାକୁ ଶୃଙ୍ଖଳିତ କରିବା ସହ ପ୍ରକଳ୍ପଗୁଡିକୁ ସ୍ୱତନ୍ତ୍ର ରେଳ ପ୍ରକଳ୍ପ ଭାବରେ ଡିଜାଇନ କରି ନିର୍ଦ୍ଧାରିତ ସମୟ ମଧ୍ୟରେ ପ୍ରକଳ୍ପ କାର୍ଯ୍ୟ ସାରିବାକୁ ଲକ୍ଷ୍ୟ ରଖାଯାଇଛି। ଏହି ରୋଡ୍ ଓଭର ବ୍ରିଜ (ଆରଓବି)ଗୁଡିକ ରେଳ ଭିତ୍ତିଭୂମିରେ ଉନ୍ନତି ଆଣିବା ସହ ଉଭୟ ସଡ଼କ ଏବଂ ରେଳଯାତ୍ରୀଙ୍କ ସୁରକ୍ଷା ତଥା ସୁବିଧାକୁ ବୃଦ୍ଧି କରିବ ବୋଲି ଆଶା କରାଯାଉଛି। ଲେଭଲ କ୍ରସିଂଗୁଡିକ ବିଲୋପ କରିବା ଦ୍ୱାରା ଦୁର୍ଘଟଣା ଆଶଙ୍କା ହ୍ରାସ ପାଇବ, ଟ୍ରାଫିକ ପ୍ରବାହକୁ ସୁଗମ କରିବାରେ ସହାୟକ ହେବ ଏବଂ ଟ୍ରେନ ଚଳାଚଳର ଉନ୍ନତ ଗତିଶୀଳତା ସୁନିଶ୍ଚିତ କରିବ। ଏହି ପ୍ରକଳ୍ପଗୁଡିକ ଲେଭଲ କ୍ରସିଂ ଗେଟ୍‌ଗୁଡିକରେ ଟ୍ରାଫିକ ସମସ୍ୟାକୁ ହ୍ରାସ କରି ସମଗ୍ର ଅଞ୍ଚଳରେ ନିରନ୍ତର ସଂଯୋଗକୁ ପ୍ରୋତ୍ସାହିତ କରିବ ବୋଲି କୁହାଯାଇଛି।

# ୨ ଦିନିଆ ଓଡ଼ିଶା ଗସ୍ତରେ ଆସିବେ ଶାହା

ଭୁବନେଶ୍ୱର, ୧୯।୧୨(ସୁନିତ୍ ମିଶ୍ର)

ସ୍ୱରାଷ୍ଟ୍ର ମନ୍ତ୍ରୀ ତଥା ଭାଜପା ବରିଷ୍ଠ ନେତା ଅମିତ ଶାହା ଆସନ୍ତା ୨୮, ୨୯ କିମ୍ବା ୩୦ ତାରିଖ ଭିତରେ ୨ଦିନିଆ ଓଡ଼ିଶା ଗସ୍ତରେ ଆସିପାରନ୍ତି। ଏହି ୩ଟି ତାରିଖ ଭିତରକୁ ଶାହା କୌଣସି ୨ଦିନ ଓଡ଼ିଶା ଆସିବେ ବୋଲି ଭାଜପା ରାଜ୍ୟ ସଭାପତି ମନମୋହନ ସାମଲ କହିଛନ୍ତି। ମନମୋହନ କହିଛନ୍ତି, ବିଧାୟକମାନଙ୍କ ଟ୍ରେନିଂ କାର୍ଯ୍ୟକ୍ରମରେ ସେ ଯୋଗଦେବେ। ଏହାସହ ସମ୍ବଲପୁର ମଧ୍ୟ ଗସ୍ତ କରିବା କାର୍ଯ୍ୟକ୍ରମ ରହିଛି। ତେବେ ଶାହା ବାସ୍ତବରେ କେଉଁ ୨ ଦିନ ଲାଗି ଆସିବେ, ସମ୍ବଲପୁରଠାରେ କେଉଁ କାର୍ଯ୍ୟକ୍ରମରେ ଯୋଗଦେବେ ସେନେଇ କିଛି ସ୍ପଷ୍ଟ ସୂଚନା ଏ ପର୍ଯ୍ୟନ୍ତ ମିଳିନାହିଁ।

# ଦେଶର ସବୁ ଯୋଗିନୀ ପୀଠରେ ହେବ ଚଉଷଠି ଯୋଗିନୀ ମହୋତ୍ସବ

- ଅଭିନେତ୍ରୀ ତ୍ରିପୁରା ମିଶ୍ର ପାଇବେ ଜୀବନବ୍ୟାପୀ ସାଧନା ପୁରସ୍କାର
- ଚଳିତ ବର୍ଷ ଉତ୍କଳ ମଣ୍ଡପରେ ହେବ ମହୋତ୍ସବ

ଭୁବନେଶ୍ୱର,୧୯।୧୨ (ସୁଚିସ୍ମିତା ସାହୁ)

ସାରା ଭାରତ ଦେଖିବ ଓଡ଼ିଶାର ପ୍ରସିଦ୍ଧ ଚଉଷଠି ଯୋଗିନୀ ମହୋତ୍ସବ। ଆସନ୍ତା ବର୍ଷଠାରୁ ଓଡ଼ିଶାରେ ଥିବା ସମସ୍ତ ଯୋଗିନୀ ପୀଠ ସମେତ ବାହାର ରାଜ୍ୟର ଦେବୀ ପୀଠରେ ଚଉଷଠି ଯୋଗିନୀ ମହୋତ୍ସବର ଆୟୋଜନ କରାଯିବ। ଏ ସମ୍ପର୍କରେ ନୃତ୍ୟ ପ୍ରତିଭା ଅନୁଷ୍ଠାନର ସମ୍ପାଦିକା ଗୁରୁ ପ୍ରତିଭା ପଣ୍ଡା ଗୁରୁବାର ଆୟୋଜିତ ଖବରଦାତା ସମ୍ମିଳନୀରେ ସୂଚନା ଦେଇ କହିଛନ୍ତି, ଚଳିତବର୍ଷ ଅଷ୍ଟାଦଶ ଅନ୍ତର୍ଜାତୀୟ ଚଉଷଠି ଯୋଗିନୀ ମହୋତ୍ସବ ଆସନ୍ତା ୨୩ରୁ ୨୫ ତାରିଖ ପର୍ଯ୍ୟନ୍ତ ଭୁବନେଶ୍ୱରସ୍ଥିତ ଉତ୍କଳ ମଣ୍ଡପରେ ଅନୁଷ୍ଠିତ ହେବ। ପ୍ରଖ୍ୟାତ ନୃତ୍ୟ ଓ ସଙ୍ଗୀତ ଅନୁଷ୍ଠାନ ଦ୍ୱାରା ଓଡ଼ିଶୀ ନୃତ୍ୟ, ପଶୁମୁଖା ନୃତ୍ୟ, ଛଉନୃତ୍ୟ, ବଣ୍ଡା ନୃତ୍ୟ, ସମ୍ବଲପୁରୀ ନୃତ୍ୟ, ଭାରତନାଟ୍ୟମ୍ ଆଦି ନୃତ୍ୟ ପର୍ଯ୍ୟଟକଙ୍କୁ ବେଶ୍ ଆକୃଷ୍ଟ କରିବ। ଏଥିସହ ବାବୁ ପାଣିଗ୍ରାହୀଙ୍କ କଣ୍ଠସଙ୍ଗୀତ, ତାଳବାଦ୍ୟ, ପ୍ରହଲ୍ଲାଦ ନାଟକ ଇତ୍ୟାଦି ପରିବେଷଣ କରାଯିବ। ଏହି ଅବସରରେ 'ଚଉଷଠି ଯୋଗିନୀ ସାହିତ୍ୟ ସମ୍ମାନ'ରେ କବି ଡ. ଫନୀ ମହାନ୍ତି, 'ଚଉଷଠି ଯୋଗିନୀ ନୃତ୍ୟ ସମ୍ମାନ'ରେ ପାର୍ଥସାରଥି ପାଣିଗ୍ରାହୀ ଓ 'ଚଉଷଠି ଯୋଗିନୀ ସଙ୍ଗୀତ ସମ୍ମାନ'ରେ ନୃତ୍ୟଗୁରୁ ନିରଞ୍ଜନ ରାଉତଙ୍କୁ ସମ୍ମାନିତ କରାଯିବ। ବିଶିଷ୍ଟ ଚଳଚ୍ଚିତ୍ର ଅଭିନେତ୍ରୀ ତ୍ରିପୁରା ମିଶ୍ରଙ୍କୁ 'ଜୀବନବ୍ୟାପୀ ସାଧନା ପୁରସ୍କାର' ପ୍ରଦାନ କରାଯିବ। ଏହି ଅବସରରେ ରହସ୍ୟମୟ ଯୋଗିନୀ ପୀଠ ଓ ତା'ର ରହସ୍ୟମୟ ପରମ୍ପରା ସମ୍ପର୍କିତ ଏକ ପାଠଚକ୍ର ଡ. ଆଦ୍ୟାଶା ଦାସ ଏବଂ ଡ. ସଙ୍ଗୀତା ଗୋସାଇଁଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ହେବ। ଏହି ଖବରଦାତା ସମ୍ମିଳନୀରେ ସଭାପତି ଡ. ରଜନୀ ରଞ୍ଜନ, ଉପସଭାପତି ବଙ୍କିମ ନାୟକ ପ୍ରମୁଖ ଉପସ୍ଥିତ ଥିଲେ।









# ଆଜି କ'ଣ କେଉଁଠି

## ଭୁବନେଶ୍ୱର

- ଭାରତୀୟ କମ୍ୟୁନିଷ୍ଟ ପାର୍ଟି ପକ୍ଷରୁ ରାସ୍ତାରୋକୋ ଓ ବିକ୍ଷୋଭ, ସ୍ଥାନ: ରାଜମହଲ, ସମୟ: ପୂର୍ବାହ୍ନ ୧୦ଟା ୩୦।
- ରାଜ୍ୟସ୍ତରୀୟ ସରଗିଫୁଲ ଉତ୍ସବ, ସ୍ଥାନ: ଆଦିବାସୀ ମେଳା ପଡ଼ିଆ, ସମୟ: ପୂର୍ବାହ୍ନ ୧୧ଟା।
- ୟୁନିସେଫ ପକ୍ଷରୁ ଷ୍ଟେଟ ଲେଭଲ କପ୍ ୨୯ ଡିସେମିନେଶନ ମିଟିଂ, ସ୍ଥାନ: ପ୍ରେସ୍ କ୍ଲବ, ସମୟ: ଅପରାହ୍ନ ୩ଟା।
- ସରସ୍ୱତୀ ଶିକ୍ଷା ମନ୍ଦିରର ୨୦ତମ ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତାର ଉଦ୍‌ଯାପନୀ, ସ୍ଥାନ: ଶ୍ରୀଜୟଦେବ କଲେଜ ଖେଳପଡ଼ିଆ, ନହରକଣ୍ଟା, ସମୟ: ଅପରାହ୍ନ ୩ଟା।
- ୪୨ତମ ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତା ଉଦ୍‌ଯାପନୀ ସମାରୋହ, ସ୍ଥାନ: ବାଲିଅନ୍ତା ବ୍ଲକର ବେଣ୍ଟପୁରସ୍ଥିତ ଆଚାର୍ଯ୍ୟ ହରିହର ସରକାରୀ ଉଚ୍ଚବିଦ୍ୟାଳୟ ପରିସର, ସମୟ: ଅପରାହ୍ନ ୩ଟା ୩୦।
- ଜୟଦେବ ବିହାରସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ଅଷ୍ଟବିଂଶତମ ବାର୍ଷିକୋତ୍ସବ, ସ୍ଥାନ: ରେଲ୍‌ୱେ ଅଡିଟୋରିୟମ୍, ସମୟ: ଅପରାହ୍ନ ୪ଟା।
- ବିଜେଇଏମ୍ ସ୍କୁଲର ବାର୍ଷିକୋତ୍ସବ, ସ୍ଥାନ: ଏମ୍–୧୫, ବିଜେବି ନଗର, ସମୟ: ଅପରାହ୍ନ ୪ଟା ୩୦।
- ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ତ୍ରିଂଶତମ ବାର୍ଷିକୋତ୍ସବ, ସ୍ଥାନ: ବଡ଼ଗଡ଼ ବ୍ରିଟ୍ କଲୋନୀ, ସମୟ: ଅପରାହ୍ନ ୫ଟା।
- ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ବାର୍ଷିକୋତ୍ସବ, ସ୍ଥାନ: ଭୀମଟାଙ୍ଗୀ, ସମୟ: ଅପରାହ୍ନ ୫ଟା।
- ସେଣ୍ଟ ଜାଭିୟର୍ସ ହାଇସ୍କୁଲର ୧୮ତମ ବାର୍ଷିକୋତ୍ସବ, ସ୍ଥାନ: ବିଦ୍ୟାଳୟ ପରିସର, କେଦାରଗୌରୀ ରୋଡ଼, ସମୟ: ଅପରାହ୍ନ ୫ଟା ୩୦।
- ନୃତ୍ୟାତ୍ମା ପକ୍ଷରୁ 'ପରମ ବ୍ରହ୍ମ', ସ୍ଥାନ: ଭଞ୍ଜକଳା ମଣ୍ଡପ, ସମୟ: ସନ୍ଧ୍ୟା ୬ଟା।
- ଗୁରୁ ଦେବପ୍ରସାଦ ନୃତ୍ୟଧାରା ପକ୍ଷରୁ 'ପ୍ରତିଧ୍ୱନି', ସ୍ଥାନ: ଉତ୍କଳ ରଙ୍ଗମଞ୍ଚ, ସମୟ: ସନ୍ଧ୍ୟା ୬ଟା ୩୦।

## କଟକ

- ବିଶେଶ୍ୱର ପାଲା ମଣ୍ଡଳର ଚତୁର୍ଥ ବାର୍ଷିକ ଉତ୍ସବ, ସ୍ଥାନ: ଟାଙ୍ଗୀ–ଚୌଦ୍ୱାର ବ୍ଲକ ଶାଳଗାଁ ପଞ୍ଚାୟତ ଅଙ୍ଗଦରାଡିହ ଗ୍ରାମ ସମ୍ମିଳନୀ ସ୍ଥଳ, ସମୟ: ଅପରାହ୍ନ ୪ଟା।

## ପୁରୀ

- ଓଡ଼ିଶା ମାଧ୍ୟମିକ ସ୍କୁଲ ଶିକ୍ଷକ ସଂଘ (ଓଷ୍ଟା) ପକ୍ଷରୁ ୪୧ତମ ଜିଲାସ୍ତରୀୟ ଶିଶୁ ଉତ୍ସବ, ସ୍ଥାନ: ସରକାରୀ ଉଚ୍ଚ ବିଦ୍ୟାଳୟ, ଏସ୍‌ଏସ୍‌ଡି, କୋଣାର୍କ, ସମୟ: ଅପରାହ୍ନ ୨ଟା।

## ଖୋର୍ଦ୍ଧା

- ଶିଶୁ ଶିକ୍ଷା ନିକେତନର ବାର୍ଷିକ ସାଂସ୍କୃତିକ ଏବଂ ପ୍ରଦର୍ଶନୀ ଉତ୍ସବ, ସ୍ଥାନ: ବିଦ୍ୟାଳୟ ପରିସର, ଟାଉନ ହଲ୍ ପଛପାଖ, ଜଟଣୀ, ସମୟ: ସକାଳ ୮ଟା ୩୦।

## ବାଲେଶ୍ୱର

- ୫ ଦିନ ବ୍ୟାପୀ ସୁବର୍ଣ୍ଣ ଜୟନ୍ତୀ ସମାରୋହ, ସ୍ଥାନ: ବିଜୟ କୁମାର ଏକାଡେମୀ, ସୋହରିଆ, ଭୋଗରାଇ, ସମୟ: ସକାଳ ୯ଟା।
- ୨୪ ତମ ବାର୍ଷିକ ଆଥଲେଟିକ ମିଟ ଉଦ୍‌ଯାପନୀ ଦିବସ, ସ୍ଥାନ: ଫକୀରମୋହନ ବିଶ୍ୱବିଦ୍ୟାଳୟ, ନୂଆପାଢ଼ୀ, ସମୟ: ପୂର୍ବାହ୍ନ ୧୦ଟା।
- ଯୁକ୍ତ ୩ ନାଟ୍ୟ ସଂସଦର ପ୍ରତିଯୋଗିତା ଉତ୍ସବ, ସ୍ଥାନ: ନୀଳମଣି ମହାବିଦ୍ୟାଳୟ, ରୂପସା, ସମୟ: ପୂର୍ବାହ୍ନ ୧୧ଟା।
- ରାହୁଲଙ୍କ ବିରୋଧରେ ପ୍ରତିବାଦ ସଭା ଓ କୁଶପୁତ୍ତଳିକା ଦାହ, ସ୍ଥାନ: ଗାନ୍ଧୀ ଛକ, ବସ୍ତା, ସମୟ: ଅପରାହ୍ନ ୪ଟା।

## ଭଦ୍ରକ

- ମିରାକିଲ ପବ୍ଲିକ ସ୍କୁଲ ବାର୍ଷିକ କ୍ରୀଡ଼ା ଉତ୍ସବ, ସ୍ଥାନ: ମା' ଆଖୁଣ୍ଡେଶ୍ୱରୀ ପଡ଼ିଆ, ବାସୁଦେବପୁର, ସମୟ: ସକାଳ ୮ଟା।
- ଜିଲାସ୍ତରୀୟ ଆଶାକର୍ମୀ ସମ୍ମିଳନୀ, ସ୍ଥାନ: ଶହୀଦ ସ୍ମୃତି ଭବନ, ଭଦ୍ରକ, ସମୟ: ପୂର୍ବାହ୍ନ ୧୦ଟା।
- ବିଶ୍ୱ ଭାତୃତ୍ୱ ଦିବ୍ୟାତ୍ମା ପରିଷଦ ଅଚ୍ୟୁତ ଗୁପ୍ତ ବ୍ରହ୍ମ ସଂଘ ପକ୍ଷରୁ ଦିବ୍ୟ ପ୍ରବଚନ ଓ ସତ୍‌ସଙ୍ଗ ଉତ୍ସବ, ସ୍ଥାନ: କୋଣାର୍କ ବରଫ କାରଖାନା ପାଖ ପଡ଼ିଆ, ବାସୁଦେବପୁର, ସମୟ: ଅପରାହ୍ନ ୫ ଟା।

## କେନ୍ଦୁଝର

- ସମବାୟ ସମିତି ତରଫରୁ ଧାନମଣ୍ଡି ଉଦ୍‌ଘାଟନ, ସ୍ଥାନ: ଡ଼ଅଁର, ହାଟଡ଼ିହୀ, ସମୟ : ସକାଳ ୮ଟା।
- ରବୀନ୍ଦ୍ର ବିଦ୍ୟା ନିକେତନର ବାର୍ଷିକ କ୍ରୀଡ଼ା ଉତ୍ସବ, ସ୍ଥାନ: ଧରଣୀଧର ସ୍ପୋର୍ଟସ କମ୍ପ୍ଲେକ୍ସ, ଶଙ୍କରପୁର, କେନ୍ଦୁଝର, ସମୟ: ସକାଳ ୯ଟା।
- କନ୍ୟା ଶିବିର, ସ୍ଥାନ: ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର, ବଡ଼ବିଲ, ସମୟ: ପୂର୍ବାହ୍ନ ୧୦ ଟାରୁ ଅପରାହ୍ନ ୪ ଟା।

## ମୟୂରଭଞ୍ଜ

- ଫୁଡ୍ କମିଶନଙ୍କ କ୍ଷେତ୍ର ପ୍ରଦର୍ଶନ, ସ୍ଥାନ: ଶାମାଖୁଣ୍ଟା ବ୍ଲକ ଅଞ୍ଚଳ, ସମୟ: ପୂର୍ବାହ୍ନ ୧୦ଟା।
- ବାର୍ଷିକ କ୍ରୀଡ଼ାର ଉଦ୍‌ଯାପନୀ ସମାରୋହ, ସ୍ଥାନ: ମୋରଡ଼ା ବ୍ଲକ ଅଧୀନ ଦୁର୍ଗାପୁର ସରକାରୀ ଉଚ୍ଚ ବିଦ୍ୟାଳୟ, ସମୟ: ପୂର୍ବାହ୍ନ ୧୧ଟା।
- ଜିଲାସ୍ତରୀୟ ପୁସ୍ତକ ମେଳାର ଶୁଭ ଉଦ୍‌ଘାଟନ, ସ୍ଥାନ: ଛଉ ପଡ଼ିଆ, ବାରିପଦା, ସମୟ: ସନ୍ଧ୍ୟା ୬ଟା।

## ବ୍ରହ୍ମପୁର

- ମହାନଗର ନିଗମ ଅବସରପ୍ରାପ୍ତ କର୍ମଚାରୀ ସଂଘ ବୈଠକ, ସ୍ଥାନ: ମାନସ ଭବନ, ସମୟ: ଅପରାହ୍ନ ୪ଟା।

## କନ୍ଧମାଳ

- ବାର୍ଷିକ ଉତ୍ସବ ତଥା ପ୍ରାରମ୍ଭ–୨୦୨୪, ସ୍ଥାନ: ଓଡ଼ିଶା ଆଦର୍ଶ ବିଦ୍ୟାଳୟ (ଦାରିଙ୍ଗବାଡି), ସମୟ: ପୂର୍ବାହ୍ନ ୧୦ଟା।
- ପ୍ରାକ ଖ୍ରୀଷ୍ଟ ଜୟନ୍ତୀ, ସ୍ଥାନ: ବ୍ରାହ୍ମଣୀଗାଁ କ୍ୟାଥୋଲିକ ଚର୍ଚ୍ଚ ପରିସର, ସମୟ: ଅପରାହ୍ନ ୩ଟା ୪୫।

## ଢେଙ୍କାନାଳ

- ଶ୍ରୀଶ୍ରୀ ରବିଶଙ୍କର ବିଦ୍ୟାମନ୍ଦିରର ୧୦ ତମ ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତା, ସ୍ଥାନ– କାମାକ୍ଷାନଗର ବିଦ୍ୟାଳୟ ପ୍ରାଙ୍ଗଣ, ସମୟ: ସକାଳ ୭ ଟା ୩୦।
- ବିବେକାନନ୍ଦ ଶିକ୍ଷାକେନ୍ଦ୍ରର ୨୦ ତମ ବାର୍ଷିକ ଉତ୍ସବ, ସ୍ଥାନ: କାମାକ୍ଷାନଗର ଷ୍ଟାଡିୟମ ଅଡିଟୋରିଅମ ହଲ, ସମୟ: ସକାଳ ୯ଟା ୩୦।
- ଓଷ୍ଟା ପକ୍ଷରୁ ୪୧ତମ ଜିଲାସ୍ତରୀୟ ଶିଶୁ ଉତ୍ସବ, ସ୍ଥାନ: ଢେଙ୍କାନାଳ ଲକ୍ଷ୍ମୀଧର ମ୍ୟୁନିସିପାଲ ସରକାରୀ ଉଚ୍ଚ ବିଦ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା।

## ଅନୁଗୋଳ

- ମହେନ୍ଦ୍ର ଉଚ୍ଚ ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତା, ସ୍ଥାନ: ଆଠମଲ୍ଲିକ ମିନି ଷ୍ଟାଡିୟମ ଖେଳପଡ଼ିଆ, ସମୟ: ସକାଳ ୯ ଟା।

## ଜଗତ୍‌ସିଂହପୁର

- ଜଗନ୍ନାଥ ଟ୍ରକ୍ ମାଲିକ ସଂଘର ବନ୍ଧୁ ମିଳନ କାର୍ଯ୍ୟକ୍ରମ, ସ୍ଥାନ: ଗଲ୍ଫ ପଡ଼ିଆ, ବଡ଼ପଡ଼ିଆ, ପାରାଦୀପ, ସମୟ: ପୂର୍ବାହ୍ନ ୧୧ଟା।
- ଏଏମ୍‌ଏନଏସ୍ କମ୍ପାନୀ ଉଡ଼ାନ କାର୍ଯ୍ୟକ୍ରମ ଅଧୀନ ଦିବାରାତ୍ର କ୍ରିକେଟ ଲିଗ୍‌ର ଉଦ୍‌ଯାପନୀ କାର୍ଯ୍ୟକ୍ରମ, ସ୍ଥାନ: ପାରାଦୀପଗଡ଼, ଶ୍ରୀମା ସରକାରୀ ବିଦ୍ୟାଳୟ ପଡ଼ିଆ, ପାରାଦୀପ, ସମୟ: ସନ୍ଧ୍ୟା ୬ଟା।

## କେନ୍ଦ୍ରାପଡ଼ା

- ଧନୁଯାତ୍ରା ମହୋତ୍ସବ, ସ୍ଥାନ: କନ୍ତିଆ ମଠ, କେନ୍ଦ୍ରାପଡ଼ା, ସମୟ: ସକାଳ ୯ଟା।
- କେନ୍ଦ୍ରାପଡ଼ା କ୍ରିକେଟ ସୁପରଲିଗ ମ୍ୟାଚରେ ଆଳି କ୍ରିକେଟ ଆଣ୍ଡ ସ୍ପୋର୍ଟସ କାଉନସିଲ ବନାମ ଗୋପବନ୍ଧୁ କ୍ରିକେଟ କ୍ଲବ ମଧ୍ୟରେ ମୁକାବିଲା, ସ୍ଥାନ: ବିଜୁ ପଟ୍ଟନାୟକ ଷ୍ଟାଡିୟମ, ସାରଙ୍ଗ, କେନ୍ଦ୍ରାପଡ଼ା ସହର, ସମୟ: ସକାଳ ୯ଟା।
- ପ୍ରଜ୍ଞାନ ମିଶନ ପକ୍ଷରୁ ଗୀତା ଜ୍ଞାନଯଜ୍ଞ, ସ୍ଥାନ: ସଂସ୍କୃତି ଭବନ, ଉଦୟନଗର, ଡେରାବିଶ, ସମୟ: ଅପରାହ୍ନ ୫ଟା।

## ଯାଜପୁର

- ମେଗା ଫୁଡ ଫିଏଷ୍ଟା, ସ୍ଥାନ: ଯାଜପୁର ରୋଡ, ତରାପୁର କଳିଙ୍ଗ ଗ୍ରୁପ ଅଫ ଇନଷ୍ଟିଚ୍ୟୁଟ ପରିସର, ସମୟ: ପୂର୍ବାହ୍ନ ୧୦ଟା।
- କଳିଙ୍ଗନଗର ନୀଳାଚଳ ଇସ୍ପାତ ନିଗମର ସଂପ୍ରସାରଣ ପାଇଁ ଜନଶୁଣାଣି କାର୍ଯ୍ୟକ୍ରମ, ସ୍ଥାନ: ସୁକିନ୍ଦା ତହସିଲ ଅନ୍ତର୍ଗତ ପଙ୍କପାଳ ଗେଷ୍ଟ ହାଉସ ପରିସର, ସମୟ: ପୂର୍ବାହ୍ନ ୧୦ଟା।
- ଲକ୍ଷ୍ମୀ ନାରାୟଣ ପୂଜା ଅବସରରେ ଅଭିରାମ ପରମହଂସ ଅନୁଷ୍ଠାନ ପକ୍ଷରୁ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ, ସ୍ଥାନ: ଧର୍ମଶାଳା ବ୍ଲକ ଜାରକାସ୍ଥିତ ମହୋତ୍ସବ ପଡ଼ିଆ, ସମୟ: ସନ୍ଧ୍ୟା ୬ଟା।

## ନୟାଗଡ଼

- ଚତୁର୍ଥ ବାର୍ଷିକ ଉତ୍ସବ, ସ୍ଥାନ: ଓଡ଼ଗାଁ ବ୍ଲକର ଆଖୁପଦରସ୍ଥିତ ଓଡ଼ିଶା ଆଦର୍ଶ ବିଦ୍ୟାଳୟ, ସମୟ: ସକାଳ ୯ଟା୩୦।
- ବାର୍ଷିକ ପୁରସ୍କାର ବିତରଣ ଉତ୍ସବ, ସ୍ଥାନ: ଓଡ଼ଗାଁ ବ୍ଲକର କୁରାଳ ନୋଡାଲ ଉଚ୍ଚ ବିଦ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା।
- ପିଏମ୍‌ଶ୍ରୀ କେନ୍ଦ୍ରୀୟ ବିଦ୍ୟାଳୟର ବାର୍ଷିକ ଉତ୍ସବ, ସ୍ଥାନ: ପିଏମ୍‌ଶ୍ରୀ କେନ୍ଦ୍ରୀୟ ବିଦ୍ୟାଳୟ ନୟାଗଡ଼, ହାଉସିଂ ବୋର୍ଡ କଲୋନୀ ନିକଟସ୍ଥ, ସମୟ: ପୂର୍ବାହ୍ନ ୧୧ଟା।
- ଜେମାଦେଇପୁର ପାଟଣା ପଞ୍ଚାୟତ ମହୋତ୍ସବ ଓ ପଲ୍ଲିଶ୍ରୀ ମେଳାର ଉଦ୍‌ଯାପନ ଦିବସ, ସ୍ଥାନ: ନୟାଗଡ଼ ବ୍ଲକର ରାଜପାଟଣା ମିନି ଷ୍ଟାଡିୟମ, ସମୟ: ସନ୍ଧ୍ୟା ୬ଟା।

## ରାୟଗଡ଼ା

- ଉପଖଣ୍ଡସ୍ତରୀୟ ଚଇତି ମହୋତ୍ସବ ପାଇଁ କଳସ ଶୋଭାଯାତ୍ରା, ସ୍ଥାନ: ଗୁଣପୁର ଜଗନ୍ନାଥ ମନ୍ଦିର, ସମୟ: ସକାଳ ୮ଟା।
- ବ୍ଲକସ୍ତରୀୟ ଚଇତି ଉଦ୍‌ଘାଟନ, ସ୍ଥାନ: ନୂଆ ବସଷ୍ଟାଣ୍ଡ, ଗୁଡାରି, ସମୟ: ସକାଳ ୮ଟା।
- କଲେଜ ଚଇତିର ଉଦଯାପନୀ କାର୍ଯ୍ୟକ୍ରମ, ସ୍ଥାନ: ରାୟଗଡା ସ୍ୱୟଂଶାସିତ ମହାବିଦ୍ୟାଳୟ, ସମୟ: ପୂର୍ବାହ୍ନ ୧୧ ଟା।
- ଉପଖଣ୍ଡ ସ୍ତରୀୟ ଚଇତି ଉଦ୍‌ଘାଟନୀ କାର୍ଯ୍ୟକ୍ରମ, ସ୍ଥାନ– ତହସିଲ ଅଫିସ ନିକଟ କେନ୍ଦ୍ରୀୟ ବିଦ୍ୟାଳୟ ପଡିଆ, ଗୁଣପୁର, ସମୟ: ଅପରାହ୍ନ ୫ଟା।

## ମାଲକାନଗିରି

- ଉପମୁଖ୍ୟମନ୍ତ୍ରୀଙ୍କ ସମୀକ୍ଷା, ସ୍ଥାନ: ମାଲକାନଗିରି, ସମୟ: ସକାଳ ୯ଟା।

## ସମ୍ବଲପୁର

- ଯୋଗ ପରିବାର ପକ୍ଷରୁ ନିଃଶୁଳ୍କ ଯୋଗ ଶିବିର, ସ୍ଥାନ : ହାୱା ମଇଦାନ, ସମୟ : ସକାଳ ୬ଟା।
- ସେଣ୍ଟ ଲୁକାସ ସ୍କୁଲର ୬ତମ ବାର୍ଷିକ କ୍ରୀଡା ଉତ୍ସବ, ସ୍ଥାନ: ବୁର୍ଲାସ୍ଥିତ ସ୍କୁଲ ପରିସର, ସମୟ : ସକାଳ ୮ଟା ୩୦।
- ରାଜ୍ୟସ୍ତରୀୟ ଜୁନିୟର ରେଡକ୍ରସ ପ୍ରଶିକ୍ଷଣ ଶିବିର, ସ୍ଥାନ: ଗୋପାଳମାଳସ୍ଥିତ ଶୋଭାରାମ ବୁଢ଼ିଆ ଉଚ୍ଚବିଦ୍ୟାଳୟ, ସମୟ : ପୂର୍ବାହ୍ନ : ୧୦ଟା।
- ପିଏମ୍‌ଶ୍ରୀ କେନ୍ଦ୍ରିୟ ବିଦ୍ୟାଳୟ ନମ୍ବର– ୧ର ୫୯ତମ ବାର୍ଷିକ ଉତ୍ସବ, ସ୍ଥାନ: ବରେଇପାଲି ଶିଳ୍ପାଞ୍ଚଳସ୍ଥିତ ବିଦ୍ୟାଳୟ ପରିସର, ସମୟ : ଅପରାହ୍ନ ୨ଟା ୩୦।
- ଜିଏମ୍‌ୟୁ ଓ ସୁରମନ୍ଦିର ଆୟୋଜନରେ ଗଙ୍ଗାଧର ସାହିତ୍ୟର ସାଙ୍ଗୀତିକତା, ସ୍ଥାନ : ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ ଅଧ୍ୟାପନା ପ୍ରକୋଷ୍ଠ–୧, ସମୟ : ଅପରାହ୍ନ ୩ଟା୩୦।

## ସୁବର୍ଣ୍ଣପୁର

- ସୋନପୁର କେନ୍ଦ୍ରୀୟ ବିଦ୍ୟାଳୟର ୧୪ତମ ବାର୍ଷିକ ଉତ୍ସବ, ସ୍ଥାନ: ପାଣିସିଆଲି ସ୍ଥିତ ବିଦ୍ୟାଳୟ ପରିସର, ସମୟ: ସକାଳ ୯ଟା।
- ପ୍ରଜ୍ଞା ଭାରତୀ ଆବାସିକ ବିଦ୍ୟାଳୟର କ୍ରୀଡ଼ା ଓ ବାର୍ଷିକୋତ୍ସବ, ସ୍ଥାନ: ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ସମ୍ମୁଖ, ସମୟ: ପୂର୍ବାହ୍ନ ୧୦ଟା।
- ଉପଖଣ୍ଡସ୍ତରୀୟ କୃଷି ଯନ୍ତ୍ରପାତି ମେଳାର ଦ୍ୱିତୀୟ ଦିବସ, ସ୍ଥାନ: ବୀରମହାରାଜପୁର ମିନି ଷ୍ଟାଡିୟମ, ସମୟ: ପୂର୍ବାହ୍ନ ୧୧ଟା।
- ରାମପୁର ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ବାର୍ଷିକ ଉତ୍ସବ, ସ୍ଥାନ: ଶିଶୁ ବିଦ୍ୟାମନ୍ଦିର ପରିସର, ସମୟ: ଅପରାହ୍ନ ୫ଟା।
- ତରଭା ବ୍ଲକର ସିଲାଟିମୁଣ୍ଡାରେ ଶୁଳିଆ ଯାତ୍ରା ପାଇଁ ପ୍ରସ୍ତୁତି ବୈଠକ, ସ୍ଥାନ: ସିଲାଟିମୁଣ୍ଡା ଗ୍ରାମ୍ୟ ମଣ୍ଡପ, ସମୟ: ସନ୍ଧ୍ୟା ୭ଟା।
- ଭାଗବତ ପାରାୟଣ, ସ୍ଥାନ: ଅମରପାଲି, ବୀରମହାରାଜପୁର ବ୍ଲକ, ସମୟ: ସନ୍ଧ୍ୟା ୭ଟା।
- ଧନୁଯାତ୍ରା ମହୋତ୍ସବର ଚତୁର୍ଥ ସନ୍ଧ୍ୟା, ସ୍ଥାନ: ଉଲୁଣ୍ଡା, ସମୟ: ସନ୍ଧ୍ୟା ୭ ଟା।

## ଝାରସୁଗୁଡ଼ା

- ଶିଶୁମନ୍ଦିରର ବାର୍ଷିକ ଉତ୍ସବ, ସ୍ଥାନ: ତାରେଇକେଲା ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର, ସମୟ: ସକାଳ ୮ଟା।
- ସେଣ୍ଟମେରୀ ସ୍କୁଲର ବାର୍ଷିକ କ୍ରୀଡ଼ା ଉତ୍ସବ, ସ୍ଥାନ: ବିଟିଏମ୍ ଛକ, ସମୟ: ସକାଳ ୮ଟା।
- ଜିଲା ଲଘୁ ଉଦ୍ୟୋଗ କମିଟି ପକ୍ଷରୁ ରକ୍ତଦାନ ଶିବିର, ସ୍ଥାନ: ମେଘଦୂତ ହୋଟେଲ, ସମୟ: ପୂର୍ବାହ୍ନ ୧୧ଟା।

## ସୁନ୍ଦରଗଡ଼

- ଜିଲା ସ୍ତରୀୟ ଖରିଫ ଧାନ ସଂଗ୍ରହର ଶୁଭାରମ୍ଭ, ସ୍ଥାନ: କିରେଇ ଧାନ କ୍ରୟ କେନ୍ଦ୍ର, ସୁନ୍ଦରଗଡ, ସମୟ: ୧୦ଟା୩୦।
- ସୁନ୍ଦରଗଡ଼ ପବ୍ଲିକ ସ୍କୁଲର ଦ୍ୱିଦିବସୀୟ ବାର୍ଷିକ ବିଜ୍ଞାନମେଳା ଉଦ୍‌ଘଟନ ସମାରୋହ, ସ୍ଥାନ: ବିଦ୍ୟାଳୟ ପରିସର, ସମୟ: ସକାଳ ୯ଟା।
- ମର୍ଣ୍ଣିଂ ଷ୍ଟାର କ୍ଲବ ପକ୍ଷରୁ ତ୍ରିଦିବସୀୟ ଫୁଟବଲ ଟୁର୍ନାମେଣ୍ଟର ଉଦ୍‌ଘାଟନ ସମାରୋହ, ସ୍ଥାନ: ଭବାନୀ ଭବନ ସ୍ପୋର୍ଟସ କମ୍ପ୍ଲେକ୍ସ ପଡିଆ, ସମୟ: ସକାଳ ୯ଟା୩୦।

## ରାଉରକେଲା

- ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ୩୯ତମ ବାର୍ଷିକୋତ୍ସବ, ସ୍ଥାନ: ସେକ୍ଟର–୫ ଭଞ୍ଜଭବନ ପଡିଆ, ସମୟ: ଅପରାହ୍ନ ୨ଟା ୩୦।
- ମ୍ୟୁନିସିପାଲ କଲେଜର ବାର୍ଷିକ କ୍ରୀଡା ଉତ୍ସବ, ସ୍ଥାନ: ମ୍ୟୁନିସିପାଲ କଲେଜ, ସମୟ: ପୂର୍ବାହ୍ନ ୧୧ଟା ୩୦।
- ସାହିତ୍ୟ ସଂସଦର ଶୀତ ସାହିତ୍ୟ ଆସର, ସ୍ଥାନ: ସାହିତ୍ୟ ସଂସଦ କାର୍ଯ୍ୟାଳୟ, ସେକ୍ଟର– ୭, ସମୟ: ସନ୍ଧ୍ୟା ୬ଟା।
- ଅନ୍ତର୍ଜାତୀୟ ସମ୍ମିଳନୀ, ସ୍ଥାନ: ରାଉରକେଲା ଏନ୍‌ଆଇଟି, ସମୟ: ପୂର୍ବାହ୍ନ ୧୦ଟା।
- କାଜ୍ ପକ୍ଷରୁ ଖ୍ରୀଷ୍ଟମାସ ପାଳନ, ସ୍ଥାନ: ଝିରପାଣି, ସମୟ: ସନ୍ଧ୍ୟା ୬ଟା।

## ଦେବଗଡ଼

- ୩ୟ ପଲଟନ କପ୍ କ୍ରିକେଟ ଟୁର୍ନାମେଣ୍ଟ, ସ୍ଥାନ: ପଲଟନ ପଡ଼ିଆ, ଦେବଗଡ଼, ସମୟ: ସକାଳ ୮ଟା।
- ଓଡ଼ିଶା ଜୀବିକା ମିଶନ ଓ ମିଶନ ଶକ୍ତି ବିଭାଗ ଆନୁକୂଲ୍ୟରେ ଦୃଷ୍ଟି ବ୍ୟାୟାମ ନେଇ ୫ ଦିନିଆ ପ୍ରଶିକ୍ଷଣ ଶିବିର, ସ୍ଥାନ: ରିଆମାଳ ବ୍ଲକ, ଖିଲେଇ ପଞ୍ଚାୟତ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୧ଟା।
- ମା' କନକ ଦୁର୍ଗାଙ୍କ ସନ୍ଧ୍ୟା ଆଳତି, ସ୍ଥାନ: ମଠସାହି, ମା' କନକ ଦୁର୍ଗା ମନ୍ଦିର, ସମୟ: ସନ୍ଧ୍ୟା ୬ଟା ୩୦।

## କଳାହାଣ୍ଡି

- ଓଡ଼ିଶା ଆଦର୍ଶ ବିଦ୍ୟାଳୟର ୭ତମ ବାର୍ଷିକ ଉତ୍ସବ, ସ୍ଥାନ: ଥୁଆମୂଳ ରାମପୁରସ୍ଥିତ ବିଦ୍ୟାଳୟ ପରିସର, ସମୟ: ପୂର୍ବାହ୍ନ ୧୦ଟା।
- ଧାନ କଟ୍‌ନିକୁ ନେଇ କଂଗ୍ରେସର ଶୋଭାଯାତ୍ରା, ଜିଲାପାଳଙ୍କ ଅଫିସ ସମ୍ମୁଖରେ ବିକ୍ଷୋଭ, ସ୍ଥାନ: ଭବାନୀପାଟଣା ଜିଲାପାଳଙ୍କ ଅଫିସ, ସମୟ: ପୂର୍ବାହ୍ନ ୧୧ଟା।

## ନୂଆପଡ଼ା

- ମାଗଣା ସ୍ୱାସ୍ଥ୍ୟ ଓ ଚକ୍ଷୁ ପରୀକ୍ଷା ଶିବିର, ସ୍ଥାନ: କଲ୍ୟାଣ ମଣ୍ଡପ ସାପ୍ତାହିକ ବଜାର ସମ୍ମୁଖ, ସମୟ: ସକାଳ ୯ଟା।
- ବିରାଟ ଆଞ୍ଚଳିକ ଧନୁଯାତ୍ରା ଚତୁର୍ଥ ରଜନୀ, ସ୍ଥାନ: କୋମନା ବ୍ଲକ ତରବୋଡ଼ ରାଜୀବ ଗାନ୍ଧୀ ମିନି ଷ୍ଟାଡିୟମ, ସମୟ: ସନ୍ଧ୍ୟା ୬ଟା।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ଆଜି ଗଜକେଶରୀ ଯୋଗ ପ୍ରଭାବରେ ସାମାଜିକ, ପାରିବାରିକ ଓ କର୍ମକ୍ଷେତ୍ର ଉନ୍ନତ ରହିବ। ଗତକାଲିର ଟେନସନ୍ ଆଜି କମିଯିବ ଏବଂ ବନ୍ଧୁମିଳନରୁ ଉତ୍ସାହିତ ହେବେ। ଆଧ୍ୟାତ୍ମିକ ଭାବଧାରାରେ ଉଦ୍‌ବୁଦ୍ଧ ହୋଇ ଧାର୍ମିକ ଅନୁଷ୍ଠାନରେ ସାମିଲ ହେବେ। ଆଲୋଚନା କ୍ଷେତ୍ରରେ ସହକର୍ମୀଙ୍କ ସହ ଯୁକ୍ତିତର୍କଠାରୁ ଦୂରେଇ ରହିବା ଭଲ।

**ବୃଷ** ବ୍ୟୟାଧିପ ଦୃଷ୍ଟ ଶୁକ୍ରଙ୍କ ଯୋଗୁ ଯେତେ ଭଲ କାମ କଲେ ମଧ୍ୟ ଅଭିଯୋଗ ପାଇବେ। ବନ୍ଧୁଙ୍କ ସମ୍ମୁଖରେ ଦୁଃଖକୁ ଲୁଚାଇ ରଖି ହସି କଥା କହିବାକୁ ବାଧ୍ୟ ହେବେ। ପରିବହନ, ବ୍ୟବସାୟ, ବାଣିଜ୍ୟ, ଶିଳ୍ପ ଓ ଏଜେନ୍ସିପରୁ ଖୁସି ରହିପାରନ୍ତି। ବିବାଦୀୟ ଘଟଣାରେ ନୀରବତା ଶ୍ରେୟ ଅଟେ, ନଚେତ୍ ସମସ୍ୟା ଭିତରକୁ ଟାଣି ହୋଇଯିବାକୁ ପଡିପାରେ।

**ମିଥୁନ** ତୃତୀୟାଧିପ ରାଶିକୁ ଦେଖୁଥିବାରୁ ଆତ୍ମୀୟଙ୍କ ସହଯୋଗରେ ଯାତ୍ରା, ବ୍ୟବସାୟରେ ଲାଭବାନ ହେବେ। କର୍ମକ୍ଷେତ୍ରରେ ଯେସାକୁ ତେସା ନୀତିରେ କାମ କରି ସମାଲୋଚିତ ହେବେ। ଦୈନନ୍ଦିନ ଜୀବନରେ ବିଭିନ୍ନ ସମସ୍ୟା ମଧ୍ୟ ଦେଇ ଚଳିବାକୁ ପଡିବ। ମକଦ୍ଦମାରେ କିମ୍ବା ପ୍ରତିଯୋଗିତାଦି କ୍ଷେତ୍ରରେ ସ୍ଥିତି ଅନୁକୂଳ ହୋଇପାରେ।

**କର୍କଟ** ଶନି ଦୃଷ୍ଟ ଚନ୍ଦ୍ର ହେତୁ କର୍ମକ୍ଷେତ୍ରରେ କଠୋର ପରିଶ୍ରମଜନିତ ସ୍ୱାସ୍ଥ୍ୟହାନି ଘଟିବା ଅଶଙ୍କା ରହିଛି। ଆନୁଷ୍ଠାନିକ କାମର ଆଲୋଚନା ସମୟରେ ବନ୍ଧୁ ମୁହଁ ଫେରାଇ ନେଇପାରନ୍ତି। ରଚନାତ୍ମକ କାର୍ଯ୍ୟରେ ଅଗ୍ରଗତି ଘଟିବ। ସାହିତ୍ୟ, ସାମ୍ବାଦିକତାରୁ ପ୍ରଶଂସିତ ହେବେ। କଠୋର ପରିଶ୍ରମଜନିତ କ୍ଲାନ୍ତି ଅନୁଭବ କରିପାରନ୍ତି।

**ସିଂହ** ଗୁରୁକ୍ଷେତ୍ରସ୍ଥ ରବିଙ୍କ ହେତୁ ପଦସ୍ଥବ୍ୟକ୍ତିଙ୍କ ସାନ୍ନିଧ୍ୟରେ ଆସିପାରନ୍ତି। ପ୍ରଶାସନ, ରାଜନୀତି ଏବଂ ସଭାସମିତିରେ ସ୍ଥିର ନିଷ୍ପତ୍ତି ନେଇ ପ୍ରଶଂସିତ ହେବେ। ଆର୍ଥିକ ସ୍ୱଚ୍ଛଳତା କାରଣରୁ ମାନସିକ ସ୍ଥିରତା ଆସିପାରେ। ଶୁକ୍ରଙ୍କ ସୁପ୍ରଭାବରେ ବିଳାସ ବ୍ୟସନ ମଧ୍ୟରେ ସମୟ ଅତିବାହିତ କରିବାକୁ ମନସ୍ଥ କରିପାରନ୍ତି।

**କନ୍ୟା** ଗ୍ରହମାନଙ୍କ ଅନୁକୂଳ ସ୍ଥିତି କାରଣରୁ ସମସ୍ୟା ନିୟନ୍ତ୍ରଣାଧୀନ ରହିବ। ଉଚିତ ବୁଝାମଣା ଦ୍ୱାରା ପାରିବାରିକ ଜୀବନ ଶାନ୍ତିରେ କଟିବ। ନିକଟସ୍ଥ ବନ୍ଧୁ ସହଯୋଗର ପ୍ରତିଶ୍ରୁତି ଦେବେ କିନ୍ତୁ ତାହା କଥାରେ ହିଁ ସୀମିତ ରହିଯିବ। ଆଇନ ଅଦାଲତରୁ ସୁଫଳ ପାଇବେ ଏବଂ ଦୀର୍ଘ ଦିନର ସମସ୍ୟା ସମାଧାନ ହୋଇଯିବ।

**ତୁଳା** ବୈଷୟିକ ଅଭିବୃଦ୍ଧି ସାଙ୍ଗକୁ ନୂଆ ଯୋଜନା ଆୟୋଜନରେ ବ୍ୟସ୍ତ ରହିବେ। କର୍ମକ୍ଷେତ୍ରରେ ସହମତିରେ କାମ କଲେ ଲକ୍ଷ୍ୟ ହାସଲ ହେବ। ଆଜି ହାତରୁ ଖାଇ ପର ପାଇଁ ଖଟିବାକୁ ପଡିପାରେ। ଅତ୍ୟଧିକ ଥଣ୍ଡାଜନିତ ଦୈହିକ ଅସୁସ୍ଥତା ଯୋଗୁ କାମ କରିବା ସକାଶେ ମନୋବଳ କମି ଯାଇପାରେ।

**ବିଛା** ଶନିଙ୍କ ପ୍ରଭାବରୁ କର୍ମକ୍ଷେତ୍ରରେ ଅବହେଳିତ କାମ ସକାଶେ ଅନୁତପ୍ତ ରହିବେ। ସମସ୍ତ ପ୍ରକାର ସୁବିଧା ଥିଲେ ମଧ୍ୟ ହାତମୁଠାରୁ ସୁଯୋଗ ଖସିଯାଇପାରେ। ଶିଳ୍ପ ଓ ବାଣିଜ୍ୟ, ବ୍ୟବସାୟରେ ପ୍ରତିବନ୍ଧକର ସମ୍ମୁଖୀନ ହୋଇପାରନ୍ତି। ନିଜ ପରିସରରେ ନୀଚବ୍ୟକ୍ତି ଦ୍ୱାରା ପ୍ରଭାବିତ ହୋଇ ଅସମ୍ମାନିତ ହୋଇପାରନ୍ତି।

**ଧନୁ** ଭାଗ୍ୟାଧିପ ରାଶିରେ ଥିବାରୁ ଅନୁକୂଳ ବାତାବରଣ ମଧ୍ୟରେ ସ୍ଥଗିତ କାର୍ଯ୍ୟକୁ ତ୍ୱରାନିତ କରିବେ। ଅର୍ଥ ସଂଗ୍ରହରେ ତତ୍ପରତା ପ୍ରକାଶ କରିବେ ଏବଂ ଚେଷ୍ଟା ବେକାର ଯିବ ନାହିଁ। ପାରିବାରିକ ଜଞ୍ଜାଳ ବୃଦ୍ଧି ଆଶଙ୍କା ରହିଛି। କଳା, ସାହିତ୍ୟ, ବାଣିଜ୍ୟ ତଥା ପ୍ରଶାସନିକ କ୍ଷେତ୍ରରେ ଉପରିସ୍ଥଙ୍କ ସୌହାର୍ଦ୍ଦ୍ୟରୁ ଉପକୃତ ହେବେ।

**ମକର** ଅସୁସ୍ଥତା ସାଙ୍ଗକୁ ବାଣିଜ୍ୟ, ବ୍ୟବସାୟରେ ସମସ୍ୟା ଏବଂ ପ୍ରତିଦ୍ୱନ୍ଦ୍ୱିତାରେ ବିଫଳତା ଭୋଗିପାରନ୍ତି। ପାରିବାରିକ କ୍ଷେତ୍ରରେ ଭୁଲ୍ ଖବରକୁ ସତ୍ୟ ମନେକରି ଉତ୍‌କ୍ଷିପ୍ତ ହେବେ। ଛୋଟ କଥାକୁ କେନ୍ଦ୍ରକରି ପଡ଼ୋଶୀ ପ୍ରତିବାଦର ସ୍ୱର ଉଠାଇପାରନ୍ତି। ବନ୍ଧୁଙ୍କ ପରାମର୍ଶରେ ମନୋରଞ୍ଜନ କାର୍ଯ୍ୟକ୍ରମରେ ନିଜକୁ ସାମିଲ କରିବାର ସୁଯୋଗ ଜୁଟିପାରେ।

**କୁମ୍ଭ** ଦ୍ୱାଦଶସ୍ଥ ଶୁକ୍ରଜନିତ ଭୋଗବିଳାସ ସହ ସାହିତ୍ୟ, କଳା ଓ ରଚନାତ୍ମକ କାମରେ ଉଚ୍ଚପ୍ରଶଂସା ପାଇବେ। ଅତିରିକ୍ତ ଭ୍ରମଣ ହେତୁକ କ୍ଲାନ୍ତି ଓ ଅବସାଦ ଦେଖାଦେବ। ପିଲାଙ୍କ ବିଶୃଙ୍ଖଳିତ ଆଚରଣରେ କ୍ଷୁବ୍ଧ ହେବେ। ସ୍ତ୍ରୀଙ୍କ ଚିଡ଼ା ସ୍ୱଭାବ ଅଶାନ୍ତିର ମୂଳ କାରଣ ହେବ। ସାମାଜିକ ସ୍ତରରେ ପରୋପକାର ମନୋଭାବରୁ ପ୍ରଶଂସିତ ହେବେ।

**ମୀନ** ଆଜି କୌଣସି ଭୁଲ୍ ନିଷ୍ପତ୍ତି ନେଇ ପଶ୍ଚାତ୍ତେ ଅନୁତାପ କରିପାରନ୍ତି। ଅଫିସ କାମରେ ସାମାନ୍ୟ ଅନୁପସ୍ଥିତି କିମ୍ବା ବିଳମ୍ବ ପାଇଁ କୈଫିୟତ୍ ଦେବାକୁ ପଡ଼ିପାରେ। ଶିଳ୍ପ, ବାଣିଜ୍ୟ, ବ୍ୟବସାୟରେ ପ୍ରତିବନ୍ଧକ ସୃଷ୍ଟି ହୋଇପାରେ। ଖଳ ଲୋକମାନଙ୍କ କାନକୁହା କଥାକୁ ବିଶ୍ୱାସ କରି ଦାମ୍ପତ୍ୟ ଜୀବନରେ ଝଡ଼ ସୃଷ୍ଟି ହେବାର ଆଶଙ୍କା ରହିଛି।

ଆଜି ଡିସେମ୍ବର ୨୦ ତାରିଖ, ଅନ୍ତଃରାଷ୍ଟ୍ରୀୟ ମାନବ ଏକତା ଦିବସ, ପୌଷ କୃଷ୍ଣ ୫ମୀ ଯୁକ୍ତ ଷଷ୍ଠୀ ଶୁକ୍ରବାର, ରାଶିନକ୍ଷତ୍ର–ମଘା/ସିଂହ, ଷଷ୍ଠୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ। ଦିବା ଘ.୦୬.୨୦ ଗତେ ଘ.୦୭.୦୩ ମଧ୍ୟେ, ଘ.୦୭.୪୬ ଗତେ ଘ.୦୯.୦୨ ମଧ୍ୟେ ଶୁଦ୍ଧ ଶୁଭ ବେଳା। ଦିବା ଘ.୧୦.୨୩ ଗତେ ଘ.୧୧.୪୪ ମଧ୍ୟେ ରାହୁ କାଳ।

# ଜାନୁଆରୀ ୩ରେ କୃଷି ଓଡ଼ିଶା–୨୦୨୫

## ପ୍ରସ୍ତୁତି ସମୀକ୍ଷା କଲେ ଉପମୁଖ୍ୟମନ୍ତ୍ରୀ କେଭି ସିଂଦେଓ

ଭୁବନେଶ୍ୱର,୧୯।୧୨(ଅନିଲ ଦାସ)

ଆସନ୍ତା ଜାନୁଆରୀ ୩ରୁ ୫ ତାରିଖ ପର୍ଯ୍ୟନ୍ତ ୩ ଦିନ ବ୍ୟାପୀ କୃଷି ଓଡ଼ିଶା–୨୦୨୫ ଭୁବନେଶ୍ୱରସ୍ଥିତ ବରମୁଣ୍ଡା ବିଜୁ ପଟ୍ଟନାୟକ ପଡ଼ିଆରେ ମହା ସମାରୋହରେ ଅନୁଷ୍ଠିତ ହେବ। ଏଥିରେ ୧୨ ଗୋଟି ବୈଷୟିକ ଅଧିବେଶନ ରହିଛି। ପ୍ରତି ଅଧିବେଶନରେ ୨୦୦ ଜଣ ଅଂଶଗ୍ରହଣ କରିବେ। ଏଥିରେ ୨୫୦ଟି ଷ୍ଟଲ୍ ପ୍ରଦର୍ଶିତ କରାଯିବ। ଲୋକସେବା ଭବନସ୍ଥିତ ସମ୍ମିଳନୀ କକ୍ଷରେ ଗୁରୁବାର ଉପମୁଖ୍ୟମନ୍ତ୍ରୀ ତଥା କୃଷି ଓ କୃଷକ ସଶକ୍ତୀକରଣ ମନ୍ତ୍ରୀ କନକ ବର୍ଦ୍ଧନ ସିଂଦେଓଙ୍କ ଅଧ୍ୟକ୍ଷତାରେ ଏ ନେଇ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଛି। ବୈଠକରେ କୃଷି ଓଡ଼ିଶା ସହିତ ଚାଷୀ ପଞ୍ଜୀକରଣ, କୃଷକଙ୍କ ତଥ୍ୟ ଏବଂ ୨୦୨୫–୨୬ ବର୍ଷ ପାଇଁ କୃଷି ବଜେଟ ଉପରେ ଆଲୋଚନା କରାଯାଇଛି। ଜଳ ସମ୍ପଦ ବିଭାଗ ପକ୍ଷରୁ କୃଷି ଓଡ଼ିଶାରେ ପାଣି ପଞ୍ଚାୟତ ପକ୍ଷ ପାଳନ କରାଯିବ। ସାରା ରାଜ୍ୟରୁ ପ୍ରାୟ ୧୦ ହଜାରରୁ ଊର୍ଦ୍ଧ୍ୱ କୃଷକ ଏଥିରେ ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ସେହିଭଳି, କୃଷକ ପଞ୍ଜୀକରଣରେ ଚାଷୀଙ୍କୁ ପଞ୍ଜୀକୃତ ହେବା ପାଇଁ ସାରା ରାଜ୍ୟରେ କ୍ୟାମ୍ପ ବ୍ୟବସ୍ଥା କରାଯିବ। ଚାଷୀମାନେ ନିଜକୁ ପଞ୍ଜୀକୃତ କରିବା ନିମନ୍ତେ କ୍ୟାମ୍ପର ସହାୟତା ନେଇପାରିବେ କିମ୍ବା ନିଜେ ନିଜେ ପଞ୍ଜୀକରଣ କରିପାରିବେ। ଜନସେବା କେନ୍ଦ୍ରର ମଧ୍ୟ ସହାୟତା ନେଇପାରିବେ। ପ୍ରତି ରେଜିଷ୍ଟ୍ରେଶନ ପିଛା ୧୦ ଟଙ୍କା ସରକାର ଯୋଗାଇ ଦେଉଛନ୍ତି। ଏହି ରେଜିଷ୍ଟ୍ରେଶନ ଦ୍ୱାରା ସରକାରଙ୍କ ନିକଟରେ ରାଜ୍ୟର ସମସ୍ତ ଚାଷୀଙ୍କ ବିଶଦ୍ ତଥା ଏକୀକୃତ ଡାଟାବେସ୍ ରହିପାରିବ। ପରବର୍ତ୍ତୀ ସମୟରେ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟରେ ଏହାର ବ୍ୟବହାର କରାଯିବ। ସେହିପରି ଆଗାମୀ ଆର୍ଥିକବର୍ଷ ୨୦୨୫–୨୬ ନିମନ୍ତେ କୃଷି ବିଭାଗ ଦ୍ୱାରା ନିଆଯିବାକୁ ଥିବା ବିଭିନ୍ନ କାର୍ଯ୍ୟର ବଜେଟ ବିଷୟରେ ମଧ୍ୟ ବୈଠକରେ ଆଲୋଚନା କରାଯାଇଛି। ବୈଠକରେ ବିଭାଗୀୟ ପ୍ରମୁଖ ଶାସନ ସଚିବ ଅରବିନ୍ଦ କୁମାର ପାଢ଼ୀ, କୃଷି ନିର୍ଦ୍ଦେଶକ ପ୍ରେମଚନ୍ଦ୍ର ଚୌଧାରୀ, ଉଦ୍ୟାନ କୃଷି ନିର୍ଦ୍ଦେଶକ ନିଖିଲ ପଓନ କଲ୍ୟାଣଙ୍କ ସମେତ ବହୁ ବରିଷ୍ଠ ଅଧିକାରୀ ଉପସ୍ଥିତ ଥିଲେ।

**ଆର୍.ଜି. କର ବଳାତ୍କାର ଓ ହତ୍ୟା ମାମଲା**

# ଉପଯୁକ୍ତ ତଦନ୍ତ ଦାବିକଲେ ମୃତକଙ୍କ ମାଆବାପା

କୋଲକାତା,୧୯।୧୨

କୋଲକାତାର ଆର୍.ଜି. କର ମେଡିକାଲ କଲେଜ ହସ୍ପିଟାଲରେ ଗତ ଅକ୍ଟୋବର ୯ ରାତିରେ ୩୧ ବର୍ଷୀୟା ଟ୍ରେନି ଡାକ୍ତରଙ୍କୁ ବଳାତ୍କାର ପରେ ହତ୍ୟା କରାଯାଇଥିଲା। ମୃତା ଡାକ୍ତରଙ୍କ ମାଆବାପା ଘଟଣାର ଉପଯୁକ୍ତ ତଦନ୍ତ ଦାବିରେ ଗୁରୁବାର କୋଲକାତା ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଛନ୍ତି। ଘଟଣାର ତଦନ୍ତ କରୁଥିବା ସିବିଆଇ ୯୦ ଦିନ ମଧ୍ୟରେ ୨ ଅଭିଯୁକ୍ତ ମେଡିକାଲ କଲେଜର ପୂର୍ବତନ ଅଧ୍ୟକ୍ଷ ସନ୍ଦୀପ୍ ଘୋଷ ଏବଂ ତଲା ଥାନାର ପୂର୍ବତନ ଭାରତପ୍ରାପ୍ତ ଅଧିକାରୀ ଅଭିଜିତ ମଣ୍ଡଳଙ୍କ ବିରୋଧରେ ଚାର୍ଜଶିଟ୍ ଦାଖଲ କରିବାରେ ବିଫଳ ହୋଇଥିବାରୁ ମୃତା ଡାକ୍ତରଙ୍କ ମାଆବାପା ଏହି କେନ୍ଦ୍ରୀୟ ତଦନ୍ତକାରୀ ସଂସ୍ଥା ଉପରୁ ଭରସା ହରାଇଛନ୍ତି। ଚାର୍ଜଶିଟ୍ ଦାଖଲ ନ ହେବାରୁ କୋଲକାତାର ଏକ ଅଦାଲତ ଉଭୟ ଅଭିଯୁକ୍ତଙ୍କୁ ଜାମିନ ପ୍ରଦାନ କରିଛନ୍ତି। ମାମଲାକୁ ଅଧିକ ଗଭୀର ଭାବେ ତଦନ୍ତ କରାଯିବାକୁ ନିବେଦନ କରି ଆମେ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲୁ। ଜଷ୍ଟିସ୍ ତୀର୍ଥଙ୍କର ଘୋଷଙ୍କ ଖଣ୍ଡପୀଠରେ ଏହି ଆବେଦନ କରାଯାଇଥିବା ମୃତକଙ୍କ ମାଆବାପାଙ୍କ ପକ୍ଷରୁ ଓକିଲ ଗାର୍ଗୀ ଗୋସ୍ୱାମୀ କହିଛନ୍ତି।

# ବାଂଲାଦେଶ ବିରୋଧରେ କଟକଣା ଲଗାଇବାକୁ ଆମେରିକା ଆଇନ ପ୍ରଣେତାଙ୍କ ଦାବି

ୱାଶିଂଟନ,୧୯।୧୨(ପି.ଟି.)

ବାଂଲାଦେଶରେ ମାନବାଧିକାର ଉଲ୍ଲଂଘନ ସଙ୍କଟ ବଢୁଥିବାରୁ ଏହି ଦେଶ ବିରୋଧରେ ନିର୍ଦ୍ଦିଷ୍ଟ କଟକଣା ଲଗାଇବାକୁ ଆମେରିକା କଂଗ୍ରେସର ପ୍ରଭାବଶାଳୀ ସଦସ୍ୟମାନେ ଦାବି କରିଛନ୍ତି। ଏହି ଦକ୍ଷିଣ ଏସୀୟ ରାଷ୍ଟ୍ରରେ ଯେଉଁମାନେ ସଂଖ୍ୟାଲଘୁଙ୍କ ବିରୋଧରେ କୁତ୍ସିତ କାର୍ଯ୍ୟରେ ସମ୍ପୃକ୍ତ, ସେମାନଙ୍କ ବିରୋଧରେ କଟକଣା ଲାଗୁ କରିବା ନିମନ୍ତେ ବୁଧବାର କଂଗ୍ରେସ ସଦସ୍ୟମାନେ ଆମେରିକାର ଅର୍ଥ ଓ ପରାରାଷ୍ଟ୍ର ବିଭାଗକୁ ଆହ୍ୱାନ ଦେଇଛନ୍ତି। ଆମେରିକାର ବିଭିନ୍ନ ଭାଗରୁ ଆସିଥିବା ହିନ୍ଦୁମାନଙ୍କ ଉପସ୍ଥିତିରେ କଂଗ୍ରେସ ସଦସ୍ୟ ଶ୍ରୀ ଥାନେଦାର ଏହା କହିଛନ୍ତି। ଗତ ଜୁଲାଇରେ ବାଂଲାଦେଶରେ ରାଜନୈତିକ ହିଂସାକାଣ୍ଡରୁ ପୂର୍ବତନ ପ୍ରଧାନମନ୍ତ୍ରୀ ଶେଖ୍ ହାସିନା ଇସ୍ତଫା ଦେଇ ଦେଶ ଛାଡ଼ି ପଳାଇଥିଲେ। ସେବେଠାରୁ ସେଠାର ହିନ୍ଦୁ, ବୌଦ୍ଧ ଏବଂ ଖ୍ରୀଷ୍ଟିୟାନ ସଂଖ୍ୟାଲଘୁମାନେ ହିଂସା ଓ ଅତ୍ୟାଚାରର ଶିକାର ହୋଇଆସୁଛନ୍ତି। ସଂଖ୍ୟାଗରିଷ୍ଠ ମୁସଲମାନମାନେ ସେମାନଙ୍କ ଉପରେ ତଥା ସେମାନଙ୍କ ଉପାସନା ସ୍ଥଳ ଉପରେ ଆକ୍ରମଣ ଜାରି ରଖିଛନ୍ତି ବୋଲଇ ଥାନେଦାର କହିଛନ୍ତି।

ପ୍ରଥମ ପୃଷ୍ଠାରୁ...

## ସଂସଦରେ ଠେଲାପେଲା...

ଷ୍ଟ୍ରିଟ୍ ଥାନାରେ ଏତଲା ଦେଇଛନ୍ତି। ଶାରୀରିକ ଆକ୍ରମଣ ଓ ହିଂସା ଉସୁକାଇବା ଅଭିଯୋଗରେ ରାହୁଲଙ୍କ ବିରୋଧରେ ଏଫ୍‌ଆଇଆର୍ ଦିଆଯାଇଥିବା ଭାଜପା ଏମ୍‌ପି ଅନୁରାଗ ଠାକୁର ଥାନା ସମ୍ମୁଖରେ ଖବରଦାତାଙ୍କୁ ସୂଚନା ଦେଇଛନ୍ତି। ଏହି ଅଭିଯୋଗ ଭିତ୍ତିରେ ପୋଲିସ ରାହୁଲଙ୍କ ବିରୋଧରେ ମାମଲା ରୁଜୁ କରିଛି। ଲୋକ ସଭା ବାଚସ୍ପତି ଓ ରାଜ୍ୟ ସଭା ଅଧ୍ୟକ୍ଷଙ୍କ ନିକଟରେ ମଧ୍ୟ ଉଭୟ ପକ୍ଷ ଫେରାଦ ହୋଇଛନ୍ତି। ଇତିମଧ୍ୟରେ କଂଗ୍ରେସ ଓ ଏହାର ସହଯୋଗୀ ଦଳଗୁଡ଼ିକ ଆମ୍ବେଡକରଙ୍କୁ ଭାଜପା ଅପମାନିତ କରିଥିବା ଦର୍ଶାଇ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି। ବିରୋଧୀ ଏମ୍‌ପିମାନେ କହିଛନ୍ତି, ଗୃହକାର୍ଯ୍ୟରେ ଯୋଗଦେବା ପାଇଁ ବିରୋଧୀ ଦଳ ନେତା ରାହୁଲ ଯାଉଥିବାବେଳେ ଭାଜପା ସଦସ୍ୟମାନେ ତାଙ୍କୁ ଯିବାକୁ ଦେଇ ନ ଥିଲେ। ସେମାନେ ରାହୁଲଙ୍କୁ ଠେଲିବାରୁ ସେ ମଧ୍ୟ ଠେଲିଛନ୍ତି। ରାହୁଲ କହିଛନ୍ତି, ସେ ପାର୍ଲାମେଣ୍ଟକୁ ପ୍ରବେଶ କରୁଥିବାବେଳେ ଭାଜପା ଏମ୍‌ପିମାନେ ତାଙ୍କୁ ଅଟକାଇ ଧକ୍କା ମାରିବା ସହ ଧମକ ଦେଇଥିଲେ।

ଭାଜପା ନେତାମାନେ କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜ୍ଜୁନ ଖାର୍ଗେଙ୍କୁ ଦୁର୍ବ୍ୟବହାର କରିଥିବା ଅଭିଯୋଗକରି କଂଗ୍ରେସ ଏମ୍‌ପିମାନେ ଗୁରୁବାର ପାର୍ଲାମେଣ୍ଟ ଷ୍ଟ୍ରିଟ୍ ଥାନାରେ ଏତଲା ଦାଏର କରିଛନ୍ତି। ଦିଗ୍‌ବିଜୟ ସିଂ, ମୁକୁଲ ୱାସ୍‌ନିକ, ରାଜୀବ ଶୁକ୍ଳା, ପ୍ରମୋଦ ତିୱାରୀଙ୍କ ସମେତ କଂଗ୍ରେସ ଏମ୍‌ପିମାନଙ୍କ ଏକ ପ୍ରତିନିଧି ଦଳ ଥାନାକୁ ଯାଇ ଅଭିଯୋଗ କରିଥିଲେ। ସେତେବେଳେ ଭାଜପା ନେତାମାନେ ଡିସିପି ଦେବେଶ କୁମାର ମହଲାଙ୍କ କାର୍ଯ୍ୟାଳୟରେ ଉପସ୍ଥିତ ଥିବାରୁ କଂଗ୍ରେସ ନେତାମାନଙ୍କୁ ଏସିପିଙ୍କ ପ୍ରକୋଷ୍ଠରେ ଅପେକ୍ଷା କରିବାକୁ କୁହାଯାଇଥିଲା। ପୋଲିସ ଅଭିଯୋଗ ଗ୍ରହଣ କରି ଅନୁଧ୍ୟାନ କରୁଥିବା କହିଛି। ୮୪ ବର୍ଷୀୟ ଦଳିତ ନେତା ଖାର୍ଗେଙ୍କୁ ଭାଜପା ସଦସ୍ୟମାନେ ଠେଲିଦେବା ସହ ଦୁର୍ବ୍ୟବହାର କରିଥିଲେ। ଆମେ ପୋଲିସରେ ଅଭିଯୋଗ କରିବାକୁ ଆସିଛୁ ବୋଲି ତିୱାରୀ ଗଣମାଧ୍ୟମକୁ କହିଛନ୍ତି।

ଇତିମଧ୍ୟରେ ଲୋକ ସଭା ଓ ରାଜ୍ୟ ସଭାରେ ଗୃହକାର୍ଯ୍ୟ ଆରମ୍ଭ ହେବା ମାତ୍ରେ ଉଭୟ ଶାସକ ଓ ବିରୋଧୀ ପକ୍ଷ 'ଜୟ ଭୀମ' ସ୍ଲୋଗାନ ଦେଇ ହଟ୍ଟଗୋଳ କରିଥିଲେ। ହୋହଲ୍ଲା ଭିତରେ ବିନା କୌଣସି କାର୍ଯ୍ୟରେ ଉଭୟ ଗୃହକୁ ଦିନକ ପାଇଁ ମୁଲତବୀ ଘୋଷଣା କରାଯାଇଥିଲା। ଲୋକ ସଭା ବାଚସ୍ପତି ଓମ୍ ବିର୍ଲା ସଂସଦ ପରିସରରେ କୌଣସି ଦଳ ପକ୍ଷରୁ ବିକ୍ଷୋଭ କରାଯାଇପାରିବ ନାହିଁ ବୋଲି କଟକଣା ଜାରି କରିଛନ୍ତି।

## ରାହୁଲ ଗାନ୍ଧୀଙ୍କ ଦାୟିତ୍ୱହୀନ...

ବ୍ୟବହାର ଯୋଗୁ ଆମ ଦଳର ବରିଷ୍ଠ ନେତା ତଥା ବାଲେଶ୍ୱର ଏମ୍‌ପି ପ୍ରତାପ ଷଡ଼ଙ୍ଗୀ ଆହତ ହୋଇଛନ୍ତି। ରାହୁଲ ଗାନ୍ଧୀଙ୍କ ଏଭଳି ଆଚରଣ ଗ୍ରହଣୀୟ ନୁହେଁ। ଏହା ଗଣତନ୍ତ୍ରର ପବିତ୍ର ଗୃହ ପ୍ରତି ଅପମାନ। ପ୍ରତାପ ଷଡ଼ଙ୍ଗୀଙ୍କର ଶୀଘ୍ର ଆରୋଗ୍ୟ କାମନା ପାଇଁ ପ୍ରାର୍ଥନା କରୁଛି। ସଂସଦରେ ଏପରି କାର୍ଯ୍ୟକୁ ଦୃଢ଼ ନିନ୍ଦା କରୁଛି। ଗଣତନ୍ତ୍ରରେ ଏପ୍ରକାର ହିଂସା ପାଇଁ କୌଣସି ସ୍ଥାନ ନାହିଁ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

# ଟ୍ରକ୍ ଧକ୍କାରେ ମା', ଶିଶୁପୁତ୍ର ମୃତ

**ବଅଁରପାଳ, ୧୯।୧୨ (ସୁବାସ ସାହୁ)**

- **ଗୁରୁତର ବାପା ଅନୁଗୋଳ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି**
- **୫୫ନଂ. ଜାତୀୟ ରାଜପଥରେ ମନମୁଖି ନିର୍ମାଣକୁ ନେଇ ଉତ୍ତେଜନା**

କାରଖାନା କଲୋନୀରୁ ବାଇକ୍‌ରେ ପରିବାର ସହ ବଅଁରପାଳ ଆସୁଥିବା ବେଳେ ଧକ୍କା ଦେଲା ଟ୍ରକ୍। ଘଟଣାସ୍ଥଳରେ ଚାଲିଗଲା ମା'ଙ୍କ ଜୀବନ। ଡାକ୍ତରଖାନାରେ ୪ ବର୍ଷର ଶିଶୁପୁତ୍ରଙ୍କୁ ମୃତ ଘୋଷଣା କଲେ ଡାକ୍ତର। ଗୁରୁତର ବାପା ଚିକିତ୍ସାଧୀନ ଥିବାବେଳେ ଦୁର୍ଘଟଣାସ୍ଥଳରେ ଦେଖାଦେଇଛି ଉତ୍ତେଜନା। କଟକ-ସମ୍ବଲପୁର ୫୫ନଂ. ଜାତୀୟ ରାଜପଥର ବଅଁରପାଳ ଥାନା ନୂଆହତାସ୍ଥିତ ନୂତନ ଓଭରବ୍ରିଜ୍ ଅଣ୍ଡରପାସ ନିକଟରେ ଗୁରୁବାର ଅପରାହ୍ନରେ ଘଟିଛି ଏହି ଦୁର୍ଘଟଣା। ରାଜପଥ ସମ୍ପ୍ରସାରଣ ବେଳେ ମନମୁଖି ନିର୍ମାଣ ଦୁର୍ଘଟଣାର କାରଣ ବୋଲି ଲୋକେ ଅଭିଯୋଗ କରିବା ସହ ଏହି ରାଜପଥରେ ବାରମ୍ବାର ଜୀବନହାନିକୁ ନେଇ ଉଦ୍‌ବେଗ ପ୍ରକାଶ କରିଛନ୍ତି।

ସୂଚନା ଅନୁଯାୟୀ, ଟାଟା ଷ୍ଟିଲ୍ କାରଖାନାରେ କାର୍ଯ୍ୟ କରୁଥିବା ଛତିଶଗଡ଼ ନିବାସୀ ରୋହିତ ରାଠୋର କାରଖାନା କଲୋନୀରେ ପରିବାର ସହ ରହୁଥିଲେ। ଅପରାହ୍ନରେ ସେ ବାଇକ୍ ଯୋଗେ ସ୍ତ୍ରୀ ମନୀଷା ରାଠୋର ଏବଂ ପୁଅ ହରଷତ ରାଠୋର (୪)ଙ୍କୁ ନେଇ ବଅଁରପାଳ ଅଭିମୁଖେ ଆସୁଥିବା ବେଳେ ପଛରୁ ଏକ କୋଇଲା ବୋଝେଇ ଟ୍ରକ୍ ଧକ୍କା ଦେଇ ବାଇକ୍ ଉପରେ ଚଢ଼ିଯାଇଥିଲା। ଫଳରେ ଘଟଣାସ୍ଥଳରେ ମନୀଷାଙ୍କ ମୃତ୍ୟୁ ଘଟିଥିଲା। ଗୁରୁତର ରୋହିତ ଓ ପୁଅ ହରଷତଙ୍କୁ ସ୍ଥାନୀୟ ଲୋକେ ଉଦ୍ଧାର କରି ଅନୁଗୋଳ ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇ ଦେଇଥିଲେ। ହେଲେ ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ହରଷତଙ୍କ ମୃତ୍ୟୁ ହୋଇଥିଲା। ଖବରପାଇ ଘଟଣାସ୍ଥଳରେ ବଅଁରପାଳ ପୋଲିସ ପହଞ୍ଚି ଟ୍ରକ୍ ଓ ବାଇକ୍‌କୁ ଜବତ କରିଥିଲା। ଟ୍ରକ୍ ଚାଳକ ଫେରାର୍ ହୋଇଯାଇଥିବା ବେଳେ ଦୁର୍ଘଟଣାସ୍ଥଳରେ ଉତ୍ତେଜନା ପ୍ରକାଶ ପାଇଥିଲା। ଜାତୀୟ ରାଜପଥ ନିର୍ମାଣରେ ମନମୁଖି କରାଯିବା ସହ ଡ୍ରେନ ନିର୍ମାଣ ତ୍ରୁଟିରୁ ଏପରି ଦୁର୍ଘଟଣା ଘଟିଥିବା ସ୍ଥାନୀୟ ଲୋକେ ଅଭିଯୋଗ କରିଥିଲେ। ପୋଲିସ ଉତ୍ତ୍ୟକ୍ତ ଲୋକଙ୍କୁ ବୁଝାଶୁଝା କରିବା ପରେ ମୃତଦେହ ଜବତ କରି ବ୍ୟବଚ୍ଛେଦ ନିମନ୍ତେ ଜିଲା ମୁଖ୍ୟଚିକିତ୍ସାଳୟକୁ ପଠାଇ ଦେଇଛି।

# ଶିକ୍ଷା ବ୍ୟବସ୍ଥା ସୁଦୃଢ଼ ହେବ: ମୁଖ୍ୟମନ୍ତ୍ରୀ




ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଓ ଅତିଥିମାନେ ସ୍ମରଣିକା ଉନ୍ମୋଚନ କରୁଛନ୍ତି।

## ମହତାବ ଉଚ୍ଚ ବିଦ୍ୟାଳୟରେ ହୀରକ ଜୟନ୍ତୀ

**ଚମ୍ପୁଆ (ମହେଶ୍ୱର ଦାସ)/କେନ୍ଦୁଝର (ନରେଶ ଚନ୍ଦ୍ର ପଟ୍ଟନାୟକ), ୧୯।୧୨**

ଜ୍ଞାନ ହିଁ ଶକ୍ତି, ଏହାର ଉପଯୋଗରେ ସମୃଦ୍ଧ ଦେଶ ଗଠନ କରାଯାଇପାରିବ। ଓଡ଼ିଶାରେ ସ୍ୱାକ୍ଷରତା ହାର ବଢ଼ିଛି। ମାତ୍ର ଯେପରି ଶିକ୍ଷା ବ୍ୟବସ୍ଥା ହେବା କଥା ତାହା ହୋଇପାରିନାହିଁ। ବ୍ୟବସ୍ଥାକୁ ସୁଧାରିବାକୁ ଦୂରଦୃଷ୍ଟିର ଆବଶ୍ୟକତା ରହିଛି। ତେଣୁ ଉପୁଜୁଥିବା ସମସ୍ୟାକୁ ଅନୁଧ୍ୟାନ କରାଯିବା ସହ ଆଗାମୀ ଦିନରେ ସମସ୍ୟା ସୁଧାରିଯିବ ବୋଲି କେନ୍ଦୁଝର ଜିଲା ଚମ୍ପୁଆ ମହତାବ ଉଚ୍ଚ ବିଦ୍ୟାଳୟରେ ହୀରକ ଜୟନ୍ତୀରେ ମୁଖ୍ୟ ଅତିଥିଭାବେ ମୁଖ୍ୟମନ୍ତ୍ରୀ ଯୋଗଦେଇ ମତବ୍ୟକ୍ତ କରିଥିଲେ।

ପ୍ରକାଶ ଯେ, ହୀରକ ଜୟନ୍ତୀ ୨ ଦିନ ଧରି ପାଳନ ହେବାକୁ ଥିବା ବେଳେ ଗୁରୁବାର ମୁଖ୍ୟମନ୍ତ୍ରୀ ଉଦ୍‌ଘାଟନ କରିଥିଲେ। ମୁଖ୍ୟମନ୍ତ୍ରୀ ନିଜ ଅଭିଭାଷଣରେ ପୂର୍ବ ୨୪ ବର୍ଷ ସରକାରଙ୍କ ବିଦ୍ୟାଳୟ ରୂପାନ୍ତରୀକରଣକୁ ନାପସନ୍ଦ କରିବା ସହିତ ତୃଣମୂଳସ୍ତରରୁ ରୂପାନ୍ତରୀକରଣ କାର୍ଯ୍ୟକୁ ତ୍ୱରାନ୍ୱିତ କରିବା କଥା ବୋଲି କହିଥିଲେ। ଓଡ଼ିଶାରେ ଅଧାରୁ ପାଠ ଛାଡୁଥିବା ଛାତ୍ରୀଛାତ୍ରଙ୍କ ସଂଖ୍ୟା ବଢୁଥିବା ବେଳେ ଏହା ଏକ ସମ୍ବେଦନଶୀଳ ସମସ୍ୟା ହୋଇଛି। ଏହାର ସମାଧାନ ପାଇଁ ପ୍ରାଥମିକ ଶିକ୍ଷା ବ୍ୟବସ୍ଥାର ସୁଧାର ଆଣିବାକୁ ବର୍ତ୍ତମାନର ସରକାର ଚେଷ୍ଟା କରୁଛନ୍ତି। ଏପରିକି ବହୁ ବିଦ୍ୟାଳୟ ଅଛି, ଯେଉଁ ବିଦ୍ୟାଳୟଗୁଡ଼ିକ ଶିକ୍ଷା ସହାୟକଙ୍କ ଦ୍ୱାରା ପରିଚାଳିତ ହେଉଥିଲା। ବର୍ତ୍ତମାନର ସରକାର ସେପ୍ଟେମ୍ବରରେ ୧୬ ହଜାର ଶିକ୍ଷକଙ୍କୁ ନିଯୁକ୍ତି ପ୍ରଦାନକରି ଶିକ୍ଷା ବ୍ୟବସ୍ଥାକୁ ସୁଦୃଢ଼ କରିବାକୁ ଚେଷ୍ଟା କରିଛନ୍ତି। ଚମ୍ପୁଆ ଭଳି ଉପାନ୍ତ ଅଞ୍ଚଳରେ ୧୯୪୮ରେ ନିର୍ମିତ ଏହି ମହତାବ ଉଚ୍ଚ ବିଦ୍ୟାଳୟ ସ୍ଥାନୀୟ ଅଞ୍ଚଳର ମାନବୃଦ୍ଧି କରିଛି। ପୂର୍ବ ସରକାର ସ୍ମାର୍ଟ ବୋର୍ଡରେ ସ୍ମାର୍ଟ ଶିକ୍ଷା ବ୍ୟବସ୍ଥା କରିଥିଲେ। ମାତ୍ର ତୃଣମୂଳସ୍ତରରେ ଛାତ୍ରୀଛାତ୍ର ଯଦି ସ୍ମାର୍ଟ ନ ହେବେ ଉଚ୍ଚ ବିଦ୍ୟାଳୟରେ ସ୍ମାର୍ଟ ଶିକ୍ଷାର ମାନ ନିଶ୍ଚିତ ରୂପେ ହ୍ରାସ ପାଇବ। ଏଥିପାଇଁ ପଞ୍ଚାୟତସ୍ତରରେ ଆଦର୍ଶ ପ୍ରାଥମିକ ବିଦ୍ୟାଳୟ ନିର୍ମାଣ କରିବାକୁ ସେ ମତ ରଖିଥିଲେ। ଚମ୍ପୁଆ, କେନ୍ଦୁଝରରେ ପ୍ରାଚୁର୍ଯ୍ୟ ମଧ୍ୟରେ ଦାରିଦ୍ରତା ରହିଛି। ତେଣୁ ବିକଶିତ ଓ ସୁନାର କେନ୍ଦୁଝର କରିବାକୁ ଜିଲାବାସୀ ସହଯୋଗର ହାତ ବଢ଼ାନ୍ତୁ ବୋଲି ମୁଖ୍ୟମନ୍ତ୍ରୀ ଆହ୍ୱାନ ଦେଇଥିଲେ।

ଏହି ଅବସରରେ ଚମ୍ପୁଆ ମହତାବ ଉଚ୍ଚ ବିଦ୍ୟାଳୟରେ ୧୦୦ ଶଯ୍ୟା ବିଶିଷ୍ଟ ଏକ ଛାତ୍ରାବାସ, ପାନୀୟଜଳ ବ୍ୟବସ୍ଥା, ଷଷ୍ଠରୁ ଅଷ୍ଟମ ଶ୍ରେଣୀ ପିଲାଙ୍କ ପାଇଁ ସ୍ମାର୍ଟ କ୍ଲାସ୍‌ରେ ସ୍ମାର୍ଟ ପାଠ୍ୟକ୍ରମ ବ୍ୟବସ୍ଥା, ଚମ୍ପୁଆରେ ବାଇପାସ୍ ନିର୍ମାଣ, କେନ୍ଦ୍ରୀୟ ବିଦ୍ୟାଳୟ କାର୍ଯ୍ୟକ୍ଷମ ଏବଂ କେନ୍ଦୁଝରରେ ମେଗା ଷ୍ଟିଲ୍ ପ୍ଲାଣ୍ଟ ନିର୍ମାଣ କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ଏହି ପରିପ୍ରେକ୍ଷୀରେ ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ବିଦ୍ୟାଳୟ ସ୍ମରଣିକା ପୁସ୍ତକର ଉନ୍ମୋଚନ କରାଯାଇଥିଲା। ସମ୍ମାନିତ ଅତିଥିଭାବେ ବିଦ୍ୟାଳୟ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ, ମୁଖ୍ୟ ବକ୍ତାଭାବେ ମାଧବ ଚନ୍ଦ୍ର ମିଶ୍ର, ଚମ୍ପୁଆ ବିଧାୟକ ସନାତନ ମହାକୁଡ଼, ପାଟଣା ବିଧାୟକ ଅଖିଳ ଚନ୍ଦ୍ର ନାଏକ, ତେଲକୋଇ ବିଧାୟକ ଡ. ଫକିର ଚରଣ ନାଏକ, ଆଇଆଇଟି ସଦସ୍ୟ ସତ୍ୟଜିତ୍ ପଣ୍ଡା ପ୍ରମୁଖ ଯୋଗଦେଇଥିଲେ। ପୂର୍ବତନ ଛାତ୍ରଙ୍କ ଦ୍ୱାରା ଆୟୋଜିତ ହୀରକ ଜୟନ୍ତୀରେ ପୂର୍ବତନ ଶିକ୍ଷକ, କୃତୀ ଛାତ୍ରୀଙ୍କୁ ସମ୍ମାନିତ କରାଯାଇଥିଲା। ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ପ୍ରକାଶ ସାହୁ ମଞ୍ଚ ପରିଚାଳନା କରିଥିଲେ। ଆଲୁମ୍‌ନି ଛାତ୍ର ସଭାପତି ଗଙ୍ଗାଧର କର, ସମ୍ପାଦକ ସୁଶାନ୍ତ ମହାନ୍ତ ପ୍ରମୁଖ ପରିଚାଳନା କରିଥିଲେ।

# ଇସ୍ପାତ କମ୍ପାନୀ ସହ ପୂର୍ବତଟ ରେଳପଥର ଆଲୋଚନା

**ଭୁବନେଶ୍ୱର, ୧୯।୧୨ (ଅନୁରାଧା ମହାରଣା)**

ଇସ୍ପାତ ଶିଳ୍ପର ଦକ୍ଷତା ଓ କାର୍ଯ୍ୟରେ ଉନ୍ନତି ଆଣିବା ଉଦ୍ଦେଶ୍ୟରେ ପୂର୍ବତଟ ରେଳପଥ ପକ୍ଷରୁ ରେଳ ସଦନଠାରେ ଗୁରୁବାର ଏକ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ପୂର୍ବତଟ ରେଳପଥର ମହାପ୍ରବନ୍ଧକ ପରମେଶ୍ୱର ଫୁଙ୍କୱାଲଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ପ୍ରମୁଖ ଇସ୍ପାତ ଉତ୍ପାଦନକାରୀଙ୍କ ପ୍ରତିନିଧି, ଲଜିଷ୍ଟିକ ବିଶେଷଜ୍ଞ, ରେଳ ବୋର୍ଡ ଏବଂ ଅନୁସନ୍ଧାନ ଡିଜାଇନ ଓ ମାନକ ସଂଗଠନ (ଆରଡିଏସ୍‌ଓ) ର ପ୍ରତିନିଧିମାନେ ଯୋଗଦେଇଥିଲେ। ପରିବହନ ସାମଗ୍ରୀ ସହିତ ଜଡିତ ଆହ୍ୱାନର ମୁକାବିଲା, କାର୍ଯ୍ୟ ଦକ୍ଷତା ବୃଦ୍ଧି, ଇସ୍ପାତ ପରିବହନ ସାମଗ୍ରୀର ସୁରକ୍ଷା ବୃଦ୍ଧି ପାଇଁ ଇସ୍ପାତ ଶିଳ୍ପ ଓ ରେଳପଥ ମଧ୍ୟରେ ଘନିଷ୍ଠ ସହଯୋଗ ବୃଦ୍ଧି, ଇଣ୍ଡଷ୍ଟ୍ରି ଫିଡ୍‌ବ୍ୟାକ ଏବଂ ଓପନ ଫୋରମ ଆଦି ସମ୍ପର୍କରେ ଆଲୋଚନା ହୋଇଥିଲା। ନୂତନ ଉପାୟରେ ୱାଗନ ଡିଜାଇନ, ଗମନାଗମନ ସମୟରେ ଇସ୍ପାତକୁ ସୁରକ୍ଷିତ କରିବା ଉପରେ କର୍ମଶାଳାରେ ଗୁରୁତ୍ୱାରୋପ କରାଯାଇଥିଲା। ଟାଟା ଷ୍ଟିଲ, ଜିନ୍ଦଲ ଷ୍ଟେନ୍‌ଲେସ, ଏନ୍‌ଏମ୍‌ଡିସି ଷ୍ଟିଲ, ଜିନ୍ଦଲ ଷ୍ଟିଲ ଆଣ୍ଡ୍ ପାୱାର୍ ଲିମିଟେଡ, ରାଷ୍ଟ୍ରୀୟ ଇସ୍ପାତ ନିଗମ, ଭୂଷଣ ପାୱାର ଆଣ୍ଡ୍ ଷ୍ଟିଲ ଲିମିଟେଡ ଏବଂ ଟିଏମ୍ ଇଣ୍ଟରନ୍ୟାସନାଲ ଲଜିଷ୍ଟିକ୍ସ ସହିତ ଇସ୍ପାତ ନିର୍ମାତାମାନେ ଅଂଶଗ୍ରହଣ କରି ଇସ୍ପାତ ପରିବହନ କ୍ଷେତ୍ରରେ ରେଳ ସଂଯୋଗ ଓ ସେବାରେ ଉନ୍ନତି ଆଣିବା ପାଇଁ ପରାମର୍ଶ ଦେଇଥିଲେ। ପୂର୍ବତଟ ରେଳପଥର ମହାପ୍ରବନ୍ଧକ ଫୁଙ୍କୱାଲ୍ ଇସ୍ପାତର ଚାହିଦା ବୃଦ୍ଧିକୁ ପୂରଣ କରିବା ସହ ଠିକ ସମୟରେ ବିତରଣ ସୁନିଶ୍ଚିତ କରିବା ପାଇଁ ରେଳପଥ ଓ ଇସ୍ପାତ ଶିଳ୍ପ ମଧ୍ୟରେ ଦୃଢ଼ ସହଭାଗୀତା ଉପରେ ଗୁରୁତ୍ୱାରୋପ କରିଥିଲେ। ପୂର୍ବତଟ ରେଳପଥ ଅଧୀନରେ ଥିବା ଲୋଡିଂ, ଅନ୍‌ଲୋଡିଂ ଏବଂ ୱାଗନ ଟର୍ନ ଆରାଉଣ୍ଡ୍ ସମୟ ଆଦି ପ୍ରକ୍ରିୟାକୁ ଶୃଙ୍ଖଳିତ କରିବା, ସୁଗମ କାର୍ଯ୍ୟକୁ ସୁନିଶ୍ଚିତ କରିବା ଏବଂ ବିଳମ୍ବକୁ ହ୍ରାସ କରିବା ଦିଗରେ କର୍ମଶାଳାରେ ଅଲୋଚନା ହୋଇଥିଲା।

# ହାଲୁକା ବର୍ଷା ପରେ ଲେଉଟିବ ଶୀତ

**ଭୁବନେଶ୍ୱର, ୧୯।୧୨ (ଅନୁରାଧା ମହାରଣା)**

ବଙ୍ଗୋପସାଗରେ ସୃଷ୍ଟି ହୋଇଥିବା ଲଘୁଚାପ ପ୍ରଭାବରେ ରାଜ୍ୟରେ କୋହଲା ପାଗ ଲାଗିରହିଥିବାବେଳେ କେତେକ ସ୍ଥାନରେ ହାଲୁକା ବର୍ଷା ହୋଇଛି। ହେଲେ ସର୍ବନିମ୍ନ (ରାତି) ତାପମାତ୍ରା କିଛି ମାତ୍ରାରେ ବୃଦ୍ଧି ପାଇଛି। ଆସନ୍ତା ୩ଦିନ ରାଜ୍ୟର ବିଭିନ୍ନ ସ୍ଥାନାର ହାଲୁକାରୁ ମଧ୍ୟମ ଧରଣର ବର୍ଷା ହେବା ସମ୍ଭାବନା ଥିବାବେଳେ ତାପମାତ୍ରା ୨ରୁ ୩ ଡିଗ୍ରୀ ସେଲସିୟସ୍ କମିପାରେ। ଫଳରେ ରାଜ୍ୟରେ ଅଧିକ ଶୀତ ଅନୁଭୂତ ହେବ ବୋଲି ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ପୂର୍ବାନୁମାନ କରାଯାଇଛି। ପାଣିପାଗ କେନ୍ଦ୍ରର ସୂଚନାନୁସାରେ, ଶୁକ୍ରବାର ମାଲକାନଗିରି, କୋରାପୁଟ, ନବରଙ୍ଗପୁର, ରାୟଗଡ଼ା, କଳାହାଣ୍ଡି, କନ୍ଧମାଳ, ଗଞ୍ଜାମ, ଗଜପତି, ନୟାଗଡ଼, ଖୋର୍ଦ୍ଧା, ପୁରୀ, କଟକ, ଢେଙ୍କାନାଳ, ଯାଜପୁର, ଜଗତ୍‌ସିଂହପୁର, କେନ୍ଦ୍ରାପଡ଼ା, ଭଦ୍ରକ, ଅନୁଗୋଳ, ବୌଦ୍ଧ ଆଦି ଜିଲାର କିଛି ସ୍ଥାନରେ ଘଡ଼ଘଡ଼ି ସହ ହାଲୁକା ବର୍ଷା ହୋଇପାରେ।

# 'ଅତ୍ୟାବଶ୍ୟକ ସେବା କିପରି ପ୍ରଦାନ କରାଯାଉଛି ପ୍ରତି ସପ୍ତାହରେ ସମୀକ୍ଷା କର'

**ଭୁବନେଶ୍ୱର, ୧୯।୧୨ (ସୁନିତ୍ ମିଶ୍ର)**

**ମୁଖ୍ୟ ଶାସନ ସଚିବଙ୍କ ଅଧ୍ୟକ୍ଷତାରେ ସଚିବସ୍ତରୀୟ ବୈଠକ**

ମୁଖ୍ୟ ଶାସନ ସଚିବ ମନୋଜ ଆହୁଜାଙ୍କ ଅଧ୍ୟକ୍ଷତାରେ ସଚିବସ୍ତରୀୟ ବୈଠକ ଖାରବେଳଭବନ ସ୍ଥିତ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ବିଭିନ୍ନ ବିଷୟରେ ଆଲୋଚନା ପୂର୍ବକ ରାଜ୍ୟ ସରକାରଙ୍କ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ସବୁକୁ ତ୍ୱରାନ୍ୱିତ କରିବାକୁ ମୁଖ୍ୟ ଶାସନ ସଚିବ ବିଭିନ୍ନ ବିଭାଗକୁ ଆବଶ୍ୟକ ନିର୍ଦ୍ଦେଶ ଓ ପରାମର୍ଶ ଦେଇଛନ୍ତି। ବୈଠକରେ ଲୋକମାନଙ୍କ ଜୀବନ ଯାପନରେ ଅତ୍ୟାବଶ୍ୟକ ରହୁଥିବା ବିଭିନ୍ନ ବିଭାଗ ଦ୍ୱାରା ସେବା ପ୍ରଦାନ ବ୍ୟବସ୍ଥାକୁ କିପରି କାର୍ଯ୍ୟକାରୀ ହେଉଛି, ତାହା ସୁନିଶ୍ଚିତ କରିବାକୁ ବିଭାଗୀୟ ସଚିବମାନଙ୍କୁ ସାପ୍ତାହିକ ସମୀକ୍ଷା ପାଇଁ ପରାମର୍ଶ ଦିଆଯାଇଛି।

ସେହିପରି ଆଇ-ଜିଓଟି (ଇଣ୍ଟିଗ୍ରେଟେଡ୍ ଗଭର୍ନାନ୍ସ ଅନ୍‌ଲାଇନ ଟ୍ରେନିଂ) ପ୍ଲାଟ୍‌ଫର୍ମରେ ଅଧିକାରୀ ଏବଂ କର୍ମଚାରୀମାନଙ୍କୁ ଶତ ପ୍ରତିଶତ ଅନ୍ତର୍ଭୁକ୍ତ ପାଇଁ ଆବଶ୍ୟକ ପଦକ୍ଷେପ ନେବାକୁ ସମସ୍ତ ବିଭାଗକୁ ନିର୍ଦ୍ଦେଶ ଦିଆଯାଇଛି। ଏହା କର୍ମଚାରୀମାନଙ୍କୁ ଅନ୍‌ଲାଇନ ପ୍ରଶିକ୍ଷଣ ସୁବିଧା ପ୍ରଦାନ ସଙ୍ଗେ ସଙ୍ଗେ ସେମାନଙ୍କର ଦକ୍ଷତାବୃଦ୍ଧି, ବ୍ୟବହାରିକ ଆବଶ୍ୟକ ପରିବର୍ତ୍ତନ ଓ ଜ୍ଞାନକୌଶଳର ଉପଯୋଗ ନିମନ୍ତେ ଅଧିକ ସହାୟକ ହେବ। ୧୫ ଡିସେମ୍ବର ସୁଦ୍ଧା ୨ ଲକ୍ଷରୁ ଊର୍ଦ୍ଧ୍ୱ କର୍ମଚାରୀଙ୍କ ତଥ୍ୟ ଆଇ-ଜିଓଟି ପ୍ଲାଟ୍‌ଫର୍ମରେ ପଞ୍ଜୀକରଣ କରାଯାଇଛି। ଏହି ସଂଖ୍ୟାରେ କ୍ରମାଗତ ବୃଦ୍ଧି ପାଉଥିବା ଜଣାଯାଇଛି। ଏଥିସହ ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ ତରଫରୁ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ସହାୟତାରେ କାର୍ଯ୍ୟକାରୀ ହେଉଥିବା 'ଜଳ ଜୀବନ ମିଶନ'ର କାର୍ଯ୍ୟ ଅଗ୍ରଗତି ସମ୍ପର୍କରେ ସମୀକ୍ଷା କରାଯାଇଛି। ବିଭିନ୍ନ ବିଭାଗରେ ଖାଲିଥିବା ପଦବୀ ଓ ଆସନ୍ତା ବର୍ଷ ମଧ୍ୟରେ ଖାଲି ହେବାକୁ ଥିବା ପଦବୀର ତଥ୍ୟ ପୁନଃ ଅନୁଧ୍ୟାନକରି ପୂରଣ ପାଇଁ କାର୍ଯ୍ୟ ତ୍ୱରାନ୍ୱିତ କରିବାକୁ ସମସ୍ତ ବିଭାଗ ତଥା ସାଧାରଣ ପ୍ରଶାସନ ବିଭାଗ ଦ୍ୱାରା ପରିଚାଳିତ ସିଏମ୍‌ଜିଆଇ (ସେଣ୍ଟର ଫର୍ ମଡର୍ନାଇଜିଂ ଗଭର୍ନମେଣ୍ଟ ଇନିସିଏଟିଭ) ତରଫରୁ କାର୍ଯ୍ୟ ତ୍ୱରାନ୍ୱିତ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଆଗାମୀ ଜାନୁଆରୀରେ ହେବାକୁ ଥିବା 'ପ୍ରବାସୀ ଭାରତୀୟ ଦିବସ' ଏବଂ 'ଉତ୍କର୍ଷ ଓଡ଼ିଶା' ପରିପ୍ରେକ୍ଷୀରେ ପ୍ରସ୍ତୁତି କାର୍ଯ୍ୟ ଧାର୍ଯ୍ୟ ସମୟସୀମା ମଧ୍ୟରେ ଶେଷ କରାଯିବା ନେଇ ଆଲୋଚନା ହୋଇଛି। ଖୁବ୍‌ଶୀଘ୍ର 'ବିକଶିତ ଓଡ଼ିଶା-୨୦୩୬' ତଥା 'ବିକଶିତ ଭାରତ-୨୦୪୭' ପାଇଁ 'ଭିଜନ ଡକ୍ୟୁମେଣ୍ଟ' ପ୍ରକାଶ ପାଇବାକୁ ଥିବାରୁ ଏଥିରେ ସ୍ଥାନିତ ହେବାକୁ ଥିବା ବିଭିନ୍ନ ବିଷୟର ଡ୍ରାଫ୍ଟ ଯଥାଶୀଘ୍ର ଶେଷ କରାଯିବାକୁ ପରାମର୍ଶ ଦିଆଯାଇଛି। ସେହିପର ୨୦୨୫-୨୬ ବଜେଟ ପାଇଁ ଆଗୁଆ ପ୍ରସ୍ତୁତି କରିବାକୁ ପରାମର୍ଶ ଦିଆଯାଇଛି।

# ମହୁମାଛି ଆକ୍ରମଣରେ ୫୦ ଛାତ୍ରୀଛାତ୍ର ଆହତ

**ରାମଚନ୍ଦ୍ର ନୋଡାଲ ହାଇସ୍କୁଲର ବାର୍ଷିକ କ୍ରୀଡ଼ା ଉତ୍ସବ ବେଳେ ଅଘଟଣ**

**ଡେରାବିଶ, ୧୯।୧୨ (ବେବର୍ତ୍ତା ଅଜୟ ଦାସ)**

କେନ୍ଦ୍ରାପଡ଼ା ଜିଲା ଡେରାବିଶ ବ୍ଲକ ଚାଟରାଚକଡ଼ା ପଞ୍ଚାୟତର ଫକୀରାବାଦସ୍ଥିତ ରାମଚନ୍ଦ୍ର ନୋଡାଲ ହାଇସ୍କୁଲରେ ଗୁରୁବାର ବାର୍ଷିକ କ୍ରୀଡ଼ା ଉତ୍ସବ ଚାଲିଥିବାବେଳେ ଅଭାବନୀୟ ଘଟଣା ଘଟିଛି। ଖେଳପଡ଼ିଆରେ ଖେଳ ଚାଲିଥିବାବେଳେ ମହୁମାଛି ଆକ୍ରମଣରେ ୫୦ରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର ଆହତ ହୋଇଛନ୍ତି। ଏଥିସହ ସେଠାରେ ଉପସ୍ଥିତ ବିଦ୍ୟାଳୟର କେତେଜଣ ଶିକ୍ଷୟିତ୍ରୀଶିକ୍ଷକଙ୍କ ସମେତ ଦେଖଣାହାରି ମହୁମାଛି ଆକ୍ରମଣର ଶିକାର ହୋଇଛନ୍ତି। ସେମାନଙ୍କୁ ତୁରନ୍ତ ନିକଟସ୍ଥ ଡେରାବିଶ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଚିକିତ୍ସା ପାଇଁ ଭର୍ତ୍ତି କରାଯାଇଥିଲା। ପ୍ରାଥମିକ ଚିକିତ୍ସା ପରେ ସୁସ୍ଥ ହୋଇଥିବା କେତେଜଣ ଛାତ୍ରୀଛାତ୍ର ଘରକୁ ଫେରିଛନ୍ତି। ଅନ୍ୟ କେତେଜଣ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସିତ ହେଉଥିବା ଜଣାପଡ଼ିଛି। ଖବରପାଇ ବିଇଓ ଶ୍ରୀକାନ୍ତ ବେହେରା, ଏବିଇଓ ଦେବଦତ୍ତ ଶତପଥୀ, ସଚ୍ଚିକାନ୍ତ ମିଶ୍ର ଓ ଖଗେଶ୍ୱର ନାୟକଙ୍କ ସମେତ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ଓ ଅଭିଭାବକମାନେ ସ୍ୱାସ୍ଥ୍ୟକେନ୍ଦ୍ରରେ ପହଞ୍ଚିଥିଲେ।



ମହୁମାଛି ଆକ୍ରମଣରେ ଶିକାର ହୋଇଥିବା ଛାତ୍ରୀଛାତ୍ର ଡେରାବିଶ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସିତ ହେଉଛନ୍ତି।

ସୂଚନାଯୋଗ୍ୟ, ବିଦ୍ୟାଳୟ ପରିସର ପଡ଼ିଆରେ ଥିବା ଏକ ଗଛରେ ଦୀର୍ଘଦିନ ହେବ ମହୁଫେଣା ଥିଲା। ହେଲେ ଏ ଦିଗରେ ବିଦ୍ୟାଳୟ ପକ୍ଷରୁ କୌଣସି ଦୃଷ୍ଟି ଦିଆ ନ ଯାଇ ସେଠାରେ ପିଲାଙ୍କ ଖେଳ କରାଇବା ଅଭିଭାବକମାନଙ୍କୁ ବ୍ୟଥିତ କରିଛି। ଏ ସମ୍ପର୍କରେ ଚିକିତ୍ସିତ ହେଉଥିବା ବିଦ୍ୟାଳୟର ଛାତ୍ରୀଛାତ୍ର ପ୍ରଜ୍ଞା ପ୍ରିୟଦର୍ଶିନୀ, ସସ୍ମିତା ମହାନ୍ତି, ଅରୂପ କୁମାର ସାମଲ, ଜୟନାରାୟଣ ମଲ୍ଲିକଙ୍କୁ ପଚାରିବାରେ ସେମାନେ ଖେଳପଡ଼ିଆରେ ଉପସ୍ଥିତ ଥିବାବେଳେ ହଠାତ୍ ମହୁମାଛି ଉଡ଼ି ଆସି ସେମାନଙ୍କୁ ଓ ଶିକ୍ଷୟିତ୍ରୀ ଶିକ୍ଷକମାନଙ୍କୁ ଆକ୍ରମଣ କରିଥିବା କହିଛନ୍ତି। କାରଣ ଅସ୍ପଷ୍ଟ ଥିବା ବେଳେ କେହି ଜଣେ ପିଲା ମହୁଫେଣାକୁ ଟେକା ମାରିବାରୁ ମହୁମାଛିମାନେ ବିକ୍ଷିପ୍ତ ହୋଇ ଆକ୍ରମଣ କରିଥିବା ନେଇ ସନ୍ଦେହ କରାଯାଉଛି। ଏ ସମ୍ପର୍କରେ ପ୍ରଧାନ ଶିକ୍ଷୟିତ୍ରୀ ସଂଯୁକ୍ତା ସାମଲଙ୍କୁ ପଚାରିବାରେ ବିଦ୍ୟାଳୟ କାର୍ଯ୍ୟାଳୟ ପଛପଟେ ଥିବା ଗଛରେ ମହୁମାଛି ବସାକୁ ଭାଙ୍ଗିବା ପାଇଁ ମହୁ ସଂଗ୍ରହ କରୁଥିବା ବ୍ୟକ୍ତିଙ୍କୁ କୁହାଯାଇଥିଲା। ତେବେ ଆଜିର ଏହି ଦୁଃଖଦାୟକ ଘଟଣାରେ ସେ ଗଭୀର ମର୍ମାହତ ବୋଲି କହିଛନ୍ତି। ତେବେ ଗୁରୁବାର ଆରମ୍ଭ ହୋଇଥିବା ବର୍ଷିକ କ୍ରୀଡାକୁ ସ୍ଥଗିତ ରଖିବାକୁ ପ୍ରଧାନ ଶିକ୍ଷୟିତ୍ରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି ବୋଲି ବିଇଓ ବେହେରା କହିଛନ୍ତି। ଏଥିସହ ମହୁମାଛି ବସା ଭାଙ୍ଗିବାକୁ ଡେରାବିଶ ଅଗ୍ନିଶମ ବିଭାଗକୁ ଜଣାଇ ଦିଆଯାଇଥିବା ନେଇ ବିଇଓ ସୂଚନା ଦେଇଛନ୍ତି।

# ସୂପକାର ସହାୟକଙ୍କ ପାଇଁ ଲାଗୁହେବ ଡ୍ରେସ୍ କୋଡ୍

**ପୁରୀ, ୧୯।୧୨ (ଅଜିତ କୁମାର ମହାନ୍ତି)**

- **୨୫ରୁ କାର୍ଯ୍ୟକାରୀ କରାଯିବାକୁ ଲକ୍ଷ୍ୟ**
- **ଆପରାଧିକ ଲିଙ୍କ୍ ଥିଲେ ବାଦ୍ ପଡ଼ିବେ**

ଶ୍ରୀମନ୍ଦିର ସୂପକାର ସହାୟକଙ୍କ ପାଇଁ ଲାଗୁହେବ ଡ୍ରେସ୍ କୋଡ୍। ଅନ୍ନ ମହାପ୍ରସାଦ ବିକ୍ରିରେ ସହାୟକମାନେ ପିନ୍ଧିବେ କମଳା ରଙ୍ଗର ଗଞ୍ଜି। ସେହିପରି ଛପନ ଭୋଗ ବା ଶୁଖିଲା ଭୋଗ ବିକ୍ରିରେ ସହାୟକମାନେ ପିନ୍ଧିବେ ସବୁଜ ରଙ୍ଗର ଗଞ୍ଜି। ଆନନ୍ଦ ବଜାରରେ ଅନଧିକୃତ ବ୍ୟକ୍ତି ତଥା ଦଲାଲି ରୋକିବା ପାଇଁ ଏଭଳି ପଦକ୍ଷେପ ନିଆଯିବାକୁ ଶ୍ରୀମନ୍ଦିର ପ୍ରଶାସନ ନିଷ୍ପତ୍ତି ନେଇଛି। ଏବେ ସୁଦ୍ଧା ସହାୟକ ତାଲିକା ପ୍ରସ୍ତୁତି ପାଇଁ ସ୍କ୍ରୁଟିନି ଚାଲିଥିବା ବେଳେ ଆସନ୍ତା ୨୫ତାରିଖ ସୁଦ୍ଧା ସୂଚୀ ପ୍ରସ୍ତୁତ କରି ଡ୍ରେସ୍ କୋଡ୍ ଲାଗୁ କରିବାକୁ ଲକ୍ଷ୍ୟ ରଖାଯାଇଛି। ଆନନ୍ଦ ବଜାର ଶୃଙ୍ଖଳା ଅନ୍ତର୍ଗତ ବିଭିନ୍ନ ପଦକ୍ଷେପ ମଧ୍ୟରେ ଅଣଅଧିକୃତ ବ୍ୟକ୍ତିଙ୍କ ଦୌରାତ୍ମ୍ୟ ରୋକିବା ତଥା ସହାୟକ ଚିହ୍ନଟ ଦିଗରେ ଏହା ବଡ଼ ସହାୟକ ହେବ ବୋଲି ମତ ପ୍ରକାଶ ପାଇଛି। ତେବେ ପୂର୍ବଭଳି ସୂପକାରମାନେ ପାରମ୍ପରିକ ପୋଷାକ ପିନ୍ଧିବେ। ଅନ୍ନ ମହାପ୍ରସାଦ ବିକ୍ରିରେ ସହାୟତା କରୁଥିବା ବ୍ୟକ୍ତି କମଳା ରଙ୍ଗର ଗଞ୍ଜି ପିନ୍ଧିବା ନେଇ ଯୋଜନା କରାଯାଉଛି। ଏହି ହାଫ୍ ଗଞ୍ଜିର ପଛ ପାର୍ଶ୍ୱରେ ଲେଖା ରହିବ ସୁଆର ମହାସୁଆର ନିଯୋଗ ତଥା ଶ୍ରୀମନ୍ଦିର ପ୍ରଶାସନର ଲେଖା। ଗଞ୍ଜି ଆଗ ପାର୍ଶ୍ୱରେ ରହିବ ନୀଳଚକ୍ର ଥିବା ଲୋଗୋ। ସେହିଭଳି ଛପନ ଭୋଗ ବା ଖଜା ବିକ୍ରିରେ ସହାୟତା କରୁଥିବା ବ୍ୟକ୍ତି ସବୁଜ ରଙ୍ଗର ହାଫ୍ ଗଞ୍ଜି ପିନ୍ଧିବେ। ସେଥିରେ ମଧ୍ୟ ନୀଳଚକ୍ର ଲୋଗୋ ସହ ସୁଆର ମହାସୁଆର ନିଯୋଗ ଓ ଶ୍ରୀମନ୍ଦିରର ନାମ ରହିବ। ଫଳରେ ଶ୍ରୀମନ୍ଦିର ଆନନ୍ଦ ବଜାରରେ କିଏ ଅଧିକୃତ ଅଥବା ଅନଧିକୃତ ସହଜରେ ଚିହ୍ନଟ ହୋଇପାରିବ। ଏହାଦ୍ୱାରା ଭକ୍ତମାନେ ଦଲାଲି ବା କମିଶନ୍‌ର ଶିକାର ହେବାରୁ ବଞ୍ଚିତ ହୋଇପାରିବେ ବୋଲି ସୁଆର ମହାସୁଆର ନିଯୋଗ ମତ ରଖିଛି। ଦୀର୍ଘବର୍ଷ ଧରି ଆନନ୍ଦ ବଜାରରେ ଅଣସେବାୟତଙ୍କ ଦୌରାତ୍ମ୍ୟ ରହିଥିଲା।



ସୂପକାରମାନଙ୍କ ସହାୟକମାନେ ମଧ୍ୟ ସ୍ପଷ୍ଟ ବାରି ହୋଇପାରୁ ନ ଥିଲେ। ଫଳରେ ମହାପ୍ରସାଦ କିଣିବା ବେଳେ ଲୁଟ୍‌ର ଶିକାର ହେଉଥିଲେ ଭକ୍ତ। ତେବେ ଏହି ଡ୍ରେସ୍‌କୋଡ୍ ଲାଗୁ ହେଲେ ଏସବୁ ରୋକାଯାଇପାରିବ ବୋଲି ଆଶା ରହିଛି। ଆସନ୍ତା ୨୫ ତାରିଖରୁ ଡ୍ରେସ୍ କୋଡ୍ ଲାଗୁ ହେବା ପାଇଁ ଲକ୍ଷ୍ୟ ରଖାଯାଇଛି, ତେବେ ସ୍କ୍ରୁଟିନି ପାଇଁ ସାମାନ୍ୟ ବିଳମ୍ବ ହେଉଛି ବୋଲି ସୁଆର ମହାସୁଆର ନିଯୋଗ ସମ୍ପାଦକ ନାରାୟଣ ମହାସୁଆର କହିଛନ୍ତି। ଡ୍ରେସ୍‌କୋଡ୍ ଲାଗୁ ହେବା ପୂର୍ବରୁ ପ୍ରସ୍ତୁତ ହେବ ସହାୟକଙ୍କ ତାଲିକା। ଗୋଟିଏ ଦୋକାନରେ ୨ ଜଣ ସହାୟକ ରହିପାରିବେ। ସହାୟକଙ୍କ ସମସ୍ତ ରେକର୍ଡ ଯାଞ୍ଚ କରାଯାଇ ସ୍କ୍ରୁଟିନି କରାଯିବ। କ୍ରିମିନାଲ ରେକର୍ଡ ନ ଥିଲେ ତଥା ସମସ୍ତ ଗାଇଡ ଲାଇନ୍ ଅନୁସାରେ ଯୋଗ୍ୟ ହେଲେ ହିଁ ସହାୟକ ଭାବେ ଜଣେ ବ୍ୟକ୍ତି ରହିପାରିବେ। ତେଣୁ ସମସ୍ତ ସୂପକାରଙ୍କ ଠାରୁ ସହାୟକ ତାଲିକା ସଂଗ୍ରହ କରୁଛି ସୁଆର ମହାସୁଆର ନିଯୋଗ। ତାଲିକାକୁ ଏସ୍‌ପି ଅଫିସ୍ ପଠାଯାଇ କ୍ରିମିନାଲ ରେକର୍ଡ ଯାଞ୍ଚ କରାଯିବ। ଆପରାଧିକ ଲିଙ୍କ୍ ରହିଲେ ବାଦ୍ ପଡ଼ିବେ ସହାୟକ। ତେବେ ଭବିଷ୍ୟ ପିଢ଼ିର ରୋଜଗାର ତଥା ସ୍ୱାବଲମ୍ବନକୁ ଦୃଷ୍ଟିରେ ରଖି ଗୋଟିଏ ପରିବାରକୁ ଗୋଟିଏ ଦୋକାନ ଦିଆଯିବା ପାଇଁ ଯୋଜନା କରାଯାଉଛି। ସେଥିପାଇଁ ସ୍କ୍ରୁଟିନି ଓ ଚୟନରେ ମଧ୍ୟ ବିଳମ୍ବ ଘଟୁଛି ବୋଲି ନିଯୋଗ ସମ୍ପାଦକ ପ୍ରକାଶ କରିଛନ୍ତି।

# ଚାକିରିରୁ ବଞ୍ଚିତ ପ୍ରାର୍ଥୀଙ୍କୁ ଓପିଏସ୍‌ସି ଦେବ ୧ ଲକ୍ଷ କ୍ଷତିପୂରଣ

**କଟକ, ୧୯।୧୨ (କାର୍ତ୍ତିକ ସାହୁ)**

**ବର୍ଷକ ପରେ ହାଇକୋର୍ଟ ଆଦେଶ ପାଳନ ପାଇଁ ତତ୍ପରତା**

**ସାଧାରଣ ପ୍ରଶାସନ ବିଭାଗର ନିର୍ଦ୍ଦେଶନାମା ଜାରି**

ଓଡ଼ିଶା ଲୋକସେବା ଆୟୋଗ (ଓପିଏସ୍‌ସି)ର ତ୍ରୁଟି ଯୋଗୁ ୫ ବର୍ଷ ଧରି ଓଏଏସ୍ ଚାକିରିରୁ ବଞ୍ଚିତ ଜଣେ ଯୋଗ୍ୟ ପ୍ରାର୍ଥୀଙ୍କୁ ତାଙ୍କର ପ୍ରାପ୍ୟ ଦେବା ନିମନ୍ତେ ସାଧାରଣ ପ୍ରଶାସନ ବିଭାଗ ତତ୍ପରତା ପ୍ରକାଶ କରିଛି। ନିଯୁକ୍ତି, ବରିଷ୍ଠତା ସମେତ ୧ ଲକ୍ଷ ଟଙ୍କା ଦୁଇମାସ ମଧ୍ୟରେ ଦେବା ପାଇଁ ହାଇକୋର୍ଟ ବର୍ଷେ ତଳେ ଦେଇଥିବା ନିର୍ଦ୍ଦେଶ ପାଳନ କରିବାକୁ ବୁଧବାର ନିର୍ଦ୍ଦେଶନାମା ଜାରି କରାଯାଇଛି। ସମ୍ପୃକ୍ତ ପ୍ରାର୍ଥୀ କୋରାପୁଟ ଜିଲା ବୋରିଗୁମ୍ମା ଅଞ୍ଚଳର ଅନୁଶ୍ରବ ଗନ୍ତାୟତଙ୍କୁ ୧ ଲକ୍ଷ ଟଙ୍କା ଦେବାର ବ୍ୟବସ୍ଥା କରିବାକୁ ସାଧାରଣ ପ୍ରଶାସନ ବିଭାଗ ପକ୍ଷରୁ ଓପିଏସ୍‌ସିକୁ ନିର୍ଦ୍ଦେଶ ଦିଆଯାଇଛି। ସରକାର ଅନୁଶ୍ରବଙ୍କୁ ୨୦୨୪ ଜୁଲାଇ ୨୪ରେ ଟ୍ରେନିଂ ରିଜର୍ଭ ଅଫିସର ଭାବେ ପୁରୀରେ ନିଯୁକ୍ତି ଦେଇଥିବାବେଳେ ହାଇକୋର୍ଟଙ୍କ ଆଦେଶ ସମ୍ପୂର୍ଣ୍ଣ ପାଳନ ହୋଇନାହିଁ।

ସୂଚନାନୁସାରେ, ୨୦୧୭ ବ୍ୟାଚ୍‌ର ଓଡ଼ିଶା ସିଭିଲ୍ ସର୍ଭିସ୍ ପରୀକ୍ଷାରେ ଭଲ ପ୍ରଦର୍ଶନ କରିଥିବା ଅନୁଶ୍ରବଙ୍କ ପ୍ରାର୍ଥିତ୍ୱକୁ ମୌଖିକ ପରୀକ୍ଷା ପରେ ଆୟୋଗ ନାକଚ କରିଦେଇଥିଲେ। ସେ ୧୩୬୫ ନମ୍ବର ରଖିଥିବାବେଳେ ୧୩୦୨ ନମ୍ବର ରଖିଥିବା ଅଣସଂରକ୍ଷିତ ଓ ୧୦୬୫ ନମ୍ବର ରଖିଥିବା ସଂରକ୍ଷିତ ବର୍ଗର ପ୍ରାର୍ଥୀଙ୍କୁ ଯୋଗ୍ୟତା ତାଲିକାରେ ସ୍ଥାନ ଦିଆଯାଇଥିଲା। ସାଧାରଣ ପ୍ରଶାସନ ବିଭାଗ, ଭିନ୍ନକ୍ଷମ ସଶକ୍ତୀକରଣ ବିଭାଗ ଏବଂ ନିଜେ ମୁଖ୍ୟ ଶାସନ ସଚିବ ବାରମ୍ବାର ଏ ପ୍ରସଙ୍ଗ ଆୟୋଗଙ୍କ ଦୃଷ୍ଟିକୁ ଆଣିବା ସହିତ ଏହି ବଞ୍ଚିତ ପ୍ରାର୍ଥୀଙ୍କ ନାମ ମେଧା ତାଲିକାରେ ସାମିଲ କରିବାକୁ କହିଥିଲେ। ସ୍ୟାଟ୍ ମଧ୍ୟ ଅନୁରୂପ ମନ୍ତବ୍ୟ ଦେଇଥିଲେ। ତଥାପି ଆୟୋଗ ଉକ୍ତ ପ୍ରାର୍ଥୀଙ୍କ ନାମ ମେଧା ତାଲିକାରେ ସାମିଲ କରି ନ ଥିଲା। ଫଳରେ ସେ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ଅପରପକ୍ଷରେ ତାଙ୍କ ବ୍ୟାଚ୍‌ର ଅନ୍ୟ ପ୍ରାର୍ଥୀମାନଙ୍କୁ ୨୦୧୯ ମସିହାରେ ଓଏଏସ୍ ପଦବୀରେ ନିଯୁକ୍ତି ଦିଆଯାଇଥିଲା। ୫ ବର୍ଷ ଧରି ମାମଲା ଚାଲିବା ପରେ ୨୦୨୩ ଡିସେମ୍ବର ୧୯ ତାରିଖରେ ହାଇକୋର୍ଟ ଏକ ଗୁରୁତ୍ୱପୂର୍ଣ୍ଣ ରାୟ ଦେଇ ଏହି ବଞ୍ଚିତ ପ୍ରାର୍ଥୀଙ୍କ ନାମ ମେଧା ତାଲିକାରେ ସାମିଲ କରିବା ସହ ତାଙ୍କୁ ଓଏଏସ୍ ଚାକିରିରେ ନିଯୁକ୍ତି ଦେବାକୁ ଆଦେଶ ଦେଇଥିଲେ। ଏଥିସହ ମେଧା ତାଲିକା ଭିତ୍ତିରେ ତାଙ୍କର ବରିଷ୍ଠତା ନିର୍ଦ୍ଧାରଣ କରିବା, ପିଛିଲା ତାରିଖରୁ ତାଙ୍କ ନିଯୁକ୍ତି ଗଣନା କରିବା ଲାଗି ଆବଶ୍ୟକ ପଡ଼ିଲେ ସୁପରନ୍ୟୁମେରାରୀ ପଦବୀ ସୃଷ୍ଟି କରିବା, ତାଙ୍କ ବ୍ୟାଚ୍‌ର ଅନ୍ୟମାନଙ୍କ ଭଳି ତାଙ୍କ ବେତନ ନୋସନାଲି ନିର୍ଦ୍ଧାରଣ କରିବା ଓ ଆବଶ୍ୟକ ସ୍ଥଳେ ଦରମା ସଂଶୋଧନ କରିବା, ଏମିତିକି ତାଙ୍କଠାରୁ କନିଷ୍ଠ ଯଦି କେହି ପଦୋନ୍ନତି ପାଇଥାନ୍ତି ତେବେ ଆବେଦନକାରୀଙ୍କୁ ପଦୋନ୍ନତି ସହ ଅନ୍ୟାନ୍ୟ ସୁବିଧା ଦେବା ପାଇଁ ହାଇକୋର୍ଟ ରାୟରେ ସ୍ପଷ୍ଟ କରିଥିଲେ। ଏଥିସହ ପ୍ରାର୍ଥୀ ୫ ବର୍ଷ ଧରି ଚାକିରିରୁ ବଞ୍ଚିତ ହୋଇ ଯେଉଁଭଳି କ୍ଷତି ସହିଛନ୍ତି ତାହାକୁ ଦୃଷ୍ଟିରେ ରଖି ଦୁଇମାସ ମଧ୍ୟରେ ୧ ଲକ୍ଷ ଟଙ୍କା ପ୍ରଦାନ କରିବାକୁ ହାଇକୋର୍ଟ ସ୍ପଷ୍ଟ ନିର୍ଦ୍ଦେଶ ଦେବା ସହ ରାୟର ଅନୁପାଳନ ସଂକ୍ରାନ୍ତୀୟ ରିପୋର୍ଟ ୨୦୨୪ ମାର୍ଚ୍ଚ ୩୧ ସୁଦ୍ଧା ହାଇକୋର୍ଟରେ ଦାଖଲ କରିବାକୁ କହିଥିଲେ।

ଧର୍ମ ରହିଥାଏ ନିଜକୁ ସଂକୁଚିତ କରି ତା'ର ବାହ୍ୟ ଆଙ୍ଗିକଗୁଡିକ ଉପରେ– ତା'ର ନିର୍ଦ୍ଦିଷ୍ଟ ସଂସ୍କୃତି ଭିତରେ ଓ କେତେକ ଭାବାଦର୍ଶ ଭିତରେ। କିନ୍ତୁ ଧର୍ମର ମହାନତା ଘଟେ ସେତିକି ବେଳେ, ଯେତେବେଳେ କେତେକ ଯଥାର୍ଥ ଅସାଧାରଣ ବ୍ୟକ୍ତି ସତକୁ ସତ ତାଙ୍କ ଜୀବନରେ କିଛି ଅଧ୍ୟାତ୍ମ ଉପଲବ୍ଧି ଅର୍ଜନ କରିଥାନ୍ତି। –ଶ୍ରୀମା



# କଲମ୍ବିଆର ଆହ୍ୱାନ



ମାଉରିସିଓ କାବ୍ରେରା ଲିୟଲ

ଜୀବାଶ୍ମ ଶକ୍ତିରୁ ଦୂରେଇ ସ୍ୱଚ୍ଛ ତଥା ସବୁଜ ଶକ୍ତି କ୍ଷେତ୍ରକୁ ପରିବର୍ତ୍ତନ ସକାଶେ ବିଶ୍ୱରେ ତତ୍ପରତା ପ୍ରକାଶ ପାଇଛି। ଏହାସହ ସୁନା ମୂଲ୍ୟ ଦ୍ରୁତଗତିରେ ବୃଦ୍ଧି ପାଉଛି। ଏହିସବୁ କାରଣ ଯୋଗୁ ଗୁରୁତ୍ୱପୂର୍ଣ୍ଣ ଖଣିଜ ପଦାର୍ଥ ଏବଂ ଧାତୁର ଚାହିଦା ଆଶାତୀତ ଭାବେ ବଢ଼ୁଛି। ଏହି ଧାରା ଖଣି ଖନନକୁ ତୀବ୍ର କରିଛି, ଯାହା ଜୈବ ବିବିଧତା ଏବଂ ଲୋକ ବିଶେଷକରି ଆଦିବାସୀ ସମ୍ପ୍ରଦାୟ ଉପରେ ଅତ୍ୟଧିକ ବିପଦ ସୃଷ୍ଟି କରିଛି। ଏହାର ପ୍ରଭାବ ହ୍ରାସ କରିବା ଏବଂ ନକାରାତ୍ମକ ଦିଗକୁ ରୋକିବା ପାଇଁ ପୂର୍ବାପେକ୍ଷା ଏକ ସମନ୍ୱିତ ବିଶ୍ୱସ୍ତରୀୟ ପଦକ୍ଷେପ ଅଧିକ ଜରୁରୀ। ଏହା ନିଶ୍ଚିତ ଯେ, ସବୁଜ ଶକ୍ତିକୁ ପରିବର୍ତ୍ତନ ଏବଂ ବିଶ୍ୱ ଅର୍ଥନୈତିକ ଅଭିବୃଦ୍ଧି ପାଇଁ ଖଣିଜ ପଦାର୍ଥ ଏବଂ ଧାତୁ ଉତ୍ତୋଳନ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ତେବେ ଏହା ଜୀବନକୁ ବଞ୍ଚାଇ ରଖୁଥିବା ପରିସଂସ୍ଥାକୁ ମଧ୍ୟ ବିପଦରେ ପକାଇଥାଏ। ଫଳରେ ପ୍ରାକୃତିକ ବାସସ୍ଥାନ ନଷ୍ଟ , ଜଙ୍ଗଲ କ୍ଷୟ , ଜଳ ଓ ମୃତ୍ତିକା ପ୍ରଦୂଷଣ, ବନ୍ୟଜୀବ ବିଲୁପ୍ତିହେବା ସହ ଖାଦ୍ୟ ନିରାପତ୍ତା ଏବଂ ଜଳଉତ୍ସ ନଷ୍ଟ ହୋଇଯାଏ। ଯଦି ଆଦିବାସୀ ତଥା ସ୍ଥାନୀୟ ସମ୍ପ୍ରଦାୟ ଏହି ସଙ୍କଟର ସମ୍ମୁଖୀନ ହୁଅନ୍ତି, ଯାହା ସେମାନଙ୍କର ଜୀବିକା ତଥା ଏକ ସ୍ୱଚ୍ଛ ଓ ସୁସ୍ଥ ପରିବେଶ ପାଇବାର ଅଧିକାର ପ୍ରତି ବିପଦ ସୃଷ୍ଟି କରିଥାଏ।

ନିକଟରେ କରାଯାଇଥିବା ଅଧ୍ୟୟନର ଆକଳନରୁ ଜଣାପଡ଼ିଛି, ସବୁଜ କ୍ଷେତ୍ରକୁ ପରିବର୍ତ୍ତନର ଧାରା ଅଧିକ ତ୍ୱରାନ୍ୱିତ ହେଉଥିବାରୁ ଗୁରୁତ୍ୱପୂର୍ଣ୍ଣ ଖଣିଜ ପଦାର୍ଥର ଚାହିଦା ୨୦୩୦ ସୁଦ୍ଧା ଦ୍ୱିଗୁଣିତ ଏବଂ ୨୦୪୦ ସୁଦ୍ଧା ୪ ଗୁଣ ବଢ଼ିଯିବ । ଏହି ସମୟରେ ସୁଧ ହାର ହ୍ରାସ, ଭୂ-ରାଜନୈତିକ ଅନିଶ୍ଚିତତା, ମାନକରେ ବିବିଧତା,ଅସୁରକ୍ଷିତ ପୁଞ୍ଜି ନିବେଶ ଯୋଗୁ ସୁନା ମୂଲ୍ୟ ଆହୁରି ଅଧିକ ବଢ଼ିବ ବୋଲି ଅନୁମାନ କରାଯାଉଛି। ଏହି ପୃଷ୍ଠଭୂମିରେ, ବ୍ରାଜିଲରେ ଆସନ୍ତା ବର୍ଷ ହେବାକୁ ଥିବା ମିଳିତ ଜାତିସଂଘର ଜଳବାୟୁ ପରିବର୍ତ୍ତନ ସମ୍ମିଳନୀ (କପ୍ ୩୦)ରେ ଖଣିଜ ଉତ୍ତୋଳନଠାରୁ ଆରମ୍ଭକରି ତାହାର ପୁନଃ ବ୍ୟବହାର ପର୍ଯ୍ୟନ୍ତ, ସବୁ ଗୁରୁତ୍ୱପୂର୍ଣ୍ଣ ଶୃଙ୍ଖଳାରେ ତଥ୍ୟ ସଂଗ୍ରହ, ସ୍ୱଚ୍ଛତା ଏବଂ ଉତ୍ତରଦାୟିତ୍ୱ ସୁନିଶ୍ଚିତ କରିବାକୁ ଏକ ବାଧ୍ୟତାମୂଳକ ଅନ୍ତର୍ଜାତୀୟ ଚୁକ୍ତିନାମା କରିବାକୁ କଲମ୍ବିଆ ଆହ୍ୱାନ ଦେଇଛି। କଲମ୍ବିଆରେ ଅନୁଷ୍ଠିତ ମିଳିତ ଜାତିସଂଘର ୧୬ ତମ ଜୈବ ବିବିଧତା ସମ୍ମିଳନୀ (କପ୍ ୧୬)ରେ ଏହି ପ୍ରସ୍ତାବ ଉପସ୍ଥାପିତ ହୋଇଛି, ଯାହା ଜାତିସଂଘ ମହାସଚିବଙ୍କ କ୍ରିଟିକାଲ ଏନର୍ଜି ଟ୍ରାଞ୍ଜିସନ ମିନେରାଲ୍ସର ସୁପାରିସକୁ ପାଳନକରେ। ଏହାର ଲକ୍ଷ୍ୟ ହେଉଛି ଖଣିଜ ପଦାର୍ଥର ପରିବେଶ ଉପଯୋଗୀ ଉତ୍ତୋଳନ, ପରିବହନ ଓ ଯୋଗାଣ ବ୍ୟବସ୍ଥାରେ ଅଧିକ ନିରନ୍ତର ଓ ଦୃଢ଼ ପଦକ୍ଷେପ ନେବା, କର୍ପୋରେଟ ଉତ୍ତରଦାୟିତ୍ୱକୁ ପ୍ରୋତ୍ସାହିତ କରିବା ଏବଂ ଅତ୍ୟାବଶ୍ୟକ ସ୍ୱଚ୍ଛ ଶକ୍ତିର କଞ୍ଚାମାଲ ପାଇଁ ବୈଶ୍ୱିକ ବଜାର ପ୍ରତିଷ୍ଠା କରିବା । ଏହାର ମୂଳରେ ରହିଛି ପରିବେଶ ଏବଂ ଜୈବ ବିବିଧତା ଲକ୍ଷ୍ୟରୁ ଓହରି ନ ଯାଇ ଖଣିଜ ପଦାର୍ଥ ଏବଂ ଧାତୁର ଦାୟିତ୍ୱପୂର୍ଣ୍ଣ ଉତ୍ତୋଳନକୁ ପ୍ରୋତ୍ସାହିତ କରିବା । ସେହି ଉଦ୍ଦେଶ୍ୟରେ, କଲମ୍ବିଆର ପ୍ରସ୍ତାବ ସହ ଦାୟିତ୍ୱପୂର୍ଣ୍ଣ ଖଣି ଖନନ ସମ୍ପର୍କିତ ଏକ ସ୍ୱେଚ୍ଛାକୃତ ଘୋଷଣା ରହିଥିଲା, ଯେଉଁଥିରେ ଏକ ଆନ୍ତଃ ସରକାରୀ ତଥା କାର୍ଯ୍ୟରତ ବହୁ-ଭାଗୀଦାରି ଗୋଷ୍ଠୀ ଗଠନ ସହ ଅନେକ ଠୋସ୍ ପଦକ୍ଷେପ ବିଷୟ ଉଲ୍ଲେଖ ରହିଥିଲା। ଦାୟିତ୍ୱପୂର୍ଣ୍ଣ ଖଣି ଖନନକୁ ପ୍ରୋତ୍ସାହିତ କରିବା ପାଇଁ ବିଶ୍ୱର ଅନ୍ୟତମ ଜୈବ ବିବିଧତାର ଦେଶ କଲମ୍ବିଆ ଚେଷ୍ଟା କରିବା ଆଶ୍ଚର୍ଯ୍ୟ ବିଷୟ ନୁହେଁ। କଲମ୍ବିଆର ଆମାଜନ୍ ଏବଂ ପ୍ରଶାନ୍ତ ମହାସାଗର ତଟୀୟ ଦେଶଗୁଡ଼ିକରେ ବେଆଇନ ସୁନା ଓ ଖଣିଜ ଉତ୍ତୋଳନ ପ୍ରାୟତଃ ସଶସ୍ତ୍ର ଅପରାଧୀ ଗୋଷ୍ଠୀ ଦ୍ୱାରା ନିୟନ୍ତ୍ରିତ । ଏହି ଖନନରୁ ବାହାରୁଥିବା ମର୍କ୍ୟୁରି ଜଳ ଉତ୍ସକୁ ଦୂଷିତକରିବା ସହ ସ୍ଥାନୀୟ ତଥା ଆଦିବାସୀ ସମ୍ପ୍ରଦାୟ ପ୍ରତି ବିପଦ ସୃଷ୍ଟି କରିଛି। ଆମାଜନ୍-ଓରିନୋକୋ ଅଞ୍ଚଳରେ ପରିବେଶଗତ ଓ ସାମାଜିକ ବିପଦକୁ ଆହୁରି ବଢ଼ାଇଦେଇଛି ଏବଂ ଶିଳ୍ପରେ କାର୍ଯ୍ୟରତ ସବୁଠାରୁ ଅସୁରକ୍ଷିତ ଶ୍ରମିକମାନେ ଦାସତ୍ୱ ସ୍ଥିତିକୁ ସହିବାକୁ ବାଧ୍ୟ ହୋଇଛନ୍ତି।

କଲମ୍ବିଆର ସଶସ୍ତ୍ର ସଂଘର୍ଷ ଏବଂ ଆଭ୍ୟନ୍ତରୀଣ ବିସ୍ଥାପନର ଇତିହାସ ରହିଛି। ଏହାସହ ଆଦିବାସୀ, ଆଫ୍ରିକାର ମୂଳ ବଂଶଧର ଏବଂ ସ୍ଥାନୀୟ ସମ୍ପ୍ରଦାୟକୁ ଆପରାଧିକ ଗୋଷ୍ଠୀ ଆକ୍ରମଣ କରୁଛନ୍ତି। ଏହା ଦର୍ଶାଉଛି, ଖଣିଜ ଉତ୍ତୋଳନ ପାଇଁ ମାନବ ଅଧିକାରଭିତ୍ତିକ ଆଭିମୁଖ୍ୟର ଆବଶ୍ୟକତା ରହିଛି। ଏହାକୁ ଦୃଷ୍ଟିରେ ରଖି ସମସ୍ତଙ୍କ ପାଇଁ ସମ୍ମାନଜନକ ଜୀବିକା ସୁନିଶ୍ଚିତ କରିବା ପାଇଁ ମିଳିତ ଘୋଷଣାନାମା ଏକ ସବୁଜ ପରିବର୍ତ୍ତନକୁ ସମର୍ଥନ କରେ।

ଦାୟିତ୍ୱପୂର୍ଣ୍ଣ ଖଣିଜ ସଂସାଧନ ଉତ୍ତୋଳନ କିପରି ହାସଲ କରାଯାଇପାରିବ ସେ ସମ୍ବନ୍ଧରେ ଆଫ୍ରିକାର ଅଭିଜ୍ଞତା ବହୁମୂଲ୍ୟ ଶିକ୍ଷା ଦେଇଥାଏ। ଏକାଧିକ ଆଫ୍ରିକୀୟ ଦେଶ ଗତ ଦଶନ୍ଧିରେ ସ୍ୱଚ୍ଛ ଖଣିଜ ଉତ୍ତୋଳନ, ପରିବହନ ଓ ଯୋଗାଣକୁ ନେଇ ୨୦୧୦ ଲୁସାକା ଘୋଷଣାନାମାରେ ଟଣ୍ଟାଲମ, ଟିନ୍, ଟଙ୍ଗଷ୍ଟେନ ଏବଂ ସୁନା ଉତ୍ତୋଳନ ପାଇଁ ରହିଥିବା ଉଚିତ ଅନୁସନ୍ଧାନ ଓ ସମୀକ୍ଷା ମାନକକୁ ଗ୍ରହଣ କରିଛନ୍ତି। ଏହି ଯୁଗାନ୍ତକାରୀ ଚୁକ୍ତି ଗ୍ରେଟ୍ ଲେକ୍ସ ରିଜିଅନର ଅନ୍ତର୍ଜାତୀୟ ସମ୍ମିଳନୀରେ ଉପସ୍ଥିତ ସଦସ୍ୟ ରାଷ୍ଟ୍ରଗୁଡ଼ିକ ଦ୍ୱାରା ଗୃହୀତ ହୋଇଥିଲା। ଏଥିରେ ସ୍ୱଚ୍ଛତା ବୃଦ୍ଧି ତଥା ବେଆଇନ ଖଣି ଖନନ ହ୍ରାସ ପାଇଁ ଏକ ଆଞ୍ଚଳିକ ପ୍ରମାଣୀକରଣ ବ୍ୟବସ୍ଥା ସମେତ ଅନେକ ଉତ୍ତରଦାୟିତ୍ୱ ପ୍ରକ୍ରିୟା ଆରମ୍ଭ ହୋଇଥିଲା। ସେହିଭଳି, ସଂଘର୍ଷ ପ୍ରଭାବିତ ଏବଂ ଅଧିକ ବିପଦପୂର୍ଣ୍ଣ ଅଞ୍ଚଳରୁ ଖଣିଜ ପଦାର୍ଥର ଦାୟିତ୍ୱପୂର୍ଣ୍ଣ ଯୋଗାଣ ଶୃଙ୍ଖଳା ପାଇଁ ନକାରାତ୍ମକ ପ୍ରଭାବକୁ କିଭଳି ରୋକାଯାଇପାରିବ ସେ ସମ୍ପର୍କିତ ୨୦୧୬ର ଓଇସିଡି ନିର୍ଦ୍ଦେଶାବଳୀ କମ୍ପାନୀଗୁଡ଼ିକୁ କଞ୍ଚାମାଲର ଉତ୍ସ ପ୍ରଦାନ କରିଥିଲା। ଏହାସହ ମାନବ ଅଧିକାରର ଉଲ୍ଲଂଘନ ଏବଂ ପରିବେଶର କ୍ଷତିକୁ ଚିହ୍ନଟ ଓ ରିପୋର୍ଟ କରିବା ପାଇଁ ବ୍ୟବହାରିକ ସାଧନ ବି ଯୋଗାଇ ଦେଇଥିଲା। ପରେ ଦାୟିତ୍ୱପୂର୍ଣ୍ଣ ବ୍ୟବସାୟ କାର୍ଯ୍ୟ ପାଇଁ ଓଇସିଡିର ୨୦୧୮ ନିର୍ଦ୍ଦେଶାବଳୀ ଏବଂ ଦାୟିତ୍ୱପୂର୍ଣ୍ଣ ବ୍ୟବସାୟ କାର୍ଯ୍ୟ କ୍ଷେତ୍ରରେ ବହୁରାଷ୍ଟ୍ରୀୟ ଉଦ୍ୟୋଗଗୁଡିକ ପାଇଁ ୨୦୨୩ର ନିର୍ଦ୍ଦେଶାବଳୀ ସେମାନଙ୍କ କାର୍ଯ୍ୟକଳାପଗୁଡ଼ିକର ବ୍ୟାପକ ପ୍ରଭାବ ଉପରେ ବିଚାରକରି ଶ୍ରମ ଅଧିକାର, ସ୍ଥାୟୀ ଏବଂ ସ୍ୱଚ୍ଛ ଶାସନ ଭଳି ବିଷୟଗୁଡ଼ିକର ସମାଧାନ କରିବାକୁ ଉତ୍ସାହିତ କରେ।

ଦୁଃଖର ବିଷୟ, ଏହି ପଦକ୍ଷେପଗୁଡ଼ିକର ପ୍ରୟୋଗ ଏବଂ କାର୍ଯ୍ୟକାରିତା ମୁଖ୍ୟତଃ ନିର୍ଦ୍ଦିଷ୍ଟ ଅଞ୍ଚଳରେ ସୀମିତ ରହିଯାଇଛି। ବିଭିନ୍ନ ଦେଶ ମଧ୍ୟରେ ଅଭିଜ୍ଞତା ଓ ଜ୍ଞାନ ବିନିମୟକୁ ସୁଗମକରି ବିଶ୍ୱର ନୀତି ନିର୍ଦ୍ଧାରକମାନେ ଧାତୁ ଏବଂ ଖଣିଜ ପଦାର୍ଥକୁ ବଣ୍ଟନ ଏବଂ ବାଣିଜ୍ୟଠାରୁ ଆରମ୍ଭକରି ସେଗୁଡ଼ିକର ପୁନଃ ବ୍ୟବହାର ଏବଂ ନିଷ୍କାସନ ପର୍ଯ୍ୟନ୍ତ ଦୃଢ଼ ଉତ୍ତରଦାୟିତ୍ୱ ପ୍ରଣାଳୀ ବିକାଶ କରିପାରିବେ। ଏଭଳି ଏକ ପରିବର୍ତ୍ତନକୁ ତ୍ୱରାନ୍ୱିତ କରିବା ପାଇଁ ବିଭିନ୍ନ ଦେଶର ସହଯୋଗ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। କଲମ୍ବିଆର ପଦକ୍ଷେପ ଏକ ନୂତନ ମଡେଲ ଭାବେ ଆବିର୍ଭାବ ହେବ ଯାହା ବିଶ୍ୱର ଜଳବାୟୁ ପଦକ୍ଷେପକୁ ତ୍ୱରାନ୍ୱିତ କରିବା ସହ ନିରନ୍ତର ବିକାଶ ପାଇଁ ପଥ ପରିଷ୍କାର କରିବ ବୋଲି ଆଶା କରାଯାଉଛି।

**ଉପମନ୍ତ୍ରୀ( ନୀତି ଓ ନିୟାମକ), ପରିବେଶ ଓ ସ୍ଥାୟୀ ବିକାଶ ମନ୍ତ୍ରଣାଳୟ, କଲମ୍ବିଆ**



# ଗୃହ ସଞ୍ଚୟର ଆର୍ଥିକୀକରଣ



ସୌରଜିତ ପ୍ରଧାନୀ

ଆମେରିକାରେ ୧୯୭୦ ଦଶକରେ ଘରୋଇ ଆୟର ଆର୍ଥିକୀକରଣ ପ୍ରକ୍ରିୟା ଆରମ୍ଭ ହୋଇଥିଲା। ଭାରତୀୟ ମହାନଗରରେ ୨୦୦୦ ଦଶକର ପ୍ରାରମ୍ଭରେ ଏହି ଧାରା ଆରମ୍ଭ ହୋଇଥିଲା। ଏବେ ଭାରତର 'ଟାୟର-୨' ଏବଂ 'ଟାୟର-୩' ସହରରେ ମଧ୍ୟ ସମାନ ଧାରା ଦେଖିବାକୁ ମିଳୁଛି। ଏହି ଧାରାର ଅନୁଘଟକ ହେଉଛି ପ୍ରଯୁକ୍ତି ମାଧ୍ୟମରେ ସୂଚନାର ସହଜ ଉପଲବ୍ଧତା। ଆଜିର ସମୟରେ ଜ୍ଞାନ ଓ ସୂଚନାକୁ ପିରାମିଡର ମୂଳଦୁଆ ପର୍ଯ୍ୟନ୍ତ ଗଣତନ୍ତ୍ରୀକରଣ କରାଯାଇଛି। କୌଣସି ବ୍ୟକ୍ତିର ସାମାଜିକ-ଅର୍ଥନୈତିକ ସ୍ଥିତିକୁ ଦୃଷ୍ଟିରେ ନ ରଖି ଇଣ୍ଟରନେଟ୍ ମାଧ୍ୟମରେ ସହଜରେ ସୂଚନା ପାଇପାରିବେ।

ଆନୁଷ୍ଠାନିକ ଆର୍ଥିକ କ୍ଷେତ୍ରରେ ଅଧିକ ତରଳତା ଯେକୌଣସି ଦେଶର ଅର୍ଥନୀତି ପାଇଁ ଭଲ। ବଜାରରେ ଅଧିକ ମାତ୍ରାରେ ଲିକ୍ୟୁଡିଟି ଯୋଗୁ କର୍ପୋରେଟ୍‌ମାନେ ଅଧିକ ଉତ୍ପାଦନ କରିବେ, ଯାହା ଆଗକୁ ଅଧିକ ନିଯୁକ୍ତି ସୁଯୋଗ ସୃଷ୍ଟି କରିବ। କିନ୍ତୁ ଯଦି ସମସ୍ତ ଅର୍ଥକୁ ଆର୍ଥିକ ଓ ରିୟଲ ଇଷ୍ଟେଟରେ ବିନିଯୋଗ କରାଯାଏ, ତା'ହେଲେ ଏହା ଆର୍ଥିକ ବାସ୍ତୁତନ୍ତ୍ରରେ ଅସନ୍ତୁଳନ ସୃଷ୍ଟି କରିବ। ଭାରତର ଘରୋଇ ସଞ୍ଚୟ, ଐତିହାସିକ ଭାବେ ସୁନା, ରିୟଲ ଇଷ୍ଟେଟ ଏବଂ ଅନ୍ୟାନ୍ୟ ମୂର୍ତ୍ତସମ୍ପନ୍ନ ସମ୍ପତ୍ତିକୁ ବୁଝାଏ । ଗତ କିଛି ବର୍ଷ ମଧ୍ୟରେ ଏହା ମ୍ୟୁଚୁଆଲ ଫଣ୍ଡ, ଇକ୍ୱିଟି, ବଣ୍ଡ ଭଳି ଆର୍ଥିକ ସମ୍ପତ୍ତି ଆଡ଼କୁ ଢଳିବା ଦେଖାଦେଇଛି। ଦଶନ୍ଧି ଦଶନ୍ଧି ଧରି ଭାରତୀୟ ପରିବାରମାନେ ଭୌତିକ ସମ୍ପତ୍ତିକୁ ଅଧିକ ପସନ୍ଦ କରିଆସୁଛନ୍ତି। ବିଶେଷ କରି ଭାରତୀୟ ସମାଜରେ ସୁନାର ଏକ ସ୍ୱତନ୍ତ୍ର ସ୍ଥାନ ରହିଛି। ଏହା କେବଳ ଧନର ପ୍ରତୀକ ନୁହେଁ ବରଂ ମୁଦ୍ରାସ୍ଫୀତି ଓ ମୁଦ୍ରାର ଚଳଚଞ୍ଚଳତା ବିରୋଧରେ ମଧ୍ୟ ଏହା ଏକ 'ହେଜ' ଭାବେ କାମ କରିଥାଏ। ସେହିଭଳି ରିୟଲ ଇଷ୍ଟେଟ ସଞ୍ଚୟର ଅନ୍ୟ ଏକ ପ୍ରମୁଖ ମାଧ୍ୟମ ହୋଇଛି, ଯାହା ଉଭୟ ପୁଞ୍ଜି ମୂଲ୍ୟାୟନ ଏବଂ ଭଡା ଆୟର ସୁଯୋଗ ପ୍ରଦାନ କରୁଛି।

ଭାରତୀୟ ପରିବାରମାନଙ୍କର ଆନୁଷ୍ଠାନିକ ଆର୍ଥିକ ବଜାରରେ ସୀମିତ ପ୍ରବେଶ ଥିଲା। ବିଶେଷକରି ଗ୍ରାମାଞ୍ଚଳରେ ବ୍ୟାଙ୍କିଂ ଭିତ୍ତିଭୂମି ଅନୁନ୍ନତ ଥିଲା, ଆର୍ଥିକ ସାକ୍ଷରତା କମ୍ ଥିଲା। ଅଧିକନ୍ତୁ, ସୁନା ଏବଂ ରିୟଲ ଇଷ୍ଟେଟକୁ ସୁରକ୍ଷିତ ନିବେଶ ଭାବେ ବିବେଚନା କରାଯାଉଥିଲା, ଯାହା ବଜାରର ଅସ୍ଥିରତା ଏବଂ ଆର୍ଥିକ ଉତ୍ପାଦ ସହିତ ଜଟିଳତାରୁ ସୁରକ୍ଷା ପ୍ରଦାନ କରୁଥିଲା। ଆର୍ଥିକୀକରଣ ପ୍ରକ୍ରିୟାରେ ମଧ୍ୟ କୋଭିଡ୍ ଏକ ପ୍ରମୁଖ ଭୂମିକା ଗ୍ରହଣ କରିଛି। ଭାରତରେ 'ଡିମାଟ ଆକାଉଣ୍ଟ' ସଂଖ୍ୟା କୋଭିଡ୍-୧୯ ସଂକ୍ରମଣ ପୂର୍ବରୁ ମାର୍ଚ୍ଚ ୨୦୨୦ରେ ଏହା ମାତ୍ର ୪୦.୯ ନିୟୁତ ଥିବା ବେଳେ ୨୦୨୪ରେ ଏହା ଦ୍ୱିଗୁଣିତ ହୋଇ ୧୦୦.୫ ନିୟୁତରେ ପହଞ୍ଚିଛି। ଭାରତର ଯୁବ ଜନସଂଖ୍ୟା ପୂର୍ବ ପିଢ଼ି ତୁଳନାରେ ଆର୍ଥିକ ସମ୍ପତ୍ତି ପ୍ରତି ଅଧିକ ଆଗ୍ରହୀ। ପୁରୁଣା ପିଢ଼ି ଯେଉଁମାନେ ସୁନା ଓ ରିୟଲ ଇଷ୍ଟେଟ ସୁରକ୍ଷାକୁ ପ୍ରାଧାନ୍ୟ ଦେଉଥିଲେ, ସେମାନଙ୍କ ତୁଳନାରେ ଯୁବ ନିବେଶକମାନେ ଷ୍ଟକ୍ ମାର୍କେଟ ଓ ମ୍ୟୁଚୁଆଲ ଫଣ୍ଡ ଭଳି ସମ୍ପତ୍ତି ସୃଷ୍ଟି ପାଇଁ ନୂଆ ରାସ୍ତା ଖୋଜୁଛନ୍ତି।

ଘରୋଇ ସଞ୍ଚୟର ଆର୍ଥିକୀକରଣ ଅନେକ ସୁଯୋଗ ପ୍ରଦାନ କରୁଥିଲେ ମଧ୍ୟ ଏହା ମଧ୍ୟ କେତେକ ପ୍ରତିବନ୍ଧକ ଆଣିଥାଏ। ଆର୍ଥିକ ସମ୍ପତ୍ତି ବିଶେଷକରି ଇକ୍ୟୁଟି ଉପରେ ବଜାରର ବିପଦ ରହିଥାଏ। ଷ୍ଟକ୍ ଓ ମ୍ୟୁଚୁଆଲ ଫଣ୍ଡରେ ବିନିଯୋଗ ହୋଇଥିବା ଘରୋଇ ସଞ୍ଚୟ ବଜାରର ମାନ୍ଦାବସ୍ଥା ଦ୍ୱାରା ପ୍ରତିକୂଳ ପ୍ରଭାବ ପକାଇପାରେ, ଯାହାଫଳରେ ସମ୍ଭାବ୍ୟ ସମ୍ପତ୍ତି କ୍ଷୟ ହୋଇପାରେ। ବିପଦରୁ ଦୂରେଇ ରହୁଥିବା ନିବେଶକଙ୍କ ପାଇଁ ଏହି ଅସ୍ଥିରତା ଏକ ଉଲ୍ଲେଖନୀୟ ପ୍ରତିବନ୍ଧକ ହୋଇପାରେ। ଆର୍ଥିକ ସାକ୍ଷରତାରେ ଉନ୍ନତି ସତ୍ତ୍ୱେ ଜନସଂଖ୍ୟାର ଏକ ବଡ଼ ଅଂଶ, ବିଶେଷକରି ଗ୍ରାମାଞ୍ଚଳରେ ଏବେ ମଧ୍ୟ ଆର୍ଥିକ ଉତ୍ପାଦ ବିଷୟରେ ବ୍ୟାପକ ଜ୍ଞାନର ଅଭାବ ରହିଛି। ଆର୍ଥିକୀକରଣର ଲାଭ ସବୁ ସମାଜରେ ସମାନ ଭାବେ ବଣ୍ଟା ଯାଉନାହିଁ। ଆର୍ଥିକ ଉତ୍ପାଦରେ ବିନିଯୋଗ ପାଇଁ ଧନୀ ପରିବାର ପାଖରେ ସମ୍ବଳ ଓ ଜ୍ଞାନ ଥିବାବେଳେ ଗରିବ ପରିବାର ହୁଏତ ପାରମ୍ପରିକ ସଞ୍ଚୟ ବ୍ୟବସ୍ଥା ଉପରେ ନିର୍ଭରଶୀଳ ରହିପାରନ୍ତି, ଯାହା ଅସମାନତାକୁ ସ୍ଥାୟୀ କରିଥାଏ। ଯେହେତୁ ଅଧିକ ଘରୋଇ ସଞ୍ଚୟ ଇକ୍ୱିଟି ବଜାରରେ ପ୍ରବାହିତ ହେଉଛି, ସମ୍ପଦ ସୃଷ୍ଟି ପାଇଁ ଶେୟାର ବଜାର ପ୍ରଦର୍ଶନ ଉପରେ ଅତ୍ୟଧିକ ନିର୍ଭରଶୀଳ ହେବାର ଆଶଙ୍କା ରହିଛି। ବଜାରରେ ଦୀର୍ଘ ଦିନ ଧରି ଲାଗି ରହିଥିବା କୌଣସି ବି ମାନ୍ଦାବସ୍ଥାର ନକାରାତ୍ମକ ପ୍ରଭାବ ଘରୋଇ ସମ୍ପତ୍ତି ଉପରେ ଭାରତରେ ଘରୋଇ ସଞ୍ଚୟର ଆର୍ଥିକୀକରଣ ଦ୍ୱାରା ପରିବାରଗୁଡ଼ିକ ସମ୍ପତ୍ତି ସଂଗ୍ରହ ଓ ନିବେଶ ଦିଗରେ ଅଗ୍ରସର ହେବା ଏକ ଆମୂଳଚୂଳ ପରିବର୍ତ୍ତନକୁ ସୂଚାଉଛି।

**ମୋ: ୯୯୬୭୧୦୨୨୬୪**

## ଏଇ ଭାରତରେ

ମହାରାଷ୍ଟ୍ରର ୭ ଜଣ ସାଙ୍ଗ ସୌରଶକ୍ତି ଚାଳିତ ଡ୍ରାଏର ବ୍ୟବହାର କରି ନଷ୍ଟ ହୋଇଯାଉଥିବା ଉତ୍ପାଦିତ ପନିପରିବା କିମ୍ବା ଖାଦ୍ୟଶସ୍ୟକୁ ଶୁଖାଇ ତାହାକୁ ପ୍ରୋସେସିଂ କରୁଛନ୍ତି। ବୈଭବ ଡିଡ୍‌କେ, ସ୍ୱପ୍ନିଲ କୋକାଟେ, ତୁଷାର ଗାୱେର, ନିଧି ପନ୍ଥ, ଅଶ୍ୱିନୀ ପାୱାଡେ, ଗଣେଷ ଭିରେ ଓ ଶୀତଲ ସୋମାନି ୨୦୧୯ରେ ଏସ୍‌ଏସ୍ ଟେକ୍‌ନୋଲୋଜି କମ୍ପାନୀ ପ୍ରତିଷ୍ଠା କରି ତା'ମାଧ୍ୟମରେ ଏହି କାର୍ଯ୍ୟ କରୁଛନ୍ତି। ଏହା ମାଧ୍ୟମରେ କୃଷକମାନଙ୍କଠାରୁ ନଷ୍ଟ ହେଉଥିବା କିମ୍ବା କମ୍ ମାନର ଶସ୍ୟ ସଂଗ୍ରହ କରି ତାହାକୁ ଖାଦ୍ୟ ଉପଯୋଗୀ କରୁଛନ୍ତି। ବିଶେଷକରି ଆଳୁ, କଞ୍ଚାଲଙ୍କା, ଅଦା, ଟମାଟୋ, ପୋଇ ଏବଂ କଖାରୁରୁ ବିଭିନ୍ନ ପ୍ରକାର ଦାନା, ପାଉଡର, ସସ୍ଲାଇ ଇତ୍ୟାଦି ପ୍ରସ୍ତୁତ କରାଯାଉଛି। ଏହା ବ୍ୟତୀତ ଚାଉଳ, ସୋୟା,ମକାକୁ ଶୁଖାଇ ଖାଦ୍ୟ ଉପଯୋଗୀ କରାଯାଉଛି। ଏଥିରେ ସେମାନେ ୩,୫୦୦ରୁ ଅଧିକ ମହିଳାଙ୍କୁ ସଶକ୍ତ କରିବା ସହ ମୋଟ ଲକ୍ଷାଧିକ କୃଷକଙ୍କ ସହ ଯୋଡ଼ି ହୋଇଛନ୍ତି। ମହିଳାମାନେ ଏହି କାର୍ଯ୍ୟରେ ବର୍ଷକୁ ଅଧିକ ୫୦,୦୦୦ରୁ ୧ ଲକ୍ଷ ଟଙ୍କା ରୋଜଗାର କରୁଛନ୍ତି। ୭ ଜଣ ସାଙ୍ଗ ପ୍ରସ୍ତୁତ କରୁଥିବା ଖାଦ୍ୟ ଉପାଦାନକୁ 'ମୁଗ୍ଧା' ବ୍ରାଣ୍ଡରେ ବିକ୍ରି କରି ବାର୍ଷିକ ୨୦୦ କୋଟି ଟଙ୍କା ପାଉଛନ୍ତି। ସେମାନଙ୍କର ଏଭଳି ପଦକ୍ଷେପ କୃଷି ଉତ୍ପାଦ ନଷ୍ଟକୁ ରୋକିବା ସହ ଏବେ ସୁଦ୍ଧା ୧.୮ମିଲିୟନ କାର୍ବନ ଡାଇଅକ୍ସାଇଡ ନିର୍ଗମନ ହ୍ରାସ କରିପାରିଛି।

## ୫୦ ବର୍ଷ ତଳର ଧରିତ୍ରୀ

DHARITRI

**୨୦ ଡିସେମ୍ବର ୧୯୭୫**

- ଭାରତ ସରକାରଙ୍କ ଅର୍ଥଲଗାଣ କର୍ପୋରେସନ ପକ୍ଷରୁ ରାଜ୍ୟରେ ଉଠାଜଳସେଚନ ଯୋଜନା ପାଇଁ ୬ କୋଟି ୩୬ ଲକ୍ଷ ଟଙ୍କା ଋଣ ମଞ୍ଜୁର।
- କେରଳ ମୁଖ୍ୟମନ୍ତ୍ରୀ ଅଚ୍ୟୁତ ମେନନଙ୍କ ମିଳିତ ମନ୍ତ୍ରିମଣ୍ଡଳରେ କେରଳ କଂଗ୍ରେସର ଯୋଗଦାନ।
- ଆର୍ଜେଣ୍ଟିନା ରାଷ୍ଟ୍ରପତି ମାରିଆ ଏଷ୍ଟେଲା ପେରନଙ୍କୁ ଗାଦିଚ୍ୟୁତ କରିବାକୁ ଦେଶର ବିମାନ ବାହିନୀ ଅଫିସରମାନେ ବିଦ୍ରୋହ କରିଛନ୍ତି।

## su | do | ku — ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | | 6 | | | | | 3 |
| | | 6 | | | 3 | | 7 | |
| | 7 | | | | | 8 | 4 | |
| | | | 1 | 3 | | | | |
| | | | | | 9 | 5 | | |
| 5 | | 9 | 4 | | | | 1 | |
| | | | | | | | 5 | |
| | | 2 | | | | | | 8 |
| | | 7 | 8 | 6 | 1 | | 9 | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 1 | 7 | 5 | 6 | 3 | 9 | 4 | 8 | 2 |
| 3 | 6 | 8 | 2 | 4 | 7 | 1 | 9 | 5 |
| 9 | 2 | 4 | 5 | 8 | 1 | 3 | 6 | 7 |
| 6 | 8 | 9 | 3 | 1 | 5 | 2 | 7 | 4 |
| 2 | 1 | 3 | 4 | 7 | 8 | 9 | 5 | 6 |
| 4 | 5 | 7 | 9 | 2 | 6 | 8 | 1 | 3 |
| 8 | 4 | 6 | 7 | 9 | 3 | 5 | 2 | 1 |
| 5 | 9 | 2 | 1 | 6 | 4 | 7 | 3 | 8 |
| 7 | 3 | 1 | 8 | 5 | 2 | 6 | 4 | 9 |

ଗତକାଲିର ଉତ୍ତର

# ଜୀବନର ମୂଲ୍ୟବୋଧ ଓ ଏସ୍‌ଡିଜି



ଶୁଭନାରାୟଣ ଶତପଥୀ

ସରସ ସୁନ୍ଦର ଜୀବନଟିଏ ଜିଇବାକୁ କିଏ ବା ନ ଚାହେଁ। ଭଲରେ ବଢ଼ିବା, ଭଲରେ ବଢ଼ାଇବା ଓ ଏଇ ପୃଥିବୀରେ ସଭିଏଁ ଖୁସି, ଶାନ୍ତି, ଶାରୀରିକ ଓ ମାନସିକ ସୁସ୍ଥତାର ସହ ସହାବସ୍ଥାନ କରିବା ତ ଜୀବନର ବଡ଼ ସଫଳତା। ବ୍ୟକ୍ତିଗତ ଲକ୍ଷ୍ୟ ଓ ଅର୍ଜିତ ସଫଳତାଗୁଡ଼ିକର ସେତେବେଳେ ପୂର୍ଣ୍ଣତା ପ୍ରାପ୍ତି ଓ ଚିରସ୍ଥାୟୀ ହୁଏ, ଯେତେବେଳେ ସମ୍ପୃକ୍ତ ବ୍ୟକ୍ତି ଜୀବନର ମୂଲ୍ୟବୋଧ ସବୁକୁ ବୁଝନ୍ତି, କାର୍ଯ୍ୟକାରୀ କରନ୍ତି। ଜୀବନର ମୂଲ୍ୟବୋଧ ହିଁ ମଣିଷର ଅନ୍ତର୍ଚକ୍ଷୁକୁ ଉନ୍ମୁକ୍ତ କରେ। ସହଜରେ ପରିପୁଷ୍ଟ କରେ ତା'ର ଜୀବନ କୌଶଳକୁ। ଜୀବନ କୌଶଳ ଜୀବନକୁ ଅଧିକ ମାର୍ଜିତ କରେ। ମାର୍ଜିତ ଜୀବନର ପରିଭାଷା ହେଉଛି ସର୍ବେ ଭବନ୍ତୁ ସୁଖୀନଃ, ଲୋକାଃ ସମସ୍ତାଃ ସୁଖୀନୋ ଭବନ୍ତୁ, ବସୁଧୈବ କୁଟୁମ୍ବକମ୍ ଇତ୍ୟାଦି। ଅର୍ଥାତ୍ ନିଜର, ପରିବାରର, ଗୋଷ୍ଠୀର ସର୍ବୋପରି ବିଶ୍ୱବାସୀଙ୍କ ମଙ୍ଗଳ କାମନା କରି କାର୍ଯ୍ୟ କରିବା। ଜୀବନର ମୂଲ୍ୟବୋଧ କେବଳ ଦୀର୍ଘ ଜୀବନ ଜିଇବାରେ ନ ଥାଏ ବରଂ ସମାଜ ପାଇଁ ଆମର ଅବଦାନ କେତେ ରହିଛି ତାହା ଜୀବନର ସାର୍ଥକତା ପରିପ୍ରକାଶ କରେ। ପ୍ରତ୍ୟେକ ବ୍ୟକ୍ତିବିଶେଷ ପୃଥିବୀକୁ ଏକ ପରିବାର ମନେକରିବା, ସାଧୁତା ଅବଲମ୍ବନ କରିବା ଓ ମର୍ଯ୍ୟାଦାପୂର୍ଣ୍ଣ ଜୀବନଯାପନ କରିବା ହେଉଛି ଜୀବନର ମୂଲ୍ୟବୋଧ। ଏହା ସହିତ ସହାନୁଭୂତି, ସ୍ୱଧ୍ୟାୟ, ସମସ୍ୟାର ସମାଧାନ, ସୃଜନଶୀଳତା, ଉତ୍ତମ ଭାବନା, ଯୋଗାଯୋଗ ଦକ୍ଷତା, ଆତ୍ମସଂଯମ ଆଦି ରଖି ଚଳିଲେ ଜୀବନରେ ସ୍ଥିରତା ଆସେ। ଜୀବନରେ ଆନନ୍ଦ ଦ୍ୱିଗୁଣିତ ହୁଏ। ଏହି ମାଧୁର୍ଯ୍ୟପୂର୍ଣ୍ଣ ଜୀବନରୁ ବ୍ୟକ୍ତି ଆତ୍ମସନ୍ତୋଷଯୁକ୍ତ ଅଭିଜ୍ଞତା ସାଉଁଟେ। ଆତ୍ମସମୀକ୍ଷା କରେ। ଅର୍ଥନୈତିକ ଓ ସାମାଜିକ ପ୍ରଗତି ଓ ତା'ର ସୁପରିଚାଳନା କରିବାରେ ସମର୍ଥ ହୁଏ। ଯାହା ମଣିଷକୁ ସୁଖୀ ଓ ଦୀର୍ଘଜୀବୀ କରାଏ। ଆଉ ସୁଖ ଚିରସ୍ଥାୟୀ ସେତେବେଳେ ହୁଏ ଯେତେବେଳେ ମଣିଷର ପ୍ରତିଟି ଆବଶ୍ୟକତା ପୂରଣ ସହିତ ଜୀବନର ମୂଲ୍ୟବୋଧର ସମ୍ମିଶ୍ରଣ ଘଟେ। ଅଭିଳାଷ ସର୍ବନିମ୍ନ ହେଉ ବା ସର୍ବୋଚ୍ଚ, ଆବଶ୍ୟକତାର ଉଚିତ ପରିସୀମା ନିର୍ଦ୍ଧାରଣ କରେ ଜୀବନର ମୂଲ୍ୟବୋଧ। ଉଦାହରଣ ସ୍ୱରୂପ ଭଲମଣିଷ ହେବା, ରୋଜଗାର ବା ଅର୍ଥ ଉପାର୍ଜନ କରିବା, ସୁଖୀ ଜୀବନ ଜିଇବା ଗୋଟିଏ ଗୋଟିଏ ଆବଶ୍ୟକତା ହୋଇପାରେ। ତେବେ ନିଜର ଇଚ୍ଛା ବା ଅଭିଳାଷପୂର୍ଣ୍ଣ ସହିତ ଜୀବନର ମୂଲ୍ୟବୋଧ, ସାମାଜିକ, ଅର୍ଥନୈତିକ ସନ୍ତୁଳନ ବଜାୟ ରଖି ସମସ୍ତଙ୍କ ଆବଶ୍ୟକତା ପରିପୂରଣ ପାଇଁ କାର୍ଯ୍ୟକଲେ ଜୀବନ ସାର୍ଥକ ହେବ।

ପ୍ରତ୍ୟେକ ବ୍ୟକ୍ତି ନିଜର ଦକ୍ଷତା ପାଇଁ ମୂଲ୍ୟବାନ୍। ଏହାକୁ ଆମେ ଭିନ୍ନ ଭିନ୍ନ ପରିସ୍ଥିତିରେ ଉପଲବ୍ଧି କରୁ। ଯେମିତି କି ଶିକ୍ଷକ ଭାବରେ, ଛାତ୍ରୀଛାତ୍ର ଭାବରେ, ବକ୍ତା ଭାବରେ, ଶ୍ରୋତା ଭାବରେ, ସମାଜସେବୀ ଭାବରେ ଇତ୍ୟାଦି। ବ୍ୟକ୍ତିଗତ, ପାରିବାରିକ, ଗୋଷ୍ଠୀଗତସ୍ତରରେ ଜୀବନର ମୂଲ୍ୟବୋଧକୁ ବୃଦ୍ଧିକରି ବିକାଶର ଲକ୍ଷ୍ୟଗୁଡିକୁ ପୂରଣ କରି ପୃଥିବୀରେ ରୂପାନ୍ତରଣ କରାଯାଇପାରେ, ଯେଉଁଠି କେହି ଭୋକିଲା, ଗରିବ, ଅସୁସ୍ଥ ନ ଥିବେ। ସଭିଏଁ ସୁସ୍ଥ, ନିରାପଦ ଓ ମର୍ଯ୍ୟାଦାପୂର୍ଣ୍ଣ ଜୀବନ ନିର୍ବାହ କରିବାର ସୁଯୋଗ ଲାଭ କରୁଥିବେ। ଏହା ହିଁ ତ ମିଳିତ ଜାତିସଂଘ ବା ୟୁଏନ୍ ଦ୍ୱାରା ସମସ୍ତ ଦେଶର ସହଯୋଗକ୍ରମେ କାର୍ଯ୍ୟକାରୀ ହେଉଥିବା ଚିରସ୍ଥାୟୀ ବିକାଶ ଲକ୍ଷ୍ୟ ବା ଏସ୍‌ଡିଜିର ଆହ୍ୱାନ। ତେବେ ଏହି ଲକ୍ଷ୍ୟଗୁଡିକୁ ପୂରଣ କରିବାକୁ ହେଲେ ପ୍ରଗତି ପାଇଁ କାର୍ଯ୍ୟଖସଡ଼ା ସାଙ୍ଗକୁ ସମାନ୍ତରାଳ ଭାବେ ଜୀବନର ମୂଲ୍ୟବୋଧକୁ ଧରି ଆଗକୁ ବଢ଼ିବାକୁ ହେବ। ଏହା କରିବାକୁ ହେଲେ ନିଜ ଭିତରେ ନିଜ ପରିବେଶର ଯତ୍ନ ନେବା, ସୁରକ୍ଷା ଦେବା, ଦାୟିତ୍ୱ ଓ କର୍ତ୍ତବ୍ୟଗୁଡ଼ିକ ଉପଯୁକ୍ତ ଭାବରେ ପାଳନ କରିବା, ସାମାଜିକ ଓ ଅର୍ଥନୈତିକ ପ୍ରଗତିରେ ଭାଗୀଦାରି ହେବା, ସ୍ଥାନୀୟ ସମ୍ବଳ ବୃଦ୍ଧିକରିବା ପାଇଁ ବ୍ୟକ୍ତିଗତ ପ୍ରୟାସ ସମସ୍ତଙ୍କଠାରୁ ଆରମ୍ଭ ହେବା ଜରୁରୀ। କାରଣ ଜୀବନର ମୂଲ୍ୟବୋଧଗୁଡିକୁ ବ୍ୟକ୍ତି ନିଜ ପରିବେଶରୁ ଗ୍ରହଣ କରିଥାଏ।

ଯେଉଁ ସଂସ୍ଥା, ବ୍ୟକ୍ତିବିଶେଷମାନେ ଲୋକମାନଙ୍କ ଜୀବନଧାରଣର ମାନବୃଦ୍ଧି ପାଇଁ ଏସ୍‌ଡିଜିର ଲକ୍ଷ୍ୟ ପୂରଣ ପାଇଁ କାମ କରୁଛନ୍ତି, ସେମାନେ ବିଭିନ୍ନ ଯୋଜନା, ସୁବିଧାଗୁଡ଼ିକୁ ଜନସାଧାରଣଙ୍କ ନିକଟରେ ପହଁଚାଇଥାନ୍ତି। ଏଥିପାଇଁ ନିମ୍ନରୁ ଉର୍ଦ୍ଧ୍ୱକୁ ବା ବଟମ୍ ଅପ୍ ପ୍ଲାନିଂ ଓ ମନିଟରିଂ ବ୍ୟବସ୍ଥା ଥାଏ ସତ କିନ୍ତୁ ଏତିକିରେ ସେବା ବା ହାସଲ କରାଯାଉଥିବା ସଫଳତା ଓ ସୁବିଧାଗୁଡ଼ିକ ଚିରସ୍ଥାୟୀ ହୋଇପାରୁନାହିଁ। କାରଣ ଗୋଟିଏ ଜୀବନ ପରିବାର ସହିତ, ପରିବାର ଗୋଷ୍ଠୀ ସହିତ, ଗୋଷ୍ଠୀ ଅଞ୍ଚଳ ସହିତ, ଅଞ୍ଚଳ ସହିତ ଦେଶ ଯୋଡ଼ା। ସେହିପରି ପ୍ରତିଟି ଜୀବନର ଆବଶ୍ୟକତା ପୂରଣ ଜୀବନର ମୂଲ୍ୟବୋଧ ସହିତ ସଂଯୁକ୍ତ। ଏଣୁ ଜୀବନର ମୂଲ୍ୟବୋଧ ବିଷୟରେ ଆତ୍ମସଚେତନ ନ ହେବା ଯାଏ ଚିରସ୍ଥାୟୀ ବିକାଶର ପରିକଳ୍ପନା ଅସମ୍ଭବ। ଉଦାହରଣ ସ୍ୱରୂପ ଜୀବିକାର ଉନ୍ନତି ପାଇଁ ପ୍ରଦାନ କରାଯାଉଥିବା ଅର୍ଥର ଉପଯୁକ୍ତ ବିନିଯୋଗ, ଘୂର୍ଣ୍ଣନ, ଲାଭକ୍ଷତିର ହିସାବ ସହିତ ବ୍ୟବସାୟ ଯୋଜନାରେ ଗ୍ରାହକ ଓ ସମାଜର ମଙ୍ଗଳ କାମନାର ଆବଶ୍ୟକତା ନିମନ୍ତେ ସମ୍ପୃକ୍ତ ହିତାଧିକାରୀଙ୍କ ଅବଦାନ କ'ଣ ରହିବ, ତାଙ୍କ ଜୀବନକୁ କେତେ ପରିମାଣରେ ଓ କେତେଦିନ ପର୍ଯ୍ୟନ୍ତ କୁସୁମିତି କରିବ ତା'ର ପୁଙ୍ଖାନୁପୁଙ୍ଖ ବିଶ୍ଳେଷଣ ଓ ପରାମର୍ଶ ରହିବା ଉଚିତ। ଉଭୟ ସେବା ପ୍ରଦାନକାରୀ ଓ ହିତାଧିକାରୀ ଏ ବିଷୟରେ ଅନଭିଜ୍ଞ ଥିବାରୁ ସୁବିଧା ବା ଯୋଜନାକୁ ସାମୟିକ ବୋଲି ଗ୍ରହଣ କରିନିଅନ୍ତି । ଏଣୁ ଜୀବିକାର ସ୍ଥାୟିତ୍ୱ ଉପରେ ପ୍ରଶ୍ନବାଚୀ ସୃଷ୍ଟି ହେବା ସ୍ୱାଭାବିକ କଥା। ସେହିପରି ଆବଶ୍ୟକତା ଆଧାରରେ ପରିବାର ସମୃଦ୍ଧୀକରଣ ସୁବିଧା ଓ ଯୋଜନା ଯୋଡ଼ିବାର କାରଣ ହେଉଛି ସାମୟିକ ଆବଶ୍ୟକତା ସହିତ ନିଜର ନିରନ୍ତର ପ୍ରଚେଷ୍ଟା ଦ୍ୱାରା ଚିରସ୍ଥାୟୀ ବିକାଶର ଲକ୍ଷ୍ୟ ପୂରଣ। କିନ୍ତୁ ଜୀବନର ମୂଲ୍ୟବୋଧଗୁଡ଼ିକୁ ଜାଣି ନ ପାରିବା ବା ଜାଣି ମଧ୍ୟ ନ ଯୋଡିବା କାରଣରୁ ଅନେକ କ୍ଷେତ୍ରରେ ପରିବାର ସମୃଦ୍ଧୀକରଣ, ଚିରସ୍ଥାୟୀ ହୋଇପାରୁନାହିଁ। କାରଣ ଆତ୍ମସ୍ୱାଭିମାନ, ଆତ୍ମନିର୍ଭରଶୀଳତା, ଆତ୍ମସନ୍ତୋଷ, ଆତ୍ମସମୀକ୍ଷାର ଅଭାବ ରହିବାରୁ ମାନସିକତା କେବଳ ନେବା ଭିତରେ ସୀମିତ ରହିଯାଏ। ସମାଜ ପ୍ରତି ଦାୟିତ୍ୱ ଓ କର୍ତ୍ତବ୍ୟବୋଧର ଭଟ୍ଟା ପଡିଯାଏ। ଅର୍ଜିତ ଦକ୍ଷତା, କୌଶଳ, ଅର୍ଥ ଆଦିକୁ ବୃଦ୍ଧିକରିବାର ମାନସିକତା ସ୍ଥାଣୁ ପାଲଟିଯାଏ। ଫଳରେ ଗୋଟିଏ ସୁବିଧା ପରେ ଅନ୍ୟଟିକୁ ଚାହିଁ ବସିଥାଉ। ଏହା ହିଁ ବିଡ଼ମ୍ବନା। ଏହି ବିଡ଼ମ୍ବନା କାରଣରୁ ଜୀବନର ମୂଲ୍ୟବୋଧକୁ ଆମେ ବୁଝିପାରୁନା କି ଜୀବନର ଲକ୍ଷ୍ୟ ଚିରସ୍ଥାୟୀ କରିପାରୁନା। ଏଣୁ ବିକାଶର ନିର୍ଦ୍ଦିଷ୍ଟ ଲକ୍ଷ୍ୟଗୁଡିକ ଚିରସ୍ଥାୟୀ କରିବାକୁ ହେଲେ ଜୀବନର ମୂଲ୍ୟବୋଧ ସଭିଏଁ ଜାଣିବା ନିତାନ୍ତ ଜରୁରୀ। ଏହା ହେଲେ ଜୀବନର ମୂଲ୍ୟବୋଧଭିତ୍ତିକ ବିକାଶ ଚିରସ୍ଥାୟୀ ବିକାଶରେ ପରିଣତ ହେବ।



**ବିଜିପୁର, ବ୍ରହ୍ମଗିରି, ପୁରୀ**
**ମୋ: ୯୪୩୮୪୩୨୦୨୩**

## ଚିରନ୍ତନୀ

ମୋହିଲା ନୟନ କେତେ ରୂପେ କେତେ ବର୍ଣ୍ଣେ
ସଦା ମୋର
କେତେ ମଧୁବାଣୀ ପରଶି ଯାଇଛି କର୍ଣ୍ଣେ
ମଧୁକର।
–(ମନେ ନାହିଁ)
–କାଳିନ୍ଦୀ ଚରଣ ପାଣିଗ୍ରାହୀ

## ପାଠକ ଶ୍ରେଷ୍ଠ ବିଚାରକ

### ଫ୍ଲାଏଓଭର କାମ ଆରମ୍ଭ ହେଉ

ମହାଶୟ,

କନ୍ଦରପୁର ରେଳ ଫ୍ଲାଏଓଭର କାମ ଶୀଘ୍ର ଆରମ୍ଭ କରାଯାଉ। ବହୁଦିନରୁ ଅବହେଳିତ ଭାବେ ଏହା ନିର୍ମାଣ ହୋଇପାରୁନାହିଁ। ମନ୍ତ୍ରୀ ତୁରନ୍ତ ଆରମ୍ଭ କରିବାକୁ ପ୍ରତିଶ୍ରୁତି ଦେଇଥିଲେ। ଏହି ପ୍ରତିଶ୍ରୁତି ପାଣିର ଗାର ପାଲଟିଛି। ଏବେ ଅଧିକାଂଶ ସମୟରେ ଟ୍ରେନ୍ ଚଳାଚଳ କରୁଛି। ଫଳରେ ଜରୁରିକାଳୀନ ଗାଡ଼ି, ଆମ୍ବୁଲାନ୍ସ, ଦୁଗ୍ଧଗାଡ଼ି, ମଧ୍ୟାହ୍ନଭୋଜନ ତଥା ଉଚ୍ଚ ପଦାଧିକାରୀଙ୍କ ଗାଡ଼ି ବହୁ ସମୟ ଅଟକିବାକୁ ବାଧ୍ୟ ହେଉଛି। ଏହା ସହ ଯାତ୍ରୀବାହୀ ବସ୍, ଟ୍ରକ୍, ଦୁଇଚକିଆ ତଥା ତିନିଚକିଆ ଗାଡ଼ି ବହୁ ସମୟ ଧରି ଯାଇପାରୁ ନାହାନ୍ତି। ସଙ୍କଟାପନ୍ନ ରୋଗୀ ଶୀଘ୍ର ଚିକିତ୍ସାରୁ ବଞ୍ଚିତ ହେଉଛନ୍ତି। ରେଳପଥ ବିଭାଗ ତୁରନ୍ତ ସମସ୍ୟା ପ୍ରତି ଯତ୍ନବାନ୍ ହୁଅନ୍ତୁ।

**–ରମେଶଚନ୍ଦ୍ର ବେହେରା, ଆୟଉପୁର, କଟକ**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

# ଝିପିଝିପି ବର୍ଷା: ଧାନ ନଷ୍ଟ ଆଶଙ୍କାରେ ଚାଷୀ

ମାଲକାନଗିରି,୧୯।୧୨(ଦୁର୍ଯ୍ୟୋଧନ ପାତ୍ର)



ଲଘୁଚାପ ପ୍ରଭାବରେ ମାଲକାନଗିରି ଜିଲାରେ ବର୍ଷା ହୋଇଥିବା ବେଳେ ମଣ୍ଡିରେ ଓ ଜମିରେ ପଡି ଥିବା ଧାନକୁ ନେଇ ଚାଷୀକୁଳ ଚିନ୍ତାରେ ରହିଛନ୍ତି। ମାଲକାନଗିରି ଜିଲାରେ ଲଘୁଚାପର ପ୍ରଭାବରେ ଆଜି ଦିନ ତମାମ ପାଗ କୋହଲା ରହିବା ସହ ସ୍ଥାନେ ସ୍ଥାନେ ଝିପିଝିପି ବର୍ଷା ଆରମ୍ଭ ହୋଇଛି। ତେବେ ଏହା ଜିଲାର ଚାଷୀଙ୍କ ଉପରେ ପ୍ରଭାବ ପକାଇବାର ଭୟ ଦେଖା ଦେଇଛି। ଜିଲାର କେତେକ ସ୍ଥାନରେ ଏବେବି ଜମିରେ ଧାନ କଟା ହୋଇ ପଡି ରହିଥିବା ବେଳେ ମଣ୍ଡିରେ ମଧ୍ୟ ପଡ଼ିଥିବା ଧାନ ଓଦା ହେବା ସମ୍ଭାବନା ରହିଛି। ଧାନ ଓଦା ହେଲେ ଏହାର ମାନ ଉପରେ ପ୍ରଭାବ ପଡିବା ସହ ଏହା ନଷ୍ଟ ହେବାର ଭୟ ଥିବା ବେଳେ ଏନେଇ ଚାଷୀମାନେ ଚିନ୍ତାରେ ପଡିଛନ୍ତି। ବର୍ଷା ସମ୍ଭାବନାକୁ ଦୃଷ୍ଟିରେ ରଖି ମଣ୍ଡିଗୁଡିକରେ ନିୟନ୍ତ୍ରିତ ବଜାର କମିଟି ପକ୍ଷରୁ ଚାଷୀଙ୍କ ଧାନ ଘୋଡାଇ ରଖିବା ପାଇଁ ତାର୍ପୋଲିନ୍ ବ୍ୟବସ୍ଥା କରାଯାଇଛି। ହେଲେ ଅଧିକ ବର୍ଷା ହେଲେ ଧାନ ଓଦା ହେବାର ଆଶଙ୍କାକୁ ଏଡାଇ ଦିଆଯାଇନପାରେ। ଜିଲାରେ ୧୬ତାରିଖଠାରୁ ମଣ୍ଡି ଆରମ୍ଭ ହୋଇଛି। ୨୭ ମିଲର ଯୋଗାଣ ବିଭାଗ ସହ ଚୁକ୍ତିକରି ମଣ୍ଡିରୁ ଧାନ ଉଠାଇବା ମଧ୍ୟ ଆରମ୍ଭକରି ଦେଇଛନ୍ତି। ଇତିମଧ୍ୟରେ ୭୭୧୨ କୁଇଣ୍ଟାଲ ଧାନ ମଣ୍ଡିରେ ଚାଷୀଙ୍କଠାରୁ କ୍ରୟ କରାଯାଇ ୧୭୦୦ କୁଇଣ୍ଟାଲ ଧାନ ମଣ୍ଡିରୁ ମିଲରମାନେ ଉଠାଇ ସାରିଛନ୍ତି। ତେଣୁ ଏହାକୁ ନେଇ ଭୟ କରିବାର ନାହିଁ ବୋଲି ଜିଲା ଯୋଗାଣ ଅଧିକାରୀ କହିଛନ୍ତି ।

## ମହିଳା ମାଓବାଦୀଙ୍କ ଆତ୍ମସମର୍ପଣ

ମାଲକାନଗିରି,୧୯।୧୨
(ଦୁର୍ଯ୍ୟୋଧନ ପାତ୍ର)



ଛତିଶଗଡ଼ ଦାନ୍ତେୱାଡା ଜିଲାରେ ଜଣେ ୫ ଲକ୍ଷ ପୁରସ୍କାର ଘୋଷିତ କେରଲାପାଲ ମାଓବାଦୀ କମିଟି କମାଣ୍ଡର ହାଡମା ମାଡଭି ଗୁରୁବାର ପୋଲିସ ନିକଟରେ ଆତ୍ମସମର୍ପଣ କରିଛନ୍ତି। ଅନେକ ବର୍ଷଧରି ସଙ୍ଗଠନରେ ରହି ବଡ ବଡ ହିଂସାରେ ଜଡିତ ଥିଲେ। ସରକାରଙ୍କ ପକ୍ଷରୁ ଏହି ମହିଳା ମାଓବାଦୀଙ୍କ ନାମରେ ୫ ଲକ୍ଷ ଟଙ୍କାର ପୁରସ୍କାର ଘୋଷଣା କରାଯାଇଥିଲା। ସଙ୍ଗଠନ ନୀତି ଆଦର୍ଶରୁ ଓହରି ନିରୀହ ଲୋକଙ୍କୁ ଶିକାର କରୁଥିବାରୁ ମାଓବାଦୀଜଣକ ସଙ୍ଗଠନ ଛାଡ଼ିବାକୁ ନିଷ୍ପତ୍ତି ନେଇଥିଲେ। ଆତ୍ମସମର୍ପଣ ସମୟରେ ପୋଲିସ ଅଧୀକ୍ଷକ ଗୌରବ ରାୟ, ଅତିରିକ୍ତ ପୋଲିସ ଅଧୀକ୍ଷକ ରାମକୁମାର ବର୍ମନ ଉପସ୍ଥିତ ଥିଲେ। ତାଙ୍କୁ ୨୫ହଜାର ଟଙ୍କାର ସହାୟତା ଓ ଅନ୍ୟାନ୍ୟ ସୁବିଧା ସୁଯୋଗ ଯୋଗାଇ ଦିଆଯିବବୋଲି ସୂଚନା ଦିଆଯାଇଛି। ବର୍ତ୍ତମାନ ସୁଦ୍ଧା ୮୮୭ ମାଓବାଦୀ ଦାନ୍ତେୱାଡା ଜିଲାରେ ଆତ୍ମସମର୍ପଣ କରିଥିବା ପୋଲିସ ସୂଚନା ଦେଇଛି।

ୟୁକୋ ବ୍ୟାଙ୍କ UCO BANK
(ଭାରତ ସରକାରଙ୍କ ଉପକ୍ରମ) (A Govt. of India Undertaking)
ସମ୍ମାନ ଆପଣଙ୍କ ବିଶ୍ୱାସର Honours Your Trust
ରିକଭରୀ (ଅସୁଲି) ବିଭାଗ
ଆଞ୍ଚଳିକ କାର୍ଯ୍ୟାଳୟ, ୟୁକୋ ବ୍ୟାଙ୍କ ବିଲ୍ଡିଂ, ୨ୟ ମହଲା,
ସି-୨, ଅଶୋକ ନଗର, ଭୁବନେଶ୍ୱର-୭୫୧୦୦୯

**ଡିଟେକ୍ଟିଭ ଏଜେଣ୍ଟ/ ଏଜେନ୍ସିମାନଙ୍କର ତାଲିକାଭୁକ୍ତିକରଣ**

ୟୁକୋ ବ୍ୟାଙ୍କ, ଡିଟେକ୍ଟିଭ ଏଜେଣ୍ଟ/ ଏଜେନ୍ସିମାନଙ୍କର ତାଲିକାଭୁକ୍ତିକରଣ ନିମନ୍ତେ ଯୋଗ୍ୟ ବ୍ୟକ୍ତିବିଶେଷ/ସଂସ୍ଥା/ଏଜେନ୍ସି/ଏଲ୍‌ଏଲ୍‌ପି/ କମ୍ପାନୀମାନଙ୍କ ଠାରୁ ଦରଖାସ୍ତ ଆହ୍ୱାନ କରୁଅଛି । ୟୁକୋ ବ୍ୟାଙ୍କ, ଆଞ୍ଚଳିକ କାର୍ଯ୍ୟାଳୟ, ୟୁକୋ ବ୍ୟାଙ୍କ ବିଲ୍ଡିଂ, ୨ୟ ମହଲା, ସି-୨, ଅଶୋକ ନଗର, ଭୁବନେଶ୍ୱର-୭୫୧୦୦୯ ଠାରେ ଦରଖାସ୍ତ ତା.୩୧.୧୨.୨୦୨୪ ରିଖ ଅପରାହ୍ନ ୫.୦୦ ଘଟିକା ସୁଦ୍ଧା ଦାଖଲ କରିପାରିବେ। ଯୋଗ୍ୟତା ଓ ଅନ୍ୟାନ୍ୟ ବିବରଣୀ ନିମନ୍ତେ ଆମର ନିକଟତମ ଶାଖା/କାର୍ଯ୍ୟାଳୟରେ ଯୋଗାଯୋଗ କରନ୍ତୁ କିମ୍ବା zobbsr.rec@ucobank.co.inକୁ ମେଲ୍ କରନ୍ତୁ । ଆଞ୍ଚଳିକ ପ୍ରବନ୍ଧକ
ତାରିଖ: ୧୯.୧୨.୨୦୨୪ ଆଞ୍ଚଳିକ କାର୍ଯ୍ୟାଳୟ, ଭୁବନେଶ୍ୱର

# ମାଲ୍ୟବନ୍ତ ମହୋତ୍ସବ ପଲ୍ଲିଶ୍ରୀ ମେଳାରେ ୩ କୋଟି ୭୫ଲକ୍ଷ ୮୦ହଜାର ବ୍ୟବସାୟ

ମାଲକାନଗିରି,୧୯।୧୨(ଦୁର୍ଯ୍ୟୋଧନ ପାତ୍ର)

ମାଲକାନଗିରି ଜିଲାରେ ଗତ ୫ଦିନ ଧରି ଚାଲିଥିବା ମାଲ୍ୟବନ୍ତ ମହୋତ୍ସବର ପଲ୍ଲିଶ୍ରୀ ମେଳା ମଙ୍ଗଳବାର ରାତିରେ ଉଦ୍‌ଯାପିତ ହୋଇଛି। ପୂର୍ବବର୍ଷ ତୁଳନାରେ ଚଳିତବର୍ଷ ଅଧିକ ବ୍ୟବସାୟ ହୋଇଥିବା ବେଳେ ୨୦୨୪ ମାଲ୍ୟବନ୍ତରେ ୩ କୋଟି ୭୫ଲକ୍ଷ ୮୦ହାଜର ୮୨୯ଟଙ୍କାରୁ ଉର୍ଦ୍ଧ୍ୱ ବ୍ୟବସାୟ ହୋଇଥିବା ଜିଲା ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି। ପଲ୍ଲିଶ୍ରୀ ମେଳାରେ ପଡିଥିବା ୨୧୩ ବିଭିନ୍ନ ଦୋକାନରେ ବ୍ୟବସାୟୀ ଏବଂ ଓର୍‌ମାସ୍, ଏସ୍‌ଏଚ୍‌ଜି ଗ୍ରୁପ୍‌ର ମହିଳାଙ୍କ ବିଭିନ୍ନ ସାମଗ୍ରୀ ବହୁ ପରିମାଣରେ ବିକ୍ରୟ ହୋଇଛି। ବିଶେଷକରି ପଲ୍ଲିଶ୍ରୀ ମେଳାରେ ବରଗଡ଼ର ମା'ଲକ୍ଷ୍ମୀ ମହିଳା ସ୍ୱୟଂସହାୟକ ଗୋଷ୍ଠୀ ଦୋକାନରେ ୧୪ ଲକ୍ଷ ୨ହଜାର ଟଙ୍କାର କେବଳ ସମ୍ବଲପୁରୀ ଶାଢ଼ି ବିକ୍ରି ହୋଇ ଗତ ବର୍ଷର ରେକର୍ଡ ଭଙ୍ଗ କରିଛି । ମାଲ୍ୟବନ୍ତ ମହୋତ୍ସବ ପଲ୍ଲିଶ୍ରୀ ମେଳାରେ ୧୩ ତାରିଖ ପ୍ରଥମ ଦିବସରେ ୩୪ ଲକ୍ଷ ୫୦ ହଜାର ୧୮୦ ଟଙ୍କା, ୧୪ତାରିଖରେ ୪୯ ଲକ୍ଷ ୯୮ହଜାର ୪୪୦ଟଙ୍କା, ୧୫ ତାରିଖରେ ୯୩ ଲକ୍ଷ ୧୭ ହଜାର ୭୦୦ ଟଙ୍କା, ୧୬ ତାରିଖରେ ୮୬ଲକ୍ଷ ୯୨ହଜାର ୧୮୨ ଟଙ୍କା,୧୭ ତାରିଖ ଶେଷଦିନରେ ସର୍ବାଧିକ ୧କୋଟି ୧୧ଲକ୍ଷ ୨୨ହଜାର ୩୨୭ଟଙ୍କା ବ୍ୟବସାୟ ହୋଇଛି ବୋଲି ଓର୍‌ମାସ୍‌ର ଉପ କାର୍ଯ୍ୟ ନିର୍ବାହୀ ଅଧିକାରୀ ଗୁଣ୍ଡିଚା ବେହେରା ସୂଚନା ଦେଇଛନ୍ତି । ପ୍ରଥମ ଥର ଖଇରପୁଟ ବ୍ଲକ୍ ମୁଦୁଲିପଡ଼ା ବଣ୍ଡାଘାଟି ଆଦିମ ବଣ୍ଡାଜନଜାତି ମହିଳାମାନେ ମାଲ୍ୟବନ୍ତ ମହୋତ୍ସବ ପଲ୍ଲିଶ୍ରୀ ମେଳାରେ ସେମାନଙ୍କ ପାରମ୍ପରିକ ଅଳଙ୍କାର, ବସ୍ତ୍ର, ନିତ୍ୟ ବ୍ୟବହାର୍ଯ୍ୟ ସାମଗ୍ରୀ ପ୍ରଦର୍ଶନ ସହ ବିକ୍ରି କରିଥିବା ବେଳେ ଏହି ବଣ୍ଡା ମହିଳାଙ୍କୁ ମାଲ୍ୟବନ୍ତ ମହୋତ୍ସବରେ ପୁରସ୍କୃତ କରିବା ସହ ବରଗଡ଼ ସମ୍ବଲପୁରୀ ବସ୍ତ୍ର ପାଇଁ ମା' ଲକ୍ଷ୍ମୀ ଏସ୍‌ଏଚ୍‌ଜି ମହିଳାମାନଙ୍କୁ ପୁରସ୍କୃତ କରାଯାଇଥିଲା।

## ଗଞ୍ଜେଇ ଜବତ, ୪ ଗିରଫ

ଦିଗପହଣ୍ଡି,୧୯।୧୨(ଅଶେଷ ନାଥ ମିଶ୍ର)

ଗଞ୍ଜାମ ଜିଲା ପାଟପୁର ପୋଲିସ ଗୁରୁବାର ପୋଡ଼ାମାରି ଗ୍ରାମ ନିକଟ ରାସ୍ତାରୁ ୨ ବାଇକ୍ ସହ ୯୦ କେଜି ୫୬୦ ଗ୍ରାମ ଗଞ୍ଜେଇ ଜବତ କରିଛି। ଗଞ୍ଜେଇ ଚୋରା ଚାଲାଣରେ ସମ୍ପୃକ୍ତ ୪ ଜଣ ଯୁବକଙ୍କୁ ଗିରଫ କରାଯାଇଛି। ସେମାନେ ହେଲେ ଗଜପତି ଜିଲା ଆର.ଉଦୟଗିରି ଥାନା ପୋଇପାଣି ଗ୍ରାମର ପ୍ରଶାନ୍ତ ବଲିୟାର ସିଂ, ପାଟପୁର ଥାନା ଆମ୍ବଗାଁର ପିତ୍ତବାସ ଭୂୟାଁ, ସିଙ୍ଗିପୁର ଗ୍ରାମର ସୁନୀଲ ଦୋରା ଏବଂ ବଡଗଡ ଥାନା ନିକୋଫେରି ଗ୍ରାମର ସୁନୀଲ ବଡ଼ରଇତ। ସେମାନଙ୍କ ବିରୋଧରେ ନଂ.୫୫୬/୨୪ ଅନୁଯାୟୀ ମାମଲା ରୁଜୁ କରାଯାଇଥିବା ଆଇଆଇସି ଦୀପ୍ତିରଞ୍ଜନ ବେହେରା କହିଛନ୍ତି।

ୟୁକୋ ବ୍ୟାଙ୍କ UCO BANK
(ଭାରତ ସରକାରଙ୍କ ଉପକ୍ରମ) (A Govt. of India Undertaking)
ସମ୍ମାନ ଆପଣଙ୍କ ବିଶ୍ୱାସର Honours Your Trust
ରିକଭରୀ (ଅସୁଲି) ବିଭାଗ
ଆଞ୍ଚଳିକ କାର୍ଯ୍ୟାଳୟ, ୟୁକୋ ବ୍ୟାଙ୍କ ବିଲ୍ଡିଂ, ୨ୟ ମହଲା,
ସି-୨, ଅଶୋକ ନଗର, ଭୁବନେଶ୍ୱର-୭୫୧୦୦୯

**ରିକଭରୀ(ଅସୁଲି)/ଏନ୍‌ଫୋର୍ସମେଣ୍ଟ ଏଜେଣ୍ଟ/ ଏଜେନ୍ସିମାନଙ୍କର ତାଲିକାଭୁକ୍ତିକରଣ**

ୟୁକୋ ବ୍ୟାଙ୍କ, ରିକଭରୀ(ଅସୁଲି)/ଏନ୍‌ଫୋର୍ସମେଣ୍ଟ ଏଜେଣ୍ଟ/ଏଜେନ୍ସିମାନଙ୍କର ତାଲିକାଭୁକ୍ତିକରଣ ନିମନ୍ତେ ଯୋଗ୍ୟ ବ୍ୟକ୍ତିବିଶେଷ/ସଂସ୍ଥା/ଏଜେନ୍ସି/ଏଲ୍‌ଏଲ୍‌ପି/ କମ୍ପାନୀମାନଙ୍କ ଠାରୁ ଦରଖାସ୍ତ ଆହ୍ୱାନ କରୁଅଛି । ୟୁକୋ ବ୍ୟାଙ୍କ, ଆଞ୍ଚଳିକ କାର୍ଯ୍ୟାଳୟ, ୟୁକୋ ବ୍ୟାଙ୍କ ବିଲ୍ଡିଂ, ୨ୟ ମହଲା, ସି-୨, ଅଶୋକ ନଗର, ଭୁବନେଶ୍ୱର-୭୫୧୦୦୯ ଠାରେ ଦରଖାସ୍ତ ତା.୩୧.୧୨.୨୦୨୪ ରିଖ ଅପରାହ୍ନ ୫.୦୦ ଘଟିକା ସୁଦ୍ଧା ଦାଖଲ କରିପାରିବେ। ଯୋଗ୍ୟତା ଓ ଅନ୍ୟାନ୍ୟ ବିବରଣୀ ନିମନ୍ତେ ଆମର ନିକଟତମ ଶାଖା/କାର୍ଯ୍ୟାଳୟରେ ଯୋଗାଯୋଗ କରନ୍ତୁ କିମ୍ବା zobbsr.rec@ucobank.co.inକୁ ମେଲ୍ କରନ୍ତୁ । ଆଞ୍ଚଳିକ ପ୍ରବନ୍ଧକ
ତାରିଖ: ୧୯.୧୨.୨୦୨୪ ଆଞ୍ଚଳିକ କାର୍ଯ୍ୟାଳୟ, ଭୁବନେଶ୍ୱର

# ସୌରା ଭାଷା, ଲିପି, ସଂସ୍କୃତିର ବିକାଶ ନେଇ ବୈଠକ



ପିଲାଙ୍କ ଗହଣରେ ଅତିଥି।

ଗୁଣପୁର, ୧୯।୧୨(ପ୍ରଦୀପ କୁମାର ପାଢ଼ୀ)

ସୌରା ଭାଷା, ଲିପି ଓ ସଂସ୍କୃତିର ବିକାଶ ନେଇ ରାୟଗଡ଼ା ଜିଲା ଗୁଣପୁର ବ୍ଲକ୍ ଟିଟିମିରି ପଞ୍ଚାୟତର ଏଙ୍ଗରବା ଗ୍ରାମରେ ସୌରା ପଣ୍ଡିତ ମାଙ୍ଗେଇ ଗମାଙ୍ଗ ଆଶ୍ରମରେ ଗୁରୁବାର ବୈଠକ ଅନୁଷ୍ଠିତ ହୋଇଯାଇଛି। ଶବର ସାଂସ୍କୃତିକ ସଂଘର ସଭାପତି ଚକ୍ରପାଣି ଶବରଙ୍କ ଅଧ୍ୟକ୍ଷତାରେ ବୈଠକ ଆୟୋଜିତ ହୋଇଥିଲା। ଏଥିରେ ଅସରପ୍ରାପ୍ତ ବରିଷ୍ଠ ଅଧିକାରୀ ତଥା ବିଶିଷ୍ଟ ଲେଖକ ଲାବଣ୍ୟ ଶବର ଯୋଗଦେଇ ସୌରା ସମ୍ପ୍ରଦାୟର ସଂସ୍କୃତି ବଞ୍ଚାଇ ରଖିବାକୁ ହେଲେ ଭାଷା ରଲିପିକୁ ବହୁଳ ରୂପେ ବ୍ୟବହାର ଓ ପ୍ରଚାର କରିବାକୁ ପରାମର୍ଶ ଦେଇଥିଲେ। ଭାଷା ବଞ୍ଚିଲେ ହିଁ ଜାତି ବଞ୍ଚିବ ବୋଲି କହିଥିଲେ। ମଞ୍ଚାସୀନ ଅନ୍ୟ ଅତିଥିଙ୍କ ମଧ୍ୟରେ ବଳରାମ ଶବର, ବିଦ୍ୟାଧର ଶବର, ରତନ ଶବର, ପ୍ରେମ ଶବର ପ୍ରମୁଖ ନିଜ ଅଞ୍ଚଳର ପିଲାମାନଙ୍କୁ ଉତ୍ତମ ଶିକ୍ଷା ପ୍ରଦାନ ନିମନ୍ତେ ନିୟମିତ ବିଦ୍ୟାଳୟକୁ ପଠାଇବାକୁ ଅନୁରୋଧ କରିଥିଲେ। ବୈଠକରେ ଆଖପାଖ ଅଞ୍ଚଳର ଶବର ସମ୍ପ୍ରଦାୟର ଲୋକମାନେ ଯୋଗଦେଇ ବିଭିନ୍ନ ସମସ୍ୟା ଉପରେ ଅତିଥିଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ।

# ଗଜବାହାଲରେ ଧାନମଣ୍ଡି ଉଦ୍‌ଘାଟିତ



ବିଷମକଟକ ତହସିଲଦାର ଧାନମଣ୍ଡି ଉଦ୍‌ଘାଟନ କରୁଛନ୍ତି।

ବିଷମକଟକ, ୧୯।୧୨
(ପ୍ରସନ୍ନ କୁମାର ପଣ୍ଡା)

ବିଷମକଟକ ବ୍ଲକ୍ ଅନ୍ତର୍ଗତ ଗଜବାହାଲ ନିୟନ୍ତ୍ରଣ ବଜାର କମିଟି (ଆର୍‌ଏମ୍‌ସି )ଠାରେ ଧାନମଣ୍ଡିକୁ ବିଷମକଟକ ତହସିଲଦାର କେ. ଭେଙ୍କଟେଶ୍ୱର ରେଡ୍ଡି ଗୁରୁବାର ଉଦ୍‌ଘାଟନ କରିଛନ୍ତି। ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ସ୍ଥାନୀୟ ସରପଞ୍ଚ, ବିଷମକଟକ ସରପଞ୍ଚ, ଯୋଗାଣ ବିଭାଗ ଅଧିକାରୀ ଦେବଦତ୍ତ ଲେଙ୍କା ପ୍ରମୁଖ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ନିୟନ୍ତ୍ରଣ ବଜାର କମିଟିର କର୍ମଚାରୀ, ସମବାୟ ସମିତିର କର୍ମଚାରୀ, ସମବାୟ ସମିତିର ଏମ୍‌ଡି ଶାନ୍ତନୁ ସାହୁଙ୍କ ସହ ଶତାଧିକ ଚାଷୀ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମକୁ ସମବାୟ ସମିତିର ଏମ୍‌ଡି ଶାନ୍ତନୁ ସାହୁ ପରିଚାଳନା କରିଥିଲେ।

# ନକଲି ଦେଶୀମଦ କାରଖାନା ଠାବ

ବ୍ରହ୍ମପୁର,୧୯।୧୨(ସୁବାସ ଚନ୍ଦ୍ର ପାଢ଼ୀ)

ବ୍ରହ୍ମପୁର ନିମଖଣ୍ଡି ଥାନା ଅନ୍ତର୍ଗତ ଜଗଦଳପୁରରୁ ନକଲି ଦେଶୀ ମଦ କାରଖାନା ଠାବ ହୋଇଛି। ଅବକାରୀ ଗୋଇନ୍ଦା ଡିଏସ୍‌ପି ଶ୍ରୁତିକାନ୍ତ ରାଉତଙ୍କ ନେତୃତ୍ୱରେ ଏକ ଟିମ ଗୁରୁବାର ସେଠାରେ ଚଢ଼ାଉ କରି ଏହି ମଦ କାରଖାନା ଚଳାଉଥିବା ବାପ-ପୁଅ ଓ ବଡ଼ ମା'ଙ୍କ ସମେତ ଚାଲାଣକାରୀଙ୍କୁ ମିଶାଇ ମୋଟ ୫ ଜଣଙ୍କୁ ଗିରଫ କରିଛନ୍ତି। ସେମାନେ ହେଲେ ଜଗଦଳପୁରର ବୁଲୁ ଦାସ, ତାଙ୍କ ପୁଅ ବାବୁଲି ଦାସ, କବିତା ଦାସ, ଚମାଖଣ୍ଡିର ନିରଞ୍ଜନ ରେଡ୍ଡୀ ଓ କଳିଆବାଲିର ପି. ଗଣେଶ ରେଡ୍ଡୀ। ସେହିପରି ଏହି ଘଟଣାରେ ସଂପୃକ୍ତ ଘୋଡାଗୋପଲ୍ଲୀର ପି. ରଘୁନାଥ ରେଡ୍ଡୀ ଅବକାରୀ ଟିମକୁ ଚକମା ଦେଇ ଫେରାର ହୋଇଯାଇଥିବା ବିଭାଗ ପକ୍ଷରୁ କୁହାଯାଇଛି।

### ବାପ-ପୁଅ ସମେତ ୫ ଗିରଫ

ପୋଲିସ ଉକ୍ତ ନକଲି କାରଖାନାରୁ ୧୧୪୦ ଲିଟର ଦେଶୀ ମଦ ପାଉଚ, ବିପୁଳ ପରିମାଣର ପଲିଥିନ, ୨ଟି ପ୍ୟାକିଂ ମେଶିନ ଜବତ କରିଛି । ଅବକାରୀ ଗୋଇନ୍ଦା ବିଭାଗ ପକ୍ଷରୁ ଗୋପାଳପୁର ଜଙ୍କଶନରେ ଯାଞ୍ଚ ଚାଲିଥିବା ବେଳେ ଅଭିଯୁକ୍ତ ନିରଞ୍ଜନ ରେଡ୍ଡୀ ଏକ ବାଇକ୍‌ରେ ଟ୍ୟୁବ ଭିତରେ ଦେଶୀ ମଦ ଧରି ଯାଉଥିବା ବେଳେ ଧରାପଡିଥିଲେ। ତାଙ୍କୁ ପଚରାଉଚରା ବେଳେ ସେ ଏହି ମଦ ଇନ୍ଦ୍ରାକ୍ଷୀରୁ ଆଣିଥିବା କହିଥିଲେ। ସେହିକ୍ରମରେ ବିଭାଗର ଏକ ଟିମ୍ ଇନ୍ଦ୍ରାକ୍ଷୀରେ ଚଢାଉ ବେଳେ ସେଠାରୁ ଅଭିଯୁକ୍ତ ଗଣେଶ ରେଡ୍ଡୀଙ୍କୁ କାବୁ କରିବା ସହ ତାଙ୍କ ନିକଟରୁ ବିପୁଳ ପରିମାଣର କଞ୍ଚାମାଲ ଜବତ କରିଥିଲା ।

idco Your power to grow ISO 9001 & 14001 Corporation | ODISHA NEW OPPORTUNITIES
**OFFICE OF THE DIVISIONAL HEAD (ELECTRICAL), IDCO, IDCO TOWER, BHUBANESWAR**
No. CAD-1932
Tender Call Notice No. BBSR/ELECT/E-4517/23-25/3226 Dated: 16.12.2024
**NOTICE INVITING TENDER UNDER NATIONAL COMPETITIVE BIDDING THROUGH e-Procurement**
Name of the Work: Shifting and Construction of 33KV line from Manpur Over Bridge Chhak to KJ Ispat Ltd. under Dangadi Electrical Section, Jajpur (Under SACI Fund).

| Procurement Officer | Bid Identification No. | Availability of Tender Online for Bidding | |
|---|---|---|---|
| | | From | To |
| 1 | 2 | 3 | 4 |
| D.H. (Elect), IDCO, IDCO Tower, Janpath, Bhubaneswar | Bid ID No. BBSR/ ELECT/e-119/24-25 | 23.12.2024 at 17.00 Hrs. | 01.01.2025 at 17.00 Hrs. |

Further details can be seen from the e-Procurement Portal: **www.tendersorissa.gov.in.** Corrigendum or Addendum if any will not be published in Newspapers and can be seen in e-Procurement portal as well as in IDCO website.
OIPR-14003/11/0085/2425 Sd./- Divisional Head (Elect), IDCO, Bhubaneswar

**GOVERNMENT OF ODISHA**
**OFFICE OF THE CHIEF CONSTRUCTION ENGINEER**
**UPPER INDRAVATI PROJECT** No.A-738
At/PO : Mukhiguda, Dist : Kalahandi,Odisha, Pin-766026
e-mail address : cceuip1987@gmail.com/louiipbbsr@gmail.com
1. Type of Work : Road works. 2. Total No. of Works : 04 Nos. 3. Approximate value of work : Rs. 2.51 to 2.52 Cr (Excluding GST). 4. Tender Paper Cost : Rs. 10,000/- (online). 5. Bid Security / E.M.D : Rs. 2,51,305.00 - Rs. 2,52,477.00 (Online). 6. Period of Completion : 10 (Ten calendar months). 7. Class of Contractor : 'B' & 'A' Class

| Procurement Officer | e-Procurement Notice No. | Bid Amount | Availability of online viewing of Tender prior to Bidding | | Bid clarification | Submission & Availability bid on-line | Date & time of opening of Technical Bid |
|---|---|---|---|---|---|---|---|
| | | | From | To | | | |
| 1 | 2 | 3 | 4 | 5 | 6 | 7 | 8 |
| CHIEF CONSTRUCTION ENGINEER, UPPER INDRAVATI PROJECT, AT/PO - MUKHIGUDA, DIST. - KALAHANDI, ODISHA, PIN - 766026 | CCE UIP-03(01-04)/2024-25, Dt. 16.12.2024 | Rs. 2.51 cr to Rs. 2.52 cr (Excluding GST) | 24.12.2024 (10.00 AM) | 07.01.2025 (up to 5.00 P.M.) | 24.12.2024 to 27.12.2024 During office hour | 24.12.2024 (10.00 A.M.) to 07.01.2025 (up to 5.00 P.M.) | 09.01.2025 at 12.00 Noon |

Date of opening of technical bid : Dt. 09.01.2025 at 12.00 P.M. in the O/o the Chief Construction Engineer, UIP, Mukhiguda, Kalahandi, Odisha, PIN-766026
date of opening of financial bid : To be decided after finalization of Technical Bid.
Further details can be seen from the Govt. Website : www.tendersorissa.gov.in
Sd./-Chief Construction Engineer
Upper Indravati Project
Mukhiguda
OIPR-32352/11/0008/2425

**ORISSA STATE AIDS CONTROL SOCIETY (OSACS)** OSACS
**(Department of Health & Family Welfare), Government of Odisha**
**Letter No. IX-OSACS-ART-06/2024-25(Pt.)(1) 4177/OSACS Dated: 17.12.2024**
No. E-602: The Orissa State AIDS Control Society (OSACS) on behalf of the ART Centres, Capital Hospital, Bhubaneswar to fill-up the post of **Medical Officer** on contract basis for implementation of HIV/AIDS programme under National AIDS Control Programme (NACP). The initial appointment should be for a period of one year and be renewed every year based on the performance. The details mentioned below:

| Sl. No. | Name of the Post | Place of Posting | No. of Post | Monthly Consolidated Remuneration (Rs.) |
|---|---|---|---|---|
| 1 | Medical Officer | Capital Hospital, Bhubaneswar (2 Nos.) | 02 | 72,000/- |

Further for the post of Medical Officer (Minimum age limit of 25 years & maximum age limit of 69 years as on 01.07.2024) may appear before the selection board on mentioned dates against each institutes by 11.00 A.M. with all relevant original documents and photocopies of same with self attested.
Application should not be sent to OSACS Head Quarter and ART Center Capital Hospital.
The remuneration, qualification, ToR & responsibilities, other terms and conditions are available in the websites of **www.osacs.nic.in** and **www.orissa.gov.in**.
**Sd./- Project Director**
2nd Floor, Oil Orissa Building, Nayapalli, Bhubaneswar, Ph: 2395415/2393235, Fax: 2394560 (0674)
E-mail: orissasacs@gmail.com, osacscst@gmail.com
OIPR-10009/11/0020/2425

**ଟାଟାନଗର ରେଲ୍‌ୱେ ହସ୍ପିଟାଲଠାରେ ପାର୍ଟ ଟାଇମ୍ ଡେଣ୍ଟାଲ ସର୍ଜନଙ୍କ ନିୟୋଜନ ନିମନ୍ତେ ୱାକ୍-ଇନ୍-ଇଣ୍ଟରଭ୍ୟୁ**
କର୍ମନିଯୁକ୍ତି ବିଜ୍ଞପ୍ତି ନଂ.: ୦୫/୨୦୨୪ (ଏମ୍‌ଇଡି)/ପାର୍ଟ ଟାଇମ୍ ଡେଣ୍ଟିଷ୍ଟ/୧୨/ସିକେପି-୨୪ ତାରିଖ: ୧୯।୧୨।୨୦୨୪
ଦକ୍ଷିଣ ପୂର୍ବ ରେଳପଥ, ଚକ୍ରଧରପୁର ଡିଭିଜନ, ଭାରତ ସରକାର, ରେଳ ମନ୍ତ୍ରଣାଳୟ ଚକ୍ରଧରପୁରରେ ସବ୍-ଡିଭିଜନାଲ ରେଲ୍‌ୱେ ହସ୍ପିଟାଲ/ଟାଟାନଗରଠାରେ ଏକବର୍ଷ ଅବଧି ପାଇଁ ସମ୍ପୂର୍ଣ୍ଣ ରୂପେ ଚୁକ୍ତି ଭିତ୍ତିରେ ଦୈନିକ ୦୪ ଘଣ୍ଟା ପାଇଁ **୦୧ (ଏକ) ପଦବୀ (ୟୁଆର-୦୧)**ରେ ପାର୍ଟ ଟାଇମ୍ ଡେଣ୍ଟାଲ ସର୍ଜନଙ୍କୁ ନିୟୋଜନ କରିବା ପାଇଁ ଇଚ୍ଛୁକ ଅଟନ୍ତି । ଚୁକ୍ତିର ଅବଧି ହେଉଛି ଚୁକ୍ତିରେ ପ୍ରବେଶ କରିବା ତାରିଖରୁ ଏକ ବର୍ଷ। ଚୁକ୍ତିକୁ କୌଣସି କାରଣରୁ ବର୍ଦ୍ଧିତ କରାଯାଇପାରିବ ନାହିଁ । ତଥାପି, ସମୟ ସମୟରେ ରେଳ ପରିଷଦ ଦ୍ୱାରା ଜାରି ନିୟମ ଓ ସର୍ତ୍ତାବଳୀ ଅନୁଯାୟୀ ରେଳ ପ୍ରଶାସନ ବର୍ଷକୁ ବର୍ଷ ଭିତ୍ତିରେ ୧୨ଟି କ୍ରମାଗତ କାର୍ଯ୍ୟକାଳ ପର୍ଯ୍ୟନ୍ତ କିମ୍ବା ନିୟମିତ ପଦାଧିକାରୀ ଯୋଗ ଦେବା ପର୍ଯ୍ୟନ୍ତ କିମ୍ବା ନିୟୋଜିତ ବ୍ୟକ୍ତି ୬୫ ବର୍ଷ ବୟସରେ ପଦାର୍ପଣ କରିବା ପର୍ଯ୍ୟନ୍ତ, ଯାହା ପୂର୍ବରୁ ହେଉଥିବ, ସିଏମ୍‌ପିଙ୍କ ସହିତ ନୂଆ ଚୁକ୍ତିରେ ପ୍ରବେଶ କରିବାର ଅଧିକାର ନିଜ ନିକଟରେ ସଂରକ୍ଷିତ ରଖିଛନ୍ତି । ପ୍ରାର୍ଥୀମାନଙ୍କୁ ଏକ **"ୱାକ୍-ଇନ୍-ଇଣ୍ଟରଭ୍ୟୁ"** ଜରିଆରେ ଚୟନ କରାଯିବ।
ପ୍ରୟୋଜନୀୟ କ୍ଷେତ୍ରରେ ପାରିଶ୍ରମିକର ପରିମାଣ ହେଉଛି **ମାସିକ ଟ.୩୬,୯୦୦/-।** **"ୱାକ୍-ଇନ୍-ଇଣ୍ଟରଭ୍ୟୁ" ତା୨୭।୧୨।୨୦୨୪ରିଖ ପୂର୍ବାହ୍ନ ୧୦.୩୦ ଘଟିକାରୁ ଅପରାହ୍ନ ୦୨.୦୦ ଘଟିକା ପର୍ଯ୍ୟନ୍ତ ଚିଫ୍ ମେଡିକାଲ ସୁପରିଣ୍ଟେଣ୍ଡେଣ୍ଟଙ୍କ କାର୍ଯ୍ୟାଳୟ, ଦକ୍ଷିଣ ପୂର୍ବ ରେଳପଥ, ଟାଟାନଗର, ପୋଷ୍ଟ: ଟାଟାନଗର, ଜିଲ୍ଲା: ପୂର୍ବ ସିଂହଭୂମ, ପିନ୍-୮୩୧୦୦୨ (ଝାଡ଼ଖଣ୍ଡ)**ଠାରେ ଅନୁଷ୍ଠିତ ହେବ । ଆଗ୍ରହୀ ପ୍ରାର୍ଥୀମାନେ ବିବରଣୀ ପାଇଁ ଆମର ୱେବ୍‌ସାଇଟ୍ **www.ser.indianrailways.gov.in** ପରିଦର୍ଶନ କରିପାରନ୍ତି (ଡିଭିଜନ>ଚକ୍ରଧରପୁର>ପର୍ସୋନେଲ୍>ନୋଟିଫିକେଶନ୍‌କୁ ଯାଆନ୍ତୁ) । ଅଧିକନ୍ତୁ, ଶୁଦ୍ଧିପତ୍ର କିମ୍ବା ଯୋଗପତ୍ର କିମ୍ବା ବାତିଲକରଣ, ଯଦି ଥାଏ, କେବଳ ଉପରୋକ୍ତ ୱେବ୍‌ସାଇଟ୍‌ରେ ପ୍ରକାଶିତ ହେବ, ତେଣୁ ନିୟମିତ ଭାବେ ଆମର ୱେବ୍‌ସାଇଟ୍ ଦେଖିବା ଜାରି ରଖନ୍ତୁ । ଇଚ୍ଛୁକ ପ୍ରାର୍ଥୀମାନେ ଉପରୋକ୍ତ ସମୟ ଏବଂ ସ୍ଥାନରେ **"ୱାକ୍-ଇନ୍-ଇଣ୍ଟରଭ୍ୟୁ"**ରେ ଅଂଶଗ୍ରହଣ କରିପାରନ୍ତି ।
(PR-931) ସିନିୟର ଡିଭିଜନାଲ ପର୍ସୋନେଲ୍ ଅଫିସର, ଚକ୍ରଧରପୁର
ଦକ୍ଷିଣ ପୂର୍ବ ରେଳପଥ
ହର୍ଷର ସହିତ ଆମେ ସେବାରତ

**GOVERNMENT OF CHHATTISGARH, WATER RESOURCES DEPARTMENT**
**OFFICE OF THE EXECUTIVE ENGINEER**
**WATER RESOURCES DIVISION, BAIKUNTHPUR, DISTT. KORIYA (C.G.)**
**e-PROCUREMENT TENDER NOTICE**
**eProcurement Portal: https://eproc.cgstate.gov.in**
(1st CALL)
System Tender No: 162940 NIT No. : 10/SAC/2024-25
Dated : 17.12.2024
**Online Tenders are invited for the following works up to 07.01.2025, (17.30 hours IST)**
Name of Work : Anjani Tank Canal Extension & Construction of C.C. Channel, Hume Pipe V.R.B., Repair of RCC Barrel type VRB at RD 990 m, Repair of existing VRB, Const. of Abutment for Acquaduct at RD 1083 & 1177 m, Repair of Head Sluice for Miner canal 1,2&3, Const. C C Channel 990 to 1083 m, 1177 to 1335,2570 to 3420,3430 to 5342 in main canal, Const. of Water Course in main canal at Rd 6350 m, C.C. Lining 0 to 900, 1300 to 2560 m, 5342 to 6350 m in main canal, CC Lining RD 0 to 900 m in minor 01, RD 0 to 950 m in minor 02& RD 0 to 750 m in minor 03 canal, Const. of Toe Wall in main canal & Fixing of Outlets.
Probable Amount Of Contract : Rs. 488.44 Lakhs
The details can be viewed and downloaded online directly from the Government of Chhattisgarh Integrated e-Procurement Portal (https://eproc.cgstate.gov.in) from Date 24.12.2024, at 17.31 Hours.(IST) onwards.
NOTE :- 1. All eligible/interested contractors/bidders are mandated to get enrolled on the Integrated e - procurement portal (https://eproc.cgstate.gov.in) and get approval on specific vendor class from PWD under Centralized Contractor/Supplier Registration in order to download the tender documents and participate in the subsequent bidding process.
2. Probable Amount of Contract (P.A.C.) is as per S.O.R. 01.08.2010. (As Amendments 01.08.2022).
Sd./- Executive Engineer
Water Resources Division, Baikunthpur Korea (C.G.)
For, Chief Engineer, Hasdeo Ganga Basin
Ambikapur (C.G.)
G-242504692/2

# ପ୍ରତ୍ୟାଶା, ସ୍ୱସ୍ତି, ସାତ୍ୱିକଙ୍କ କିର୍ତ୍ତୀ

ବିଦାୟ ବେଳାରେ ୨୦୨୪। ଏହି ବର୍ଷ ଓଡ଼ିଶାର ଅନେକ କ୍ରୀଡ଼ାବିତ୍ ବ୍ୟକ୍ତିଗତ ପ୍ରଦର୍ଶନ ମାଧ୍ୟମରେ ପ୍ରଭାବିତ କରିଛନ୍ତି। ହକି ଅଲିମ୍ପିଆନ ଅମିତ ରୋହିଦାସଙ୍କଠାରୁ ଆରମ୍ଭ କରି ସୁଇମର ପ୍ରତ୍ୟାଶା ରାୟ, ସାଇକ୍ଲିଷ୍ଟ ସ୍ୱସ୍ତି ସିଂ, ଚେସ୍ ପ୍ରତିଭା ସାତ୍ୱିକ ସ୍ୱାଇଁ ଏବଂ ବ୍ୟାଡ୍‌ମିଣ୍ଟନ ସେନ୍‌ସେଶନ ତନଭି ପତ୍ରୀ ପ୍ରମୁଖ ନୂଆ କିର୍ତ୍ତୀମାନ ସ୍ଥାପନ କରିଛନ୍ତି। ଅମିତ ଓଡ଼ିଶାର ପ୍ରଥମ ଖେଳାଳିଭାବେ କ୍ରମାଗତ ଦୁଇଟି ଅଲିମ୍ପିକ୍ସରେ ପଦକ ଜିତିଥିବାବେଳେ ସିନିୟର ସ୍ତରରେ ସୁଇମିଂ ପୁଲ୍‌ରେ ଦମ୍ ଦେଖାଇଛନ୍ତି ପ୍ରତ୍ୟାଶା ରାୟ। ବର୍ଷ ସାରା ସାଇକ୍ଲିଂରେ ସ୍ୱସ୍ତି ପ୍ରଭାବୀ ପ୍ରଦର୍ଶନ କରିଛନ୍ତି ଏବଂ ଗୋଟିଏ ବର୍ଷରେ ଦୁଇଟି ବିଶ୍ୱସ୍ତରୀୟ ଚେସ୍ ପ୍ରତିଯୋଗିତାରେ ଚମକ ଦେଖାଇଛନ୍ତି ସାତ୍ୱିକ। ସେହିପରି ମାତ୍ର ୧୩ ବର୍ଷ ବୟସରେ ଏସୀୟ ଜୁନିୟର ବ୍ୟାଡ୍‌ମିଣ୍ଟନ ଚାମ୍ପିୟନଶିପ୍‌ରେ ସ୍ୱର୍ଣ୍ଣ ପଦକ ଜିତି ରାଜ୍ୟକୁ ଗର୍ବିତ କରିଛନ୍ତି ତନଭି...

## ପାରା ସ୍ପୋର୍ଟ୍ସ


ଜୟନ୍ତୀ ବେହେରା ଓ ସୁଚିତ୍ରା ପରିଡ଼ା

ବର୍ଷ ୨୦୨୪ରେ ରାଜ୍ୟର ପାରା ସ୍ପୋର୍ଟ୍ସ ତାରକାମାନେ ମଧ୍ୟ ବିଭିନ୍ନ ପ୍ରତିଯୋଗିତାରେ ପ୍ରଭାବୀ ପ୍ରଦର୍ଶନ କରିଥିଲେ। ଦୃଷ୍ଟି ବାଧିତ ଖେଳାଳିଙ୍କ ପ୍ରଦର୍ଶନ ମଧ୍ୟ ଉଲ୍ଲେଖନୀୟ ରହିଥିଲା। ଗୋଆର ପଣଜୀରେ ଅନୁଷ୍ଠିତ ୨୨ତମ ଜାତୀୟ ପାରା ଆଥ୍‌ଲେଟିକ ଚାମ୍ପିୟନଶିପରେ ମୋଟ ୯ ପଦକ ସହ ଓଡ଼ିଶା ଏହାର ଅଭିଯାନ ଶେଷ କରିଥିଲା। ଜୟନ୍ତୀ ବେହେରା ୧୦୦, ୨୦୦ ଓ ୪୦୦ ମିଟର ଦୌଡ଼ରେ ୩ ସ୍ୱର୍ଣ୍ଣ ପଦକ ହାସଲ କରି ପ୍ରତିଯୋଗିତାର ଶ୍ରେଷ୍ଠ ମହିଳା ଖେଳାଳି ବିବେଚିତ ହୋଇଥିଲେ। ଶୁଭ୍ରଜିତ ମହାରଣା କାଏରୋରେ ଅନୁଷ୍ଠିତ ଇଜିପ୍ଟ ପାରା ବ୍ୟାଡ୍‌ମିଣ୍ଟନ ଟୁର୍ନାମେଣ୍ଟରେ ସ୍ୱର୍ଣ୍ଣ ଜିତିଥିବାବେଳେ ବେଙ୍ଗାଲୁରୁର ଶ୍ରୀ କାନ୍ତିରଭା ଷ୍ଟାଡିୟମରେ ଅନୁଷ୍ଠିତ ୬ଷ୍ଠ ଇଣ୍ଡିଆନ ଓପନ ପାରା ଆଥଲେଟିକ୍ସ ଚାମ୍ପିୟନଶିପ୍‌ରେ ସୁଚିତ୍ରା ପରିଡ଼ା ସ୍ୱର୍ଣ୍ଣ ଓ ବ୍ରୋଞ୍ଜ ପଦକ ଜିତିଥିଲେ। ପାରାଲିମ୍ପିକ୍ସ ଚାମ୍ପିୟନ ପ୍ରମୋଦ ଭଗତ ଥାଇଲାଣ୍ଡର ପଟାୟାଠାରେ ଅନୁଷ୍ଠିତ ବିଶ୍ୱ ପାରା ବ୍ୟାଡ୍‌ମିଣ୍ଟନ ଚାମ୍ପିୟନଶିପରେ ସ୍ୱର୍ଣ୍ଣ ପଦକ ହାସଲ କରିଥିଲେ। ତେବେ ହ୍ୱେୟାର ଏବାଉଟ୍ କ୍ଲଜ ଉଲଂଘନ ଅଭିଯୋଗ କାରଣରୁ ବ୍ୟାଡ୍‌ମିଣ୍ଟନ ୱାର୍ଲ୍ଡ ଫେଡେରେଶନ (ବିଡବ୍ଲ୍ୟୁଏଫ୍)ର ଡୋପିଂ ନିରୋଧି ସଂସ୍ଥା 'ୱାଡା) ଦ୍ୱାରା ୧୮ ମାସ ବାସନ୍ଦ ହୋଇ ପ୍ରମୋଦ ପାରାଲିମ୍ପିକ୍ସରେ ଅଂଶଗ୍ରହଣ କରି ନ ପାରିବା କ୍ରୀଡ଼ାପ୍ରେମୀଙ୍କୁ ନିରାଶ କରିଥିଲା।

## ସୁଇମିଂ ପୁଲ୍‌ରେ କୀର୍ତ୍ତିମାନ


ପ୍ରତ୍ୟାଶା ରାୟ

ଏହି ବର୍ଷ ସୁଇମିଂ ପୁଲ୍‌ରେ ଓଡ଼ିଶା ପ୍ରତିଯୋଗୀମାନେ ଚମକ ସୃଷ୍ଟି କରିଥିଲେ। ପୂର୍ବରୁ ଅନେକ ପ୍ରଥମର ଅଧିକାରିଣୀ ଥିବା ପ୍ରତ୍ୟାଶା ରାୟ ଏଥର ଜାତୀୟ ସିନିୟର ସନ୍ତରଣରେ ଓଡ଼ିଶାର ପ୍ରଥମ ସୁଇମରଭାବେ ରୌପ୍ୟ ପଦକ ହାସଲ କରି ଏକ ବିରଳ କୀର୍ତ୍ତିମାନ ସ୍ଥାପନ କରିଥିଲେ। କର୍ଣାଟକର ମାଙ୍ଗାଲୋରଠାରେ ଅନୁଷ୍ଠିତ ଜାତୀୟ ସିନିୟର ଆକ୍ୱାଟିକ୍ ଚାମ୍ପିୟନଶିପରେ ସେ ବ୍ୟକ୍ତିଗତ ରୌପ୍ୟ ଓ ଦଳଗତ ବ୍ରୋଞ୍ଜ ପଦକ ଜିତି ନିଜ କ୍ୟାରିୟରକୁ ଭିନ୍ନ ଏକ ସୋପାନକୁ ନେଇ ଯାଇଥିଲେ। ୪x୨୦୦ ମିଟର ମିଡ୍‌ଲେ ରିଲେରେ ଓଡ଼ିଶା ସ୍ୱର୍ଣ୍ଣ ପଦକ ହାସଲ କରିଥିଲା। ପ୍ରତ୍ୟାଶା ରାୟ, ମନ୍ନତା ମିଶ୍ର, ସୃଷ୍ଟି ଉପାଧ୍ୟାୟ ଓ ସୋନିଆ ପଟେଲଙ୍କୁ ନେଇ ଗଠିତ ଓଡ଼ିଶା ଦଳ ପ୍ରଥମ ସ୍ଥାନ ଅଧିକାର କରିଛନ୍ତି। ଏଥିରେ ପ୍ରତ୍ୟାଶା ବ୍ୟାକ୍‌ଷ୍ଟ୍ରୋକ୍, ମନ୍ନତା ବ୍ରେଷ୍ଟ ଷ୍ଟ୍ରୋକ୍, ସୃଷ୍ଟି ବଟରଫ୍ଲାଏ ଓ ସୋନିଆ ଫ୍ରିଷ୍ଟାଇଲ ସୁଇମିଂ କରିଥିଲେ। ଜାତୀୟ ସିନିୟର ଆକ୍ୱାଟିକ୍ ଚାମ୍ପିୟନଶିପ ଓଡ଼ିଶାପାଇଁ ସ୍ମରଣୀୟ ହୋଇଥିଲା। ଓଡ଼ିଶା ପ୍ରଥମଥରପାଇଁ ୧ ସ୍ୱର୍ଣ୍ଣ ସହ ମୋଟ ୬ଟି ପଦକ ପାଇଥିଲା। ଅନ୍ୟ ପ୍ରତିଯୋଗିତାଗୁଡ଼ିକରେ ମଧ୍ୟ ପ୍ରତ୍ୟାଶା, ମନ୍ନାତାଙ୍କ ସମେତ ଅନ୍ୟ ଓଡ଼ିଆ ସୁଇମରଙ୍କ ପ୍ରଦର୍ଶନ ସ୍ମରଣୀୟ ଥିଲା। ଜୁନ୍‌ରେ କଳିଙ୍ଗ ଷ୍ଟାଡିୟମରେ ଅନୁଷ୍ଠିତ ନ୍ୟାଶନାଲ ସୁଇମିଂ ର୍‍ୟାଙ୍କିଙ୍ଗ୍ ଚାମ୍ପିୟନଶିପ୍‌ରେ ଓଡ଼ିଶାକୁ ୧୭ଟି ପଦକ ମିଳିଥିଲା।

## ଶୁଭେନ୍ଦୁ ଓଡ଼ିଶାର ପ୍ରଥମ ପ୍ରୋ-ଲାଇସେନ୍ସ କୋଚ୍



ନଭେମ୍ବରରେ ଓଡ଼ିଶା ଫୁଟବଲ ପାଇଁ ଏକ ଭଲ ଖବର ନେଇ ଆସିଥିଲେ କୋଚ୍ ଶୁଭେନ୍ଦୁ ପଣ୍ଡା। ସେ ରାଜ୍ୟର ପ୍ରଥମ କୋଚ୍‌ଭାବେ ଏଏଫ୍‌ସି ପ୍ରୋ–ଲାଇସେନ୍ସ ହାସଲ କରିଥିଲେ। ପୂର୍ବରୁ ୫ ବର୍ଷ ଧରି ଭାରତୀୟ ୧୫, ୧୭ ଓ ୧୯ ବର୍ଷରୁ କମ୍ ଫୁଟବଲ ଦଳର କୋଚ୍ ଦାୟିତ୍ୱ ନିର୍ବାହ କରିସାରିଥିବା ଶୁଭେନ୍ଦୁ ଏଏଫ୍‌ସି ପ୍ରୋ–ଲାଇସେନ୍ସ ହାସଲ ଦ୍ୱାରା ଏଣିକି ଯେ କୌଣସି ପେସାଦାର କ୍ଲବ ଏବଂ ଜାତୀୟ ଦଳର ମୁଖ୍ୟ କୋଚ୍ ହୋଇପାରିବେ। କୋର୍ସର ପଞ୍ଚମ ମଡ୍ୟୁଲ(ଇଣ୍ଟରନ୍ୟାଶନାଲ ଏକ୍ସପୋଜର) କରିବା ପାଇଁ ଶୁଭେନ୍ଦୁ ଗତ ସେପ୍ଟେମ୍ବରରେ ସୌଦୀ ଆରବ ଯାତ୍ରା କରିଥିଲେ। ସେଠାରେ ସେ ଅକ୍ଟୋବର ୩ ପର୍ଯ୍ୟନ୍ତ ଏହି କୋର୍ସର ପାଠ୍ୟକ୍ରମ କରିଥିଲେ। ଏହା ପୂର୍ବରୁ ଶୁଭେନ୍ଦୁ ଏଏଫ୍‌ସି–ପ୍ରୋ ଲାଇସେନ୍ସର ଚାରୋଟି ମଡ୍ୟୁଲ ଚଣ୍ଡିଗଡ଼, ଭୁବନେଶ୍ୱର, ଗୋଆ ଏବଂ ଆଭାସିରେ ସଫଳତାର ସହ ଶେଷ କରିଥିଲେ।

## ଭାରୋତ୍ତୋଳନରେ ଉଜ୍ଜ୍ୱଳ ଭବିଷ୍ୟତ

ଏହି ବର୍ଷ ରାଜ୍ୟର ପ୍ରତିଭାସମ୍ପନ୍ନ ଭାରୋତ୍ତୋଳକମାନେ ଚମତ୍କାର ପ୍ରଦର୍ଶନ ଉଜ୍ଜ୍ୱଳ ଭବିଷ୍ୟତର ସୂଚନା ଦେଇଥିଲେ। ଜାନୁଆରୀରେ ଚେନ୍ନାଇରେ ଅନୁଷ୍ଠିତ ଖେଲୋ ଇଣ୍ଡିଆ ୟୁଥ୍ ଗେମ୍ସର ବାଳିକା ଭାରୋତ୍ତୋଳନରେ ଜାତୀୟ ୟୁଥ୍ ରେକର୍ଡ ସୃଷ୍ଟି କରିଥିଲେ ଜ୍ୟୋସ୍ନା ଶବର। ୪୦ କେଜି ବର୍ଗରେ ସେ ମୋଟ ୧୩୦ (ସ୍ନାଚ୍–୬୦, କ୍ଲିନ୍ ଆଣ୍ଡ ଜର୍କ–୭୦) କେଜି ଉତ୍ତୋଳନ କରି ସ୍ୱର୍ଣ୍ଣ ପଦକ ହାସଲ କରିଥିଲେ। ଲିମାରେ ଅନୁଷ୍ଠିତ ବିଶ୍ୱ ଯୁବ ଭାରୋତ୍ତୋଳନରେ ପ୍ରୀତିସ୍ମିତା ଭୋଇ ଓ ଜ୍ୟୋସ୍ନା ୪୦ କେଜି ଓଜନ ବର୍ଗରେ ସ୍ୱର୍ଣ୍ଣ ଓ ରୌପ୍ୟ ପଦକ ପାଇବା ସହ ନୂଆ ଯୁବ ବିଶ୍ୱ ରେକର୍ଡ ସୃଷ୍ଟି କରିଥିଲେ। ରାଜ୍ୟଗୋଷ୍ଠୀ ଭାରୋତ୍ତୋଳନରେ ମୀନା ସାନ୍ତା ନିଜ ବର୍ଗରେ ଜାତୀୟ ରେକର୍ଡ ସହ ମୋଟ ୩ ପଦକ ଜିତିଥିଲେ। ଜ୍ୟୋସ୍ନାଙ୍କ ସହ ସ୍ୱୟମ୍‌ଜିତ ପ୍ରସାଦ ସାହୁ ସ୍ୱର୍ଣ୍ଣ ଜିତିଥିବାବେଳେ ହୃଦାନନ୍ଦ ଦାସ ରୌପ୍ୟ ଓ ବ୍ରୋଞ୍ଜ ହାସଲ କରିଥିଲେ। ସେହିପରି ଇଟାନଗରରେ ଅନୁଷ୍ଠିତ ଖେଲୋ ଇଣ୍ଡିଆ ବିଶ୍ୱବିଦ୍ୟାଳୟ କ୍ରୀଡ଼ାର ଭାରୋତ୍ତୋଳନରେ ସ୍ନେହା ସୋରେନ ସ୍ୱର୍ଣ୍ଣ ପଦକ ପାଇଥିଲେ।


ଜ୍ୟୋସ୍ନା ଶବର

## ଜୁନିୟର ର୍‍ୟାଙ୍କିଙ୍ଗ୍‌ରେ ଆହାନ


ଆହାନ ମିଶ୍ର

ପ୍ରତିଭାସମ୍ପନ୍ନ ଟେନିସ ଖେଳାଳି ଆହାନ ମିଶ୍ର ଅନ୍ତର୍ଜାତୀୟ ସ୍ତରରେ ନିଜର ଉପସ୍ଥିତି ଜାହିର କରି ଏହି ବର୍ଷ ୧୮ ବର୍ଷରୁ କମ୍ ବାଳକ ବର୍ଗରେ ଜୁନିୟର ବିଶ୍ୱ ର୍‍ୟାଙ୍କିଙ୍ଗ୍‌ରେ ପାଦ ଥାପିଥିଲେ। ଜେ୧୦୦ ନାଇରୋବି କେନିୟା ଆଇଟିଏଫ୍ ଇଷ୍ଟ ଆଫ୍ରିକା ଜୁନିୟର ସର୍କିଟ ଟୁର୍ନାମେଣ୍ଟ ମୁଖ୍ୟ ଡ୍ର'ର ପ୍ରଥମ ରାଉଣ୍ଡରେ ସେ ଇସ୍ରାଏଲ୍‌ର ତୋମେର ତିକତିନସ୍କିଙ୍କୁ ପରାସ୍ତ କରି ଏହି ସଫଳତା ପାଇଥିଲେ। କୋଲକାତାର ଶ୍ୟାମ ବଜାରଠାରେ ଅନୁଷ୍ଠିତ ୧୪ ବର୍ଷରୁ କମ୍ ଏସିଆନ ର୍‍ୟାଙ୍କିଙ୍ଗ ଟେନିସ ଟୁର୍ନାମେଣ୍ଟର ଡବଲ୍ସରେ ଟାଇଟଲ ହାସଲ କରିଥିବାବେଳେ କଳିଙ୍ଗ ଷ୍ଟାଡିୟମ ଟେନିସ କମ୍ପ୍ଲେକ୍ସରେ ଅନୁଷ୍ଠିତ ୧୪ ଓ ୧୬ ବର୍ଷରୁ କମ୍ ଚାମ୍ପିୟନଶିପ୍ ସିରିଜ (ସିଏସ୍୭) ଟେନିସ ଟୁର୍ନାମେଣ୍ଟରେ ସେ ତ୍ରିମୁକୁଟ ହାସଲ କରିଥିଲେ।

## ଆଥଲେଟ୍‌ଙ୍କ ଚମକ

ଏ ବର୍ଷ ବଡ଼ ପ୍ରତିଯୋଗିତାଗୁଡ଼ିକରେ କୌଣସି ଓଡ଼ିଆ ଆଥଲେଟ୍ ସଫଳତା ପାଇ ନ ଥିଲେ ମଧ୍ୟ ଜାତୀୟ ସିନିୟର ସ୍ତରରେ ପ୍ରଭାବୀ ପ୍ରଦର୍ଶନ କରିବାରେ ସକ୍ଷମ ହୋଇଛନ୍ତି। ହାଇପରଫର୍ମାନ୍ସ ସେଣ୍ଟରର ଟ୍ରେନିଂ ନେଉଥିବାରୁ ଓଡ଼ିଶା ପକ୍ଷରୁ ପ୍ରତିନିଧିତ୍ୱ କରୁଥିବା ଅନିମେଶ କୁଜୁରଙ୍କ ସମେତ ଶ୍ରାବଣୀ ନନ୍ଦ, ପ୍ରଜ୍ଞା ପ୍ରଶାନ୍ତି ସାହୁ, ସ୍ୱାଧୀନ କୁମାର ମାଝୀ ପ୍ରମୁଖ ଏକାଧିକ ଆଥଲେଟ୍ ସମ୍ମାନ ରଖିଛନ୍ତି। ଚେନ୍ନାଇରେ ଅନୁଷ୍ଠିତ ଇଣ୍ଡିଆନ ଗ୍ରାଁ ପ୍ରି ସିରିଜ–୨ରେ ଓଡ଼ିଶାର ୨ ଆଥଲେଟ୍ ଶ୍ରାବଣୀ ନନ୍ଦ ଓ ଅଶୋକ ଦଣ୍ଡସେନା ସ୍ୱର୍ଣ୍ଣ ପଦକ ଜିତି ରାଜ୍ୟକୁ ଗର୍ବିତ କରିଥିଲେ। ପଞ୍ଚକୁଲାଠାରେ ଅନୁଷ୍ଠିତ ଜାତୀୟ ଆନ୍ତଃ ରାଜ୍ୟ ସିନିୟର ଆଥଲେଟିକ୍ସରେ ଓଡ଼ିଶା ୪x୧୦୦ ପୁରୁଷ ରିଲେ ଦଳ ସ୍ୱର୍ଣ୍ଣ ଓ ମହିଳା ରିଲେ ଦଳ ବ୍ରୋଞ୍ଜ ପଦକ ହାସଲ କରିଥିଲା। ତାରକା ଆଥଲେଟ୍ କିଶୋର ଜେନା ଅଲିମ୍ପିକ୍ସରେ ପଦାର୍ପଣ କରିବା ମଧ୍ୟ ରାଜ୍ୟ କ୍ରୀଡ଼ା ପାଇଁ ଉଲ୍ଲେଖନୀୟ ଥିଲା।


ଅନିମେଶ କୁଜୁର

## ଇତିହାସ ରଚିଲେ ଅମିତ

ଓଡ଼ିଶାର ପ୍ରଥମ ଖେଳାଳି ଭାବେ କ୍ରମାଗତ ଦୁଇଟି ଅଲିମ୍ପିକ୍ସରେ ପଦକ ଜିତି ଇତିହାସ ରଚିଥିଲେ ଅମିତ ରୋହିଦାସ। ପ୍ୟାରିସ ଅଲିମ୍ପିକ୍ସରେ ବ୍ରୋଞ୍ଜ ପଦକ ବିଜୟୀ ହୋଇଥିବା ଭାରତୀୟ ପୁରୁଷ ହକି ଦଳର ସେ ସଦସ୍ୟ ଥିଲେ। ପୂର୍ବରୁ ସେ ଟୋକିଓ ଅଲିମ୍ପିକ୍ସରେ ମଧ୍ୟ ବ୍ରୋଞ୍ଜ ପଦକ ହାସଲ କରିଥିଲେ। ମହିଳା ହକିରେ ବର୍ଷ ସାରା ପ୍ରଭାବୀ ପ୍ରଦର୍ଶନ କରିଥିଲେ ସୁନେଲିତା ଟପ୍ପୋ। ସେ ମହିଳା ଏସିଆନ ଚାମ୍ପିୟନ୍ସ ଟ୍ରଫି ଓ ଜୁନିୟର ମହିଳା ଏସିଆ କପ୍ ହକିରେ ଚାମ୍ପିୟନ ହୋଇଥିବା ଭାରତୀୟ ଦଳର ସଦସ୍ୟା ଥିଲେ। ଜୁନିୟର ଏସିଆ କପ୍‌ରେ ତାଙ୍କ ପ୍ରଦର୍ଶନ ଅତି ଚର୍ଚ୍ଚାରେ ରହିଥିଲା। ଚେନ୍ନାଇରେ ଅନୁଷ୍ଠିତ ଜାତୀୟ ସିନିୟର ପୁରୁଷ ହକି ଚାମ୍ପିୟନଶିପ୍‌ରେ ପ୍ରଥମଥରପାଇଁ ସ୍ୱର୍ଣ୍ଣ ପଦକ ଜିତି ଓଡ଼ିଶା ଇତିହାସ ରଚିଥିଲା। ଫାଇନାଲରେ ଓଡ଼ିଶା ୫–୧ ଗୋଲ୍‌ରେ ହରିୟାଣାକୁ ପରାସ୍ତ କରି ଚାମ୍ପିୟନ ହୋଇଥିଲା।


ଅମିତ ରୋହିଦାସ

## ସାଇକେଲ ଟ୍ରାକ୍‌ରେ ବିରଳ ସଫଳତା

ଚମତ୍କାର ପ୍ରଦର୍ଶନ କରି ବର୍ଷ ସାରା ଛାଇ ରହିଥିଲେ ରାଜ୍ୟର ପ୍ରତିଭା ସମ୍ପନ୍ନ ସାଇକ୍ଲିଷ୍ଟ ସ୍ୱସ୍ତି ସିଂ। ବିଭିନ୍ନ ପ୍ରତିଯୋଗିତାରେ ସେ ଅଂଶଗ୍ରହଣ କରି ୧୦ ସ୍ୱର୍ଣ୍ଣ ସହ ୨ ଡଜନେରୁ ଉର୍ଦ୍ଧ୍ୱ ପଦକ ହାସଲ କରିଥିଲେ ସ୍ୱସ୍ତି। ଚେନ୍ନାଇରେ ଅନୁଷ୍ଠିତ ୭୬ତମ ଟ୍ରାକ୍ ଟାଇକ୍ଲିଂ ଚାମ୍ପିୟନଶିପ୍‌ରେ ସେ ବିରଳ ସଫଳତା ଲାଭ କରିଥିଲେ। ପ୍ରତିଯୋଗିତାରେ ପ୍ରଥମଥର ପାଇଁ ୪ କିଲୋମିଟର ଟିମ୍ ପର୍ଶ୍ୟୁଟ ମହିଳା ଏଲିଟ ବର୍ଗରେ ସ୍ୱର୍ଣ୍ଣ ପଦକ ଜିତି ଇତିହାସ ରଚିଥିବା ଓଡ଼ିଶା ଦଳର ସେ ସଦସ୍ୟ ଥିଲେ। ଅନ୍ୟ ୩ ସଦସ୍ୟା ଥିଲେ ବର୍ଷାରାଣୀ ବାରିକ, ଖୋଇରୋମ ରେଜିୟା ଦେବୀ ଓ ଉର୍ମିଳା ବେହେରା। ଟିମ୍ ସ୍ପ୍ରିଣ୍ଟରେ ସ୍ୱସ୍ତି, ବର୍ଷାରାଣୀ ଓ ରେଜିୟା ଦେବୀଙ୍କୁ ନେଇ ଗଠିତ ଦଳ ବ୍ରୋଞ୍ଜ ପଦକ ପାଇଥିଲା। ଓମନିଅମ ଇଭେଣ୍ଟରେ ସେ ପ୍ରଭାବୀ ପ୍ରଦର୍ଶନ କରି ବ୍ୟକ୍ତିଗତ ବ୍ରୋଞ୍ଜ ପଦକ ହାସଲ କରିଥିଲେ। କେବଳ ସେତିକି ନୁହେଁ ୩ କିଲୋମିଟର ବ୍ୟକ୍ତିଗତ ପର୍ଶ୍ୟୁଟରେ ୪:୧୩.୦୬୭ ସେକେଣ୍ଡ ନେଇ ରୌପ୍ୟ ଏବଂ କେଇରିନ୍ ରେସ୍‌ରେ ବ୍ରୋଞ୍ଜ ପଦକ ମଧ୍ୟ ଜିତିଥିଲେ। ତାଙ୍କର ଏହି ପ୍ରଦର୍ଶନ ଯୋଗୁ ଓଡ଼ିଶା ଏହାର ସାଇକ୍ଲିଂ ଇତିହାସରେ ପ୍ରଥମଥରପାଇଁ ରନରଅପ୍ ଟ୍ରଫି ହାସଲ କରିଥିଲା। କେବଳ ସେତିକି ନୁହେଁ ଅଗଷ୍ଟରେ ସୋନିପତଠାରେ ଅନୁଷ୍ଠିତ ନର୍ଥ ଜୋନ୍ (ରୋଡ୍ ଇଭେଣ୍ଟ) ଖେଲୋ ଇଣ୍ଡିଆ ମହିଳା ସାଇକ୍ଲିଂ ଲିଗ, ଅମୃତସରଠାରେ ଅସ୍ମିତା ଖେଲୋ ଇଣ୍ଡିଆ ମହିଳା ସାଇକ୍ଲିଂ ଲିଗ, ହରିୟାଣାର ଗୋହନାଠାରେ ଅନୁଷ୍ଠିତ ଖେଲୋ ଇଣ୍ଡିଆ ମହିଳା ରୋଡ୍ ସାଇକ୍ଲିଂ ଲିଗ୍ (ଫାଇନାଲ), ନୂଆଦିଲ୍ଲୀର ଅନୁଷ୍ଠିତ ଖେଲୋ ଇଣ୍ଡିଆ ମହିଳା ସାଇକ୍ଲିଂ ଲିଗ୍ ଆଦି ଅନେକ ପ୍ରତିଯୋଗିତାରେ ସେ ଚମକ ଦେଖାଇଥିଲେ।


ସ୍ୱସ୍ତି ସିଂ

## କିଶୋର, ଲାଜରୁସ ଶ୍ରେଷ୍ଠ


କିଶୋର ଜେନା

ଚଳିତ ବର୍ଷ ଶ୍ରେଷ୍ଠ କ୍ରୀଡ଼ାବିତ୍‌ଭାବେ ରାଜ୍ୟର ସର୍ବୋଚ୍ଚ ବିଜୁ ପଟ୍ଟନାୟକ କ୍ରୀଡ଼ା ପୁରସ୍କାର ପାଇଥିଲେ ଜାଭେଲିନ୍ ଥ୍ରୋ ତାରକା କିଶୋର ଜେନା। ହକି ଅଲିମ୍ପିଆନ ଲାଜରୁସ ବାର୍ଲା ଲାଇଫ୍ ଟାଇମ୍ ଆଚିଭ୍‌ମେଣ୍ଟ ପୁରସ୍କାର ହାସଲ କରିଥିଲେ। ଶ୍ରେଷ୍ଠ କୋଚ୍ ବିଜୟ କୁମାର ଲାକ୍ରା, ଟେକ୍ନିକାଲ୍ ଅଫିସିଆଲ୍ ରୂପାନ୍ୱିତା ପଣ୍ଡା, ପାରା ସ୍ପୋର୍ଟ୍ସ ପାଇଁ ଦୃଷ୍ଟିବାଧିତ କ୍ରିକେଟର ଜାଫର ଇକବାଲ, ଇମର୍ଜିଂ ପ୍ଲେୟର ଭାରୋତ୍ତୋଳନ ପ୍ରତିଭା ପ୍ରୀତିସ୍ମିତା ଭୋଇ ଜାତୀୟ କ୍ରୀଡ଼ା ଦିବସ ଅବସରରେ ପୁରସ୍କୃତ ହୋଇଥିଲେ। ସେହିପରି ଓଡ଼ିଶାର ଅନ୍ତର୍ଜାତୀୟ ଖ୍ୟାତିସମ୍ପନ୍ନ ସନ୍ତରଣକାରୀ ପ୍ରତ୍ୟାଶା ରାୟ ସମ୍ମାନଜନକ ଏକଲବ୍ୟ ପୁରସ୍କାରରେ ସମ୍ମାନିତ ହୋଇଥିଲେ। ପ୍ରତିଭାସମ୍ପନ୍ନ ସ୍କ୍ୱାଶର ଦମ୍ପତି ମୃତ୍ୟୁମ୍ ଜୟରାମ ଓ ବ୍ୟାଡ୍‌ମିଣ୍ଟନ ପ୍ରତିଭା ତନଭି ପତ୍ରୀ ଉପବିଜେତା ହୋଇଥିଲେ। ଓଡ଼ିଶା କ୍ରିକେଟ ଆସୋସିଏଶନ ପକ୍ଷରୁ ସ୍ୱର୍ଗତ ପି.ଭି.ଆର. ମୂର୍ତ୍ତିଙ୍କୁ ଲାଇଫ୍ ଟାଇମ୍ ଆଚିଭମେଣ୍ଟ ଓ ସ୍ୱର୍ଗତ କମଳ ଗାଙ୍ଗୁଲିଙ୍କୁ କ୍ରିକେଟ ଗୁରୁ ପୁରସ୍କାର ପ୍ରଦାନ କରାଯାଇଥିଲା। କିଶୋର ଓ ପୂର୍ବତନ ଭାରୋତ୍ତୋଳକ ବିଜୟ କୁମାର ଶତପଥୀ ଓସ୍‌ଜା ପୁରସ୍କାର ପାଇଥିବାବେଳେ ଷାଠିଏ ଓ ସତୁରି ଦଶକରେ ଦେଶର ଶ୍ରେଷ୍ଠ ଫୁଟବଲ ଗୋଲକିପର ଭାବେ ପରିଚିତ ଭାରତୀକୃଷ୍ଣ ମିଶ୍ର ଏବଂ ସଫଳ ହକି କୋଚ ଅମୂଲ୍ୟ ବେହେରାଙ୍କୁ ସହିଦ ସ୍ପୋର୍ଟିଂ ପକ୍ଷରୁ ସମ୍ମାନଜନକ କମଲ ଗାଙ୍ଗୁଲୀ ସ୍ମାରକୀ କ୍ରୀଡ଼ା ପୁରସ୍କାରରେ ସମ୍ମାନିତ କରାଯାଇଥିଲା।

## ସଂକ୍ଷେପରେ...


ସୂର୍ଯ୍ୟବଂଶୀ ସୂରଜ

- ଏ ବର୍ଷ ନୂଆ କ୍ରୀଡ଼ା ମନ୍ତ୍ରୀ ହୋଇଥିଲେ ସୂର୍ଯ୍ୟବଂଶୀ ସୂରଜ। ସେହିପରି ନୂଆ କ୍ରୀଡ଼ା ସଚିବଭାବେ ଭାସ୍କର ଜ୍ୟୋତି ଶର୍ମା ଦାୟିତ୍ୱ ନେଇଥିଲେ।
- ୨୦୨୪–୨୫ ଘରୋଇ ସିଜନ ପାଇଁ ସୁରେନ୍ଦ୍ର ଭାବେଙ୍କୁ ଓଡ଼ିଶା ସିନିୟର ପୁରୁଷ କ୍ରିକେଟ ଦଳର କୋଚ୍ ନିଯୁକ୍ତ କରାଯାଇଥିଲା।
- ଏପ୍ରିଲରେ ଅଷ୍ଟ୍ରେଲିଆ ମହାଦେଶର ଉଚ୍ଚତମ ଶୃଙ୍ଗ ମାଉଣ୍ଟ କୋଜିଓସ୍କୋକୁ ସଫଳତାର ସହ ଆରୋହଣ କରିଥିଲେ। ଯୁବ ପର୍ବତାରୋହୀ ଆଦିତ୍ୟ ପ୍ରସାଦ ଖାଡ଼ଙ୍ଗା।
- ଜୁଲାଇରେ ଓଡ଼ିଶା ପର୍ବତାରୋହୀ ଅନୀତା ସ୍ୱାଇଁ ସଫଳତାର ସହ ମସ୍କୋସ୍ଥିତ ମାଉଣ୍ଟ ଏଲବ୍ରୁସ ଆରୋହଣ କରିଥିଲେ। ସେହିପରି ଅଭିଳାଷ ଭୋଇ ଓ ଚିନ୍ମୟ ମହାରଣା ମଧ୍ୟ ୟୁରୋପ ମହାଦେଶର ଏହି ଉଚ୍ଚତମ ଶୃଙ୍ଗ ଆରୋହଣ କରିଥିଲେ।
- ପର୍ଶୁରାମ ପଣ୍ଡା ୬୨ ବର୍ଷରେ ଆଫ୍ରିକାର ସର୍ବୋଚ୍ଚ ଶୃଙ୍ଗ କିଲିମାଞ୍ଜାରୋ ଆରୋହଣ କରି କୀର୍ତ୍ତି ସ୍ଥାପନ କରିଥିଲେ।
- ପଞ୍ଜାବର ଲୁଧିଆନାଠାରେ ଅନୁଷ୍ଠିତ ସର୍ବଭାରତୀୟ ସିନିୟର ମହିଳା ଓ ପୁରୁଷ ସୁନ୍ଦର ସ୍ୱାସ୍ଥ୍ୟ 'ମିଷ୍ଟର ଇଣ୍ଡିଆ–୨୦୨୪' ପ୍ରତିଯୋଗିତାରେ ଓଡ଼ିଶାର ଅମିତ କୁମାର ଭୂୟାଁ ୩ୟ ସ୍ଥାନ ଅଧିକାର କରି ବ୍ରୋଞ୍ଜ ପଦକ ଲାଭକରିଥିଲେ।

## ସାତ୍ୱିକଙ୍କ ପାଇଁ ସ୍ମରଣୀୟ


ସାତ୍ୱିକ ସ୍ୱାଇଁ

ଏ ବର୍ଷ ଚେସ୍‌ରେ ଓଡ଼ିଶା ପାଇଁ ସର୍ବାଧିକ ଖୁସି ଆଣିଛନ୍ତି ସାତ୍ୱିକ ସ୍ୱାଇଁ। ଏହି ବିସ୍ମୟ ଚେସ୍ ପ୍ରତିଭା ଗୋଟିଏ ବର୍ଷରେ ୨ଟି ବଡ଼ ପ୍ରତିଯୋଗିତାରେ ପଦକ ଜିତି ନିଜ ଉଜ୍ଜ୍ୱଳ କ୍ୟାରିୟରର ସଙ୍କେତ ଦେଇଛନ୍ତି। ଜୁଲାଇରେ ଜର୍ଜିଆର ବାଟୁମିଠାରେ ଅନୁଷ୍ଠିତ ଫିଡେ ଜୁନିୟର ବିଶ୍ୱକପରେ ୮ ବର୍ଷରୁ କମ୍ ବର୍ଗରେ ବ୍ରୋଞ୍ଜ ପଦକ ଜିତି ଇତିହାସ ରଚିଥିବାବେଳେ ନଭେମ୍ବରରେ ଇଟାଲୀରେ ଅନୁଷ୍ଠିତ ଫିଡେ ୱାର୍ଲ୍ଡ କ୍ୟାଡେଟ ଚେସ୍ ଚାମ୍ପିୟନଶିପ୍‌ର ୮ ବର୍ଷରୁ କମ୍ ଓପନ ବର୍ଗରେ ଅପରାଜେୟ ରହିବା ସହ ରୌପ୍ୟ ପଦକ ହାସଲ କରିଛନ୍ତି। ବର୍ଷ ଆରମ୍ଭରେ ଓଡ଼ିଶାର ମହିଳା ଅନ୍ତର୍ଜାତୀୟ ମାଷ୍ଟର ଚେସ୍ ତାରକା ସାଇନା ସାଲୋନିକା ନର୍ଥ ଜୋନ୍ ଆନ୍ତଃ ବିଶ୍ୱବିଦ୍ୟାଳୟ ଚେସ୍ ଟୁର୍ନାମେଣ୍ଟରେ ଡବଲ ସ୍ୱର୍ଣ୍ଣ ଓ ହିମାଚଳ ପ୍ରଦେଶର ଧର୍ମଶାଳାରେ ମାର୍ଚ୍ଚରେ ଅନୁଷ୍ଠିତ ନ୍ୟାଶନାଲ ଟିମ୍ ଚେସ୍ ଚାମ୍ପିୟନଶିପ୍‌ରେ ମଧ୍ୟ ଡବଲ ସ୍ୱର୍ଣ୍ଣ ପଦକ ହାସଲ କରିଥିଲେ। ଏଲ୍‌ଆଇସିରୁ ପ୍ରତିନିଧିତ୍ୱ କରିଥିବା ଅନ୍ୟତମ ଓଡ଼ିଆ ଖେଳାଳି ମହିଳା ଗ୍ରାଣ୍ଡମାଷ୍ଟର କିରଣ ମନୀଷା ମହାନ୍ତି ବ୍ୟକ୍ତିଗତ ସ୍ୱର୍ଣ୍ଣ ଏବଂ ଦଳଗତ ବ୍ରୋଞ୍ଜ ପଦକ ପାଇଥିଲେ। ସ୍ମାରକୀ ମହାନ୍ତି ବ୍ୟକ୍ତିଗତ ବୋର୍ଡରେ ବ୍ରୋଞ୍ଜ ଜିତିଥିଲେ। ସେହିପରି ତାମିଲନାଡୁରେ ଅନୁଷ୍ଠିତ ୫୦ତମ ଜାତୀୟ ମହିଳା ଚେସ୍ ଚାମ୍ପିୟନଶିପ୍‌ରେ ଓଡ଼ିଶାର ଅନ୍ତର୍ଜାତୀୟ ମାଷ୍ଟର ପଦ୍ମିନୀ ରାଉତ ତୃତୀୟ ସ୍ଥାନ ଅଧିକାର କରିଥିଲେ। ଅକ୍ଟୋବରରେ ଅଗରତାଲାରେ ଏଆଇସିଏଫ୍‌ବି (ଅଲ୍ ଇଣ୍ଡିଆ ଚେସ୍ ଫେଡେରେଶନ ଫର ଦି ବ୍ଲାଇଣ୍ଡ) ପୂର୍ବାଞ୍ଚଳ ଦୃଷ୍ଟିବାଧିତ ଚେସ୍ ଚାମ୍ପିୟନଶିପ୍‌ରେ ଓଡ଼ିଶାର ଦୁଇ ଭ୍ରାତା ପ୍ରାଚୁର୍ଯ୍ୟ କୁମାର ପ୍ରଧାନ ଚାମ୍ପିୟନ ଓ ସୌନ୍ଦର୍ଯ୍ୟ କୁମାର ପ୍ରଧାନ ରନରଅପ୍ ହୋଇ ରାଜ୍ୟକୁ ଗର୍ବିତ କରିଥିଲେ।

## ଚର୍ଚ୍ଚାରେ ତନ୍‌ଭି

ଗତ ମାର୍ଚ୍ଚରେ ଓଡ଼ିଶା କ୍ରୀଡ଼ା ଇତିହାସରେ ଏକ ନୂଆ ଫର୍ଦ୍ଦ ଯୋଡ଼ିଥିଲେ ପଣ୍ଡା ଭଗିନୀ ରତପର୍ଣ୍ଣା ଓ ଶ୍ୱେତପର୍ଣ୍ଣା। ପ୍ରଥମ ମହିଳା ଓଡ଼ିଆ ଯୋଡ଼ିଭାବେ ଦୁହେଁ ସମ୍ମାନଜନକ ଅଲ୍ ଇଂଲଣ୍ଡ ଓପନ ଚାମ୍ପିୟନଶିପ୍‌ରେ ଅଂଶଗ୍ରହଣ କରିଥିଲେ। ସେହିପରି ଅଗଷ୍ଟରେ ଚାଇନାର ଚେଙ୍ଗଡୁଠାରେ ଅନୁଷ୍ଠିତ ୧୫ ବର୍ଷରୁ କମ୍ ଏସିଆ ଜୁନିୟର ବ୍ୟାଡ୍‌ମିଣ୍ଟନ ଚାମ୍ପିୟନଶିପ୍‌ରେ ତନ୍‌ଭି ପତ୍ରୀ ମାତ୍ର ୧୩ ବର୍ଷ ବୟସରେ ସ୍ୱର୍ଣ୍ଣ ପଦକ ହାସଲ କରି ଚର୍ଚ୍ଚାରେ ରହିଥିଲେ। ଭାରତୀୟ ବ୍ୟାଡ୍‌ମିଣ୍ଟନର ଭବିଷ୍ୟତ ଭାବେ ବିବେଚିତ ହେଉଥିବା ଏହି ପ୍ରତିଭାସମ୍ପନ୍ନ ବାଳିକା ଦେଶର ତୃତୀୟ ଖେଳାଳିଭାବେ ୧୫ ବର୍ଷରୁ କମ୍ ବର୍ଗରେ ଜୁନିୟର ଏସିଆ ମହିଳା ବ୍ୟାଡ୍‌ମିଣ୍ଟନ ଚାମ୍ପିୟନ ହୋଇଥିଲେ। ଏହା ବ୍ୟତୀତ ଅକ୍ଟୋବରରେ ଚେନ୍ନାଇରେ ଆୟୋଜିତ ଜାତୀୟ ସବ୍‌ଜୁନିୟର ବ୍ୟାଡ୍‌ମିଣ୍ଟନ ସେ ଚମତ୍କାର ପ୍ରଦର୍ଶନ କରି ଦ୍ୱିମୁକୁଟ ହାସଲ କରିଥିଲେ। ସେହିପରି ଭୁବନେଶ୍ୱରରେ ଅନୁଷ୍ଠିତ ଜାତୀୟ ଜୁନିୟର (୧୯ ବର୍ଷରୁ କମ୍) ବ୍ୟାଡମିଣ୍ଟନ ଚାମ୍ପିୟନଶିପ୍‌ରେ ମଧ୍ୟ ସେ ପ୍ରଭାବୀ ପ୍ରଦର୍ଶନ କରିଥିଲେ।


ତନ୍‌ଭି ପତ୍ରୀ

## ବିବାହ

ବର୍ଷ ଆରମ୍ଭରେ ଅର୍ଥାତ୍ ଫେବୃଆରୀରେ ବିବାହ ବନ୍ଧନରେ ଆବଦ୍ଧ ହୋଇଥିଲେ ଅଲିମ୍ପିଆନ ହକି ତାରକା ଦୀପ୍ ଗ୍ରେସ୍ ଏକ୍କା। କିଛି ଦିନ ପୂର୍ବରୁ ଅନ୍ତର୍ଜାତୀୟ ହକିରୁ ଅବସର ନେବାପରେ ସେ ଇଣ୍ଡିଆନ ଆର୍ମିରେ କାର୍ଯ୍ୟରତ ଅନୁପ ଲାକ୍ରାଙ୍କ ସହ ଜୀବନର ଏକ ନୂଆ ଇନିଂସ ଆରମ୍ଭ କରିଥିଲେ।

## ପରଲୋକ

କ୍ରୀଡ଼ା ଜଗତର ଅନେକ ଖ୍ୟାତିସମ୍ପନ୍ନ ବ୍ୟକ୍ତିତ୍ୱ ଏହି ବର୍ଷ ପରଲୋକ ଗମନ କରିଥିଲେ। ପୂର୍ବତନ ରଣଜୀ ଟ୍ରଫି ଖେଳାଳି ତଥା ଓଡ଼ିଶା ସିନିୟର କ୍ରିକେଟ ଦଳର ଚୟନକର୍ତ୍ତା ଶୁଭାଶିଷ ଭୂୟାଁ, ପୂର୍ବତନ ରଣଜୀ ଟ୍ରଫି ଖେଳାଳି ରାଜେଶ ସିଂ, ଅନେକ ବର୍ଷ ଧରି ସନ୍ତୋଷ ଟ୍ରଫି ଜାତୀୟ ଫୁଟବଲରେ ପ୍ରତିନିଧିତ୍ୱ କରିଥିବା ତଥା ରାଜ୍ୟସ୍ତରୀୟ ରେଫରି ଗଣେଶ ଆପଟଙ୍କ ସମେତ ପୂର୍ବତନ ଅନ୍ତର୍ଜାତୀୟ ଫୁଟବଲ ଖେଳାଳି ଦେବେନ୍ଦ୍ର ସିଂଙ୍କ ପରଲୋକ କ୍ରୀଡ଼ା ମହଲକୁ ଶୋକାଭିଭୂତ କରିଥିଲା। ବିଶିଷ୍ଟ କ୍ରୀଡ଼ା ସଂଗଠକ ଅଧିପ ଦାସ ଏବଂ ରାଜନେତା ତଥା ଏକାଧିକ ଆସୋସିଏଶନ ସହ ଜଡ଼ିତ ଥିବା ସମୀର ଦେଙ୍କ ପରଲୋକ ମଧ୍ୟ କ୍ରୀଡ଼ା ଜଗତକୁ ସ୍ତବ୍ଧ କରିଥିଲା।

## ବିଶ୍ୱସ୍ତରୀୟ ଭିତ୍ତିଭୂମି


ବ୍ୟାଡମିଣ୍ଟନ ଏରିନା

ବର୍ଷ ପ୍ରଥମ ଭାଗରେ କଳିଙ୍ଗ ଷ୍ଟାଡିୟମ ପରିସରରେ ଭାରତର ପ୍ରଥମ ଇନ୍‌ଡୋର ଆଥ୍‌ଲେଟିକ୍ସ ସେଣ୍ଟର ଓ ଇନ୍‌ଡୋର ଆକ୍ୱାଟିକ୍ ସେଣ୍ଟର ଉଦ୍‌ଘାଟିତ ହୋଇଥିଲା। ଇନ୍‌ଡୋର ଆଥ୍‌ଲେଟିକ୍ସ ସେଣ୍ଟର ବିଶ୍ୱ ଆଥ୍‌ଲେଟିକ୍ସର କାଟେଗୋରୀ–୧ ମାନ୍ୟତାପ୍ରାପ୍ତ। ଏଥିରେ ୨୦୦ ମିଟର ଆଥ୍‌ଲେଟିକ୍ସ ଟ୍ରାକ୍ ସହିତ ପୋଲଭଲ୍ଟ, ଲଙ୍ଗଜମ୍ପ, ହାଇଜମ୍ପ, ଶଟ୍‌ପୁଟ୍ ଆଦି କ୍ରୀଡ଼ା ପାଇଁ ସୁବିଧା ଉପଲବ୍ଧ। ଓଡ଼ିଶା ରିଲାଏନ୍ସ ଫାଉଣ୍ଡେଶନ ଆଥ୍‌ଲେଟିକ୍ସ ହାଇ ପରଫର୍ମାନ୍ସ ସେଣ୍ଟର ଏଥିରେ କାର୍ଯ୍ୟରତ। ଆକ୍ୱାଟିକ୍ ସେଣ୍ଟରରେ ୫୦ ମିଟର ଅଲିମ୍ପିକ୍ସ ସାଇଜ୍ ସୁଇମିଂ ପୁଲ୍, ୱାର୍ମଅପ୍ ପୁଲ୍ ଆଦି ରହିଛି। ଓଡ଼ିଶା ଜେଏସ୍‌ଡବ୍ଲ୍ୟୁ ସୁଇମିଂ ଏଚ୍‌ପିସି ଏଥିରେ କାର୍ଯ୍ୟ କରୁଛି। ଡିସେମ୍ବରରେ କଳିଙ୍ଗ ଷ୍ଟାଡିୟମରେ ଡାଲମିଆ ଭାରତ ଗୋପୀଚନ୍ଦ ଓଡ଼ିଶା ବ୍ୟାଡମିଣ୍ଟନ ହାଇ ପରଫର୍ମାନ୍ସ ସେଣ୍ଟର ଉଦ୍‌ଘାଟିତ ହୋଇଛି। ଏଥିରେ ୮ ବ୍ୟାଡମିଣ୍ଟନ କୋର୍ଟ ଓ ୪୦୦ ଦର୍ଶକଙ୍କ ପାଇଁ ବସିବା ସୁବିଧା ରହିଛି। ଏହି ସେଣ୍ଟରଟିକୁ ବ୍ୟାଡମିଣ୍ଟନ ସଟଲକକ୍ ସଦୃଶ୍ୟ ନିର୍ମାଣ କରାଯାଇଛି।

# ନିଷିଦ୍ଧାଞ୍ଚଳ ଘୋଷଣା ସତ୍ତ୍ୱେ ଝୁଲାପୋଲରେ ପର୍ଯ୍ୟଟକଙ୍କ ଭିଡ଼

ରାୟଗଡ଼ା,୧୯।୧୨
(ଆଶିଷ ରଞ୍ଜନ ପଣ୍ଡା)

ଏବେ ପର୍ଯ୍ୟଟନ ଋତୁ ଚାଲିଥିବାରୁ ସମସ୍ତ ପର୍ଯ୍ୟଟନସ୍ଥଳୀରେ ପର୍ଯ୍ୟଟକଙ୍କ ଭିଡ଼ ଜମୁଛି। ତେବେ ରାୟଗଡ଼ା ଜିଲାର ଅନ୍ୟତମ ପର୍ଯ୍ୟଟନସ୍ଥଳୀ ନାଗାବଳୀ ନଦୀ ଉପରେ ନିର୍ମିତ ଝୁଲାପୋଲକୁ ନିଷିଦ୍ଧାଞ୍ଚଳ ଭାବେ ଘୋଷଣା କରାଯାଇଛି। ପୋଲର ଉଭୟ ପାର୍ଶ୍ୱର୍ରେ ଲୁହା ବାଡ଼ ନିର୍ମାଣ କରି ରାସ୍ତା ବନ୍ଦ ସହିତ କୌଣସି ବ୍ୟକ୍ତି ସେହି ରାସ୍ତା ଓ ପୋଲ ଦେଇ ଯାତାୟତ କରିପାରିବେ ନାହିଁ ବୋଲି ବ୍ୟାନର ଏବଂ ଲୁହା ବୋର୍ଡ଼ ଲଗାଇ ସତର୍କ ସୂଚନା ଜାରି କରାଯାଇଛି। ହେଲେ ଏହି ସତର୍କ ସୂଚନାକୁ ପର୍ଯ୍ୟଟକମାନେ ମାନୁ ନ ଥିବା ଦେଖିବାକୁ ମିଳୁଛି। ଲୋକେ ବିପଦପୂର୍ଣ୍ଣ ଭାବେ ପୋଲ ପାର୍ଶ୍ୱରେ ଥିବା ଲୁହା ଛଡ଼ ଉପରେ ଚଢ଼ି ସେଲଫି ଏବଂ ଫଟୋ ଉଠାଉଥିବାବେଳେ ଅନ୍ୟ କିଛି ପର୍ଯ୍ୟଟକ ପୋଲ ପାର୍ଶ୍ୱ ଦେଇ ନାଗାବଳୀ ନଦୀ କୂଳକୁ ଯାଇ ସେଠାରେ ପାଣି ପାଖରେ ଫଟୋ ଉଠାଉଛନ୍ତି। ଅନ୍ୟପକ୍ଷେ କଟକଣା ଘୋଷଣା କରି ନିଜ ଦାୟିତ୍ୱ ଶେଷ କରିଦେଇଛି ପ୍ରଶାସନ। ନିଷିଦ୍ଧାଞ୍ଚଳର ସୁରକ୍ଷା ନେଇ ଜିଲା ଓ ପୋଲିସ ପ୍ରଶାସନ ପକ୍ଷରୁ କୌଣସି ଦୃଢ଼ ପଦକ୍ଷେପ ନିଆଯାଉନାହିଁ । କେବଳ ରବିବାର ହେଲେ ପୋଲିସ ଯାଇ ପାଟ୍ରୋଲିଂ କରି ଉପସ୍ଥିତ ପର୍ଯ୍ୟଟକଙ୍କୁ ଘଉଡାଉଥିବା ଅଭିଯୋଗ ହେଉଛି ।


ଝୁଲା ପୋଲ ଉପରେ ପର୍ଯ୍ୟଟକଙ୍କ ଭିଡ଼।

ରାୟଗଡ଼ା ସହର ଉପକଣ୍ଠ ଚେକାଗୁଡ଼ା ଓ ମାରିଗୁଡ଼ା ଦୁଇଟି ଗାଁର ସଂଯୋଗର ମାଧ୍ୟମ ପାଇଁ ୧ କୋଟି ୨୦ ଲକ୍ଷ ଟଙ୍କା ବ୍ୟୟରେ ୨୦୧୧ ମସିହାରେ ନାଗାବଳୀ ନଦୀ ଉପରେ ଏହି ଝୁଲା ପୋଲ ନିର୍ମାଣ ହୋଇଥିଲା। ପରବର୍ତ୍ତି ସମୟରେ ଏହା ୨୫ଖଣ୍ଡ ଗାଁକୁ ରାୟଗଡ଼ା ସହ ସଂଯୋଗ କରିଥିଲା। ହେଲେ ଓଡ଼ିଶାର ଏହି ଦ୍ୱିତୀୟ ଝୁଲାପୋଲ ଏବେ ବିପଦପୂର୍ଣ୍ଣ ଅବସ୍ଥାରେ ରହିଛି । ଉପଯୁକ୍ତ ରକ୍ଷଣାବେକ୍ଷଣ ଅଭାବରୁ ପୋଲ ଦୁର୍ବଳ ହେବାରୁ ଏହି ଝୁଲା ପୋଲ ଡେଥ୍ ଜୋନ୍ ପାଲଟିଗଲା। ଫଳରେ ଜୀବନ ସୁରକ୍ଷା ଦୃଷ୍ଟିରୁ ଜିଲା ପ୍ରଶାସନ ୨୦୨୨ ମସିହା ସେପ୍ଟେମ୍ବର ୨୫ ତାରିଖରେ ଝୁଲା ପୋଲକୁ ନିଷିଦ୍ଧାଞ୍ଚଳ ଘୋଷଣା କରି ଏହାକୁ ବନ୍ଦ କରିଦେଇଥିଲା। ତେବେ ପର୍ଯ୍ୟଟକ କଟକଣାକୁ ନ ମାନି ପୋଲ ଉପରକୁ ଯାଇ ବୁଲାବୁଲି କରିବା ସହ ନଦୀ


ନାଗାବଳୀ କୂଳରେ ବିପଦପୂର୍ଣ୍ଣ ଭାବେ ଫଟୋ ନେଉଛନ୍ତି ପର୍ଯ୍ୟଟକ।

## ଡେଥ୍ ଜୋନ୍ ପାଲଟିଛି ଜିଲାର ଅନ୍ୟତମ ପର୍ଯ୍ୟଟନ ସ୍ଥଳୀ

ନିକଟରେ ସେଲଫି ଉଠାଇବା, ନଦୀରେ ଗାଧୋଇବା ଭଳି କାର୍ଯ୍ୟ ଦେଖିବାକୁ ମିଳୁଛି । ଝୁଲା ପୋଲ ବୁଲିବାକୁ ଆସି ବିଭିନ୍ନ ସମୟରେ ନାଗାବଳୀ ନଦୀରେ ୨୭ରୁ ଊର୍ଦ୍ଧ୍ୱ ଜୀବନ ଚାଲିଯାଇଥିଲେ ମଧ୍ୟ ପର୍ଯ୍ୟଟକ ସଚେତନ ହେଉନାହାନ୍ତି। ପ୍ରଶାସନ ପକ୍ଷରୁ ଲାଗିଥିବା ନିଷିଦ୍ଧ ଫଳକ ପଢ଼ି ପର୍ଯ୍ୟଟକ ଫେରିଯିବା ବଦଳରେ ବାରମ୍ବାର ଝୁଲା ପୋଲ ମଧ୍ୟକୁ ଏବଂ ନଦୀଗର୍ଭକୁ ଯାଉଛନ୍ତି । ତେଣୁ ଏଠାରେ କୌଣସି ମୁହୂର୍ତ୍ତରେ ପୁଣି ଦୁର୍ଘଟଣା ଆଶଙ୍କାକୁ ଏଡ଼ାଇ ଦିଆଯାଇ ନ ପାରେ। ଏନେଇ ଉପଜିଲାପାଳ କଲ୍ୟାଣୀ ସଂଘମିତ୍ରା ଦେବୀଙ୍କୁ ପଚାରିବାରୁ ବର୍ତ୍ତମାନ ପୁର୍ନବାର ସ୍ଥିତି ଯାଞ୍ଚ କରିବୁ ବୋଲି କହିଛନ୍ତି । ଯେହେତୁ ଏହାକୁ ବିପଦପୂର୍ଣ୍ଣ ଅଞ୍ଚଳ ଘୋଷଣା କରାଯାଇଛ, ତେଣୁ ପୋଲିସକୁ ନିୟମିତ ପାଟ୍ରୋଲିଂ କରିବାକୁ କୁହାଯିବ ବୋଲି ସେ କହିଛନ୍ତି। ଅନ୍ୟପଟେ ଝୁଲା ପୋଲକୁ ମରାମତି କରାଯିବା ସହିତ ଉକ୍ତ ଅଞ୍ଚଳରେ ସୁରକ୍ଷା ବ୍ୟବସ୍ଥାକୁ କଡ଼ାକଡ଼ି କରାଗଲେ ରାୟଗଡ଼ା ଜିଲାର ରାଜସ୍ୱ ବଢ଼ିବ ବୋଲି ବହୁ ବୁଦ୍ଧିଜୀବୀ ମତପ୍ରକାଶ କରିଛନ୍ତି ।

# ଦୁର୍ଘଟଣାରେ ଜଣେ ମୃତ, ୧ଗୁରୁତର

ଜେକେପୁର,୧୯।୧୨ (ରାଜେଶ ବିଶ୍ୱାଳ)

ରାୟଗଡ଼ା ଜିଲା ଚାନ୍ଦିଲି ଥାନା ଅନ୍ତର୍ଗତ ଗିଭଲକଣା ନିକଟରେ ଗୁରୁବାର ସଡ଼କ ଦୁର୍ଘଟଣାରେ ଜଣେ ଯୁବକଙ୍କ ମୃତ୍ୟୁ ଘଟିଥିବାବେଳେ ଅନ୍ୟ ଜଣେ ଗୁରୁତର ହୋଇଛନ୍ତି। ମୃତକ ହେଲେ ରେଙ୍ଗାଲପାଡୁ ଗାଁର ପାପାରାଓ ପୁଲାକା। ରାଜା ରାଓ ପୁଲାକା ଗୁରୁତର ଭାବେ ଆହତ ହୋଇଛନ୍ତି। ଗୁରୁବାର ଦୁଇ ବନ୍ଧୁ ପାପରାଓ ଏବଂ ରାଜାରାଓ ବାଇକ ଯୋଗେ ଗାଁରୁ ବାହାରିଥିଲେ। ଗାଁ ମୁଣ୍ଡ ଛକରେ ଭାରସାମ୍ୟ ହରାଇ ୨ ଜଣ ଗାଡିରୁ ରାସ୍ତା ଉପରେ ପଡି ଯାଇଥିଲେ। ସ୍ଥାନୀୟ ଲୋକେ ଉଭୟଙ୍କୁ ରାୟଗଡା ଜିଲା ମୁଖ୍ୟ ଚିକିତ୍ସାଳୟକୁ ନେଇଥିଲେ। ସେଠାରେ ଡାକ୍ତର ପାପାରାଓଙ୍କୁ ମୃତ ଘୋଷଣା କରିଥିଲେ। ଚାନ୍ଦିଲି ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଥିବା ଜଣାପଡିଛି।

# ଡଗ୍ ସ୍କ୍ୱାଡ୍, ସାଇଣ୍ଟିଫିକ୍ ଟିମ୍‌ର ତଦନ୍ତ


ଘଟଣାସ୍ଥଳରେ ଡଗ ସ୍କ୍ୱାଡ, ସାଇଣ୍ଟିଫିକ ଟିମ ତଦନ୍ତ କରୁଛି।

ଗୁଣପୁର,୧୯।୧୨(ପ୍ରଦୀପ କମାର ପାଢୀ)

## ପାହାଡ଼ରୁ ମୃତଦେହ ଠାବ ଘଟଣା

ଗୁଣପୁର ବ୍ଲକ ଟଲଣା ପଞ୍ଚାୟତର ରେଗେଇସିଂ ଗ୍ରାମ ନିକଟ ଟାଙ୍କମାର ପାହାଡରେ ମୃତଦେହ ଜବତ ଘଟଣାରେ ଗୁରୁବାର ଗୁଣପୁର ଏସଡିପିଓ ବାବୁଲି ନାୟକଙ୍କ ନେତୃତ୍ୱରେ ଡଗ୍ ସ୍କ୍ୱାଡ୍ ସହ ସାଇଣ୍ଟିଫିକ ଟିମ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ଏକ ଧାରଆ ଅସ୍ତ୍ର ସହାୟତାରେ ଡାନିଏଲ ଶବରଙ୍କୁ ହତ୍ୟା କରାଯାଇଥିବାବେଳେ କିଏ ଏବଂ କାହିଁକି ହତ୍ୟା କଲେ ତାହା ବର୍ତ୍ତମାନ ସୁଦ୍ଧା ଜଣାପଡିନାହିଁ ବୋଲି ଆଇଆଇସି ଭବାନୀ ମଦଲି ସୂଚନା ଦେଇଛନ୍ତି। ଘଟଣାସ୍ଥଳରୁ ରକ୍ତଭିଜା ମାଟି, ଟର୍ଚ୍ଚ ଜବତ କରାଯାଇଛି। ମୃତଦେହକୁ ଜବତ କରାଯାଇ ଗୁଣପୁର ଉପଖଣ୍ଡ ସ୍ୱାସ୍ଥ୍ୟକେନ୍ଦ୍ରରେ ବ୍ୟବଚ୍ଛେଦ କରାଯାଇଥିଲା। ସୂଚନାଯୋଗ୍ୟ, ବୁଧବାର ଭୋର ୪ଟାରେ ଡାନିଏଲ ମରିଚ ତୋଳିବା ପାଇଁ ଟାଙ୍କମାର ପାହାଡକୁ ଯାଇଥିଲେ ମଧ୍ୟ ନ ଫେରିବାରୁ ପରିବାର ଲୋକେ ଖୋଜାଖୋଜି କରି ଟାଙ୍କମାର ପାହାଡରେ ପହଞ୍ଚିଥିଲେ। ସେଠାରେ ତାଙ୍କର ମୃତଦେହ ପଡିଥିବା ଦେଖି ତାଙ୍କୁ କେହି ହତ୍ୟା କରି ଫିଙ୍ଗି ଦେଇଥିବା ପରିବାର ଲୋକେ ପୁଟାସିଂ ଥାନାରେ ଅଭିଯୋଗ କରିଥିଲେ।

# ଭାଜପାର ବିକ୍ଷୋଭ ପ୍ରଦର୍ଶନ

ରାୟଗଡ଼ା,୧୯।୧୨
(ଆଶିଷ ରଞ୍ଜନ ପଣ୍ଡା)

## ବାଲେଶ୍ୱର ଏମ୍‌ପିଙ୍କୁ ଆକ୍ରମଣକୁ ବିରୋଧ

ବାଲେଶ୍ୱର ଏମ୍‌ପି ପ୍ରତାପ ଷଡ଼ଙ୍ଗୀଙ୍କ ଉପରେ କଂଗ୍ରେସ ଏମ୍‌ପି ରାହୁଲ ଗାନ୍ଧୀ କରିଥିବା ମରଣାନ୍ତକ ଆକ୍ରମଣକୁ ରାୟଗଡ଼ା ଭାଜପା ଦୃଢ଼ ନିନ୍ଦା କରିଛି। ଯୁବମୋର୍ଚ୍ଚା ସଭାପତି ଉମେଶ ଖୋସ୍‌ଲାଙ୍କ ନେତୃତ୍ୱରେ ସ୍ଥାନୀୟ କପିଳାସ ଛକରେ ଭାଜପା କର୍ମୀମାନେ ଆକ୍ରମଣ ଘଟଣାକୁ ତୀବ୍ର ନିନ୍ଦା କରିବା ସହ ରାହୁଲ ଗାନ୍ଧୀ ନିଜ ଭୁଲ୍ ସ୍ୱୀକାରକରି ପ୍ରତାପ ଷଡ଼ଙ୍ଗୀଙ୍କୁ କ୍ଷମା ମାଗିବା ପାଇଁ ଦାବି ହୋଇଛି । ଘଟଣାକ୍ରମେ ରାହୁଲ ଗାନ୍ଧୀ, ସଂସଦ ବାହାରେ ଏମ୍‌ପି ପ୍ରତାପ ଷଡଙ୍ଗୀଙ୍କୁ ଧକ୍କାଦେବାରୁ ଷଡଙ୍ଗୀ ତଳେ ପଡିଯାଇଥିଲେ ଏବଂ ତାଙ୍କ ଆଖି ତଳେ ଆଘାତ ଲାଗିଥିଲା । ଘଟଣାକୁ ବିରୋଧକରି ଭାଜପା କର୍ମକର୍ତ୍ତା ବିକ୍ଷୋଭ ପ୍ରଦର୍ଶନ କରିବା ସହ ରାହୁଲ ଗାନ୍ଧୀଙ୍କ କୁଶ ପୁତ୍ତଳିକା ଦାହ କରିଥିଲେ। ବିକ୍ଷୋଭ ପ୍ରଦର୍ଶନ ସମୟରେ ଭାଜପା ସଭାପତି ଶିବ ପଟ୍ଟନାୟକ, ଭାଜପା ଜାତୀୟ ଆଦିବାସୀ ମୋର୍ଚ୍ଚା ସମ୍ପାଦକ କାଳୀରାମ ମାଝୀ, ବସନ୍ତ ଉଲ୍ଲାକା, ୟାଲା ଭେଙ୍କଟେଶ୍ୱର ରାଓ, ସୁମନ୍ତ ମହାରଣା, କୃଷ୍ଣ ପଟ୍ଟନାୟକ, ଜିଲା ସମ୍ପାଦକ ପ୍ରତାପ ପୁଆଲା, ପ୍ରିତମ, ନାରାନେତ୍ରୀ ମଞ୍ଜୁଳା ମିଣିଆକା, ଲକ୍ଷ୍ମୀ ବୁରୁଡି, ଅର୍ଚ୍ଚନା ବର୍ମା ପ୍ରମୁଖ ଉପସ୍ଥିତ ରହି ବିକ୍ଷୋଭ ପ୍ରଦର୍ଶନ କରିଥିଲେ ।



ଭାଜପା କର୍ମକର୍ତ୍ତା ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି ।

# ଆଜିଠାରୁ ଉପଖଣ୍ଡସ୍ତରୀୟ ଚଇତି ଇଡିତାଲ



ମିନି ମାରାଥନ୍‌ର କୃତୀ ପ୍ରତିଯୋଗୀଙ୍କ ଗହଣରେ ଅତିଥି।

ଗୁଣପୁର,୧୯।୧୨(ପ୍ରଦୀପ କୁମାର ପାଢ଼ୀ)

ରାୟଗଡ଼ା ଜିଲା ଗୁଣପୁର ଉପଖଣ୍ଡସ୍ତରୀୟ ଚଇତି ମହୋତ୍ସବ ଇଡିତାଲ-୨୦୨୪ ଶୁକ୍ରବାରଠାରୁ ଆରମ୍ଭ ହେବ । ପ୍ରଥମଥର କରି ଚଇତି ଉତ୍ସବ ନୂତନ ବସ୍‌ଷ୍ଟାଣ୍ଡ ବଦଳରେ ତହସିଲ ଅଫିସ୍ ନିକଟ କେନ୍ଦ୍ରୀୟ ବିଦ୍ୟାଳୟ ପଡିଆଠାରେ ଅନୁଷ୍ଠିତ ହେଉଛି। ଏହାକୁ କିପରି ସଫଳ କରାଯିବ ସେ ନେଇ ଉତ୍ସବ କମିଟି ପକ୍ଷରୁ ସମସ୍ତ ପ୍ରସ୍ତୁତି କରାଯାଇଛି। ଶୁକ୍ରବାର ୮ଟାରେ ଜଗନ୍ନାଥ ମନ୍ଦିରରୁ କଳସ ଶୋଭାଯାତ୍ରା ବାହାରି ସହର ପରିକ୍ରମାକରି କେନ୍ଦ୍ରୀୟ ବିଦ୍ୟାଳୟ ପଡ଼ିଆ ତଥା ଚଇତି ମଣ୍ଡପଠାରେ ପହଞ୍ଚିବ । ଅପରାହ୍ନ ୫ଟା ସମୟରେ ସାଂସ୍କୃତିକ କାର୍ଯ୍ୟକ୍ରମ ସହ ପ୍ରଦର୍ଶନୀର ଶୁଭ ଉଦ୍‌ଘାଟନୀ ପର୍ବ ଅନୁଷ୍ଠିତ ହେବ।

## ଚଇତି ଉପଲକ୍ଷେ ମିନି ମାରାଥନ

ଚଇତିଉପଲକ୍ଷେ ଗୁରୁବାର ଜିଆଇଇଟି ବିଶ୍ୱବିଦ୍ୟାଳୟଠାରୁ ଚଇତି ମଣ୍ଡପ ପର୍ଯ୍ୟନ୍ତ ମାରାଥନ ଦୌଡ଼ ଅନୁଷ୍ଠିତ ହୋଇଥିଲା। ବହୁ ସଂଖ୍ୟାରେ ଛାତ୍ରୀଛାତ୍ର ଏଥିରେ ଯୋଗଦେଇଥିଲେ। ବାଳକ ବର୍ଗରେ ବଂଶି ଶବର ପ୍ରଥମ, ବିଷ୍ଣୁ ଶବର ଦ୍ୱିତୀୟ ଏବଂ ମିଥୁନ ଶବର ୩ୟ ହୋଇଥିଲେ। ସେହିପରି ବାଳିକା ବର୍ଗରେ ରାଣୀ ଶବର, ପୁଷ୍ପଲତା ପଲାଇ ଏବଂ ଦେବିଶ୍ରୀ ପାତ୍ର ଯଥାକ୍ରମେ ୧ମ,୨ୟ ଏବଂ ୩ୟ ହୋଇଥିଲେ। କାର୍ଯ୍ୟକ୍ରମକୁ ଉତ୍ସବ ପାଳନ କମିଟିର ଅଧ୍ୟକ୍ଷା ତଥା ଉପଜିଲାପାଳ କିରଣଦୀପ କୌର ସହୋତା ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ପ୍ରଚାର ଏବଂ ପ୍ରସାର ସକାଶେ ସନ୍ଧ୍ୟାରେ ଚଇତି ରଥ ସହର ପରିକ୍ରମା କରିଥିଲା। କାର୍ଯ୍ୟକ୍ରମରେ ଆବାହକ ଡ.ଚନ୍ଦ୍ରଧ୍ୱଜ ପଣ୍ଡା, ବିଡିଓ ଶୁଭ୍ରାଞ୍ଜଳି ପ୍ରଧାନ, ତହସିଲଦାର ଲୀଳାବତୀ ଆଚାର୍ଜିଙ୍କ ସମେତ ମାନ୍ୟଗଣ୍ୟ ବ୍ୟକ୍ତି ଏବଂ ଅନ୍ୟ ପ୍ରଶାସନିକ ଅଧିକାରୀମାନେ ଉପସ୍ଥିତ ଥିଲେ।

# ତୁମ୍ବା କ୍ରାଫ୍ଟକୁ ପ୍ରଶଂସାକଲେ ଉପ ମୁଖ୍ୟମନ୍ତ୍ରୀ

ରାୟଗଡା, ୧୯।୧୨ (ଭାଗ୍ୟଶ୍ରୀ ମିଶ୍ର )

କୋରାପୁଟ ଲୋକ ମହୋତ୍ସବ 'ପରବ'ର ଉଦ୍‌ଯାପନୀ ଦିବସରେ ରାୟଗଡାର ହସ୍ତଶିଳ୍ପ ତୁମ୍ବା କ୍ରାଫ୍ଟକୁ ଉପ ମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା ପ୍ରଶଂସା କରିବା ସହ ମାଷ୍ଟର ହିମାଂଶୁ ଶେଖର ପାଣ୍ଡିଆଙ୍କୁ ସମ୍ମାନିତ କରିଛନ୍ତି। କୋରାପୁଟ ବିଧାୟକ ତାରା ପ୍ରସାଦ ବାହିନୀ ପତି, ଜିଲାପାଳ ଭି. କୀର୍ତ୍ତି ଭାସନଙ୍କ ସହ ଅନ୍ୟ ଅତିଥିମାନେ ହିମାଂଶୁଙ୍କୁ ମାନପତ୍ର, ଉତ୍ତରୀୟ, ସ୍ମାରକୀ ଦେଇ ସମ୍ମାନିତ କରିଥିଲେ। ସୂଚନା ଯୋଗ୍ୟ, ହିମାଂଶୁଙ୍କ ଏହି ନୂତନ ଉଦ୍ଭାବନ ଲାଉ କ୍ରାଫ୍ଟକୁ ସମସ୍ତେ ବେଶ ପସନ୍ଦ କରିବା ସହ ଉତ୍ସାହିତ କରିଥିଲେ।



ଉପ ମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା ତୁମ୍ବା କ୍ରାପ୍ଟର ମାଷ୍ଟର ହିମାଂଶୁ ଶେଖର ପାଣ୍ଡିଆଙ୍କୁ ସମ୍ମାନିତ କରୁଛନ୍ତି।

# ବାଣିଜ୍ୟ କର, ଦ୍ରବ୍ୟ, ସେବାକର ସମ୍ପର୍କିତ କର୍ମଶାଳା

ଟିକିରି , ୧୯।୧୨( ପ୍ରଫୁଲ୍ଲ କୁମାର ବେହେରା)

କାଶୀପୁର ବ୍ଲକ୍ ଟିକିରିସ୍ଥିତ ବଣିକ ସଙ୍ଘ ସଭାଗୃହଠାରେ ଗୁରୁବାର ବାଣିଜ୍ୟ କର, ଦ୍ରବ୍ୟ ଓ ସେବାକର ସମ୍ପର୍କିତ ଏକ କର୍ମଶାଳା ଆୟୋଜିତ ହୋଇଯାଇଛି। ବଣିକ ସଂଘ ପକ୍ଷରୁ ଆୟୋଜିତ କାର୍ଯ୍ୟକ୍ରମରେ ରାୟଗଡ଼ାର ଯୁଗ୍ମ ବାଣିଜ୍ୟ କର, ଦ୍ରବ୍ୟ ଏବଂ ସେବାକର କମିଶନର ଅବିନାଶ ଚୌଧୁରୀ, ସହକାରୀ କମିଶନର ମାନଭଞ୍ଜନ ପ୍ରଧାନ, ଜଗନ୍ନାଥ ସାହୁ, ସଚ୍ଚିନ୍ଦ୍ର କୁମାର ମହନ୍ତ ପ୍ରମୁଖ ବିଭାଗୀୟ ଅଧିକାରୀ ଉପସ୍ଥିତ ରହି ଜିଏସ୍‌ଟି ଓ ରିଟର୍ନ ଫାଇଲ ସମ୍ପର୍କରେ ବିଶଦ ବିବରଣୀ ପ୍ରଦାନ କରିଥିଲେ। ଏଥିସହ ଟ୍ୟାକ୍ସ କ୍ଷେତ୍ରରେ ମିଳୁଥିବା ବିଭିନ୍ନ ରିହାତି, ସର୍ବକ୍ଷମା ଯୋଜନାର ସୁବିଧା ସମ୍ପର୍କରେ ବିବରଣୀ ପ୍ରଦାନ କରିଥିଲେ। ବ୍ୟବସାୟ ସମ୍ପର୍କିତ ଯେକୌଣସି ସମସ୍ୟାରେ ବିଭାଗୀୟ ଅଧିକାରୀଙ୍କ ସହ ଆଲୋଚନାକରି ନିର୍ବିଘ୍ନରେ ବ୍ୟବସାୟ କରିବାକୁ ପରାମର୍ଶ ଦିଆଯାଇଥିଲା । ଉକ୍ତ କାର୍ଯ୍ୟକ୍ରମରେ କାଶୀପୁର ବଣିକ ସଂଘ ସଭାପତି ମନୋଜ କୁମାର ମିଶ୍ର, ଟିକିରି ବଣିକ ସଂଘ ସଭାପତି ମନୋଜ କୁମାର ବେହେରାଙ୍କ ସହ ଅନ୍ୟ ବ୍ୟବସାୟୀମାନେ ଉପସ୍ଥିତ ଥିଲେ।

# ଯୋଗାଣ ସହାୟକ ନିଯୁକ୍ତି କ୍ଷେତ୍ରରେ ଆଦିବାସୀଙ୍କୁ ପ୍ରାଥମିକତା ଦାବି

ବିଷମ କଟକ, ୧୯।୧୨
(ପ୍ରସନ୍ନ କୁମାର ପଣ୍ଡା)

ରାୟଗଡ଼ା ଜିଲା ବିଷମକଟକ ବ୍ଲକ୍ ଡୁକୁମ ପଞ୍ଚାୟତର ଯୋଗାଣ ସହାୟକ ନିଯୁକ୍ତି ନିମନ୍ତେ ଗତ ନଭେମ୍ବର ୩୦ରେ ବିଜ୍ଞପ୍ତି ପ୍ରକାଶ ପାଇଥିଲା । ଯୋଗାଣ ସହାୟକ ନିଯୁକ୍ତି କ୍ଷେତ୍ରରେ ଆଦିବାସୀଙ୍କୁ ପ୍ରାଥମିକତା ଦିଆଯିବାକୁ ଡୁକୁମ ପଞ୍ଚାୟତ ଆଦିବାସୀ କନ୍ଧ ସମାଜ ତରଫରୁ ବିଷମକଟକ ଗୋଷ୍ଠୀ ଉନ୍ନୟନ ଅଧିକାରୀଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି । ଦାବିପତ୍ରରେ ଉଲ୍ଲେଖ କରାଯାଇଛି, ଡୁକୁମ ପଞ୍ଚାୟତ ଏକ ଆଦିବାସୀ ଅଧ୍ୟୁଷିତ ଅଞ୍ଚଳ ହୋଇଥିବାରୁ ଏହି ନିଯୁକ୍ତି ଉପରେ ଆଦିବାସୀମାନଙ୍କୁ ପ୍ରଥମେ ପ୍ରାଥମିକତା ଦେବାକୁ ଅନୁରୋଧ। ତେବେ କେତେଜଣ ପ୍ରଭାବଶାଳୀ ବ୍ୟକ୍ତି ଅର୍ଥ କାରବାର କରି ଏହି ପଦବୀକୁ ହାତେଇବାକୁ ଚେଷ୍ଟା କରୁଛନ୍ତି ବୋଲି ଶୁଣିବାକୁ ମିଳୁଛି। ତେଣୁ ନିରପେକ୍ଷ ଓ ଯୋଗ୍ୟତା ଭିତ୍ତିରେ ଚୟନ କରାଯାଉ। ଯଦି ଏହି ନିଯୁକ୍ତିରେ ଅନିୟମିତତା ସୃଷ୍ଟି ହୁଏ, ତେବେ ଆମେ ବାଧ୍ୟହୋଇ ଉପରିସ୍ଥ ପଦାଧିକାରୀଙ୍କୁ ଦୃଷ୍ଟି ଆକର୍ଷଣ କରିବୁ ଏବଂ ବଡ଼ ଧରଣର ଜନ ଆନ୍ଦୋଳନ କରିବାକୁ ବାଧ୍ୟ ହେବୁ ବୋଲି ଦାବିପତ୍ରରେ ଉଲ୍ଲେଖ କରାଯାଇଛି। ଦାବିପତ୍ର ପ୍ରଦାନ ସମୟରେ ଆଦିବାସୀ କନ୍ଧ ସମାଜ ସଭାପତି ଫୁଲ ସାମ୍ଭୁକା, ସମ୍ପାଦକ ରାଜେନ୍ଦ୍ର ମାଣ୍ଡିକା, ପୂର୍ଣ୍ଣଚନ୍ଦ୍ର କୁଲସିକା, ଜାଗିଲି କୁମ୍ବୁରୁକା, ଘାସିରାମ ମାଣ୍ଡିଆକା, ବିଶ୍ୱନାଥ ପୀଡ଼ିକାକା , ସୁଶାନ୍ତ ତୁଇକା, ସୁରେଶ ମିଣିଆକା ପ୍ରମୁଖ ଉପସ୍ଥିତ ରହିଥିଲେ ।


ବିଡିଓଙ୍କୁ ଦାବିପତ୍ର ଦିଆଯାଉଛି।

# ଆଦିବାସୀଙ୍କ କଳା, ସଂସ୍କୃତିର ସୁରକ୍ଷା ଆମ କର୍ତ୍ତବ୍ୟ

## ବ୍ଲକ୍‌ସ୍ତରୀୟ ଲୋକ ମହୋତ୍ସବ ଚଇତି

ବିଷମକଟକ,୧୯।୧୨
(ପ୍ରସନ୍ନ କୁମାର ପଣ୍ଡା)

ରାୟଗଡ଼ା ଜିଲା ବିଷମକଟକ ବ୍ଲକ୍‌ସ୍ତରୀୟ ଲୋକ ମହୋତ୍ସବ ଚଇତି-୨୦୨୪ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଅଧିଷ୍ଠାତ୍ରୀ ଦେବୀ ମା' ମାର୍କମା ମନ୍ଦିରରେ ପୂଜାର୍ଚ୍ଚନା ପରେ କଳସଯାତ୍ରା ସହର ପରିକ୍ରମାକରି ଚଇତି ମଣ୍ଡପରେ ସ୍ଥାପନ କରାଯାଇଥିଲା। କଳସଯାତ୍ରାରେ ବିଷମକଟକ ବିଧାୟକ ନୀଳମାଧ ହିକ୍‌କା, ଗୋଷ୍ଠୀ ଉନ୍ନୟନ ଅଧିକାରୀ ସଦାଶିବ ନାୟକ, ଜଳ ବିଭାଜିକା ମିଶନର ଜିଲା ପ୍ରକଳ୍ପ ନିର୍ଦ୍ଦେଶକ ଦୟାନିଧି ବାଘ, ପଞ୍ଚାୟତ ସମିତି ଅଧ୍ୟକ୍ଷା ଯଶୋଦା ହୁଇକା, ଉପାଧ୍ୟକ୍ଷ ଦେବୀପ୍ରସାଦ ପଟ୍ଟନାୟକ, ଏମ୍‌ପି ପ୍ରତିନିଧି ଦିଲୀପ ପଟ୍ଟନାୟକ, ଜିଲା ପରିଷଦ ସଦସ୍ୟ ସୁଜାତା କାଡ୍ରାକା ଓ ବିଜୟ ଶାନ୍ତି କୁମ୍ଭୁରିକା, ରାୟଗଡା ପଞ୍ଚାୟତ ସମିତି ଅଧ୍ୟକ୍ଷା ଗୁନି ହୁଇକା, ବିଷମକଟକ ଥାନା ଅଧିକାରୀ ସୂର୍ଯ୍ୟଚନ୍ଦ୍ର ପାଢ଼ୀ, ତହସିଲଦାର କେ.ଭେଙ୍କେଟା ରେଡ୍ଡି,


ଚଇତି ମଞ୍ଚରେ ଉପସ୍ଥିତ ଅତିଥି ।

ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ବସନ୍ତ କୁମାର ପ୍ରଧାନ, ବିଭିନ୍ନ ପଞ୍ଚାୟତର ସରପଞ୍ଚ, ସମିତି ସଦସ୍ୟ,ସଦସ୍ୟା ପ୍ରମୁଖ ଉପସ୍ଥିତ ଥିଲେ। ଚଇତି ମହୋତ୍ସବ ମାଧ୍ୟମରେ ଆଦିବାସୀ କଳା, ସଂସ୍କୃତିର ପ୍ରଚାରପ୍ରସାର କରାଯିବା ସହ ଏହାର ସୁରକ୍ଷା ପ୍ରଶାସନର ମୁଖ୍ୟ ଉଦ୍ଦେଶ୍ୟ ଏବଂ କର୍ତ୍ତବ୍ୟ ବୋଲି ଅତିଥିମାନେ କହିଥିଲେ।

ଚଇତି ଉଦ୍‌ଯାପନୀ ଉତ୍ସବରେ ବିଷମ କଟକ ବିଧାୟକ ନୀଳମାଧବ ହିକ୍‌କା ମୁଖ୍ୟ ଅତିଥି ଭାବେ ମଞ୍ଚାସୀନ ଥିଲେ। ରାୟଗଡ଼ା ବିଧାୟକ ଆପଲସ୍ୱାମୀ କାଡ୍ରାକା, ଭାଜପା ଜିଲା ସଭାପତି ଶିବ ପଟ୍ଟନାୟକ, ପୂର୍ବତନ କଂଗ୍ରେସ ଜିଲା ସଭାପତି ଦୁର୍ଗା ପଣ୍ଡା, ବିଏସ୍‌ପି ଜିଲା ସଭାପତି ଜିତେନ୍ଦ୍ର ଜାକାସିକା, ବିଷମକଟକ ଉପାଧ୍ୟକ୍ଷ ଦେବୀ ପଟ୍ଟନାୟକ, ତହସିଲଦାର କେ. ଭେଙ୍କଟେଶ୍ୱର ରେଡ୍ଡି, ବିଷମକଟକ ବିଡିଓ ସଦାଶିବ ନାୟକ ପ୍ରମୁଖ ସମ୍ମାନିତ ଅତିଥି ଭାବେ ମଞ୍ଚାସୀନ ଥିଲେ । ମଞ୍ଚ ପରିସରରେ ଅଙ୍ଗନୱାଡି, ସ୍ୱାସ୍ଥ୍ୟ ବିଭାଗ, ଜଳ ଓ ପରିମଳ ବିଭାଗ, କୃଷି ବିଭାଗ, ଉଦ୍ୟାନ କୃଷି ବିଭାଗ, ସିନି ଏନ୍‌ଜିଓ ଆଦି ବିଭିନ୍ନ ବିଭାଗ ପକ୍ଷରୁ ୧୦ଟି ଷ୍ଟଲ ଲାଗିଥିଲା। ଅତିଥିମାନେ ଏ ସମସ୍ତ ଷ୍ଟଲ୍‌କୁ ଉଦ୍‌ଘାଟିତ କରିଥିଲେ । ବିଭିନ୍ନ ବିଦ୍ୟାଳୟର ଛାତ୍ରୀଛାତ୍ରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ଚଇତି କମିଟି ତରଫରୁ ଆୟୋଜିତ ବିଭିନ୍ନ କ୍ରୀଡା ପ୍ରତିଯୋଗିତା ସାଙ୍ଗକୁ ଝୋଟି, ଡିବେଟ, ସଙ୍ଗୀତ, ବକ୍ତୃତା ପ୍ରତିଯୋଗିତାରେ କୃତକାର୍ଯ୍ୟ ହାସଲ କରିଥିବା ପ୍ରତିଯୋଗୀଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ । ଏଥିସହ ବ୍ଲକ୍‌ର ସମସ୍ତ ସରପଞ୍ଚ, ସମିତି ସଭ୍ୟ ସଭ୍ୟା, ବରିଷ୍ଠ ନାଗରିକଙ୍କୁ ଉତ୍ତରୀୟ ଏବଂ ମାନପତ୍ର ପ୍ରଦାନ କରାଯାଇଛି । ଆଦର୍ଶ ବିଦ୍ୟାଳୟ ଅଧ୍ୟକ୍ଷା ମଧୁସ୍ମିତା ଦାସ ମଞ୍ଚ ପରିଚାଳନା କରିଥିଲେ। ବିଡିଓ ନାୟକଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଚଇତି କାର୍ଯ୍ୟକ୍ରମ ଆୟୋଜନ ହୋଇଥିଲା। ବ୍ଲକ୍ ମଙ୍ଗଳ ବିଭାଗ ଅଧିକାରୀ ଶୁଭପ୍ରଦା ସାସମଲ, ଓଏଲ୍‌ଏମ୍ ଅଧିକାରୀ ମାନସୀ ଟାକ୍ରି, ବ୍ଲକ୍ ଜଗାଣ ଅଧିକାରୀ ଦେବଦତ୍ତ ଲେଙ୍କା ପ୍ରମୁଖ ସହଯୋଗ କରିଥିଲେ ।

# 'ଭାରତର ପ୍ରମୁଖ ପର୍ଯ୍ୟଟନସ୍ଥଳୀ ହେବ ଦେଓମାଳୀ'

କୋରାପୁଟ,୧୯।୧୨
(ଅମିତାଭ ବେହେରା)



କୋରାପୁଟ ଲୋକ ମହୋତ୍ସବ ପରବ ଉଦ୍‌ଯାପନୀ ଉତ୍ସବରେ ଯୋଗ ଦେଇ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଦେଓମାଳୀ ଗୁରୁବାର ପରିଦର୍ଶନ କରିଛନ୍ତି। ଦେଓମାଳୀ ଭାରତର ଏକ ପ୍ରମୁଖ ପର୍ଯ୍ୟଟନସ୍ଥଳ ହେବ ବୋଲି ଉପମୁଖ୍ୟମନ୍ତ୍ରୀ ପରିଡା କହିଛନ୍ତି। ଏଥିପାଇଁ ଡିପିଆର ପ୍ରସ୍ତୁତ କରି ଦେବାକୁ କୋରାପୁଟ ଜିଲାପାଳ ଭି.କୀର୍ତ୍ତି ଭାସନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଉଭୟ ରାଜ୍ୟର

### ଡିପିଆର୍ ପ୍ରସ୍ତୁତ କରିବାକୁ ଜିଲାପାଳଙ୍କୁ ନିର୍ଦ୍ଦେଶ

ପର୍ଯ୍ୟଟନସ୍ଥଳକୁ ତୁଳନା କରି କୋରାପୁଟ ଜିଲାରେ ଥିବା ପର୍ଯ୍ୟଟନସ୍ଥଳ ଆନ୍ଧ୍ରଠାରୁ ବହୁଆଗରେ ଏବଂ ଏହାକୁ କିଭଳି ସଜାଡ଼ିବା ଆବଶ୍ୟକ ରହିଛି ବୋଲି ଉପମୁଖ୍ୟମନ୍ତ୍ରୀ କହିଛନ୍ତି। ଜିଲା ପ୍ରଶାସନ ଡିପିଆର ପ୍ରସ୍ତୁତ କରି ରିପୋର୍ଟ ଦେଲେ ଅନୁଦାନ ଦିଆଯିବ ବୋଲି ସେ କହିଥିଲେ। ଆନ୍ଧ୍ରର ଦେଓମାଳି ହେଉ କି କୋଟିଆ କାହା ଉପରେ ମଧ ଆଉ ନଜର ପଡ଼ିବ ନାହିଁ। ଉକ୍ତ ଜିଲା ରାଜ୍ୟରେ ପର୍ଯ୍ୟଟନସ୍ଥଳର ହବ୍ ପଲଟିବ। ସମସ୍ତ ପର୍ଯ୍ୟଟନସ୍ଥଳର ବିକାଶ ହେବା ନେଇ ରହିଥିବା ଆବଶ୍ୟକତାକୁ ସରକାର ପୂରଣ କରିବେ ବୋଲି ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପ୍ରତିଶ୍ରୁତି ଦେଇଥିଲେ। ଭାଜପା ସରକାର କଥାରେ ନୁହଁ କାମରେ ବିଶ୍ୱାସ କରେ ବୋଲି ସେ କହିଥିଲେ। ଏଠାରେ ସମସ୍ତେ ମିଳିମିଶି ପରବ ପାଳନ କରୁଛନ୍ତି ତାହା ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ବିଷୟ ବୋଲି ସେ କହିଥିଲେ। ଏଥିସହ କୋରାପୁଟରେ ଏକ ଆଦିବାସୀ ସଂଗ୍ରହାଳୟ ପ୍ରତିଷ୍ଠା ପାଇଁ ତାରା ପ୍ରସାଦ ବାହିନୀପତି ଦାବି କରିଥିବା ବେଳେ ଉପମୁଖ୍ୟମନ୍ତ୍ରୀ ଗ୍ରହଣ କରିଥିଲେ।

## ଉପମୁଖ୍ୟମନ୍ତ୍ରୀଙ୍କ ଦେଓମାଳି, ଗିର୍ଲିମାଳି ପରିଦର୍ଶନ

ସୁନାବେଡ଼ା/ସେମିଳିଗୁଡ଼ା,୧୯।୧୨
(କୃତ୍ତିବାସ ପ୍ରଧାନ)

ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ସେମିଳିଗୁଡ଼ା ଓ ଏହାର ଆଖପାଖ ଅଞ୍ଚଳର ବିଭିନ୍ନ ପର୍ଯ୍ୟଟନସ୍ଥଳୀ ଗୁରୁବାର ପରିଦର୍ଶନ କରିଛନ୍ତି। କୋରାପୁଟରୁ ବାହାରି ସେମିଳିଗୁଡ଼ା ଟ୍ରାଫିକ ଛକ ନିକଟରେ ପହଞ୍ଚିବା ପରେ ଉପମୁଖ୍ୟମନ୍ତ୍ରୀଙ୍କୁ ଭାଜପା କର୍ମକର୍ତ୍ତାମାନେ, ଆଇସିଡିଏସ୍ ଅଧିକାରୀ ଓ ଶତାଧିକ ଅଙ୍ଗନୱାଡି କର୍ମୀ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ କରିଥିଲେ। ସେମିଳିଗୁଡ଼ା ବ୍ଲକ୍ ଅଧୀନ ପାକଝୋଲା ଗାଁରେ ପହଞ୍ଚିବା ପରେ ଶତାଧିକ ମହିଳା ଉପମୁଖ୍ୟମନ୍ତ୍ରୀଙ୍କୁ ସ୍ୱାଗତ କରିଥିଲେ। ସେଠାରେ ଉପମୁଖ୍ୟମନ୍ତ୍ରୀ ପରିଡ଼ା ମହିଳାଙ୍କୁ ଗାଁରେ ପାନୀୟ ଜଳ ଓ ରାସ୍ତାଘାଟ ସମସ୍ୟା ସହ ସ୍କୁଲରେ ଶିକ୍ଷକ ଥିବା ନେଇ ପଚାରି ବୁଝିଥିଲେ। ଗ୍ରାମର ଜଣେ ମହିଳା ଦଉଣା ମାଝୀ ଗ୍ରାମବାସୀଙ୍କ ପକ୍ଷରୁ ଉପମୁଖ୍ୟମନ୍ତ୍ରୀଙ୍କୁ ଏକ ଦାବିପତ୍ର ପ୍ରଦାନ କରିଥିଲେ। ଦାବିପତ୍ର ମୁତାବକ ମାଳି ପର୍ବତରେ ଥିବା ଇଷ୍ଟଦେବୀ ମା' ପାକୁଳି ଗୁମ୍ଫାକୁ ପର୍ଯ୍ୟଟନସ୍ଥଳୀର ମାନ୍ୟତା ପ୍ରଦାନ କରିବା, ସ୍ଥାୟୀ ରାସ୍ତା ନିର୍ମାଣ, ପ୍ରତିବର୍ଷ ପାକୁଳି ମା'ଙ୍କ ଯାତ୍ରା ସମୟରେ ଗୁମ୍ଫାରେ ଅନେକ ହଜାର ଶ୍ରଦ୍ଧାଳୁଙ୍କ ଆଗମନ ହେଉଥିବାରୁ ସେଠାରେ ପାନୀୟ ଜଳ ବ୍ୟବସ୍ଥା କରିବାକୁ ଦାବିପତ୍ରରେ ଉଲ୍ଲେଖ କରାଯାଇଥିଲା। ଉପମୁଖ୍ୟମନ୍ତ୍ରୀ ଏହାପରେ ଦୁଧାରୀ ଓ ପୁଟସିଲ୍‌ରେ ଥିବା ଇକୋ ରିଟ୍ରିଟ, ଦେଓମାଳି ଓ ଗିର୍ଲିମାଳି ପର୍ବତ ପରିଦର୍ଶନ କରିଥିଲେ। କାର୍ଯ୍ୟକ୍ରମରେ କୋରାପୁଟ ବିଧାୟକ ରଘୁରାମ ମାଛ, କୋଟପାଡ ବିଧାୟକ ରୂପୁ ଭତ୍ରା, ଭାଜପା ଜିଲା ସଭାପତି ସୁମନ୍ତ ପ୍ରଧାନ, ଚୈତନ୍ୟ ନନ୍ଦିବାଲି, ଜୟରାମ ଗରଡ଼ା, ବହୁ କର୍ମକର୍ତ୍ତା ଓ ଜିଲା ପ୍ରଶାସନର ଅଧିକାରୀ ଉପସ୍ଥିତ ଥିଲେ।

## ସଂକ୍ଷେପରେ

### ମଣ୍ଡି ସମସ୍ୟା ସମାଧାନ ନେଇ ପ୍ରଶାସନର ଦ୍ୱାରସ୍ଥ ହେଲେ ଜିଲାପରିଷଦ ସଭ୍ୟ

ଜୟପୁର,୧୯।୧୨(ପବନ ପାଣିଗ୍ରାହୀ)

ଜୟପୁର ଉପଖଣ୍ଡର ବୋରିଗୁମ୍ମା ବ୍ଲକରେ ମଣ୍ଡି ସମସ୍ୟା ସମାଧାନ ନେଇ ୩ ଜୋନ୍‌ର ଜିଲା ପରିଷଦ ସଭ୍ୟ ଗୁରୁବାର ପ୍ରଶାସନର ଦ୍ୱାରସ୍ଥ ହୋଇଛନ୍ତି। ଜିଲାପରିଷଦ ସଭ୍ୟ ପିଙ୍କୁ ଶତପଥୀ ଜୟପୁର ଉପଜିଲାପାଳ ଆକାବରମ ଶସ୍ୟା ରେଢ୍ଡୀଙ୍କ ନିକଟରେ ମଣ୍ଡିରୁ ଧାନ ଉଠିବା ନେଇ ଗୁରୁତ୍ୱ ଦେବାକୁ ଜିଲା ପରିଷଦ ସଭ୍ୟ ଦାବି କରିଛନ୍ତି। ଏ ସମ୍ପର୍କରେ ଜିଲାପାଳଙ୍କୁ ମଧ ଅବଗତ କରାଯାଇଛି। ଏଠାରେ ଗୋଦାମ ଗୃହ ଓ ଆରଏମ୍‌ସି ୟାର୍ଡ ନ ଥିବାରୁ ମିଲର ନ ଆସିଲେ ମଣ୍ଡିରୁ ଧାନ ଉଠିବ ନାହିଁ। ଏଜେନ୍ସି, ମିଲର ଓ ଅଫିସରଙ୍କୁ ଡକାଇ ଆଲୋଚନା କରି ତୁରନ୍ତ ଧାନ ଉଠାଇବାକୁ ସେ ଦାବି କରିଛନ୍ତି। ବିନା ତଦନ୍ତରେ ଚାଷୀଙ୍କ ୩ ଏକର ୮୦ ସେଣ୍ଟ ରେଜିଷ୍ଟ୍ରେସନ୍‌ରୁ କଟାଯାଇଛି। ଏହାର ତଦନ୍ତ କରି ଦୋଷୀଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ନେବା ପାଇଁ ଜଲା ପରିଷଦ ସଭ୍ୟ ଶତପଥି ଦାବି କରିଛନ୍ତି। ଉପଜିଲାପାଳ ଦାବିକୁ ଗ୍ରହଣ କରି ସମାଧାନ କରିବା ପାଇଁ ପ୍ରତିଶ୍ରୁତି ଦେଇଛନ୍ତି।

### ଖବରଦାତାଙ୍କ ପକ୍ଷରୁ ଉପମୁଖ୍ୟମନ୍ତ୍ରୀ, ଜିଲାପାଳଙ୍କୁ ସମ୍ମାନିତ

କୋରାପୁଟ,୧୯।୧୨(ଅମିତାଭ ବେହେରା)

କୋରାପୁଟ ପରବ ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଉପ ମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା ଯୋଗ ଦେଇ ଜିଲାର ବିଭିନ୍ନ ପର୍ଯ୍ୟଟନସ୍ଥଳୀ ପରିଦର୍ଶନ କରିଛନ୍ତି। ଏହି ସମୟରେ କୋରାପୁଟ ଖରବଦାତାଙ୍କ ପକ୍ଷରୁ ଉପମୁଖ୍ୟମନ୍ତ୍ରୀ ଓ ଜିଲାପାଳ ଭି. କୀର୍ତ୍ତି ଭାସନଙ୍କୁ ପେନ୍‌ସିଲ୍ ଫଟୋଚିତ୍ର ଦେଇ ସମ୍ମାନିତ କରାଯାଇଛି। ଜିଲାର ବିଭିନ୍ନ ପର୍ଯ୍ୟଟନସ୍ଥଳୀ ବୁଲି ଦେଖିବି ଅଧିକରୁ ଅଧିକ ପର୍ଯ୍ୟଟନ ସ୍ଥଳୀର ଉନ୍ନତି ହେବା ସହିତ ପର୍ଯ୍ୟଟନ ସ୍ଥଳୀର ଉନ୍ନତି ପାଇଁ ୮୦ କୋଟିରୁ ୧୦୦ କୋଟି କିପରି କରାଯାଇ ପାରିବ ସେ ନେଇ ରାଜ୍ୟ ସରକାର ଚିନ୍ତା କରୁଛନ୍ତି ବୋଲି ଉପ ମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା କହିଛନ୍ତି। ଏହି ଅବସରରେରେ କୋରାପୁଟ ଖବରଦାତା ସୌମ୍ୟ ରଞ୍ଜନ ସାହୁ, ତ୍ରିଲୋଚନ ମହାରଣା, ଅମିତାଭ ବେହେରା ଓ ସିଏଚ୍ ଭଗବତୀ ଆଚାରୀ ପେନସିଲରେ ତିଆରି ଫୋଟ ଚିତ୍ର ପ୍ରଦାନ କରିଥିଲେ।

## ଆମେଚ୍ୟୁର ବକ୍ସିଂ ସଂଘର ଖବରଦାତା ସମ୍ମିଳନୀ



ଖବରଦାତା ସମ୍ମିଳନୀରେ ମୁଷ୍ଟିଯୋଦ୍ଧାଙ୍କୁ ସମ୍ବର୍ଦ୍ଧିତ କରାଯାଉଛି ।

ଜୟପୁର, ୧୯।୧୨(ପବନ ପାଣିଗ୍ରାହୀ)

ଜୟପୁର ଅର୍ଜିତ ବକ୍ସିଂ କ୍ଲବ୍‌ରେ କୋରାପୁଟ ଜିଲା ଆମେଚ୍ୟୁର ବକ୍ସିଂ ସଂଘ ପକ୍ଷରୁ ଖବରଦାତା ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସଭାପତି ଶଶୀ ଭୂଷଣ ଦାଶ, ସମ୍ପାଦକ ବିପିନ ବିହାରୀ ମହାପାତ୍ର, ଜିଲା କ୍ରୀଡ଼ା ସମ୍ପାଦକ ରବି ନାୟକ ଉପସ୍ଥିତ ଥିଲେ। ନଭେମ୍ବର ୧୭ ଜିଲା ଆମେଚ୍ୟୁର ବକ୍ସିଂ ସଂଘ ଅର୍ଜିତ ବକ୍ସିଂ କ୍ଲବ୍‌କୁ ଉଦ୍‌ଘାଟନ କରିଥିଲେ। ଏହାର ଅଧିନରେ ଥିବା ଅର୍ଜିତ ବକ୍ସିଂ ସଂଘରେ ପ୍ରଶିକ୍ଷଣ ଓ ତାଲିମ ନେଉଥିବା ପି. ସମୀର ପାତ୍ର ୯୧ କି.ଗ୍ରା. ଓ ଜତିନ ଶର୍ମା ୬୫.୭୦ କି.ଗ୍ରା ଓଜନ ନଭେମ୍ବର ୧୪ ଓ ୧୫ ରାଉରକେଲା ହକି ଷ୍ଟାଡିୟମ୍‌ରେ ଅନୁଷ୍ଠିତ ମୁଷ୍ଟିଯୋଦ୍ଧା ପ୍ରତିଯୋଗିତାରେ ସ୍ୱର୍ଣ୍ଣ ପଦକ ଜିତିଥିଲେ। ସେମାନଙ୍କୁ ଆମେଚ୍ୟୁର ବକ୍ସିଂ ସଂଘ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା।

## ସରକାରୀ ବାଳିକା ଉଚ୍ଚବିଦ୍ୟାଳୟର ବାର୍ଷିକ କ୍ରୀଡ଼ା ଉତ୍ସବ

କୋରାପୁଟ,୧୯।୧୨(ଅମିତାଭ ବେହେରା)

କୋରାପୁଟସ୍ଥିତ ସରକାରୀ ବାଳିକା ଉଚ୍ଚବିଦ୍ୟାଳୟର ୫୨ତମ ବାର୍ଷିକ କ୍ରୀଡ଼ା ଉତ୍ସବ ଗୁରୁବାର ଉଦ୍‌ଘାଟିତ ହୋଇଯାଇଛି। ସ୍ଥାନୀୟ ଶ୍ରୀରାମ ମନ୍ଦିରରୁ ମାଶଲ ଅଣାଯାଇଥିବା ଭାରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ ସଙ୍ଗିତା ସାହୁ ଶୁଭାରମ୍ଭ କରିଥିଲେ। ଅଧ୍ୟୟନ ସହ କ୍ରୀଡ଼ା ଶାରୀରିକ,ମାନସିକ ଏବଂ ବୌଦ୍ଧିକ ବିକାଶରେ ସହାୟ ହୋଇଥାଏ ବୋଲି ଛାତ୍ରୀମାନଙ୍କୁ ସେ ପରାମର୍ଶ ଦେଇଥିଲେ। ଏଥିରେ ବିଦ୍ୟାଳୟ ପରିଚାଳନା କମିଟି ଅଧକ୍ଷା ରଶ୍ମିତା କର ଏବଂ ପୂର୍ବତନ ଅଧକ୍ଷ ତଥା ସାମାଜିକ କର୍ମୀ ଅରୁଣ କୁମାର ସାହୁ ଯୋଗ ଦେଇଥିଲେ। କ୍ରୀଡ଼ା ଶିକ୍ଷୟିତ୍ରୀ ପି. ରାଜେଶ୍ୱରୀ ପରିଚାଳନା କରିଥିଲେ।

## ଦେଶୀ ମଦ ଚାଲାଣ, ୨ ଗିରଫ

ଜୟପୁର,୧୯।୧୨(ପବନ ପାଣିଗ୍ରାହୀ)

ଦେଶୀ ମଦ ଚାଲାଣ ବେଳେ ଜୟପୁର ଅବକାରୀ ଥାନା ପକ୍ଷରୁ ଗୁରୁବାର ଚଢାଉ କରାଯାଇ ୨ ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି। ଯମୁନାଗୁଡା ଓ ଅନ୍ତାରେ ଚଢାଉ କରି ମିନ ବିଷୋୟୀ ଓ ଜଣେ ମହିଳାଙ୍କୁ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଛି । ସେମାନଙ୍କଠାରୁ ୧୫ ଲିଟର ଦେଶୀ ମଦ ଜବତ କରାଯାଇଥିବା ଅବାକାରୀ ଥାନା ପକ୍ଷରୁ ସୂଚନା ଦିଆଯାଇଛି।

## ନାବାଳିକା ମୃତ୍ୟୁ ମାମଲା, ଅଭିଯୁକ୍ତ ଗିରଫ

ଜୟପୁର, ୧୯।୧୨(ପବନ ପାଣିଗ୍ରାହୀ)

ଜୟପୁର ସଦର ପୋଲିସ ନାବାଳିକା ମୃତ୍ୟୁ ମାମଲାରେ ଅଭିଯୁକ୍ତଙ୍କୁ ଗିରଫ କରିଛି। ଅଭିଯୁକ୍ତ ହେଲେ ତରଗେଇ ଗ୍ରାମର ଜିତ୍ରନ କଛପ(୨୧)। ନାବାଳିକା ପୁଟ୍ରା ନଦୀରେ ପଡି ଯାଇଥିଲେ। ସେହି ଗ୍ରାମର ଜିତୁ ତାଙ୍କୁ ଜୟପୁରସ୍ଥିତ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିବା ବେଳେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଝିଅଙ୍କୁ କେହି ହତ୍ୟା କରିଥିବା ମୃତ ନାବାଳିକାଙ୍କ ମା' ସଦର ଥାନରେ ଅଭିଯୋଗ କରିଥିଲେ। ଏନେଇ ୩୯୩/୨୪ରେ ମାମଲା ରୁଜୁ କରି ପୋଲିସ ତଦନ୍ତ ଆରମ୍ଭ କରିଛି। ନାବାଳିକାଙ୍କୁ ଚିକିତ୍ସାଳୟରେ ଭର୍ତ୍ତି କରିଥିବା ଯୁବକ ଏଥିରେ ସାମିଲ ଥିବା ତଦନ୍ତରୁ ପୋଲିସ ଜାଣିବାକୁ ପାଇଥିଲା। ଜିତ୍ରନଙ୍କୁ କୋର୍ଟ ଚାଲାଣ କରାଯାଇଥିବା ସୂଚନା ଦିଆଯାଇଛି।

## କୋଟପାଡ଼ରେ ଧାନମଣ୍ଡି ଉଦ୍‌ଘାଟିତ

କୋଟପାଡ଼,୧୯।୧୨
(କେ.ରାଜଶେଖର ରାଓ)

କୋରାପୁଟ ଜିଲା କୋଟପାଡ଼ ହାତପଦା ଓ ବ୍ଲକର କୁସୁମୀ ପଞ୍ଚାୟତ ଗିର୍ଲା ପଞ୍ଚାୟତରେ ଧାନମଣ୍ଡି ଉଦ୍‌ଘାଟିତ ହୋଇଯାଇଛି। କୌଣସି ଚାଷୀଙ୍କ ଠାରୁ ଧାନ କିଣା ଯାଇ ନ ଥିବା ଜଣାପଡିଛି। ବର୍ତ୍ତମାନ ସୁଦ୍ଧା ମଣ୍ଡିରେ ଧାନ ବିକ୍ରି ପାଇଁ ଚାଷୀଙ୍କ ତାଲିକା ପ୍ରକାଶ ପାଇ ନ ଥିବା ବେଳେ ମଣ୍ଡି ତାଲିକା ପ୍ରକାଶ ପାଇବା ପରେ ୨ କିମ୍ବା ୩ ଦିନ ମଧରେ ଧାନ କିଣି ନିଆଯିବ ବୋଲି ବିଭାଗୀୟ ପକ୍ଷରୁ ସୂଚନା ଦିଆଯାଇଛି। ଏହି ଅବସରରେ ସ୍ଥାନୀୟ ବିଧାୟକ ରୁପୁ ଭତ୍ରା ଯୋଗ ଦେଇ ଚାଷୀମାନଙ୍କ ଧାନରେ କୌଣସି ଛଟନିକଟନୀ କରାଯିବ ନାହିଁ, ସମସ୍ତ ଚାଷୀଙ୍କ ଧାନ ରାଜ୍ୟ ସରକାର କିଣିବାକୁ ନିଷ୍ପତି ନେଇଛନ୍ତି ବୋଲି କହିଥିଲେ। ଲ୍ୟାମ୍ପସ ଏବଂ ଆର୍‌ଏମ୍‌ସି ପକ୍ଷରୁ ଧାନର ଏଫଏକ୍ୟୁ ମାନ ଯାଞ୍ଚ କରି ନିଆଯିବ ବୋଲି କୁହାଯାଇଛି। କାର୍ଯ୍ୟକ୍ରମରେ ପଞ୍ଚାୟତ ସମିତି ଅଧକ୍ଷା କମଳା ଭତ୍ରା, ବିଡିଓ ବିକ୍ରମ ଦୋରା, ପୂର୍ବତନ ଏନ୍‌ଏସି ଉପାଧକ୍ଷ ବାପୁନ ତ୍ରିପାଠୀ, ଯୋଗାଣ ଅଧିକାରୀ ଆଶିଷ ଦାସ, ଏମଡି ଲ୍ୟାମ୍ପସ ରାଜି ନାୟକ, କସୁମୀ ସରପଞ୍ଚ ସନମତି ଗାଦବା, ସମିତିସଭ୍ୟା ଜାନକୀ ଭତ୍ରା, ବ୍ଲକ ଉପାଧକ୍ଷ ବାବୁଲି ପାଣିଗ୍ରାହୀ, ଲ୍ୟାମ୍ପସ ସଭାପତି ପଦ୍ମା ଭତ୍ରା, ରାଜେନ୍ଦ୍ର ରଥ, କେସିସି ଉପାଧକ୍ଷା ଦୁରୁପତା ଭତ୍ରା ଘନଶ୍ୟାମ ବିଷୋୟୀ, ସୀତାନାଥ ବିଶ୍ୱାଳ, ସଞ୍ଜୟ ବେହେରା ମାନସ ବିଷୋୟୀ, ନୀଳକଣ୍ଠ ନାଇକ ଓ ଅଞ୍ଚଳର ଶତାଧିକ ଚାଷୀ ଉପସ୍ଥିତ ଥିଲେ।

## ମହାଦଳିତ ପରିସଂଘ ପକ୍ଷରୁ ଦାବିପତ୍ର



ମହାଦଳିତ ସଂଘର ସଦସ୍ୟମାନେ ଉପଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରୁଛନ୍ତି।

ଜୟପୁର, ୧୯।୧୨(ପବନ ପାଣିଗ୍ରାହୀ)

ଜୟପୁର ମହାଦଳିତ ପରିସଂଘ ପକ୍ଷରୁ ଉପଜିଲାପାଳ ଆକାବରମ୍ ଶସ୍ୟା ରେଢ୍ଡୀଙ୍କ ଜରିଆରେ ରାଷ୍ଟ୍ରପତି ଓ ପ୍ରଧାନମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ଗୁରୁବାର ପ୍ରଦାନ କରାଯାଇଛି। ଜୟପୁର ଆମ୍ବେଦକର ଛକରୁ ଏକ ଶୋଭାଯାତ୍ରା ବାହାରି ଉପଜିଲାପାଳଙ୍କ କାର୍ଯ୍ୟାଳୟରେ ପହଞ୍ଚି ଥିଲା। ଉକ୍ତ ପଡୋଶୀ ବଙ୍ଗଳାଦେଶରେ ନିର୍ଯାତନା ସହ ହତ୍ୟାର ଶିକାର ହେଉଥିବା ନିରୀହ ହିନ୍ଦୁ, ବୌଦ୍ଧ, ଖ୍ରୀଷ୍ଟିୟାନ, ଅନୁସୁଚିତ ଜାତି ଜନଜାତି ଏବଂ ପଛୁଆ ବର୍ଗର ଲୋକଙ୍କୁ ବଞ୍ଚାଇବା ପାଇଁ ତୁରନ୍ତ ପଦକ୍ଷେପ ନେବା ନେଇ ଆଇନଗତ ଆଦେଶ ପ୍ରଣୟନ କରିବାକୁ ଦାବି କରାଯାଇଛି। ଶୋଭାଯାତ୍ରାରେ ମହାଦଳିତ ପରିସଂଘର ରାଜ୍ୟ ସଭାପତି ବୃନ୍ଦାବନ ଖରା, ମହିଳା ସଭାପତି ମନୋସ୍ୱିନୀ ଟାକରି,ଜି. ମହେଶ, ସୁରେନ୍ଦ୍ର ଖରା, ବିକ୍ରମ ଖିଲିଡି, ସୁଶିଳ ବିଘ ଓ ଅମୃତ ଖରା ପ୍ରମୁଖ ଉପସ୍ଥିତ ଥିଲେ।

## ଜାତୀୟ କରାଟେ ପ୍ରତିଯୋଗିତାରେ ୨ଛାତ୍ରୀଙ୍କ ପଦକ ହାସଲ



କୋଚ୍ ମହେଶ ବରାଳଙ୍କ ସହ ୨ ଛାତ୍ରୀ ।

ସୁନାବେଡ଼ା,୧୯।୧୨(କୃତ୍ତିବାସ ପ୍ରଧାନ)

ଦିଲ୍ଲୀରେ ଅନୁଷ୍ଠିତ ସବ୍ ଜୁନିୟର କିଓ ଜାତୀୟ କରାଟେ ପ୍ରତିଯୋଗିତାରେ ସୁନାବେଡ଼ା ଉତ୍କଳ କରାଟେ ସ୍କୁଲର ୨ ଛାତ୍ରୀ ପଦକ ହାସଲ କରିଛନ୍ତି। ତାଲ୍‌କୋଟ୍ରା ଷ୍ଟାଡିୟମରେ ଡିସେମ୍ବର୧୪ ଓ ୧୫ରେ ସବ୍ ଜୁନିୟର କିଓ ଜାତୀୟ କରାଟେ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏଥିରେ ପ୍ରତ୍ୟେକ ରାଜ୍ୟର ସ୍ୱର୍ଣ୍ଣ ପଦକ ବିଜେତା ଯୋଗଦେଇଥିବା ବେଳେ ଉତ୍କଳ କରାଟେ ସ୍କୁଲର ଶ୍ରୀକୃତି ନାୟକ ୧୦ ବର୍ଷ ବାଳିକା ଫାଇଟ୍‌ରେ କାଂସ୍ୟ ପଦକ ଓ ରୁତମ୍ବରା ସିଂ ୧୩ ବର୍ଷ ବାଳିକା ଫାଇଟ୍‌ରେ ରୌପ୍ୟ ପଦକ ହାସଲ କରିଛନ୍ତି। ଉଭୟଙ୍କୁ କୋଚ୍ ମହେଶ ବରାଳ ଓ ସଂଘ ସଭାପତି ହରିପ୍ରସାଦ ପଟ୍ଟନାୟକ ଓ ସମ୍ପାଦକ ଗୌରୀ ମହାନ୍ତି ଶୁଭେଚ୍ଛା ଜଣାଇଛନ୍ତି।

# କୁହୁଡ଼ିରେ ଫସିଲେ ଉପମୁଖ୍ୟମନ୍ତ୍ରୀ

ପଟ୍ଟାଙ୍ଗି,୧୯।୧୨(ଶରତ ଧଳ)

କୋରାପୁଟ ଜିଲାରେ ଚାଲିଥିବା ଲୋକ କଳା ମହୋତ୍ସବ ତଥା ଜାତୀୟସ୍ତରୀୟ ପରବର ଶେଷ ତଥା ଉଦ୍‌ଯାପନୀ ଉତ୍ସବରେ ଉପ ମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ଦ୍ୱିତୀୟ ଦିନରେ ଗୁରୁବାର ପଟ୍ଟାଙ୍ଗି ବ୍ଲକ ଅଧିନରେ ଥିବା କୋଟିଆ ପଞ୍ଚାୟତ ଦେଓମାଳି ପର୍ଯ୍ୟଟନସ୍ଥଳୀ ପରିଦର୍ଶନ କରିଥିଲେ। କିନ୍ତୁ ପ୍ରବଳ କୁହୁଡ଼ି ଏବଂ ମେଘ ଢାଙ୍କି ରହିଥିବାରୁ ଉପ ମୁଖ୍ୟମନ୍ତ୍ରୀ ପରିଡ଼ା ପର୍ଯ୍ୟଟନସ୍ଥଳୀକୁ ଠିକ୍ ଭାବେ ଦେଖିପାରି ନ ଥିଲେ। ସେଠାରେ ବିଭିନ୍ନ କାର୍ଯ୍ୟକ୍ରମର ତଦାରଖ କରିଥିଲେ। ଏହି ସମୟରେ ଉକ୍ତ ପର୍ଯ୍ୟଟନସ୍ଥଳୀକୁ ସଫାସୁତୁରା



ଉପମୁଖ୍ୟମନ୍ତ୍ରୀ ଦେଓମାଳୀ ପରିଦର୍ଶନ କରୁଛନ୍ତି ।

### ବିଭିନ୍ନ ସରକାରୀ କାର୍ଯ୍ୟକ୍ରମ ତଦାରଖ

ସହ ରକ୍ଷଣାବେକ୍ଷଣ ଉଦ୍ଦେଶ୍ୟରେ ବ୍ଲକ ଓ ପଞ୍ଚାୟତ କାର୍ଯ୍ୟାଳୟ ପକ୍ଷରୁ ବାରାବନ୍ଧ ଗ୍ରାମ ମହିଳା ଗୋଷ୍ଠୀ ଟେଣ୍ଡର ମାଧ୍ୟମରେ ପାଇଥିବା ଦାୟିତ୍ୱ ସମ୍ପର୍କରେ ସଦସ୍ୟାମାନଙ୍କ ସହ ଆଲୋଚନା କରି ଆଦାୟ ଅର୍ଥର ଲାଭ କ୍ଷତି ସମ୍ପର୍କରେ ବୁଝିଥିଲେ।

ଏହାପରେ ଉକ୍ତ ସ୍ଥାନରୁ ବାହାରି ଜଙ୍ଗଲ ବିଭାଗ ପକ୍ଷରୁ ହୋଇଥିବା କଟେଜ୍‌ରେ ପହଞ୍ଚି ସେଠାରେ ଥିବା କର୍ମଚାରୀଙ୍କ ସହ ଆଲୋଚନା କରିଥିଲେ। ପର୍ଯ୍ୟଟକମାନଙ୍କ ସହଯୋଗ ସମ୍ପର୍କରେ ବୁଝି ଦେଓମାଳି ପର୍ଯ୍ୟଟନସ୍ଥଳୀର ପ୍ରାକୃତିକ ସୌନ୍ଦର୍ଯ୍ୟକୁ ଦେଖିବାକୁ ଯାଇଥିଲେ ମଧ ମେଘ ଓ କୁହୁଡି ଯୋଗୁ କିଛି ଦେଖିପାରି ନ ଥିଲେ। ଗାଡିଗୁଡିକ କୁହୁଡିରେ ଫସି ଯାଇଥିଲା। ଜିଲା ଓ ବ୍ଲକ ପ୍ରଶାସନ ସହ ପର୍ଯ୍ୟଟନସ୍ଥଳୀର କେଉଁ କେଉଁ ଅନୁଦାନରୁ ଉନ୍ନୟନମୂଳକ କାର୍ଯ୍ୟ ହୋଇଛି ଏବଂ ଆଉ କ'ଣ ହୋଇପାରିବ ସେନେଇ ବୁଝିଥିଲେ। ଅନ୍ୟପକ୍ଷରେ କୋରାପୁଟ ଅଭିମୁଖେ ଫେରିବା ବେଳେ ଘନ କୁହୁଡ଼ି ଯୋଗୁ ଉପମୁଖ୍ୟମନ୍ତ୍ରୀ ପରିଡ଼ାଙ୍କ ଗାଡ଼ି ସହ ଜିଲାର ଅନ୍ୟ ପଦାଧିକାରୀଙ୍କ ଗାଡ଼ି ଦୀର୍ଘ ସମୟ ଧରି ଅଟକି ରହିଥିବା ବେଳେ ନାକେଦମ୍ ହେବାକୁ ପଡିଥିଲା। ଗସ୍ତ ସମୟରେ ଅନ୍ୟମାନଙ୍କ ମଧ୍ୟରେ କୋରାପୁଟ ବିଧାୟକ ରଘୁରାମ ମାଛ, ପର୍ଯ୍ୟଟନ ସଚିବ ବଲୱନ୍ତ ସିଂ, ଆରକ୍ଷୀ ଅଧୀକ୍ଷକ ରୋହିତ ବର୍ମା, ପଟାଙ୍ଗି ବିଧାୟକ ରାମଚନ୍ଦ୍ର କାଡାମ, କୋଟପାଡ ବିଧାୟକ ରୁପୁ ଭତ୍ରା, ଜିଲାପାଳ ଭି.କୀର୍ତ୍ତି ଭାସନ୍, ଡିଏଫଓ କେ.ଭି.ଭାସ୍କର ରାଓଙ୍କ ସମେତ ବିଡିଓ ସୁକାନ୍ତ କୁମାର ପଟ୍ଟନାୟକ, ତହସିଲଦାର ଦେବେନ୍ଦ୍ର ବାହାଦୂର ସିଂ ଧାରୁଆ , ଥାନାଧିକାରୀ ଚତୁର୍ଭୁଜ ନାୟକ, ଏଇଇ ବିଶ୍ୱନାଥ ମାଦିଲି ଓ ଏପିଓ ସୌମେନ୍ଦ୍ର ନାୟକ ପ୍ରମୁଖ ଉପସ୍ଥିତ ଥିଲେ ।

# ୧୩ କୋଟି ୭୭ ଲକ୍ଷ ଟଙ୍କାର ବ୍ୟବସାୟ



ଅତିଥିମାନେ ବ୍ୟବସାୟୀଙ୍କୁ ପୁରସ୍କୃତ କରୁଛନ୍ତି।

କୋରାପୁଟ,୧୯।୧୨
(ଅମିତାଭ ବେହେରା)

କୋରାପୁଟରେ ଗତ ୫ ଦିନ ଧରି ଚାଲିଥିବା ଜାତୀୟସ୍ତରୀୟ ମହୋତ୍ସବ ପରବ ୨୦୨୪ ରେ ଦେଶର ପ୍ରତେକ ସ୍ଥାନରୁ କଳାକାର ଓ ବ୍ୟବସାୟୀ ଯୋଗ ଦେଇଥିଲେ। ଏଠାରେ ୪୦୦ ରୁ ଅଧିକା ଷ୍ଟଲ୍ ନିର୍ମାଣ କରା ଯାଇଥିଲା। କାଶ୍ମୀରଠାରୁ କର୍ଣ୍ଣାଟକ ପର୍ଯ୍ୟନ୍ତ, ବ୍ୟବସାୟୀଙ୍କଠାରୁ କଳାକାରଙ୍କ ପର୍ଯ୍ୟନ୍ତ ସମସ୍ତଙ୍କୁ ଏକତ୍ରିତ କରିବାରେ ସଫଳ ହୋଇଛି ପରବ। ଏଠାରେ ୧୩ କୋଟି ୭୭ ଲକ୍ଷ ଟଙ୍କାର ବ୍ୟବସାୟ ହୋଇଥିବା ଓରମାସର କାର୍ଯ୍ୟ ନିର୍ବାହୀ ଅଧିକାରୀ ରୋଶନ

### ପରବ ଉଦ୍‌ଯାପନୀ ସନ୍ଧ୍ୟା

କାର୍ତ୍ତିକ ସୂଚନା ଦେଇଛନ୍ତି। ପ୍ରଥମ ଦିନରେ ୨ କୋଟି ୬୬ଲକ୍ଷ, ଦ୍ୱତୀୟ ଦିନରେ ୨ କୋଟି ୮୭ ଲକ୍ଷ, ତୃତୀୟ ଦିନରେ ୩ କୋଟି ୭୨ ଲକ୍ଷ, ଚତୁର୍ଥ ଦିନରେ ୨ କୋଟି ୧୧ ଲକ୍ଷ ଓ ଶେଷ ଦିନରେ ୨ କୋଟି ୪୦ ଲକ୍ଷ ଟଙ୍କାର ବ୍ୟବସାୟ ହୋଇଥିବା ଓରମାସ ପକ୍ଷରୁ କୁହାଯାଇଛି। ଯାହାକି ଏକ ରେକର୍ଡ ସୃଷ୍ଟି କରିଛି। ଉଦ୍‌ଯାପନୀ ଦିବସରେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ମୁଖ୍ୟ ଅତିଥିଭାବେ ଯୋଗଦେଇ ୭ ଜଣ ବ୍ୟବସାୟୀଙ୍କୁ ସମ୍ମାନିତ କରିଛନ୍ତି।

## ଦର୍ଶକଙ୍କୁ ଝୁମାଇଲେ ପୱନଦୀପ, ଅରୁନିତା

କୋରାପୁଟ,୧୯।୧୨
( ଅମିତାଭ ବେହେରା)

ଜାତୀୟସ୍ତରୀୟ ପରବର ଶେଷ ସନ୍ଧ୍ୟାରେ ଇଣ୍ଡିଆନ ଆଇଡଲ ବିଜେତା ପୱନଦୀପ ରାଜନ ଓ ପ୍ରତିଯୋଗୀ ଅରୁନିତା କଞ୍ଜିଲାଲଙ୍କ ଗୀତରେ ଝୁମିଲେ ଦର୍ଶକ। ପୱନଦୀପ୍ ଓ ଅରୁନୀତାଙ୍କ ଗୀତ ଶୁଣିବାକୁ ଲକ୍ଷାଧିକ ଲୋକଙ୍କ ଭିଡ ଜମାଇଥିଲେ। ଜନ ସମୁଦ୍ର ପାଲଟିଥିଲା ପରବ ପଡ଼ିଆ। ନିକଟରେ ଦୁଇଟି ପାହାଡଠାରୁ ପରବ ପଡିଆ ପର୍ଯ୍ୟନ୍ତ ସବୁଠି ଲୋକଙ୍କ ଭିଡ଼। କୋରାପୁଟ ସହରରେ ବିଭିନ୍ନ ସ୍ଥାନରେ ଲୋକଙ୍କୁ ଘଣ୍ଟା ଘଣ୍ଟା ଧରି ଅପେକ୍ଷା କରିବାକୁ ପଡିଥିଲା।



ପରବ ମଞ୍ଚରେ ପୱନଦୀପ୍ ଓ ଅରୁନୀତା।

# ଆଇଇଡି ବିସ୍ଫୋରଣରେ ମା' ଭାଲୁ ସହ ୨ ଶାବକ ମୃତ

**ମାଲକାନଗିରି, ୧୯।୧୨ (ଦୁର୍ଯ୍ୟୋଧନ ପାତ୍ର)**

ମାଓବାଦୀଙ୍କ ଦ୍ୱାରା ଲଗାଯାଇଥିବା ଆଇଇଡି ବୋମା ବିସ୍ଫୋରଣରେ ଗୋଟିଏ ମା' ଭାଲୁର ମୃତ୍ୟୁ ଘଟିଛି। ପରେ ୨ ଦୁଇଟି ଶାବକ ମଧ୍ୟ ଭୋକରେ ମରି ପଡ଼ିଥିବା ଦେଖିବାକୁ ମିଳିଛି। ସୂଚନା ଅନୁଯାୟୀ, ଛତିଶଗଡ଼ ଦାନ୍ତେୱାଡ଼ା ଜିଲ୍ଲା ବାରସୁର ଥାନା ଅନ୍ତର୍ଗତ କୋହକାବେଡା ଜଙ୍ଗଲରେ ମାଓବାଦୀମାନେ ସୁରକ୍ଷା ବାହିନୀକୁ ଟାର୍ଗେଟ କରି ଆଇଇଡି ବୋମା ଖଞ୍ଜିଥିଲେ। ଜଙ୍ଗଲରେ ବୁଲୁଥିବା ଭାଲୁ ହଠାତ୍ ଏହି ବୋମା ଉପରେ ଚଢ଼ିଯିବାରୁ ଏହା ବିସ୍ଫୋରଣ ଘଟି ମା' ଭାଲୁର ମୃତ୍ୟୁ ଘଟିଥିଲା। ମା' ଭାଲୁର କ୍ଷତ ବିକ୍ଷତ ଶରୀର ଜଙ୍ଗଲରେ ପଡ଼ିଥିବା ବେଳେ ଦୁଇଟି ଶାବକଙ୍କର ଖାଦ୍ୟ ଅଭାବରୁ ମୃତ୍ୟୁ ଘଟିଥିବା ସନ୍ଦେହ କରାଯାଉଛି। ପୋଲିସ ଓ ବନ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ଥିବା ଜଣାପଡ଼ିଛି।



# ଉତ୍କଳ ବିଶ୍ୱବିଦ୍ୟାଳୟରୁ ଆରମ୍ଭ ହେଲା ବିଏମ୍‌ସି ସିଟି ଆକ୍ଟିଭେସନ କାର୍ଯ୍ୟକ୍ରମ | ଆଜି ପ୍ରତିଭା ଦେଖାଇବେ ରମାଦେବୀ ଛାତ୍ରୀ

**ଭୁବନେଶ୍ୱର,୧୯।୧୨ (ଅନୁରାଧା ମହାରଣା)**

ପ୍ରବାସୀ ଭାରତୀୟ ଦିବସ ପୂର୍ବରୁ ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି)ର ସିଟି ଆକ୍ଟିଭେସନ କାର୍ଯ୍ୟକ୍ରମରେ ବିଭିନ୍ନ ବିଶ୍ୱ ବିଦ୍ୟାଳୟକୁ ସାମିଲ କରାଯାଇଛି। ଗୁରୁବାର ଉତ୍କଳ ବିଶ୍ୱବିଦ୍ୟାଳୟରେ ଏହି କାର୍ଯ୍ୟକ୍ରମର ଶୁଭାରମ୍ଭ କରାଯାଇଛି। ଏଥିରେ ଶତାଧିକ ଛାତ୍ରୀଛାତ୍ର ଯୋଗଦେଇ ସଙ୍ଗୀତ, କୁଇଜ୍, ରାମ୍ପ ୱାକ୍ ଓ ନୃତ୍ୟ ପ୍ରତିଯୋଗିତାରେ ଭାଗ ନେଇଥିଲେ। ଏହି ସମସ୍ତ କାର୍ଯ୍ୟକ୍ରମରେ ଉତ୍କଳ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ସବିତା ଆଚାର୍ଯ୍ୟ, ରେଜିଷ୍ଟ୍ରାର କାହ୍ନୁ ଧର, ପ୍ରଫେସର ମିତାଲି ଚିନାରା ପ୍ରମୁଖ ସହଯୋଗ କରିଥିଲେ। ବିଏମ୍‌ସି ପରିସୀମା ମଧ୍ୟରେ ଥିବା ସମସ୍ତ ବିଶ୍ୱବିଦ୍ୟାଳୟ ଏବଂ ବୈଷୟିକ ଶିକ୍ଷା ପ୍ରତିଷ୍ଠାନର ଛାତ୍ରୀଛାତ୍ରଙ୍କ ମଧ୍ୟରେ ୩୦ ତାରିଖ ପର୍ଯ୍ୟନ୍ତ ଏପରି ପ୍ରତିଯୋଗିତା ଅନୁଷ୍ଠିତ ହେବ। ବିଭିନ୍ନ ବିଭାଗରେ ଶ୍ରେଷ୍ଠ ପ୍ରତିଯୋଗୀମାନଙ୍କୁ ଏକ ସହର ସ୍ତରୀୟ ଉତ୍ସବରେ ସମ୍ବର୍ଦ୍ଧିତ କରାଯିବାର କାର୍ଯ୍ୟକ୍ରମ ରହିଛି। ଶୁକ୍ରବାର ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟ ଏବଂ ଶନିବାର ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ(ଓୟୁଏଟି)ରେ ଏହିପରି କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ପରବର୍ତ୍ତୀ ପର୍ଯ୍ୟାୟରେ ସଂସ୍କୃତି ବିଶ୍ୱବିଦ୍ୟାଳୟ, କିଟ୍ ବିଶ୍ୱବିଦ୍ୟାଳୟ ଏବଂ ଶିକ୍ଷା ଓ ଅନୁସନ୍ଧାନ ବିଶ୍ୱବିଦ୍ୟାଳୟରେ ବିଭିନ୍ନ ସୃଜନଶୀଳ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ ବୋଲି ବିଏମ୍‌ସି ପକ୍ଷରୁ ସୂଚନା ଦିଆଯାଇଛି।

## GOVERNMENT OF ODISHA, "e"-PROCUREMENT NOTICE
## OFFICE OF THE CHIEF CONSTRUCTION ENGINEER, KHORDHA (R&B) CIRCLE, KHORDHA
### WORKS DEPARTMENT
**Tender Call Notice**

E-mail : rbcirclekhurda@gmail.com

Bid Identification No. CCE-Khordha (R&B) Circle-22/2024-25, Memo No.-2502 Dt. 13.12.2024

**No.B-769** : The Chief Construction Engineer, Khordha (R&B) Circle, Khordha on behalf of Governor of Odisha inviting percentage rate bid in double cover system in ONLINE MODE from eligible contractors for Building works as detailed in the table below :

| | | | |
|---|---|---|---|
| 1 | Nature of Work | : | Building Work |
| 2 | No. of Work | : | 1 No. |
| 3 | Tender Cost | : | Rs. 10000.00 (On-Line) |
| 4 | Class of Contractor | : | B & A Class |
| 5 | Available of Bid document in the Website | : | From 10.00 A.M. of Dt. 21.12.2024 up to 05.00 P.M. of Dt. 30.12.2024 up to 5.00 P.M. |
| 6 | Date of opening of Bid | : | Dt. 31.12.2024 at 11.30 A.M. |
| 7 | The Bidders have to participate in ONLINE bidding only. Further details can be seen from the Website : https://tenderodisha.gov.in. Any Addendum/Corrigendum/ Cancellation of tender can also be seen in the said website. | | |

OIPR-34127/11/0024/2425 — Sd./- Chief Construction Engineer, Khordha (R&B) Circle, Khordha

## OFFICE OF THE ANGUL MUNICIPALITY, ANGUL
No.5626, Date:17.12.2024

**TENDER CALL NOTICE**

**No.C-1281:**Sealed tenders in prescribed form are invited from the specified class of contractors registered with Govt, of Orissa for the following works. The tender document for the work will be available from the office of the Executive Officer, Angul Municipality during the office hours in the working-day in shape of cash of required amount as mentioned against the work (Non-refundable) from dt.18.12.2024 to 24.12.2024 up to 5.00 P.M. The tenderers should deposit the E.M.D. at the rate of 1% of the estimated cost as indicated in shape of cash deposit T.D/Postal saving pass book duly pledged in favour of Executive Officer, Angul Municipality along with the tender documents, The tender will be received up to 12.30 P.M. on dt 26.12.2024 in the office of the Executive Officer, Angul Municipality. The tender will be opened on 26.12.2024 at 1.00 P.M. in the presence of the tenderers or their authorized agents if present. The valid RC,PAN card & GSTIN should be accompanied with the tender documents. All other detail information can be available from the office of the Executive Officer, Angul Municipality. The authority reserves the right to reject any or all tenders without assigning any reason thereof.

| SL No. | Name of the work | Estimated amount (including GST) | Cost of tender paper (Non-refundable) | E.M.D (In Rs.) | Class of Contractor | Time of Completion |
|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 |
| 01 | Construction of culvert infront of Budha Dwivedy house in ward N.18 | Rs.48,000.00 | Rs.400/- | Rs.480/- | 'D' & 'C" Class | One Month |
| 02 | Cleaning of water hyacinth of Idol immersion pond ward No-20 | Rs.56,000,00 | Rs.400/- | Rs.560/- | -do- | -do- |
| 03 | Construction of Idol Immersion pond at back side of Khao gali for 2024 | Rs.57,000.00 | Rs.400/- | Rs.570/- | -do- | -do- |
| 04 | Supplying and fitting of Executive Officer residence ceiling | Rs.63. 000.00 | Rs.400/- | Rs.630/- | -do- | -do- |
| 05 | Spreading of crusher dust infront of Baniabahal School for the year 2024 ward No. 10 | Rs.70,000,00 | Rs.400/- | Rs.700- | -do- | -do- |
| 06 | Construction of retaining wall at Happy bandha in ward No. 12 | Rs.1,34,000.00 | Rs.600/- | Rs.1350/- | -do- | -do- |
| 07 | Old Bus-stand market complex repair | Rs.1,50,000.00 | Rs.600/- | Rs.1500/- | -do- | -do- |
| 08 | Fitting of Kadampadia 1st floor shop room shutter at old Bus-stand | Rs.1,54,000.00 | Rs.600- | Rs.1540/- | -do- | -do- |
| 09 | Supplying Tree guard for Smart park road. | Rs.1,74,000.00 | Rs.600/- | Rs.1740/- | -do- | -do- |
| 10 | Amlapada.Durga puja Mandap renovation in ward No. 18 | Rs.1,96,000.00 | Rs.600/- | Rs.1960/- | -do- | -do- |
| 11 | Renovation of Kadampadia office building | Rs.1,98,600.00 | Rs.600/- | Rs.1990/- | -do- | -do- |
| 12 | Collecting & spreading of crusher dust at Gundicha Temple, Sai temple, Netaji park & Subas Bose park. | Rs.1,99.000.00 | Rs.600/- | Rs.1990/- | -do- | -do- |
| 13 | Collecting & spreading of crusher dust at Karadagadia Dumping area road. | Rs.1,99,000.00 | Rs.600/- | Rs.1990/- | -do- | -do- |
| 14 | Collecting & spreading of crusher dust at various places of Angul Municipality | Rs.1,99,000.00 | Rs.600/- | Rs.1990/- | -do- | -do- |
| 15 | Colour of Amalapada Kalyan Mandap in ward No.18 | Rs.1,99,000.00 | Rs.600/- | Ks.1990/- | -do- | -do- |
| 16 | Supplying Tree guard for Dhoba bandha ward No.20 | Rs.1,99,000,00 | Rs.600/ | Rs.1990/- | -do- | -do- |
| 17 | Cleaning of water hyacinth of Choukini pond ward No.7 | Rs.1,99,000.00 | Rs.600/- | Rs.1990/- | -do- | -do- |
| 18 | Laying of Granite flooring infront of Kalakendra ward No.14 | Rs.1,99,000.00 | Rs.600/ | Rs.1990/- | -do- | -do- |
| 19 | Installation of UPVC door and window at Light house ward No. 14 | Rs.1,99,000.00 | Rs.600/ | Rs.1990/- | -do- | -do- |

OIPR-13085/11/0021/2425 — **Sd./- Executive Officer, Angul Municipality**

## GOVT. OF ODISHA
No. O-915
## OFFICE OF THE CHIEF CONSTRUCTION ENGINEER, RURAL WORKS CIRCLE, KEONJHAR
eMail: se_nerwkjr@rediffmail.com

No. 3741 — Date: 17.12.24

**1st Corrigendum Notice**

Under unavoidable circumstances, the availability of tender online for bidding & opening of Technical Bids of the tender invited vide eProcurement Notice No. 3497 Dtd.26.11.24 / Bid Identification No. NCB-17/RWCKJR/2024-25 of Chief Construction Engineer, Rural Works Circle, Keonjhar is hereby rescheduled as below.

| Procurement Officer | Bid Identification No. | Availability of tender Online for Bidding | | Last date & time of seeking tender clarification | Date & time of Opening of Tender in O/o. C.C.E., .R.W. Circle, Keonjhar | |
|---|---|---|---|---|---|---|
| | | From | To | | Technical Bid | Financial Bid |
| 1 | 2 | 3 | 4 | 5 | 6 | 7 |
| Chief Construction Engineer, Rural Works Circle, Keonjhar | NCB-17/ RWCKJR/ 2024-25 | Dt.04.12.24 at 11.00 A.M. | Dt.30.12.24 upto 5.00 P.M. | Dt.27.12.24 upto 5.00 P.M. | Dt.31.12.24 at 11.00 A.M. | Will be intimated later |

All other contents remain unchanged.

OIPR-25177/11/0024/2425 — Sd./- Chief Construction Engineer, R.W. Circle, Keonjhar

## OHPC — OFFICE OF THE SR.GENERAL MANAGER (ELECTRICAL)
## UPPER INDRAVATI HYDRO ELECTRIC PROJECT, MUKHIGUDA
18001 Certified

DIST: KALAHANDI- 766026, E-mail:sgmel_uihep@ohpcltd.com
ODISHA HYDRO POWER CORPORATION LTD. (A GOVERNMENT OF ODISHA UNDERTAKING)
Regd. Office OSPH & W.C. Building, Vanivihar Chhak, Janpath, Bhoinagar, Bhubaneswar-751022
Tel:91-0674-2542983, 2542802, 2545526, 2542826, Fax:2542102, E-mail:ohpc.co@gmail.com/md@ohpcltd.com
WEB: www.ohpcltd.com, CIN: U40101OR1995SGC003963

**NOTICE INVITING TENDER No.38/2024-25, DATED 16.12.2024**

**No.CAD-1922:** Sealed tenders are invited in two parts i.e. (i) Techno Commercial bid & (ii) Price Bid in separate sealed envelopes from the Reputed Suppliers having valid GST Registration certificate and IT PAN for supply of the following as per terms & conditions and specification of tender.

| Description of Work | Cost of tender paper (Non-refundable) in Rs. | EMD in shape of DD/ Banker's Cheque (Refundable) in Rs. | Period of Sale/ download of tender document | Last date & time of receipt of tender | Date & Time of opening of Techno Commercial Bid |
|---|---|---|---|---|---|
| Supply of Electrical Consumable Materials for UIHEP, Mukhiguda | 7,080/- (inclusive of GST@18%) | 11,000/- | From 21.12.2024 to 02.01.2025 upto 12.00 Hrs. | 02.01.2025 (upto 13.00 Hrs.) | 02.01.2025 at 16.30 Hrs. |

For details of the tender documents, terms and conditions please visit our website **www.ohpcltd.com**

OIPR-32136/11/0018/2425 — **Sd./- C & P Head, UIHEP, Mukhiguda**

## GOVERNMENT OF ODISHA
No. B-776
## OFFICE OF THE CHIEF CONSTRUCTION ENGINEER JEYPORE (R&B) CIRCLE, JEYPORE
e-mail ID: supenger_rbjyp@yahoo.co.in, Phone No.: 06854-231528

**INVITATIONS FOR BIDS (IFB)**

Bid Identification No. C.C.E.J.C. (R&B) - 10/2024-25

No. 4373 — Date: 16.12.2024

1. Nature of the Work : Road & Bridge Works
2. Total No. of Works : 02 (Two) Nos.
3. Tender Cost : Rs.6.87 to 9.45 Crs.
4. Period of Completion : 04 (Four) to 15 (Fifteen) Calendar Months
5. Cost of Bid Document : Rs.10,000/-
6. Bid Security (EMD) : Rs.6.87 to 9.45 Lacs as per Column No. 06 of IFB
7. Class of Contractor : "A" & "Special" Class as per Cl. No. 05 of TCN & according to Financial eligibility
8. Date & time of availability of bid document in the portal : From 11.00 hours of 20.12.2024 to 17.00 hours of 03.01.2025
9. Last date/time for receipt of bids in the portal : 17.00 hours of 03.01.2025
10. Opening date of Bid : 10.00 hours of 04.01.2025
11. Name and address of the Officer Inviting Bid : Chief Construction Engineer, Jeypore (R&B) Circle, Jeypore

Further details can be seen from the e-procurement portal **https://tendersodisha.gov.in**. Any addendum/corrigendum/cancellation of tender can also be seen in the said website only.

OIPR-34108/11/0016/2425 — Sd./- (I/C) Chief Construction Engineer, Jeypore (R&B) Circle, Jeypore

## ZILLA SWASTHYA SAMITI, MAYURBHANJ
Office of the CDM&PHO-cum- District Mission Director, NHM, Mayurbhanj, Odisha, 757001

Advt. No. 4018 /NHM/2024-25 — Dt: 17/12/24

**Tender Call Notice**

**No.E-598** : Sealed tenders are invited from the interested eligible bidders for (**"Supply of Items for Equipment's and Consumable and Medicines under NCD & Sunetra"**). The eligible criteria, the terms of reference and the formats for submission of bid as set forth in the tender document can be downloaded from the website https://mayurbhanj.odisha.gov.in. Interested bidders fulfilling the eligibility criteria may submit their proposal(s) with EMD, Tender paper cost & document as per Tender Call Notice. The bidders have to submit their proposal(s) at the O/o: The CDM & PHO cum District Mission Director, Mayurbhanj. Proposal(s) complete in all respect should reach the undersigned on or before **1.00 P.M. of 30.12.2024** through Regd. post/Speed post/Courier and the same will be opened on **30.12.2024 at 4.00 P.M.** The undersigned reserves the right to reject any or all the tender(s) without assigning any reason thereof.

OIPR-10020/11/0017/2425 — **Sd./- Chief District Medical & Public Health Officer, Mayurbhanj**

## SPORTS & YOUTH SERVICES DEPARTMENT
### Government of Odisha
No : SYS-SEB-Events-0008-2024- 36770 /SYS Dated: 17.12.2024

**EXPRESSION OF INTEREST**

**Name of the Assignment : Conducting State-wide National & International Marathons for Sports and Youth Services Department, Government of Odisha**

**No.TT-12** : Sports & Youth Services Department, Govt. of Odisha invites "Expression of Interest" from the eligible bidders to undertake the service of **"Conducting State-wide National & International Marathons for Sports and Youth Services Department, Government of Odisha"**. Eligible bidders may furnish their "Expression of Interest" complete in all respect through https://tendersodisha.gov.in scribing **"EOI for Conducting State-wide National & International Marathons for Sports and Youth Services Department, Government of Odisha"** on or before **30/12/2024**. The proposals received beyond the stipulated timeline will be out rightly rejected. The client reserves the right to accept or reject all or any of the proposals and terminate the selection process without assigning any reason thereof. For details on EOI for the proposed assignment, please visit the websites: https://tendersodisha.gov.in / https://sports.odisha.gov.in/.

Director, Sports
SPORTS & YOUTH SERVICES DEPARTMENT
Kalinga Stadium, Bhubaneswar - 751012
Odisha

OIPR-29001/11/0032/2425

## ODISHA PUBLIC SERVICE COMMISSION
### NOTICE

**No. 7349/P.S.C. — Dt.18.12.24**

**(1E-09-2024/25) (DR - II)**

No. D-214: The Written Examination for recruitment to the Post of **Clinical Psychologist** under H&F.W. Department, pursuant to the Advertisement No. 37 of 2023-24 will be held at Cuttack Zone as per the following programme:

**Programme of Examination**

| Date | Time |
|---|---|
| 05.01.2025 (Sunday) | 10.30 A.M. to 12.00 Noon |

The candidates are required to download their **"Admission Certificate"** and **"Instruction to Candidates"** from website of the Commission **(www.opsc.gov.in) from 31.12.2024 onwards.**

OIPR-12002/11/0110/2425 — Sd./- Secretary

## ODISHA PUBLIC SERVICE COMMISSION
### NOTICE
No.7341/P.S.C., Dt. 18.12.24

**TIMETABLE FOR WRITTEN EXAMINATION OF FINANCE & ACCOUNTS OFFICER**

**No.D-213** : The Commission has decided to conduct the written examination of Finance & Accounts Officer on **19.01.2025 (Sunday)** at Cuttack zone, pursuant to Advt. No. 39 of 2023-24 as per the following timetable:

| Date | Time | Subject Code No. to be filled up in the OMR Answer sheet |
|---|---|---|
| 19.01.2025 (Sunday) | 10.00 A.M. to 1.00 P.M. | 01 |

N.B:- All the candidates belonging to PwD category will be given 60 minutes extra i.e. 10.00 A.M. to 2.00 P.M.

2. **"Admission Certificates"** and **"Instructions to Candidates"** of the eligible candidates will be available in the website of Commission later. The candidates are advised to visit the website of the Commission at http://opsc.gov.in to download their "Admission Certificate" & "Instructions to Candidates".

OIPR-12002/11/0111/2425 — Sd./- Secretary

## FOREST DEPARTMENT
No.MM-342
## OFFICE OF THE DEPUTY DIRECTOR, SIMILIPAL SOUTH WL DIVISION, BARIPADA
e-mail - dfo.similipalsouthwl@odisha.gov.in

Government of Odisha "e" Procurement Notice

**Bid Identification No. - DD South-BPD-06/2024-25**

1. Number of works - 02 (Two number of work)
2. Approximate estimated cost :

| Sl. No. | Name of the Work | Estimate Cost (in Rs.) |
|---|---|---|
| 01 | Construction of 02 storey 02 nos of Forest Guard Quarters at Pithabata under CAMPA APO 2024-25 | 29,82,364/- |
| 02 | Construction of 01 no Forest Guard Quarter at Podadiha Range Office Campus, Podadiha under CAMPA APO 2023-24 | 14,95,323/- |

3. Period of Completion : 3 (Three) Calendar months.
4. Date & Time of availability of bid documents in the portal : Dt. 20.12.2024 to 29.12.2024.
5. Last date / Time of receipt of bid in the portal : Dt. 29.12.2024 up to 5.00 P.M.
6. Date of Opening of bid : Dt.30.12.2024 at 11.00 A.M.
7. Name & address of the Office inviting bid : O/o the Deputy Director, Similipal South WL Division, Baripada, Mayurbhanj.

Further details can be seen from the e-procurement portal http://www.tendersodisha.gov.in

OIPR-08127/11/0021/2425 — Deputy Director, Similipal South WL Division, Baripada

## Government of Odisha
## Invitations for Bids (IFB)
No.i-368

**Bid Identification No. - 02/Date - 16.12.2024**

The Block Development Officer, Chilika on behalf of Government of Odsiha invites percentage rate bid in closed cover for the work detailed in the table from respective class of contractors registered with the State Government and contractors of equivalent grade / class registered with Central Government / MES / Railway having experience in Building and road works in conformity / with details Tender Call Notice for execution of work on drawl of Agreement in P1 contact forms of Government of Odisha.

| | | |
|---|---|---|
| 1 | Name of the work | Construction of Additional Classroom at Laxmidhar Govt. High School, Haripur Sasan |
| 2 | Estimated cost | 1183702.81 |
| 3 | Period of completion | 03 (Three) Calendar Months |
| 4 | Bid Security or EMD (Rs) | 11837.02 |
| 5 | Cost of Documents (Rs) | 6000.00 |
| 6 | Class of Contractor | C & D |
| 7 | Date / time of availability of bid document in Dist portal and / P.S. Chilika on cash/DD | 19.12.2024 / 11.00 Hour to 26.12.2024 / 17.00 hour |
| 8 | Last date / time for receipt of Bid in the portal by Regd. post / Speed Post / Courier service | 26.12.2024 /17.00 Hour |
| 9 | Name and address of the office inviting Bid | Panchayat Samiti, Chilika |
| 10 | Date, Time and venue of opening of the Bid | 27.12.2024 at 11.00 Hour at Panchayat Samiti, Chilika |

Further detailed can be seen from the e-procurement portal http://www.khordha.nic.in

Sd./- Block Development Officer, Chilika Block

OIPR-19387/11/0003/2425

## GOVERNMENT OF ODISHA
No. O-907
## OFFICE OF THE CHIEF CONSTRUCTION ENGINEER, RURAL WORKS CIRCLE, KENDRAPARA - JAJPUR
At: Chandikhol, P.O.: Sunguda, Jajpur - 754296, Email: serw_kpd@yahoo.com

No. Tender Online RCK-24/24 — Letter No. 3444 — Dt.16.12.24

**e-Procurement NOTICE**

1. Name of the Work : Repair/Maintenance of Rural Roads Constructed under PMGSY works in the Dist. of Jajpur for the year 2023-24.
2. Total No. of Package : 1 (One) No. of Road Package
3. Estimated Cost : 70.58 lakhs for 1 (One) No. of Road Package
4. Other Details :

| Procurement Officer | Bid Identification No. | Availability of Tender Online for Bidding | | Last date & Time of seeking tender clarification | Date & time of opening of tender | |
|---|---|---|---|---|---|---|
| | | From | To | | Technical Bid | Financial Bid |
| 1 | 2 | 3 | 4 | 5 | 6 | 7 |
| Chief Construction Engineer, Rural Works Circle, Kendrapara - Jajpur | Tender Online RCK - 24/24 | 21.12.2024 at 11.00 A.M. | 04.01.2025 to 5.00 P.M. | 04.01.2025 upto 2.00 P.M. | 06.01.2025 at 11.00 A.M. | Will be intimate later |

Further details can be seen from the website **www.pmgsytenders.gov.in.**

OIPR-25129/11/0017/2425 — Sd./- Chief Construction Engineer, Rural Works Circle, Kendrapara-Jajpur

## GOVT. OF ODISHA
eMail: se_nerwkjr@rediffmail.com
## OFFICE OF THE CHIEF CONSTRUCTION ENGINEER RURAL WORKS CIRCLE, KEONJHAR

No.3732/ — Date: 17.12.2024

**1st Corrigendum Notice**

**No.O-914:**Under unavoidable circumstances, the availability of tender online for bidding & opening of Technical Bids of the tender invited vide e-Procurement Notice Bid Identification No. NCB-15 / RWCKJR/ 2024-25 of Chief Construction Engineer, Rural Works Circle, Keonjhar is hereby rescheduled as below.

| Procurement Officer | Bid Identification No. | Availability of tender On-line for bidding | | Last date & Time of seeking Tender Clarification | Date & Time of Opening of Tender in O/o C.C.E., R.W. Circle, Keonjhar | |
|---|---|---|---|---|---|---|
| | | From | To | | Technical Bid | Financial Bid |
| 1 | 2 | 3 | 4 | 5 | 6 | 7 |
| Chief Construction Engineer, Rural Works Circle, Keonjhar | NCB-15/RW-CKJR/ 2024-25 | Dt.03.12.24 at 11.00 A.M. | Dt.30.12.24 upto 5.00 P.M. | Dt.27.12.24 upto 5.00 P.M. | Dt.31.12.24 at 11.00 A.M. | Will be Intimated Later |

All other contents remain unchanged.

OIPR-25177/11/0025/2425 — Sd./- Chief Construction Engineer, R.W. Circle, Keonjhar

## GOVERNMENT OF ODISHA
## OFFICE OF THE CHIEF CONSTRUCTION ENGINEER, RURAL WORKS CIRCLE, KENDRAPARA-JAJPUR
AT-CHANDIKHOL, PO-SUNGUDA, JAJPUR- 754296, Tel.No. 0671-2444488, Email:serw_kpd@yahoo.com

Letter No.3454, Date:16.12.24

**1st Corrigendum Notice**

**1st Corrigendum to Bid Identification No. Tender Online RCK-23/24 invited by this office vide Letter No.3358, Dt.02.12.2024**

**No.O-906:**The changes as detailed below are hereby made in the above N.I.T.:-

1. Clause No.-06 of NIT modified below:-

| Procurement Officer | Bid Identification No. | Availability of tender On-line for bidding | | Last date & Time of seeking Tender Clarification | | Date & Time of opening of tender | | | |
|---|---|---|---|---|---|---|---|---|---|
| | | | | | | Technical Bid | | Financial Bid | |
| | | Previously fixed on | Presently Modified on | Previously fixed on | Presently Modified on | Previously fixed on | Presently Modified on | Previously fixed on | Presently Modified on |
| Chief Construction Engineer, Rural Works Circle, Kendrapara-Jajpur | Tender RCK-23/24 | From 07.12.2024 At 11.00 AM to 22.12.2024 upto 05.00 PM | From 27.12.2024 at 11.00 AM to 10.01.2025 upto 05.00 PM | 21.12.2024 upto 02.00 PM | 10.01.2025 upto 02.00 PM | 23.12.2024 at 11.00 P.M | 13.01.2025 at 11.00 AM | Will be Intimated Later | Will be Intimated Later |

All other conditions of NIT remain unaltered.

OIPR-25129/11/0019/2425 — Sd./- Chief Construction Engineer, Rural Works Circle, Kendrapara-Jajpur

## Government of Odisha
No.N-150
## Higher Education Department

**Timeline for SPOT-II Admission into U.G., P.G., 2 years B.Ed./ M.Ed., 3 years LL.B. & 3 years Integrated B.Ed.-M.Ed. Courses in the Higher Education Institutions participating under SAMS for the Academic Session : 2024-25**

- This is to inform all concerned that admission to the remaining vacant seats in U.G., P.G., 2 years B.Ed. /M.Ed., 3 years LL.B. & 3 years Integrated B.Ed.-M.Ed. courses at the Higher Education Institutions participating under SAMS will be conducted through a SPOT-II admission process.
- The eligibility for the aforementioned courses are mentioned in the Common Prospectus available on the SAMS portal.
- In this SPOT-II admission process for admission into P.G. & 2 years B.Ed. /M.Ed. Courses, applicants must have appeared in the CPET-2024 & Teacher Education Entrance Examination respectively and must have obtained a rank.
- In the SPOT-II admission process, both admitted and non-admitted students are eligible to participate for all the aforementioned courses.
- If an applicant has taken admission in any of the HEIs in earlier Phase(s)/Round and got selected in this SPOT-II admission round, s/he has to obtain the CLC physically from the last admitted HEI within 7th Jan, 2025.
- The selection of the applicants will be done purely on merit basis. There will be no reservation and weightage for this SPOT-II admission round. However, for 2 years B.Ed. /M.Ed. Courses, stream of the applicants should be followed strictly as they have appeared in the entrance examination.
- In this SPOT-II admission round, for all the aforementioned Courses, applicants can apply for up to three (3) options (HEI + Subject). In this round, applicants are allowed to apply for the subjects with no current vacancies, anticipating that seats might become available if an admitted student opts for CLC within the final admission date. However, selection will be done as per the seats available.
- Applicants participating in this SPOT-II admission round must physically report to their chosen HEIs with the required documents by 02.00 PM of 27.12.2024. Those who fail to report within the given timeframe will not be allowed to participate. In the applicant's absence, parents or guardians with due authorization may also report on their behalf with the necessary documents.
- As per the timeline, the rank-wise merit list of the applicants will be made available in the HEI's e-Space.
- Further, the HEIs will prepare the merit list among the reported applicants and publish the same on their Notice Board on the last day i.e. 27.12.2024. The selected applicants will be informed by the HEIs to validate their documents and pay the full admission fees directly at the respective HEI in online mode.
- The HEIs are requested to fill up the remaining vacant seats by calling the reported applicants rank wise till the last date of admission updation.
- After completion of this SPOT-II admission process, if seats remain available for the 2 year P.G. courses only, the Universities may fill the vacant seats by conducting a separate entrance examination at their level for the NON-CPET applicants.
- The timeline for all the aforementioned courses are as mentioned below.

| Sl# | Activities | Timeline |
|---|---|---|
| 1 | Availability of online Common Application Form (CAF) in the website www.samsodisha.gov.in | 19-Dec-2024 (02:00 P.M.) |
| 2 | Last date of applying the online CAF through SAMS portal | 22-Dec-2024 (11:45 P.M.) |
| 3 | Publication of Waiting Rank wise list of applicants in HEI's e-Space as well as in the Student's Login | 26-Dec-2024 (04:00 P.M.) |
| 4 | Reporting of the waitlisted applicants physically at the HEIs along with the relevant documents for participating in the SPOT-II admission round | 27-Dec-2024 (10:00 A.M.) to 02:00 P.M. |
| 5 | HEIs will prepare and publish the merit list among those reported applicants on their notice board and communicate to the selected applicants for validation of documents | 27-Dec-2024 (04:00 P.M.) |
| 6 | Verification of documents, collection of total Admission fees directly at the level of HEIs & Admission updation of the selected applicant's data in the e-space by the respective HEIs | 27-Dec-2024 (04:00 P.M.) to 30-Dec-2024 (11:45 P.M.) (Except Holiday) |

**For more details the applicants can contact the SAMS Section of their nearest Universities/Colleges coming under SAMS**

N.B: Applicants who have already applied in the earlier Phase(s) should login to the SAMS Portal using their existing username and password and fill up a new Common Application Form (CAF) with the required information to get the CAF Fees exemption. **However, the new applicants will be required to pay the CAF fees as mentioned in the Common Prospectus.**

Sd./-
Deputy Director
PTC Section

OIPR-11001/11/0036/2425

## ସଂକ୍ଷେପରେ

### ଯୁବକଙ୍କ ଝୁଲନ୍ତା ମୃତଦେହ ଜବତ

ବୋରିଗୁମ୍ମା, ୧୯।୧୨(ବିଜୟ ସାହୁ)

କୋରାପୁଟ ଜିଲା ବୋରିଗୁମ୍ମା ଥାନା ଆଉଁଳି ପଞ୍ଚାୟତ ଅଧୀନ ବିଜାଗୁଡ଼ା ଗ୍ରାମ ନିକଟରେ ଜଣେ ଯୁବକଙ୍କ ଝୁଲନ୍ତା ମୃତଦେହ ପୋଲିସ ଉଦ୍ଧାର କରିଛି। ମୃତକ ହେଲେ ନବରଙ୍ଗପୁର ଜିଲା ଏକାମ୍ବ ଗ୍ରାମର ପବିତ୍ର ଭତ୍ରା। ବୁଧବାରରୁ ବିଜାଗୁଡା ନିକଟସ୍ଥ ଏକ ଜଙ୍ଗଲରେ ଜଣେ ଯୁବକଙ୍କ ଝୁଲନ୍ତା ମୃତଦେହ ସ୍ଥାନୀୟ ଲୋକେ ଦେଖିଥିଲେ। ସେମାନେ ପୋଲିସକୁ ଖବର ଦେଇଥିଲେ। ଗୁରୁବାର ସକାଳୁ ବୋରିଗୁମ୍ମା ପୋଲିସ ଘଟଣାସ୍ଥଳରେ ପହଞ୍ଚି ଯୁବକଙ୍କ ମୃତଦେହ ଜବତ କରିଥିଲେ। ମୃତକଙ୍କ ପରିଚୟ ପୋଲିସ ପାଇଥିଲା। କେହି ହତ୍ୟା କରି ତାଙ୍କୁ ଗଛରେ ଟାଙ୍ଗିଛନ୍ତି ନା ସେ ଆତ୍ମହତ୍ୟା କରିଛନ୍ତି ଏ ନେଇ ପୋଲିସ ତଦନ୍ତ କରୁଥିବା ଥାନାଧିକାରୀ ଯୁଗଳ କିଶୋର ସା କହିଛନ୍ତି। ଏନେଇ ମୃତ ଯୁବକଙ୍କ ଭାଇ ନନ୍ଦି ଭତ୍ରା ଥାନାରେ ଲିଖିତ ଭାବେ ଜଣାଇଥିଲେ। ବୋରିଗୁମ୍ମା ମେଡିକାଲରେ ଯୁବକଙ୍କ ମୃତଦେହ ରଖାଯାଇଛି। ଶୁକ୍ରବାର ମୃତଦେହ ବ୍ୟବଚ୍ଛେଦ କରାଯିବ। ଏନେଇ ଥାନାରେ ଏକ ମାମଲା ରୁଜୁ କରାଯାଇଥିବା ଏସ୍ଆଇ ଦ୍ରୋଣାଚାର୍ଯ୍ୟ ବାଗ ସୂଚନା ଦେଇଛନ୍ତି।

### ଟ୍ରକ୍ ଧକ୍କାରେ ବୃଦ୍ଧ ଗୁରୁତର

ମୁନିଗୁଡା,୧୯।୧୨ (ନନ୍ଦକିଶୋର ପଟ୍ଟନାୟକ)

ମୁନିଗୁଡ଼ାର ସହିଦ ଲକ୍ଷ୍ମଣ ନାୟକ ଛକ ନିକଟରେ ଗୁରୁବାର ଏକ ଟ୍ରକ ଧକ୍କାରେ ଜଣେ ବୃଦ୍ଧା ଗୁରୁତର ଆହତ ହୋଇଛନ୍ତି। ଆହତ ବୃଦ୍ଧା ହେଲେ ମୁନିଗୁଡା ଥାନା ଅନ୍ତର୍ଗତ କୁମୁଡାବାଲି ଅଞ୍ଚଳର ବିକି ବାତ୍ରା(୬୦) । ମୁନିଗୁଡା ବଜାର ସହିଦ ଲକ୍ଷ୍ମଣ ନାୟକ ଛକ ପାଖରେ ହଠାତ୍ ଏକ ଟ୍ରକ ଦ୍ରୁତ ଗତିରେ ଆସି ବୃଦ୍ଧଙ୍କୁ ଧକ୍କା ଦେବାରୁ ୨ଟି ଗୋଡ଼ରେ ଗୁରୁତର ଆଘାତ ଲାଗିଛି। ମୁନିଗୁଡ଼ା ପୋଲିସ ଆହତଙ୍କୁ ଉଦ୍ଧାର କରି ମୁନିଗୁଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ । ସେଠାରେ ଡାକ୍ତର ତାଙ୍କୁ ପ୍ରାଥମିକ ଚିକିତ୍ସା ପରେ ରାୟଗଡା ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରିଛନ୍ତି। ଅନ୍ୟପଟେ ମୁନିଗୁଡ଼ା ପୋଲିସ ପ୍ରଶାସନ ଆହତଙ୍କୁ କିଛି ଆର୍ଥିକ ରାଶି ପ୍ରଦାନ କରିଥିବା ଜଣାପଡିଛି । ସୂଚନା ଯେ, ମୁନିଗୁଡାର ସହିଦ ଲକ୍ଷ୍ମଣ ନାୟକ ଛକ ତଥା ରେଳ ଫାଟକ ନିକଟରେ ଟ୍ରାଫିକ ସମସ୍ୟା ଯୋଗୁ ବାରମ୍ବାର ଦୁର୍ଘଟଣା ଘଟିବା ସହ ଅନେକ ଜନଜୀବନ ହାନି ଘଟୁଥିବା ନଜିର ରହିଛି।

### କୋରାପୁଟ ଜିଲା ଚିକିତ୍ସାଳୟ କୋଠାକୁ ସ୍ଥାନାନ୍ତର ହେବ ରକ୍ତ ଭଣ୍ଡାର

ଜୟପୁର, ୧୯।୧୨(ପବନ ପାଣିଗ୍ରାହୀ)

କୋରାପୁଟ ଜିଲା ଜୟପୁର ପୁରାତନ ଚିକିତ୍ସାଳୟରେ ଥିବା ରକ୍ତଭଣ୍ଡାର ନୂତନ ଜିଲା ଚିକିତ୍ସାଳୟ କୋଠାକୁ ସୋମବାର ସ୍ଥାନାନ୍ତର କରାଯିବ ବୋଲି ନିଷ୍ପତ୍ତି ନିଆଯାଇଛି। ପୁରାତନ ଚିକିତ୍ସାଳୟରୁ ନୂତନ ଜିଲା ଚିକିତ୍ସାଳୟ ୩ କି.ମି ଦୂର ହେଉଥିବା ତଥା କୋଠା ଭୁଷୁଡି ଯିବାର ଆଶଙ୍କା ଥିବାରୁ ଏହାକୁ ସ୍ଥାନାନ୍ତର କରାଯିବ। ରକ୍ତଭଣ୍ଡାରରେ ଥିବା ସମସ୍ତ ଉପକରଣକୁ ସ୍ଥାନାନ୍ତର କରାଯିବ। ନୂତନ କୋଠାରେ ଅଧିକାଂଶ କାର୍ଯ୍ୟ ସରିଥିବା ବେଳେ କେତେକ କାମ ବାକି ରହିଛି। ଶନିବାର ସୁଦ୍ଧା କାର୍ଯ୍ୟ ସରିଲା ପରେ ସମସ୍ତ ସାମଗ୍ରୀ ସ୍ଥାନାନ୍ତର କରାଯିବ। ପୁରୁଣା ଚିକିତ୍ସାଳୟରେ ରକ୍ତଭଣ୍ଡାର ଥିବା ଯୋଗୁ ରୋଗୀମାନେ ଅନେକ ସମୟରେ ଅସୁବିଧାର ସମ୍ମୁଖୀନ ହେଉଥିଲେ। ଯିବା ବାଟରେ ରକ୍ତ ପୁଡିଆ ପଡିଯାଇ ଅନେକ ରୋଗୀ ଅସୁବିଧାର ସମ୍ମୁଖୀନ ହେଉଥିଲେ।

# ପମ୍ପ ହାଉସ୍‌ରେ ତାଲା ପକାଇ ରାସ୍ତା ଅବରୋଧ



ମହିଳାମାନେ ଗରା, ବାଲ୍ଟି ରଖି ରାସ୍ତା ଅବରୋଧ କରୁଛନ୍ତି।

ତେନ୍ତୁଲିଖୁଣ୍ଟି, ୧୯।୧୨(ଚିଦାନନ୍ଦ ସାହୁ)

**ପାଣି ପାଇଁ ରାସ୍ତାରେ ମହିଳା**

- ୨୦ ଦିନରେ ସମସ୍ୟା ସମାଧାନ ନେଇ ପ୍ରତିଶ୍ରୁତି ଦେଲେ ଅଧିକାରୀ
- ପ୍ରତିଶ୍ରୁତି ପୂରଣ ନ ହେଲେ ଜିଲାପାଳଙ୍କ କାର୍ଯ୍ୟାଳୟ ଘେରାଉ ଚେତାବନୀ

ନବରଙ୍ଗପୁର ଜିଲା ତେନ୍ତୁଲିଖୁଣ୍ଟି ବ୍ଲକ ଦିଗି ପଞ୍ଚାୟତ ଅଧୀନ ଚରାମୁଳା ଗ୍ରାମରେ ରହିଥିବା ପାନୀୟ ଜଳ ସମସ୍ୟା ସମାଧାନ ହେଉ ନ ଥିବାରୁ ଶତାଧିକ ମହିଳା ରାସ୍ତା ଅବରୋଧ କରିଛନ୍ତି। ମହିଳାମାନେ ମୋଟର ପମ୍ପ ଗୃହରେ ତାଲା ପକାଇଥିଲେ।

ଚରାମୁଳା ଗ୍ରାମରେ ୭ଟି ନଳକୂପ ରହିଛି। ସେଥିମଧ୍ୟରୁ ୪ଟି ନଳକୂପ କାର୍ଯ୍ୟ କରୁଛି। କିନ୍ତୁ ସେହି ନଳ କୂପର ପାଣି ମଧ୍ୟ ପିଇବା ଉପଯୋଗୀ ନୁହେଁ। ଗୋଳିଆ ଦୁର୍ଗନ୍ଧ ଯୁକ୍ତ ପାଣି ବାହାରୁଛି। ସରକାର ଇନ୍ଦିରା କଲୋନୀରେ ବସୁଧା ଯୋଜନାରେ ପାଣି ଟାଙ୍କିର ବ୍ୟବସ୍ଥା କରିଛନ୍ତି। ସେଥିରୁ ଠିକ ଭାବେ ପାଣି ଲୋକଙ୍କ ପାଖରେ ପହଞ୍ଚି ପାରୁନାହିଁ। ଗାଁର ଅଧିକାଂଶ ଲୋକଙ୍କୁ ପାଣି ମିଳୁ ନ ଥିବା ନେଇ ବିଭାଗୀୟ ଅଧିକାରୀଙ୍କୁ ଜଣାଇ ଥିଲେ ମଧ୍ୟ ସେମାନେ ଏ ଦିଗରେ କୌଣସି ପଦକ୍ଷେପ ନେଉ ନ ଥିବା ଅଭିଯୋଗ ହେଉଛି। ପ୍ରଧାନମନ୍ତ୍ରୀଙ୍କ ସ୍ୱପ୍ନର ପ୍ରକଳ୍ପ ପ୍ରତି ଘରେ ପାଣି ଯୋଗାଇବା ଯୋଜନାରେ କୋଟି କୋଟି ଟଙ୍କା ବ୍ୟୟରେ ମେଗା ଜଳ ଯୋଗାଣ ପ୍ରକଳ୍ପ ଥିଲେ ମଧ୍ୟ ଅଧିକାଂଶ ଗ୍ରାମକୁ ପାଣି ପହଞ୍ଚି ପାରିନାହିଁ। ସେଥିମଧ୍ୟରୁ ଚରାମୂଳା ଗ୍ରାମ ମଧ୍ୟ ରହିଛି। ଏଥିସହ ମେଗା ଜଳ ପ୍ରକଳ୍ପ ଠିକାଦାର ଗ୍ରାମର ସ୍ଥାନେ ସ୍ଥାନେ ଖୋଳି ଦେଇ ରାସ୍ତା ଖରାପ କରି ସାରିଲା ପରେ ବି ପାଣି ସ୍ୱପ୍ନ ପାଲଟି ଥିବା ମହିଳାମାନେ ଅଭିଯୋଗ କରିଥିଲେ। ପୋଲିସ ପ୍ରଶାସନ ମଧ୍ୟ ଧାରଣା ସ୍ଥଳରେ ପହଞ୍ଚି ମହିଳାମାନଙ୍କୁ ବୁଝେଇବା ସହ ଧାରଣାରୁ ହଟିବାକୁ କହିଥିଲେ। ଖବରପାଇ ଘଟଣାସ୍ଥଳରେ ମେଗା ଜଳ ପ୍ରକଳ୍ପ ମ୍ୟାନେଜର ସୁକେଶ ପାଇକ, ଜେଏମ୍‌ସି ଯନ୍ତ୍ରୀ ଚନ୍ଦ୍ର ଖୁଣ୍ଟିଆ, ଅତିରିକ୍ତ ମ୍ୟାନେଜର ଅନୁକୂଳ କୁମାର ପ୍ରମୁଖ ଧାରଣା ସ୍ଥଳରେ ପହଞ୍ଚି ଉତ୍ତ୍ୟକ୍ତ ମହିଳାମାନଙ୍କୁ ବୁଝାଶୁଝା କରିଥିଲେ। କୋଡିଏ ଦିନ ଭିତରେ ମେଗା ପାନୀୟ ଜଳ ପ୍ରକଳ୍ପ ତରଫରୁ ପିଇବା ପାଣି ଯୋଗାଇ ଦିଆଯିବ ବୋଲି ସେମାନେ ପ୍ରତିଶ୍ରୁତି ଦେଇଥିଲେ। ଯଦି ପିଇବା ପାଣି ସମସ୍ୟାର ସମାଧାନ ନ ହୁଏ ତେବେ ଆଗାମୀ ଦିନରେ ବ୍ଲକ ତଥା ଜିଲାପାଳଙ୍କ କାର୍ଯ୍ୟାଳୟରେ ଧାରଣା ଦିଆଯିବ ବୋଲି ଗ୍ରାମର ମହିଳାମାନେ ଚେତାବନୀ ଦେଇଛନ୍ତ।

# ୩ ଦିନ ପରେ ବି ମିଳୁନାହାନ୍ତି ନିଖୋଜ

ତେନ୍ତୁଲିଖୁଣ୍ଟି, ୧୯।୧୨(ଚିଦାନନ୍ଦ ସାହୁ)

**ଦେଶୀ ଡଙ୍ଗା ବୁଡ଼ି ଜଣେ ବ୍ୟକ୍ତି ନିଖୋଜ ଘଟଣା**

୧୬ ତାରିଖ ସନ୍ଧ୍ୟାରୁ ଦେଶୀ ଡଙ୍ଗା ବୁଡ଼ି ନିଖୋଜ ଥିବା ଗଙ୍ଗାଧର କମାରଙ୍କ ଗୁରୁବାର ସୁଦ୍ଧା କୌଣସି ଖୋଜ ଖବର ମିଳି ପାରିନି। ତେନ୍ତୁଲିଖୁଣ୍ଟି ଅଗ୍ନିଶମ ବାହିନୀ ଓ କୋରାପୁଟରୁ ଆସିଥିବା ଓଡ୍ରାଫ ଟିମ୍ ଗୁରୁବାର ମଧ୍ୟ ଦିନ ତମାମ ଜଳଭଣ୍ଡାରରେ ଖୋଜାଖୋଜି କରିଥିଲେ। ତଥାପି ମଧ୍ୟ ଗଙ୍ଗାଧରଙ୍କ କୌଣସି ଖବର ମିଳିନି। ସ୍ତ୍ରୀ ଓ ପରିବାର ବର୍ଗ ଦିନ ତମାମ ଘାଟ ପାଖରେ ଅପେକ୍ଷା କରି ବସିଛନ୍ତି। ଓଡ୍ରାଫ ଟିମ୍ ମହେଶ୍ୱର କାର୍ତ୍ତିକଙ୍କ ତତ୍ତ୍ୱାବଧାନରେ ୨୨ଜଣ ୨ଟି ରବର ବୋଟ, ଅଣ୍ଡର ୱାଟର ସ୍କୁବା ସରଞ୍ଜାମ ମାଧ୍ୟମରେ ଅନ୍ଧାର ହେବା ପର୍ଯ୍ୟନ୍ତ ଖୋଜି ବିଫଳ ହୋଇଛନ୍ତ। ଆଜି ଆଉ ଏକ ରବର୍ ବୋଟ ଅଣାଯାଇ ଖୋଜିବା ପ୍ରକ୍ରିୟା ତ୍ୱରାନ୍ୱିତ କରିଥିଲେ ମଧ୍ୟ ସୁଫଳ ମିଳି ପାରୁନି। ଆସନ୍ତାକାଲି ପୁଣି ପ୍ରୟାସ କରିବେ ବୋଲି ଖାତିଗୁଡା ଥାନା ପକ୍ଷରୁ ମହେଶ୍ୱର ବୁଡୁ ବଡେ ସୂଚନା ଦେଇଛନ୍ତି।

# କୃଷକ ସଚେତନତା ଶିବିର




ସଚେତନତା ବୈଠକରେ ଅଧିକାରୀ ଓ ଚାଷୀମାନେ।

ଡାବୁଗାଁ, ୧୯।୧୨ (ପ୍ରଜ୍ଞାରଞ୍ଜନ ପରିଡ଼ା)

ନବରଙ୍ଗପୁର ଜିଲା ଡାବୁଗାଁ ବ୍ଲକ ଅଧୀନ ଜବାଗୁଡା ପଞ୍ଚାୟତର ଜବାଗୁଡ଼ା ଓ ଧୁଡୁକାଡଙ୍ଗରୀ ଗ୍ରାମରେ ମୃତ୍ତିକା ସଂରକ୍ଷଣ ଜଳ ବିଭାଜିକା ବିଭାଗ ପକ୍ଷରୁ କୃଷକ ସଚେତନତା ଶିବିର ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ବୃଷ୍ଟି ପୁଷ୍ଟ ଅଞ୍ଚଳ ଉନ୍ନୟନ ଯୋଜନା (ଆର୍.ଏ.ଡି)-୨୦୨୪-୨୫ ମାଧ୍ୟମରେ ମୃତ୍ତିକା ସଂରକ୍ଷଣ ଜଳ ବିଭାଜିକା ବିଭାଗ, କୃଷି, ମତ୍ସ୍ୟ, ପ୍ରାଣୀ ସମ୍ପଦ ଓ ଉଦ୍ୟାନ ବିଭାଗର ମିଳିତ ଆନୁକୂଲ୍ୟରେ କୃଷକମାନଙ୍କୁ ସମସ୍ତ ବିଭାଗର ଯୋଜନା ଉପରେ ଚାଷୀଙ୍କୁ ଉପସ୍ଥିତ ଅଧିକାରୀମାନେ ବୁଝାଇଥିଲେ। ଏଥିରେ ନବରଙ୍ଗପୁର ମୃତ୍ତିକା ସଂରକ୍ଷଣ ବିଭାଗ ଅତିରିକ୍ତ ପ୍ରକଳ୍ପ ନିର୍ଦ୍ଦେଶକ ସନ୍ତୋଷ କୁମାର ବିଶ୍ୱାଳ, ଡାବୁଗାଁ ମୃତ୍ତିକା ସଂରକ୍ଷଣ ରେଞ୍ଜ ଅଧିକାରୀ ଗୌତମ ସେଠୀ, ସହକାରୀ କୃଷି ଅଧିକାରୀ ସୋମେନ୍ଦ୍ର ବିଶ୍ୱାସ, ସହକାରୀ ଉଦ୍ୟାନ ଅଧିକାରୀ ରବିଶଙ୍କର ପଣ୍ଡା, ପ୍ରାଣୀ ଚିକିତ୍ସକ ଏନ୍. ଲୋକନାଥ ରେଡ୍ଡୀ, ବରିଷ୍ଠ ମତ୍ସ୍ୟବୈଷୟିକ ସହାୟକ ସଙ୍ଗୀତା ସାମଲ, ସ୍ଥାନୀୟ ୱାର୍ଡ ସଭ୍ୟ ଓ ଚାଷୀ ମାନେ ଉପସ୍ଥିତ ଥିଲେ।

# ଜ୍ୱଳନ୍ତ ଅଗ୍ନିକୁ ପୂଜା କରି ଖାଲି ପାଦରେ ନିଆଁରେ ଚାଲିଲେ




ଉମରକୋଟ, ୧୯।୧୨
(ସନ୍ତୋଷ ଶତପଥୀ)

**ଆୟାପା ସ୍ୱାମୀମାନଙ୍କ ଅଗ୍ନି ପୂଜା**

ଉମରକୋଟ ଆୟାପା ଭକ୍ତଙ୍କ ପକ୍ଷରୁ ଜଗନ୍ନାଥ ମନ୍ଦିର ନିକଟସ୍ଥ ପଡ଼ିଆରେ ଅଗ୍ନି ପୂଜାର ଆୟୋଜନ କରାଯାଇଛି। ଚଳିତ ଥର କୁ ମିଶାଇ ଉମରକୋଟ ଠାରେ ଅଷ୍ଟମ ଥର ପାଇଁ ଅଗ୍ନି ପୂଜାର ଆୟୋଜନ କରାଗଲାଣି। ଅଗ୍ନି ପୂଜାରେ ଭଗବାନ ଆୟାପାଙ୍କ ଆଶ୍ରିବାଦ ନେବାକୁ ନବରଙ୍ଗପୁର,ପାପଡ଼ାହାଣ୍ଡି,ଡାବୁଗାଁ, ରାଇଘର ଅଞ୍ଚଳ ସମେତ ଜିଲା ବାହାରୁ ଅନେକ ଭକ୍ତ ଆସିଥିଲେ। ସନ୍ଧ୍ୟା ୭ଟାରେ ଗୁଲିପାଟଣାସ୍ଥିତ ପେଣ୍ଡରାଣୀ ମନ୍ଦିରରୁ ଦୀପ ଯାତ୍ରା ସହ ଆୟପାଙ୍କ ପାଲିଙ୍କି ସହର ପରିକ୍ରମା କରି ଜଗନ୍ନାଥ ମନ୍ଦିର ନିକଟସ୍ଥ ପଡିଆରେ ପହଞ୍ଚି ଥିଲା। ସହର ପରିକ୍ରମା ସମୟରେ ସମସ୍ତ ଆୟାପା ଦୀକ୍ଷା ଧାରୀ ସ୍ୱାମୀମାନେ ଯୋଗ ଦେବା ସହ ସାଧାରଣ ଭକ୍ତ ମଧ୍ୟ ଯୋଗ ଦେଇଥିଲେ। ସନ୍ଧ୍ୟା ୮.୩୦ ସମୟରେ ଆମ୍ଳାମ ପୂଜା କରାଯାଇଥିଲା। ରାତ୍ର ୧୦ ଟାରେ ଅଗ୍ନି ପୂଜା କରାଯାଇଥିଲା। ସମସ୍ତ ପୂଜା କାର୍ଯ୍ୟ ଜୟପୁରରୁ ଆସିଥିବା ରାବଣା ଗୁରୁ ସ୍ୱାମୀ ସମ୍ପାଦନ କରିଥିଲେ। ସ୍ଥାନୀୟ ସ୍ୱାମୀମାନେ ସହଯୋଗ କରିଥିଲେ। ସମସ୍ତ ପୂଜା ସରିବା ପରେ ଆୟାପା ଦୀକ୍ଷା ଧାରି ସ୍ୱାମୀ ମାନେ ଜ୍ୱଳନ୍ତ ଅଗ୍ନିକୁ ପୂଜା କରି ସ୍ୱାମୀୟେ ଶରଣମ୍ ଆୟାପା ଉଚ୍ଚାରଣ କରି ଖାଲି ପାଦରେ ନିଆଁରେ ଚାଲିଥିଲେ। ପୂଜାରେ ଉପସ୍ଥିତ ସ୍ୱାମୀ ମାନେ ଆୟାପା ଭଗବାନ ଙ୍କ ଭଜନ ଗାଇ ଭକ୍ତଙ୍କ ମନମୁଗ୍ଧ କରିଥିଲେ। ଏହି କାର୍ଯ୍ୟକ୍ରମରେ ଆଖ ପାଖ ଅଞ୍ଚଳରୁ ଶତାଧିକ ଆୟାପା ଦୀକ୍ଷା ଧାରୀ ସ୍ୱାମୀମାନେ ଯୋଗ ଦେଇଥିଲେ। ଅଗ୍ନି ପୂଜାରେ ପ୍ରାୟ ୨୦୦୦ ଭକ୍ତଙ୍କ ସମାଗମ ହୋଇଥିଲା। ସମସ୍ତ ଭକ୍ତଙ୍କ ପାଇଁ ପ୍ରସାଦ ସେବନର ବ୍ୟବସ୍ଥା କରାଯାଇଥିଲା। ଅଗ୍ନି ପୂଜା କରିବା ଦ୍ୱାରା ଗ୍ରାମର ସାମୁହିକ ଉନ୍ନତି ହେବା ସହ ଭକ୍ତଙ୍କ ମଙ୍ଗଳ ହୋଇଥାଏ ବୋଲି କହିଛନ୍ତି ରାବଣା ଗୁରୁସ୍ୱାମୀ। ପୂଜା କାର୍ଯ୍ୟରେ ସ୍ଥାନୀୟ ପୁରୁଣା ସ୍ୱାମୀମାନେ ମଧ୍ୟ ଯୋଗ ଦେଇଥିଲେ।

# ୩ଦିନ ପରେ ଜଳ ଭଣ୍ଡାରରୁ ମିଳିଲା ମୃତଦେହ

ସୁନାବେଡ଼ା,୧୯।୧୨(କୃତ୍ତିବାସ ପ୍ରଧାନ)

କୋରାପୁଟ ଜିଲା ସୁନାବେଡ଼ା ଟିମ୍ବର ବ୍ରିଜ୍ ଉପରେ ବାଇକ୍ ରଖି ନିଖୋଜ ରହିଥିବା ଛାତ୍ରଙ୍କ ମୃତଦେହ କୋରାପୁଟ ଓଡ୍ରାଫ ଟିମ୍ ଗୁରୁବାର ଉଦ୍ଧାର କରିଛି। କୋଲାବ ଜଳଭଣ୍ଡାର ନିକଟ ଗାଁର କେତେଜଣ ଲୋକ ଶୌଚ ପାଇଁ ଯାଇଥିବା ବେଳେ ପାଣିରେ ଯୁବକଙ୍କ ମୃତଦେହ ଭାସୁଥିବା ଦେଖି ପୋଲିସକୁ ଖବର ଦେଇଥିଲେ। ଓଡ୍ରାଫ ଟିମ୍ ପହଞ୍ଚି ପାପନାଙ୍କ ମୃତଦେହକୁ ପାଣିରୁ ଜବତ କରିଥିଲା। ଏ ନେଇ ସୁନାବେଡ଼ା ଥାନାରେ ନଂ.୧୬/୨୪ରେ ଅପମୃତ୍ୟୁ ମାମଲା ରୁଜୁକରି ଏଏସ୍ଆଇ ଜ୍ୟୋସ୍ନାରାଣୀ ମିଶ୍ର ତଦନ୍ତ ଦାୟିତ୍ୱ ନେଇଥିବା ଥାନା ଅଧିକାରୀ ସୁଷମା କୁହଁର



ସୂଚନା ଦେଇଛନ୍ତି। ପୋଲିସ ମୃତଦେହକୁ ଶହୀଦ ଲକ୍ଷ୍ମଣ ନାୟକ ମେଡିକାଲ କଲେଜ ଓ ହସ୍ପିଟାଲକୁ ବ୍ୟବଚ୍ଛେଦ ପାଇଁ ପଠାଇଛି। ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯିବ ବୋଲି ସୂଚନା ରହିଛି।

# ଯୁବପିଢ଼ି ଗଣତନ୍ତ୍ରର ମୂଲ୍ୟବୋଧ ଜାଣିବା ଜରୁରୀ




କାର୍ଯ୍ୟକ୍ରମରେ ନବରଙ୍ଗପୁର ବିଧାୟକଙ୍କ ସହ ଅନ୍ୟମାନେ।

ତେନ୍ତୁଲିଖୁଣ୍ଟି, ୧୯।୧୨(ଚିଦାନନ୍ଦ ସାହୁ)

**ଯୁବ ସଂସଦ କାର୍ଯ୍ୟକ୍ରମରେ ନବରଙ୍ଗପୁର ବିଧାୟକ**

ନବରଙ୍ଗପୁର ଜିଲା ତେନ୍ତୁଲିଖୁଣ୍ଟି ବ୍ଲକ ଖାତିଗୁଡ଼ାସ୍ଥିତ ଜବାହାର ନବୋଦୟ ବିଦ୍ୟାଳୟରେ ଯୁବ ସଂସଦ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଯୁବ ପୀଢ଼ିଙ୍କୁ ଗଣତନ୍ତ୍ରର ମୂଲ୍ୟବୋଧ, ନେତୃତ୍ୱ ଗୁଣ ବିକାଶ ଏବଂ ସାମାଜିକ ଜାଗୃତିରେ ପ୍ରେରିତ କରିବା ଏହି କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ଥିଲା। ଆୟୋଜିତ ଏହି କାର୍ଯ୍ୟକ୍ରମରେ ନବରଙ୍ଗପୁର ବିଧାୟକ ଗୌରୀ ଶଙ୍କର ମାଝୀ ଯୋଗ ଦେଇ ଭାଗ ନେଇଥିବା ସମସ୍ତ ଛାତ୍ରୀଛାତ୍ରଙ୍କୁ ପ୍ରଶଂସା କରିବା ସହ ସମ୍ବର୍ଦ୍ଧିତ କରିଥିଲେ। ବିଦ୍ୟାଳୟ ଅଧ୍ୟକ୍ଷ ସହ ବିଦ୍ୟାଳୟ ଛାତ୍ରୀଛାତ୍ରଙ୍କ ସହ କିଛି ସମୟ ବିତାଇ ଥିଲେ। ବିଦ୍ୟାଳୟ ସୁବିଧା ଅସୁବିଧା ସମ୍ପର୍କରେ ପଚାରି ବୁଝିଥିଲେ।

# ଗୁଡାରିରେ ବାର୍ଷିକ କ୍ରୀଡ଼ା ଉତ୍ସବ

ଗୁଡାରି, ୧୯।୧୨
(ପ୍ରମୋଦ କୁମାର ପାତ୍ର)

ଗୁଡାରି ସରକାରୀ ହାଇସ୍କୁଲର ବାର୍ଷିକ କ୍ରୀଡା ଉତ୍ସବ ଗୁରୁବାର ଶୁଭାରମ୍ଭ ହୋଇଛି। ଗୋଷ୍ଠୀ ଶିକ୍ଷା ଅଧିକାରୀ ରତ୍ନମୟୀ ପୁରୋହିତ କ୍ରୀଡା ମଶାଲ ସ୍ଥାପନ କରି କ୍ରୀଡା ଉତ୍ସବର ଶୁଭାରମ୍ଭ କରିଥିଲେ। ୩ ଦିନ ଧରି ଅନୁଷ୍ଠିତ ହେବାକୁ ଥିବା ଏହି ଉତ୍ସବରେ ଛାତ୍ରୀଛାତ୍ରଙ୍କ ମଧ୍ୟରେ ବିଭିନ୍ନ ପ୍ରକାର କ୍ରୀଡା ପ୍ରତିଯୋଗିତା ଦୌଡ଼, ଲମ୍ବ ଡିଆଁ, ଉଚ୍ଚ ଡିଆଁ, ଖୋଖୋ, ଅଖା ଡିଆଁ, ବ୍ୟାଡ଼ ମିଣ୍ଟନ, କ୍ରିକେଟ ଆଦି ପ୍ରତିଯୋଗିତା ଆୟୋଜିତ ହେବ। କ୍ରୀଡା ଶିକ୍ଷକ ରାଧାକାନ୍ତ ଗୁରୁଙ୍କ ତତ୍ତ୍ୱାବଧାନରେ ଆୟୋଜିତ କ୍ରୀଡା ଉତ୍ସବରେ ବିଦ୍ୟାଳୟର ସମସ୍ତ ଶିକ୍ଷୟତ୍ରୀ ଶିକ୍ଷକ, ଛାତ୍ରୀଛାତ୍ର ସହଯୋଗ କରିଥିଲେ।



ବିଓ କ୍ରୀଡ଼ା ମଶାଲ ଧରି କାର୍ଯ୍ୟକ୍ରମ ଶୁଭାରମ୍ଭ କରୁଛନ୍ତି।

# ସଫା ଶୃଙ୍ଖଳା ମାଣ୍ଡିଆ ମଣ୍ଡିକୁ ଆଣିବାକୁ ପରାମର୍ଶ

**ସଚେତନତା ରଥ ଶୁଭାରମ୍ଭ**

ତେନ୍ତୁଲିଖୁଣ୍ଟି, ୧୯।୧୨(ଚିଦାନନ୍ଦ ସାହୁ)

ତେନ୍ତୁଲିଖୁଣ୍ଟି ତହସିଲ ଅଫିସ୍ ପ୍ରାଙ୍ଗଣରୁ ଶ୍ରୀଅନ୍ନ ଅଭିଯାନ ଏବଂ କୃଷି ଓ କୃଷକ ସଶକ୍ତୀକରଣ ବିଭାଗ ପକ୍ଷରୁ ମାଣ୍ଡିଆ ମଣ୍ଡି ସଚେତନତା ରଥ ଶୁଭାରମ୍ଭ କରାଯାଇଛି। ତହସିଲଦାର ରାଜକିଶୋର ପଟ୍ଟନାୟକ, ବିଡିଓ ମନୋଜ କୁମାର ପାଣିଗ୍ରାହୀ ସବୁଜ ପତାକା ଦେଖାଇ ରଥ ଶୁଭାରମ୍ଭ କରିଛନ୍ତି।

ଶ୍ରୀଅନ୍ନ ଅଭିଯାନ ତଥା ଓଡ଼ିଶା ମିଲେଟ୍ ମିଶନ ବ୍ଲକ୍ ସଂଯୋଜକ ନିଶାନ୍ତ କୁମାର ବିଷୋୟୀ ଅତିଥି ଓ ବ୍ଲକ୍ କୃଷି ବିଭାଗ ଅଧିକାରୀ କର୍ମକର୍ତ୍ତା, ମାଣ୍ଡିଆ ଚାଷୀ, ଏସ୍ଏଚ୍‌ଜିଙ୍କୁ ସ୍ୱାଗତ ଜଣାଇଥିଲେ। ସଚେତନତା ରଥ ୪ଦିନ ଧରି ବ୍ଲକ୍‌ର ସମସ୍ତ ପଞ୍ଚାୟତକୁ ଯାଇ ମାଣ୍ଡିଆ ମଣ୍ଡି, ଏହାର ପଞ୍ଜୀକରଣ, ମଣ୍ଡି ବସିବାର ଜାଗା, ପଞ୍ଜୀକରଣ ପାଇଁ ଲାଗୁଥିବା ଡକ୍ୟୁମେଣ୍ଟ ଆଦି ଉପରେ ସଚେତନ କରାଇବ। ଏଫ୍ଏକ୍ୟୁମାନର ମାଣ୍ଡିଆ ଆଣିବା, ସଫା ଶୃଙ୍ଖଳା ମାଣ୍ଡିଆ ବିକ୍ରି ଦିଗରେ ଧ୍ୟାନଦେବା, ଚାଷୀମାନେ ସୁରୁଖୁରୁରେ ମଣ୍ଡିକୁ ଯେପରି ମାଣ୍ଡିଆ ଆଣିବେ ସେଥିପାଇଁ ଦୃଷ୍ଟିଦେବାକୁ ତେନ୍ତୁଲିଖୁଣ୍ଟି ତହସିଲଦାର ଶ୍ରୀଅନ୍ନ ଅଭିଯାନ ବ୍ଲକ୍ ସଂଯୋଜକଙ୍କୁ କହିଥିଲେ। ଚଳିତ ବର୍ଷ ମଣ୍ଡିରେ ମାଣ୍ଡିଆ କୁଇଣ୍ଟାଲ ପ୍ରତି ୪୫୦୦ ଟଙ୍କା ଧାର୍ଯ୍ୟ କରିଛି। ବ୍ଲକ୍‌ର ୨ଟି ମଣ୍ଡି ପଏଣ୍ଟ (ଗୌଡ଼ଗୁଡ଼ା ଅଗ୍ରଗାମୀ ପ୍ରକଳ୍ପ ଅଫିସ, ପାତ୍ରପୁଟ ଆର୍ଏମ୍‌ସି ଗୋଦାମ) ରେ ନବଗାମୀ କୃଷକ ଉତ୍ପାଦକ କମ୍ପାନୀ ଲିମିଟେଡ୍ ଚାଷୀମାନଙ୍କଠାରୁ ମାଣ୍ଡିଆ କ୍ରୟ କରିବ। ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ତହସିଲଦାର ସୀମାଞ୍ଚଳ ପାତ୍ର, ଟିଡିସିସିର ଅଧ୍ୟକ୍ଷ ଅଖିଳ ଭତ୍ରା, ନବଗାମୀ କୃଷକ ଉତ୍ପାଦକ କମ୍ପାନୀ ମୁଖ୍ୟ ନିର୍ବାହୀ ଅଧିକାରୀ ଅଶ୍ୱିନୀ ନାୟକ, ଆତ୍ମା ପକ୍ଷରୁ ଏଟିଏମ୍ ବାଳଗୋବିନ୍ଦ ସାହୁ, ବ୍ଲକ କୃଷି ବିଭାଗ ପକ୍ଷରୁ କୃଷି ଓଭରସିୟର ଧୀରେନ୍ ବେହ୍ୟା, ବନ୍ଦିତା ମହାରଣା, ଜିତେନ୍ଦ୍ର ଟାକ୍ରି, ମଧୁସ୍ମିତା ପତି ପ୍ରମୁଖ ଯୋଗଦେଇଥିଲେ।




ଅତିଥିମାନେ ପତାକା ଦେଖାଇ ମାଣ୍ଡିଆ ସଚେତନତା ରଥର ଶୁଭାରମ୍ଭ କରୁଛନ୍ତି।

# ଚାକିରି ଦେବା ନାଁରେ ୬୦ ଲକ୍ଷ ଟଙ୍କା ଠକେଇ

## ଟଙ୍କା ମାଗିବାରୁ ମାଡ଼ ଖାଇଲେ

ଆସିକା,୧୯।୧୨
(ସୁରେନ୍ଦ୍ର ନାଥ ସାହୁ)

ଗଞ୍ଜାମ ଜିଲା ଆସିକା ଥାନା ଅନ୍ତର୍ଗତ ନଳବନ୍ଧ ଗ୍ରାମର ରେଳବାଇରେ ଚାକିରି ପାଇବା ଆଶାରେ ୫ଜଣ ଯୁବକ ଠକେଇର ଶିକାର ହୋଇଛନ୍ତି। ଗ୍ରାମର ପାଖୋସାହିର ସନ୍ତୋଷ ପାଢ଼ୀଙ୍କ ମାଧ୍ୟମରେ ଏହି ଯୁବକମାନେ କାଳକ୍ଷପୁର ଗ୍ରାମର ହୃଦାନନ୍ଦ ମୁନି ଓ ଗୋପାଳପୁରର ଜଗଦୀଶ ବେହେରାଙ୍କୁ ୬୦ ଲକ୍ଷ ଟଙ୍କା ଦେଇଥିଲେ। ଚାକିରି ଦେବା ତ ଦୂରର କଥା ଟଙ୍କା ମାଗିବାରୁ ଉଭୟଙ୍କଠାରୁ ସନ୍ତୋଷଙ୍କୁ ମାଡ଼ ଖାଇବାକୁ ପଡ଼ିଥିବା ଅଭିଯୋଗ ହୋଇଛି। ଖବରରୁ ଜଣାପଡ଼ିଛି, ରେଳବାଇରେ ସେମାନଙ୍କ ପରିଚିତ ସମ୍ପର୍କୀୟ ଅଛନ୍ତି। ଟଙ୍କା କିଛି ଦେଲେ ଚାକିରି ହୋଇଯିବ ବୋଲି ହୃଦାନନ୍ଦ ଓ ଜଗଦୀଶ ବିଭିନ୍ନ ବେକାର ଯୁବକଯୁବକଙ୍କୁ ଲୋଭ ଦେଖାଉଥିଲେ। ସେମାନଙ୍କ ପ୍ରଲୋଭନରେ ସନ୍ତୋଷ ପଡ଼ିଯାଇଥିଲେ। ନିଜର ଏବଂ ନିଜ ପରିଚିତ ଏପରି ୫ଜଣଙ୍କ ଚାକିରି କରାଇ ଦେବାକୁ ସନ୍ତୋଷ ହୃଦାନନ୍ଦ ଓ ଜଗଦୀଶଙ୍କୁ କହିଥିଲେ। ଏଥିପାଇଁ ୬୦ ଲକ୍ଷ ଟଙ୍କା ଲାଗିବ ବୋଲି ଉଭୟେ ସନ୍ତୋଷଙ୍କୁ କହିଥିଲେ। ସନ୍ତୋଷ ନିଜ ପରିଚିତ ୪ଜଣଙ୍କଠାରୁ



ଠକାମିର ଶିକାର ହୋଇଥିବା ସନ୍ତୋଷ।

ଟଙ୍କା ଆଣି ଏବଂ ନିଜ ଟଙ୍କା ମିଶାଇ ୨ ଥରରେ ସେମାନଙ୍କୁ ୬୦ ଲକ୍ଷ ଟଙ୍କା ଦେଇଥିଲେ। ଜଗଦୀଶ ଓ ହୃଦାନନ୍ଦଙ୍କୁ ଚେକ୍ ସନ୍ତୋଷ ପ୍ରଥମେ ୮ଲକ୍ଷ ଟଙ୍କା ଦେଇଥିବା ବେଳେ ଉଭୟଙ୍କ ବ୍ୟାଙ୍କ ଆକାଉଣ୍ଟରେ ଅବଶିଷ୍ଟ ୫୨ ଲକ୍ଷ ଟଙ୍କା ଦେଇଥିଲେ। ବିଭିନ୍ନ ସମୟରେ ଏହି ୨ ଠକଙ୍କଠାରୁ ରେଳବାଇରେ କାର୍ଯ୍ୟ କରିବା ନେଇ ଜାଲ ନିଯୁକ୍ତିପତ୍ର, ପରିଚୟ ପତ୍ର ସେମାନଙ୍କୁ ମିଳିବା ସହ ବିଭିନ୍ନ ସ୍ଥାନରେ ରେଳବାଇରେ ଟ୍ରେନିଂ ନାମରେ ତାଙ୍କୁ କାମରେ ହୃଦାନନ୍ଦ ଓ ଜଗଦୀଶ ଲଗାଉଥିଲେ ବୋଲି ସନ୍ତୋଷ ଅଭିଯୋଗ କରିଛନ୍ତି। ବିଭିନ୍ନ ସ୍ଥାନରେ କାମ କରିବା ପରେ ଏହା ରେଳବାଇର କାମ ନୁହେଁ ବୋଲି ଜାଣିବା ପରେ ସନ୍ତୋଷ ଓ ଅନ୍ୟମାନେ ଠକେଇର ଶିକାର ହୋଇଥିବା ଜାଣିପାରିଥିଲେ। ପରେ ସନ୍ତୋଷ ସେମାନଙ୍କୁ ନେଇଥିବା ଟଙ୍କା ଫେରାଇବାକୁ କହିଥିଲେ। ତେବେ ଟଙ୍କା ଦେବା ପରିବର୍ତ୍ତେ ସେମାନେ ସନ୍ତୋଷଙ୍କୁ ଟଙ୍କା ଦେବାକୁ ଡାକି ମାଡ଼ ମାରିଥିଲେ। ପୋଲିସରେ ଅଭିଯୋଗ କଲେ ପରିବାରର କ୍ଷତି ହେବ ବୋଲି ଧମକଚମକ ଦେଉଥିଲେ। ଅଢେଇ ବର୍ଷ ଧରି ଦେଇଥିବା ଟଙ୍କା ଫେରନ୍ତ ନ ପାଇବାରୁ ଶେଷରେ ସନ୍ତୋଷ ଗୁରୁବାର ଆସିକା ଥାନାରେ ଅଭିଯୋଗ କରିଛନ୍ତି। ଏ ସମ୍ପର୍କରେ ଆସିକା ଥାନା ଅଧିକାରୀ ରାଜେନ୍ଦ୍ର ନାରାୟଣ ପଟ୍ଟନାୟକଙ୍କୁ ପଚାରିବାରୁ ସେ କହିଲେ, ଏଯାବତ୍ ଏନେଇ ଥାନାରେ ମାମଲା ରୁଜୁ ହୋଇନି। ତେବେ ଅଭିଯୋଗକୁ ଭିତ୍ତିକରି ତଦନ୍ତ ଆରମ୍ଭ ହୋଇଛି। ଖୁବ୍‌ଶୀଘ୍ର ଏହା ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ ହେବ।

# ହଷ୍ଟେଲରୁ ଛାତ୍ରୀଙ୍କ ଝୁଲନ୍ତା ମୃତଦେହ ଜବତ



କଲେଜ ପରିସରରେ ସୁରକ୍ଷା ପ୍ରସଙ୍ଗକୁ ନେଇ ଏବିଭିପି ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି।

ଭବାନୀପାଟଣା,୧୯।୧୨
(ଉତ୍ତମ କୁମାର ଦାଶ)

- ହତ୍ୟା ଅଭିଯୋଗ ଆଣିଲେ ପରିବାର ବର୍ଗ
- ଏବିଭିପିର ବିକ୍ଷୋଭ, ଏସ୍‌ଡିପିଓଙ୍କୁ ଭେଟିଲା ବିସିଜେଡି

କଳାହାଣ୍ଡି ଜିଲା ଭବାନୀପାଟଣାସ୍ଥିତ ମା' ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟର ଇନ୍ଦ୍ରାବତୀ ଛାତ୍ରୀନିବାସ (ହଷ୍ଟେଲ) ବାଥ୍‌ରୁମ ଭିତରୁ ଗୁରୁବାର ସକାଳେ ଜଣେ ଛାତ୍ରୀଙ୍କ ଝୁଲନ୍ତା ମୃତଦେହ ଜବତ ହୋଇଛି। ମୃତକ ହେଲେ ତୋଫାଲି ନାଏକ (ପୂଜା) ଓ ସେ ଯୁକ୍ତ ୨ ବାଣିଜ୍ୟ ବିଭାଗର ପ୍ରଥମବର୍ଷର ଛାତ୍ରୀ ବୋଲି ଜଣାପଡ଼ିଛି। ତାଙ୍କ ଘର ଥୁଆମୂଳ ରାମପୁର ବ୍ଲକ ବିରୋକୋଟ ଗ୍ରାମରେ। ମୃତ୍ୟୁର କାରଣ ସ୍ପଷ୍ଟ ହୋଇପାରି ନ ଥିବାବେଳେ ସ୍ଥାନୀୟ ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରିଛି। ମୃତଦେହ ବ୍ୟବଚ୍ଛେଦ ପରେ ପରିବାରବର୍ଗଙ୍କୁ ହସ୍ତାନ୍ତର କରାଯାଇଛି। ଏ ନେଇ ଭବାନୀପାଟଣା ଥାନାରେ ଏକ ଅପମୃତ୍ୟୁ ମାମଲା (ନଂ.୩୪/୨୪) ରୁଜୁ ହୋଇଛି। ଅନ୍ୟପକ୍ଷରେ, ମୃତକଙ୍କ ପରିବାର ଲୋକେ ଏହା ଆତ୍ମହତ୍ୟା ନୁହେଁ, ବରଂ ତୋଫାଲିଙ୍କୁ ହତ୍ୟା କରାଯାଇଥିବା ଅଭିଯୋଗ ଆଣିଛନ୍ତି। ଘଟଣାକୁ ନେଇ ବିଶ୍ୱବିଦ୍ୟାଳୟ ମୁଖ୍ୟ ଫାଟକ ସମ୍ମୁଖରେ ଏବିଭିପି ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। କଲେଜ ପରିସରରେ ଛାତ୍ରୀଙ୍କ ସୁରକ୍ଷା ଉପରେ ସେମାନେ ପ୍ରଶ୍ନ ଉଠାଇଛନ୍ତି। ଶୀଘ୍ର ଘଟଣାର ତଦନ୍ତ କରାଯାଇ ସମ୍ପୃକ୍ତ ଦୋଷୀ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବାକୁ ଦାବି କରିଛନ୍ତି। ସେପଟେ ବିଜୁ ଛାତ୍ର ଜନତା ଦଳ (ବିସିଜେଡି) କର୍ମକର୍ତ୍ତା ଏସ୍‌ଡିପିଓ ଆଜିଙ୍କ୍ୟ ମାଣେଙ୍କୁ ସାକ୍ଷାତ କରି ସମ୍ପୃକ୍ତ ଦୋଷୀ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି। ସେମାନେ ଦର୍ଶାଇଛନ୍ତି, ବିଶ୍ୱବିଦ୍ୟାଳୟର ଆଣ୍ଟି ର୍‍ୟାଗିଂ ସେଲ୍ କାଗଜପତ୍ରରେ ସୀମିତ ରହିଛି। ଫଳରେ ଛାତ୍ରୀଛାତ୍ରଙ୍କ ମଧ୍ୟରେ ସଚେତନତା ହ୍ରାସ ପାଉଛି। ପ୍ରଥମ କରି କଲେଜ ଆସୁଥିବା ଛାତ୍ରୀଛାତ୍ରଙ୍କୁ ଠିକ୍ ଭାବରେ କାଉନସେଲିଂ ମଧ୍ୟ କରାଯାଉ ନାହିଁ। ଏପରି କି ଛାତ୍ରୀନିବାସ ଦାୟିତ୍ୱରେ ଥିବା ଅଧିକାରୀମାନେ ପ୍ରତିଦିନ ଛାତ୍ରୀ ପ୍ରକୋଷ୍ଠ ପରିଦର୍ଶନ କରି ସୁବିଧା ଅସୁବିଧା ଆଲୋଚନା ନ କରିବା ଦ୍ୱାରା ହଷ୍ଟେଲ ଛାତ୍ରୀଛାତ୍ର ଚାପଗ୍ରସ୍ତ ହେଉଛନ୍ତି। ଘଟଣାର ସବୁଦିଗକୁ ନେଇ ପୋଲିସ ତଦନ୍ତ କଲେ ସତ୍ୟାସତ୍ୟ ପଦାକୁ ଆସିବ ବୋଲି ଛାତ୍ର ବିଜେଡି ରାଜ୍ୟ କାର୍ଯ୍ୟକାରୀ ସଭାପତି ଅବିନାଶ ଠାକୁର ପ୍ରକାଶ କରିଛନ୍ତି।

# ଟଙ୍କା ମାଗିଲେ, ନ ଦେବାରୁ ହାଣିଲେ

## ୨ ଗୁରୁତର କଟକ ସ୍ଥାନାନ୍ତର

ଭଦ୍ରକ,୧୯।୧୨ (ସନାତନ ରାଉତ)

୧୬ନଂ. ଜାତୀୟ ରାଜପଥ ଭଦ୍ରକ ନୂଆ ବସ୍‌ଷ୍ଟାଣ୍ଡ ଏବେ ଅସାମାଜିକଙ୍କ ଆଡ୍ଡାସ୍ଥଳୀ ପାଲଟିଛି। ଦୁର୍ବୃତ୍ତମାନେ ଜଣେ ଟ୍ରକ୍ ଡ୍ରାଇଭରଙ୍କୁ ଟଙ୍କା ମାଗି ନ ପାଇବାରୁ ଛୁରି, ଭୁଜାଲି ଓ ବ୍ଲେଡ଼ରେ ଗୋଡ଼ାଇ ଗୋଡ଼ାଇ ଆକ୍ରମଣ କରିଛନ୍ତି। ଦୁର୍ବୃତ୍ତଙ୍କ ଆକ୍ରମଣରେ ଜଣେ ଟ୍ରାନ୍ସପୋର୍ଟ ମାଲିକଙ୍କ ସମେତ ୩ ଜଣ ଗୁରୁତର



ଆହତ ଦୀପକ କୁମାର ବେହେରା।

ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ୨ଜଣଙ୍କୁ ସଙ୍କଟାପନ୍ନ ଅବସ୍ଥାରେ କଟକ ବଡ଼ ଡାକ୍ତରଖାନା ସ୍ଥାନାନ୍ତର କରାଯାଇଛି। ଏହି ଘଟଣାରେ ଟାଉନ୍ ଥାନା ପୋଲିସ ୨ଜଣଙ୍କୁ ଅଟକ ରଖି ପଚରାଉଚରା କରୁଛି।

ସୂଚନା ଅନୁଯାୟୀ, ବୁଧବାର ରାତି ସାଢ଼େ ୧୦ଟାରେ ଏକ ଅଣ୍ଡା ବୋଝେଇ ଟ୍ରକ୍ ନୂଆ ବସ୍‌ଷ୍ଟାଣ୍ଡ ନିକଟରେ ଅଟକିଥିଲା। ହଠାତ୍ ୩ ଦୁର୍ବୃତ୍ତ ପହଞ୍ଚି ଡ୍ରାଇଭରଙ୍କୁ ଟଙ୍କା ମାଗିଥିଲେ। ଟଙ୍କା ନ ଦେବାରୁ ଦୁର୍ବୃତ୍ତମାନେ ତାଙ୍କୁ ମାଡ଼ ମାରିଥିଲେ। ଟ୍ରକ୍ ଡ୍ରାଇଭର ଟ୍ରାନ୍ସପୋର୍ଟ ମାଲିକ ଚରମ୍ପା ଅଞ୍ଚଳର ପି.ବାସୁଙ୍କୁ ଫୋନ୍ ଦ୍ୱାରା ଜଣାଇଥିଲେ। ପି.ବାସୁ ଓ ତାଙ୍କ ୨ଜଣ ସହଯୋଗୀ ସେଠାରେ ପହଞ୍ଚିବା ପରେ ଦୁର୍ବୃତ୍ତଙ୍କ ସହ ସେମାନଙ୍କ ଯୁକ୍ତିତର୍କ ହୋଇଥିଲା। ଦୁର୍ବୃତ୍ତମାନେ ଛୁରି, ଭୁଜାଲି ଓ ବ୍ଲେଡରେ ଗୋଡ଼ାଇ ଗୋଡ଼ାଇ ଆକ୍ରମଣ କରିଥିଲେ। ଏଥିରେ ଟ୍ରାନ୍ସପୋର୍ଟ ମାଲିକ ପି.ବାସୁ, ଏସ୍. ଶିବା ଓ ଦୀପକ କୁମାର ବେହେରା ଗୁରୁତର ହୋଇଥିଲେ। ଏ ସଂକ୍ରାନ୍ତରେ କୌଣସି ଅଭିଯୋଗ ହୋଇ ନ ଥିବାବେଳେ ୨ଜଣଙ୍କୁ ଅଟକ ରଖି ପଚରାଉଚରା କରାଯାଉଥିବା ଥାନାଧିକାରୀ ଅଜୟ ସୁଦର୍ଶନ ବାଗେ ସୂଚନା ଦେଇଛନ୍ତି। ଅପରପକ୍ଷେ ପି.ବାସୁ ଓ ଏସ୍ ଶିବାଙ୍କ ଅବସ୍ଥା ଗୁରୁତର ହେବାରୁ ଉଭୟଙ୍କୁ କଟକ ସ୍ଥାନାନ୍ତର କରାଯାଇଛି।

## ଆକ୍ରମଣ ପରେ ନଦୀପଠାରେ ଫିଙ୍ଗିଦେବା ଘଟଣା, ଆଉ ଜଣେ ଗିରଫ

ଭୁବନେଶ୍ୱର,୧୯।୧୨ (ସୂର୍ଯ୍ୟକାନ୍ତ ବେହେରା): ଜମି ବିବାଦକୁ କେନ୍ଦ୍ର କରି ସନ୍ତୋଷ କୁମାର ପଣ୍ଡାଙ୍କୁ ଅପହରଣ ପରେ ୫ ଲକ୍ଷ ଟଙ୍କା ଦାବି କରି ମରଣାନ୍ତକ ଆକ୍ରମଣ ପରେ ସ୍ଥାନୀୟ ଜଗିପାଟଣା ବାଲିଯାତ୍ରା ପଡ଼ିଆ ନଦୀପଠାରେ ଫିଙ୍ଗି ଦେବା ଘଟଣାରେ ମଞ୍ଚେଶ୍ୱର ପୋଲିସ ଫେରାର ଥିବା ଆଉ ଜଣେ ଅଭିଯୁକ୍ତଙ୍କୁ ଗିରଫ କରିଛି। ସେ ହେଲେ ଏହି ଥାନା ଅଞ୍ଚଳରେ ରହୁଥିବା ଗଞ୍ଜାମର ଆର୍. ଲୋକନାଥ ପାତ୍ର। ଏହି ଘଟଣାରେ ପୋଲିସ ଅପରାଧରେ ବ୍ୟବହୃତ ହୋଇଥିବା ସ୍କର୍ପିଓ କାର୍‌କୁ ପୋଲିସ ଜବତ କରିଛି।

# କୋଡ଼ିଙ୍ଗା ତହସିଲଦାରଙ୍କୁ ୩ ବର୍ଷ କାରାଦଣ୍ଡ

## ଲାଞ୍ଚ ମାମଲାରେ ରାୟ ପ୍ରକାଶ

ସୋନପୁର,୧୯।୧୨
(ମୃତ୍ୟୁଞ୍ଜୟ ଶତପଥୀ)

ଲାଞ୍ଚ ମାମଲାର ବିଚାରକରି ବଲାଙ୍ଗୀର ଭିଜିଲାନ୍ସ ସ୍ୱତନ୍ତ୍ର ଜଜ୍ ମଳୟ ରଞ୍ଜନ ଦାଶ ସୁବର୍ଣ୍ଣପୁର ଜିଲା ତରଭାର ତତ୍କାଳୀନ ତହସିଲଦାର ଓ ସବ୍‌ରେଜିଷ୍ଟ୍ରାର ତଥା ବର୍ତ୍ତମାନ ନବରଙ୍ଗପୁର ଜିଲା କୋଡ଼ିଙ୍ଗା ତହସିଲଦାରଭାବେ କାର୍ଯ୍ୟରତ ସୁବ୍ରତ କୁମାର ବେହେରାଙ୍କୁ ଦୋଷୀ ସାବ୍ୟସ୍ତ କରିଛନ୍ତି। ବେହେରାଙ୍କୁ ୩ ବର୍ଷ ସଶ୍ରମ କାରାଦଣ୍ଡ ସହ ୩୦ହଜାର ଟଙ୍କା ଜରିମାନା ପାଇଁ କୋର୍ଟ ନିର୍ଦ୍ଦେଶ ଦେଇଛନ୍ତି।

ସୂଚନା ଅନୁଯାୟୀ, ତରଭା ବ୍ଲକ୍ ଶିବତୁଲା ପଞ୍ଚାୟତ ଘାଟକଇଁତରା ଗ୍ରାମର ଆଇନଜୀବୀ କାହ୍ନୁଚରଣ



ସୁବ୍ରତ କୁମାର ବେହେରା।

ଦାଶ ତାଙ୍କର ଅନ୍ତର୍ଡା ମୌଜାରେ ଥିବା ଜମି ରେଜେଷ୍ଟ୍ରି କରିବା ପାଇଁ ଆବେଦନ କରିଥିଲେ। ହେଲେ ତହସିଲଦାର ବେହେରା ଏଥିପାଇଁ ୨୦ ହଜାର ଟଙ୍କା ଦାବି କରିଥିଲେ। ଏନେଇ ଦାଶ ଭିଜିଲାନ୍ସରେ ଅଭିଯୋଗ କରିଥିଲେ। ତହସିଲଦାର ବେହେରା ନିଜ ସରକାରୀ ବାସଭବନରେ ଥିବାବେଳେ ତାଙ୍କୁ ଅଭିଯୋଗକାରୀ ଦାଶ ଦାବି ମୁତାବକ ୨୦ହଜାର ଟଙ୍କା ଦେଇଥିଲେ। ଲାଞ୍ଚ ଗ୍ରହଣ କରିବା ସମୟରେ ସେ ଟଙ୍କା ସହ ଭିଜିଲାନ୍ସ ହାତରେ ଧରା ପଡ଼ିଥିଲେ। ସମ୍ବଲପୁର ଭିଜିଲାନ୍ସ ପିଏସ୍ କେସ୍ ନଂ. ୨୯/୨୦ରେ ଏକ ମାମଲା ରୁଜୁ ହୋଇଥିଲା। ଏହି ମାମଲା ଭିଜିଲାନ୍ସ କୋର୍ଟରେ ବିଚାରାଧୀନ ଥିଲା। ଭିଜିଲାନ୍ସ ବିଭାଗ ପକ୍ଷରୁ ଦାଖଲ କାଗଜପତ୍ରର ତଦାରଖ ପରେ ସମସ୍ତ ଦିଗକୁ ବିଚାରକୁ ନେଇ ବିଚାରପତି ଉପରୋକ୍ତ ରାୟ ଦେଇଛନ୍ତି। ରାୟ ପ୍ରକାଶ ପରେ ଓଡ଼ିଶା ଭିଜିଲାନ୍ସ ବିଭାଗ ପକ୍ଷରୁ ତହସିଲଦାର ବେହେରାଙ୍କୁ ଚାକିରିରୁ ବହିଷ୍କାର କରିବା ପାଇଁ ବିଭାଗୀୟ କର୍ତ୍ତୃପକ୍ଷଙ୍କ ନିକଟରେ ଆବେଦନ କରିବେ ବୋଲି ସୂଚନା ମିଳିଛି। ସରକାରଙ୍କ ପକ୍ଷରୁ ସ୍ୱତନ୍ତ୍ର ପବ୍ଲିକ୍ ପ୍ରସିକ୍ୟୁଟର ଜୟକୃଷ୍ଣ ସାହୁ ମାମଲା ପରିଚାଳନା କରୁଥିଲେ।

# ସ୍ତ୍ରୀ, ପୁଅଙ୍କୁ ଆଜୀବନ କାରାଦଣ୍ଡ

## କିରୋସିନ ଢାଳି ନିଆଁ ଲଗାଇ ହତ୍ୟା ମାମଲା

ବାଲେଶ୍ୱର, ୧୯।୧୨ (ବାଞ୍ଛାନିଧି ଦେ)

ବାଲେଶ୍ୱର ତୃତୀୟ ଅତିରିକ୍ତ ଜିଲା ଦୌରାଜଜ୍ ସଞ୍ଜିବ ରଞ୍ଜନ ସାମନ୍ତ ଗୁରୁବାର ଏକ ହତ୍ୟା ମାମଲାର ବିଚାର କରି ଅଭିଯୁକ୍ତ ସ୍ତ୍ରୀ ଓ ପୁଅଙ୍କୁ ଦୋଷୀ ସାବ୍ୟସ୍ତ କରି ଆଜୀବନ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି। ଉଭୟଙ୍କୁ ଆଜୀବନ ସଶ୍ରମ କାରାଦଣ୍ଡ ସହ ୫୦ହଜାର ଟଙ୍କା ଲେଖାଏଁ ଜରିମାନା ଆଦେଶ ଦେଇଛନ୍ତି। ଜରିମାନା ଅନାଦେୟ ଅଧିକ ୨ବର୍ଷ ଲେଖାଏଁ ଜେଲଦଣ୍ଡ ଭୋଗିବାକୁ ରାୟରେ କୁହାଯାଇଛି।

ବାଲେଶ୍ୱର ଜିଲା ଔପଦା ଥାନା ବିରିହା ଗ୍ରାମର ମଙ୍ଗୁଲୁ ଚରଣ ଦଳେଇ ଗତ ୨୦୨୦ ଜୁନ୍ ୫ ତାରିଖ ରାତିରେ କିରୋସିନ ଢାଳି ନିଆଁ ଲଗାଇ ଆତ୍ମହତ୍ୟା କରିଥିବା ନେଇ ପୁଅ ପଦ୍ମଲୋଚନ ଥାନାରେ ଅଭିଯୋଗ କରିଥିଲେ। ଏନେଇ ପୋଲିସ ଏକ ଅପମୃତ୍ୟୁ ମାମଲା (ନଂ. ୪/୨୦) ରୁଜୁ କରିଥିଲା। ଏହାପରେ ଔପଦା ଥାନା ଆଇଆଇସି ଘଟଣାର ତଦନ୍ତ ପରେ ଏହା ଏକ ହତ୍ୟାକାଣ୍ଡ ବୋଲି ଜାଣିବାକୁ ପାଇଥିଲେ। ଏନେଇ ଏକ ହତ୍ୟା ମାମଲା (ନଂ. ୪୮/୨୦) ରୁଜୁ ହୋଇ ମଙ୍ଗୁଲୁଙ୍କ ସ୍ତ୍ରୀ ଜୟନ୍ତୀ ଓ ପୁଅ ପଦ୍ମଲୋଚନଙ୍କୁ ଗିରଫ କରାଯାଇଥିଲା। ପାରିବାରିକ କଳହକୁ କେନ୍ଦ୍ର କରି ଜୟନ୍ତୀ, ପଦ୍ମଲୋଚନ ଓ ନାବାଳିକା ଝିଅ ମିଶି ଯୋଜନାବଦ୍ଧ ଭାବେ ମଙ୍ଗୁଲୁଙ୍କୁ ହତ୍ୟା କରି ତାଙ୍କ ଦେହରେ କିରୋସିନ ଢାଳି ନିଆଁ ଲଗାଇ ଦେଇଥିଲେ। ଏହି ମାମଲାରେ ତୃତୀୟ ଅତିରିକ୍ତ ଜିଲା ଦୌରାଜଜ୍ ମୋଟ୍ ୧୭ଜଣ ସାକ୍ଷ୍ୟ ଓ ୧୯ ଦସ୍ତାବିଜ ଏବଂ ୧୭ ମାଟେରିଆଲ ଅବଜେକ୍ଟକୁ ଆଧାର କରି ସ୍ତ୍ରୀ ଓ ପୁଅଙ୍କୁ ଉପରୋକ୍ତ ଦଣ୍ଡରେ ଦଣ୍ଡିତ କରିଛନ୍ତି। ସରକାରଙ୍କ ପକ୍ଷରୁ ଓକିଲ ପ୍ରହ୍ଲାଦ ପତି ମାମଲାର ପରିଚାଳନା କରୁଥିଲେ।

# ଦୁଇ ନିଶାବେପାରୀଙ୍କୁ ୨୦ ବର୍ଷ ଜେଲ

ଭୁବନେଶ୍ୱର,୧୯।୧୨
(ସୂର୍ଯ୍ୟକାନ୍ତ ବେହେରା)

ଭୁବନେଶ୍ୱରସ୍ଥିତ ଏଡିଜେ-୨ କୋର୍ଟରେ ଏକ ନିଶାଦ୍ରବ୍ୟ ଜବତ ମାମଲାର ରାୟ ଗୁରୁବାର ପ୍ରକାଶ ପାଇଛି। ଏକ କୁଇଣ୍ଟାଲ ଗଞ୍ଜେଇ ଜବତ ମାମଲାରେ ବିଚାରପତି ବନ୍ଦନା କର ଦୁଇ ନିଶା ବେପାରୀଙ୍କୁ ଦୋଷୀ ସାବ୍ୟସ୍ତ କରିବା ସହ ୨୦ ବର୍ଷ ଜେଲଦଣ୍ଡ ଶୁଣାଇଛନ୍ତି। ଦୋଷୀ ସାବ୍ୟସ୍ତ ହୋଇଥିବା ଦୁଇ ଅଭିଯୁକ୍ତ ହେଲେ ପରମାନନ୍ଦ ସୁବୁଦ୍ଧି(୫୦) ଓ ସମିମ୍ ଖାନ(୩୪)। ଏହାସହ ଅଭିଯୁକ୍ତଦ୍ୱୟଙ୍କୁ ଲକ୍ଷ ଟଙ୍କାର ଜରିମାନା ଦେବାକୁ କୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ଜରିମାନା ଅନାଦାୟ ଅଧିକ ଏକ ବର୍ଷ ଜେଲଦଣ୍ଡ ଭୋଗିବାକୁ କୋର୍ଟ ରାୟରେ ଉଲ୍ଲେଖ ରହିଛି। ୧୨ ଜଣଙ୍କ ସାକ୍ଷ୍ୟ ଓ ବିଭିନ୍ନ ଦସ୍ତାବିଜକୁ ଆଧାର କରି କୋର୍ଟ ଏହି ରାୟ ଶୁଣାଇଛନ୍ତି। ଅନ୍ୟପଟେ ନୂଆ କୋର୍ଟର କୋଠା କାର୍ଯ୍ୟକ୍ଷମ ପରେ ଏହା ପ୍ରଥମ ଦଣ୍ଡବିଧାନ। ସେହିପରି କମିଶନରେଟ ପୋଲିସ ଗଠନ ହେବାଠାରୁ ନିଶାଦ୍ରବ୍ୟ ମାମଲାର ଏହା ପ୍ରଥମ ଶୁଣାଣି ବୋଲି ଜଣାପଡ଼ିଛି। ଘଟଣାନୁସାରେ ଅଭିଯୁକ୍ତମାନେ ଏକ କାରରେ ବେଆଇନ ଭାବେ ଗଞ୍ଜେଇ ଚୋରାଚାଲାଣ କରୁଥିବାବେଳେ ତମାଣ୍ଡୋ ଥାନା ଅଞ୍ଚଳରେ ସ୍ଥାନୀୟ ପୋଲିସ ହାଜତରେ ଧରାପଡିଥିଲେ। ଏହାପରେ ତମାଣ୍ଡୋ ପୋଲିସ ଗାଡି ଯାଞ୍ଚ କରିବାରୁ ସେଥିରୁ ଏକ କୁଇଣ୍ଟାଲ ଗଞ୍ଜେଇ ଜବତ କରିବା ସହ ଉଭୟଙ୍କୁ ଗିରଫ କରିଥିଲା। ଏହି ମାମଲାକୁ ସରକାରୀ ଓକିଲ ସଲିଳ କୁମାର ପ୍ରଧାନ ପରିଚାଳନା କରିଥିଲେ।


## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)


**ଗାଆଁ ଚାରିପାଶେ ବୁଲି ଅଇଲି**
**କେହି ନ କହିଲେ ବସ ବୋଲି।**

ଯେଉଁଠି ଆଦର ଅଭ୍ୟର୍ଥନା ନ ଥାଏ ସେଠି ସମ୍ପର୍କ ପାଣିଚିଆ ବା ମୂଲ୍ୟହୀନ ଲାଗିଥାଏ। ସମ୍ପର୍କର ରଙ୍ଗ ଯେତେବେଳେ ଫିକା ହୋଇଯାଏ ସେତେବେଳେ ମନର ସରାଗ ଆପେ ଆପେ ମଉଳିଯାଏ। ଆନ୍ତରିକତାବିହୀନ ସମ୍ପର୍କକୁ ନେଇ ମନରେ ସୃଷ୍ଟି ହେଉଥିବା ହତାଶାଭା ପ୍ରତି ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ଗୋସେଇଁଲୋ ମୁଣ୍ଡ ବଥାଉଛି**
**ବଢି ପିତାପାଣି ଭାକୁର ମାଛ**
**ଟେକି ଟେକି ଗୁଣ୍ଡା ପକାଉଛି।**


କାମ କରିବାକୁ ଅନିଚ୍ଛୁକ କିନ୍ତୁ ଖାଇବା ଲାଗି ଆଗଭର। କାମ କରିବା ଅଥବା ଖାଦ୍ୟ ସଂଗ୍ରହ କରିବାକୁ କହିଲେ କେତେଜଣ ବ୍ୟକ୍ତି ନିଜ ଶରୀର ଦୁର୍ବଳ ହୋଇଥିବାର କିମ୍ବା ରୋଗଗ୍ରସ୍ତ ହୋଇଥିବାର ବାହାନା କରିଥାନ୍ତି। ଅଥଚ ସେହି ବ୍ୟକ୍ତିଙ୍କୁ ଭଲ ଭଲ ଜିନିଷ ଆହରଣ କରିବାର ସୁଯୋଗ ମିଳିଗଲେ ଖାଇବା ଲାଗି ଆଗ୍ରହର ସହ ଆଗଭର ହୋଇଯାଇଥାନ୍ତି। କାମ କରିବାକୁ ଅମଙ୍ଗ ବା ଇଚ୍ଛା ରଖୁ ନ ଥିବା ଏପରି ନିକମା ପ୍ରକୃତିର ବ୍ୟକ୍ତିଙ୍କ ପ୍ରତି ଏଭଳି ବ୍ୟଙ୍ଗୋକ୍ତି ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ - ଫ୍ରେଣ୍ଡ୍‌ସ ପବ୍ଲିଶର୍ସ

ଗୁରୁବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

# ଭୁବନେଶ୍ୱର-କଟକ କମିଶନରେଟ୍ ପୋଲିସରେ ବଢ଼ିଛି ମାମଲା



କମିଶନରେଟ୍ ପୋଲିସ ପକ୍ଷରୁ ବସ୍ତିକୁ ଚାଲ ହ୍ୟାଣ୍ଡବୁକ୍ ଉନ୍ମୋଚନ କରାଯାଉଛି।

ଭୁବନେଶ୍ୱର,୧୯।୧୨
(ସତ୍ୟଜିତ୍ ରାଉତ)

ଭୁବନେଶ୍ୱର-କଟକ କମିଶନରେଟ୍ ପୋଲିସ ଅଞ୍ଚଳରେ ୨୦୨୪ରେ ମାମଲା ସଂଖ୍ୟା ବଢ଼ିଥିବା ଜଣାପଡ଼ିଛି। ଗୁରୁବାର ପୋଲିସ କମିଶନର ଏସ୍. ଦେବଦତ୍ତ ସିଂ କମିଶନରେଟ୍ ପୋଲିସ କାର୍ଯ୍ୟାଳୟରେ ଅପରାଧ ନିୟନ୍ତ୍ରଣ ଓ ଅପରାଧ ଅନୁସନ୍ଧାନ ସ୍ଥିତିର ସମୀକ୍ଷା କରି ଏହି ସୂଚନା ଦେଇଛନ୍ତି।

ଉକ୍ତ ବୈଠକରେ ଟୁଇନ୍ ସିଟିର ସମସ୍ତ ଥାନାଧିକାରୀ ଓ ଅନ୍ୟ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ। ୨୦୨୩ ତୁଳନାରେ ୨୦୨୪ରେ ମାମଲା ସଂଖ୍ୟା ସାମାନ୍ୟ ବୃଦ୍ଧି ଘଟିଥିବା କମିଶନର ସିଂ କହିଛନ୍ତି। କଟକ ଓ ଭୁବନେଶ୍ୱର ଟୁଇନ୍ ସିଟିରେ ୨୦୨୩ ନଭେମ୍ବର ଯାଏ ଗତବର୍ଷ ୧୭ ହଜାର ୬୭୫ ମାମଲା ରୁଜୁ ହୋଇଥିଲା। ହେଲେ ଚଳିତବର୍ଷ ଟୁଇନ୍ ସିଟିରେ ମାମଲା ସଂଖ୍ୟା ବୃଦ୍ଧି ଘଟି ୨୦ ହଜାର ୧୯ରେ ପହଞ୍ଚିଛି। ମାମଲା ରୁଜୁ କ୍ଷେତ୍ରରେ କଟକ ସହରାଞ୍ଚଳ ପୋଲିସ ଜିଲାରେ ପ୍ରାୟ ସ୍ଥିତି ସମାନ ଥିବା ବେଳେ ଭୁବନେଶ୍ୱର ସହରାଞ୍ଚଳ ପୋଲିସ ଜିଲାରେ ମାମଲା ସଂଖ୍ୟା ବୃଦ୍ଧି ଘଟିଛି। ୨୦୨୩ ନଭେମ୍ବର ୩୦ ମଧ୍ୟରେ ଭୁବନେଶ୍ୱର ୟୁପିଡିରେ ୧୦ ହଜାର ୮୭୩ ମାମଲା ରୁଜୁ ହୋଇଥିଲା। ହେଲେ ୨୦୨୪ ନଭେମ୍ବର ମଧ୍ୟରେ ଭୁବନେଶ୍ୱରରେ ୧୩ ହଜାର ୪୧୧ ମାମଲା ରୁଜୁ ହୋଇଛି। ସେହିପରି କଟକ ୟୁପିଡିରେ ୨୦୨୩ ନଭେମ୍ବର ମଧ୍ୟରେ ୬ ହଜାର ୮୦୨ ମାମଲା ରୁଜୁ ହୋଇଥିବା ବେଳେ ୨୦୨୪ ନଭେମ୍ବର ୩୦ ମଧ୍ୟରେ ୬ ହଜାର ୬୦୮ ମାମଲା ପଞ୍ଜୀକୃତ ହୋଇଛି। ତେବେ ବିଭିନ୍ନ ପ୍ରକାର ଝଗଡ଼ା ଓ ବିବାଦ ଆଦି ଛୋଟ ମାମଲା ସଂଖ୍ୟା ବଢ଼ୁଥିବା ବେଳେ ହତ୍ୟା, ଡକାୟତି, ଚୋରି, ଲୁଟ୍, ଠକେଇ, ବିକ୍ଷୋଭ, ବଳାତ୍କାର, ମହିଳା ବିରୋଧୀ ନିର୍ଯାତନା ମାମଲା ଆଦି କମିଛି। କେବଳ କଟକରେ ବଳାତ୍କାର ଛଡ଼ା ଅନ୍ୟ ନାରୀ ନିର୍ଯାତନା ଅପରାଧର ମାମଲା ବୃଦ୍ଧି ହୋଇଛି। ଭୁବନେଶ୍ୱରରେ ବଳାତ୍କାର ଓ ଅନ୍ୟ ନିର୍ଯାତନା ମାମଲାରେ ସଂଖ୍ୟା କମିଛି। ଥାନାକୁ ଆସୁଥିବା ଅଭିଯୋଗକାରୀଙ୍କୁ ଅତିଥି ଭାବେ ବ୍ୟବହାର କରିବାକୁ ଥାନାଧିକାରୀମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଘଟଣା ଧର୍ତ୍ତବ୍ୟ ଅପରାଧ ଅନ୍ତର୍ଗତ ହୋଇଥିଲେ ତୁରନ୍ତ ମାମଲା ରୁଜୁ କରିବାକୁ କୁହାଯାଇଛି। ଅପରାଧ ରୋକିବା ସହ ଜନସାଧାରଣଙ୍କ ସେବାରେ ଆମେ ସମର୍ପିତ ବୋଲି କମିଶନର କହିଛନ୍ତି। ଅନ୍ୟପକ୍ଷରେ ଏହି ସମୀକ୍ଷା ବୈଠକରେ ବସ୍ତିକୁ ଚାଲ ହ୍ୟାଣ୍ଡବୁକ୍ ଉନ୍ମୋଚନ କରାଯାଇଥିଲା।


କାନାରା ବ୍ୟାଙ୍କ Canara Bank
ସିଣ୍ଡିକେଟ Syndicate

କ୍ଷେତ୍ରୀୟ କାର୍ଯ୍ୟାଳୟ, କଟକ,
ଶ୍ରୀଜୀ କମ୍ପ୍ଲେକ୍ସ, ପ୍ଲଟ୍ ନଂ.: ୮୪୦/୮୫୮ ଏବଂ ୮୪୦/୮୫୯,
କଟକ ଟାଉନ, ୟୁନିଟ୍ ନଂ.-୧୭, ମାଛୁଆ ବଜାର, କଟକ-୭୫୩୦୦୧

**ଦଖଲ ନୋଟିସ୍** (ସ୍ଥାବର ସମ୍ପତ୍ତି ନିମନ୍ତେ)

ନିମ୍ନସ୍ୱାକ୍ଷରକାରୀ **କାନାରା ବ୍ୟାଙ୍କ**ର କ୍ଷମତାପ୍ରାପ୍ତ ଅଧିକାରୀ, ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନ୍‌ଷ୍ଟ୍ରକ୍‌ସନ୍ ଅଫ୍ ଫାଇନାନ୍ସିଆଲ୍ ଆସେଟ୍‌ସ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟୀ ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ (୨୦୦୨ର ଆକ୍ଟ ୫୪) ଏବଂ ଧାରା ୧୩(୧୨) ସହିତ ସିକ୍ୟୁରିଟୀ ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ନିୟମ ୨୦୦୨ର ରୁଲ୍ ୩ ରେ ପ୍ରଦାନ କରାଯାଇଥିବା କ୍ଷମତା ଅନୁଯାୟୀ ନିମ୍ନ ପ୍ରଦତ୍ତ ଋଣଗ୍ରହୀତା/ସହ-ଋଣଗ୍ରହୀତା/ଜାମିନ୍‌ଦାର/ବନ୍ଧକଦାତାମାନଙ୍କୁ ଡିମାଣ୍ଡ ନୋଟିସ୍ ଜାରିକରି ନୋଟିସ୍ ପ୍ରଦତ୍ତ ରାଶି ସହିତ ସୁଧ ନୋଟିସ୍ ପ୍ରାପ୍ତି ତାରିଖ ଠାରୁ **୬୦ ଦିନ** ମଧ୍ୟରେ ପରିଶୋଧ କରିବାକୁ ଜଣେଇଦେଇଥିଲେ। ଯେହେତୁ ଋଣଗ୍ରହୀତାମାନେ ଋଣ ପରିଶୋଧ କରିବାରେ ବିଫଳ ହେଲେ ତେଣୁ ଋଣଗ୍ରହୀତା/ସହ-ଋଣଗ୍ରହୀତା/ଜାମିନ୍‌ଦାର/ବନ୍ଧକଦାତାମାନଙ୍କୁ ଏବଂ ସର୍ବସାଧାରଣଙ୍କୁ ଏହି ନୋଟିସ୍ ମାଧ୍ୟମରେ ଜଣାଇ ଦିଆଯାଉଛି କି ଏହି ଆକ୍ଟର ଧାରା ୧୩(୪) ସହ କଥିତ ରୁଲ୍ସର ରୁଲ୍ ୮ ଏବଂ ୯ ଅନୁଯାୟୀ ପ୍ରଦତ୍ତ କ୍ଷମତାବଳରେ ନିମ୍ନସ୍ୱାକ୍ଷରକାରୀ ନିମ୍ନ ପ୍ରଦତ୍ତ ସମ୍ପତ୍ତିକୁ **ଦଖଲ** କରିଛନ୍ତି। ଏତଦ୍ୱାରା ବିଶେଷ କରି ଋଣଗ୍ରହୀତା/ସହ-ଋଣଗ୍ରହୀତା/ଜାମିନ୍‌ଦାର/ବନ୍ଧକଦାତାମାନଙ୍କୁ ଏବଂ ସର୍ବସାଧାରଣଙ୍କୁ ସତର୍କ କରାଇ ଦିଆଯାଉଛି କି, ନିମ୍ନଲିଖିତ ସମ୍ପତ୍ତି ସହିତ କୌଣସି ପ୍ରକାର କାରବାର କରିବେ ନାହିଁ ଏବଂ ଯଦି କୌଣସି ପ୍ରକାର କାରବାର କରନ୍ତି, ତେବେ **କାନାରା ବ୍ୟାଙ୍କ, ସମ୍ପୃକ୍ତ ଶାଖା** ନିକଟରେ ନିମ୍ନଲିଖିତ ବକେୟା ରାଶି ସହିତ ସେବାବଦ ସୁଧ ଏବଂ ଦେୟ ପାଇଁ ଦାୟୀ ରହିବେ।

| ଶାଖା / ଋଣଗ୍ରହୀତା / ସହ-ଋଣଗ୍ରହୀତା / ଜାମିନ୍‌ଦାର/ ବନ୍ଧକଦାତାମାନମାନଙ୍କ ନାମ ଓ ଠିକଣା | (କ) ସ୍ଥାବର ସମ୍ପତ୍ତିର ସମ୍ପୂର୍ଣ୍ଣ ବିବରଣୀ / (ଖ) ଧାରା ୧୩(୨) ନୋଟିସ୍ ତାରିଖ / (ଗ) ୧୩ (୪) ନୋଟିସ୍ ତାରିଖ / (ଘ) ବକେୟା ରାଶି |
|---|---|
| **ନନ୍ଦି ସାହି ଶାଖା (୧୮୦୨୫)/ (ସାଙ୍କେତିକ ଦଖଲ)** ଋଣଗ୍ରହୀତା ଏବଂ ବନ୍ଧକଦାତା: **ଶ୍ରୀମତୀ ଚିନ୍ମୟୀ ପାଲ,** ସ୍ୱାମୀ: ପ୍ରାଣ କୃଷ୍ଣ ଜେନା, ସା: ଅନ୍ଦରପୁର, ଦୁଲାଦେଇ ରୋଡ୍, ପୋ: କଲ୍ୟାଣୀ ନଗର, ଜିଲ୍ଲା: କଟକ, ଓଡ଼ିଶା, ପିନ୍-୭୫୩୦୧୩ / **ସହ-ଋଣଗ୍ରହୀତା: ଶ୍ରୀ ପ୍ରାଣକୃଷ୍ଣ ଜେନା,** ପିତା: ବୈଷ୍ଣବ ଚରଣ ଜେନା, ସା/ପୋ: ବଡବିଲ, ଜିଲ୍ଲା: କେନ୍ଦୁଝରଗଡ଼-୭୫୮୦୩୫ | (କ) ଆଇନଗତ ବନ୍ଧକପ୍ରାପ୍ତ ଜମି ଏବଂ ଗୃହ ଯାହାର ଜିଲ୍ଲା/ଡିଏସଆରଓ/ତହସିଲ: କଟକ, ଥାନା: ମଧୁପାଟଣା, ଥାନା ନଂ.-୦୯, ମୌଜା: କଟକ ସହର ୟୁନିଟ୍ ନଂ. ୩୦, ଅନ୍ଦରପୁର, ମ୍ୟୁଟେସନ୍ ଖାତା ନଂ.: ୨୯୯/୧୨୯, ପ୍ଲଟ୍ ନଂ.: ୬୮/୧୨୧୦, କ୍ଷେତ୍ର: ଏକର୦.୦୩୨ଡିସିମିଲି ଏବଂ ପ୍ଲଟ୍ ନଂ.: ୭୧/୧୨୧୧, କ୍ଷେତ୍ର: ଏକର୦.୦୦୯ଡିସିମିଲି, ଅନୁରୂପ ହାଲ ଖାତା ନଂ.: ୨୦୩, ପ୍ଲଟ୍ ନଂ.: ୬୮, କ୍ଷେତ୍ର: ଏକର୦.୦୮୫ଡିସିମିଲି ଏବଂ ପ୍ଲଟ୍ ନଂ.: ୭୧, କ୍ଷେତ୍ର: ଏକର୦.୦୦୯ଡିସିମିଲି, **ସମୁଦାୟ କ୍ଷେତ୍ର: ଏକର୦.୦୪୧ଡିସିମିଲି,** କିସମ: ଘରବାରି, ଏହାର ଚାରିପାର୍ଶ୍ୱରେ- ଉତ୍ତର: ଇସମାଇଲ୍ ରାସ୍ତା, ଦକ୍ଷିଣ: ପ୍ଲଟ୍ ନଂ. ୭୦, ପୂର୍ବ: ଇସମାଇଲ୍ ରାସ୍ତା, ପଶ୍ଚିମ: ପ୍ଲଟ୍ ନଂ. ୬୮ର ଅବଶିଷ୍ଟ ଅଂଶ / (ଖ) ୧୯.୦୯.୨୦୨୪ / (ଗ) ୧୮.୧୨.୨୦୨୪ / (ଘ) ଟ.୯,୫୮,୧୦୧.୦୨ (ନଅ ଲକ୍ଷ ଅଠାବନ ହଜାର ଏକ ଶହ ଏକ ଟଙ୍କା ଏବଂ ଦୁଇ ପଇସା ମାତ୍ର) ତତ୍‌ସହିତ ସୁଧ ଏବଂ ସେବାବଦ ଆଇନଗତ ଖର୍ଚ୍ଚ। |
| **ଓସ୍ତପୁର ଶାଖା (୪୯୬୭)/ (ସାଙ୍କେତିକ ଦଖଲ)** ଋଣଗ୍ରହୀତା ଏବଂ ବନ୍ଧକଦାତା: **ଅକ୍ଷୟ ମଲ୍ଲିକ,** ପିତା: ୰ ବଳରାମ ମଲ୍ଲିକ / ଜାମିନ୍‌ଦାର: **ପ୍ରଭଞ୍ଜନ ଦାଶ,** ମାର୍ଫତ: ନିତ୍ୟାନନ୍ଦ ଦାଶ, ଉଭୟଙ୍କ ଠିକଣା- ସା: ରାମକୃଷ୍ଣପୁର, ନତକାଇ, ସାଲେପୁର, ଜିଲ୍ଲା: କଟକ, ଓଡ଼ିଶା, ପିନ୍-୭୫୪୨୦୭ | (କ) ଆଇନଗତ ବନ୍ଧକପ୍ରାପ୍ତ ଜମି ଏବଂ ଗୃହ ଯାହାର ପ୍ଲଟ୍ ନଂ.: ୨୩୯୪/୨୬୪୫ ଏବଂ ୨୩୯୪/୨୬୫୯, ଯଥାକ୍ରମେ ଖାତା ନଂ.: ୯୨୦/୬୪ ଏବଂ ୯୨୦/୧୨୮, ସା/ମୌଜା: ରାମକୃଷ୍ଣପୁର, ପୋ/ତହସିଲ: ନିଶ୍ଚିନ୍ତକୋଇଲି, ଥାନା/ଏସ୍‌ଆରଓ: ସାଲେପୁର, ଜିଲ୍ଲା: କଟକ, କିସମ: ଘରବାରି, କ୍ଷେତ୍ର: ଏକର୦.୩୨୦ଡିସିମିଲି, ଏହାର ଚାରିପାର୍ଶ୍ୱରେ- ଉତ୍ତର: ଅବଦୁଲ ହୁସେନ୍, ଦକ୍ଷିଣ: ସନାତନ ମଲ୍ଲିକ, ପୂର୍ବ: ବିପିନ ମଲ୍ଲିକ, ପଶ୍ଚିମ: ରାସ୍ତା / (ଖ) ୧୮.୦୧.୨୦୨୪ / (ଗ) ୧୯.୧୨.୨୦୨୪ / (ଘ) ଟ.୧୪,୫୩,୩୪୭.୩୯ (ଚଉଦ ଲକ୍ଷ ତେପନ ହଜାର ତିନି ଶହ ସତଚାଳିଶି ଟଙ୍କା ଏବଂ ଅଣଚାଳିଶି ପଇସା ମାତ୍ର) ତତ୍‌ସହିତ ସୁଧ ଏବଂ ସେବାବଦ ଆଇନଗତ ଖର୍ଚ୍ଚ। |
| **ପାରାଦୀପ ଶାଖା (୧୪୩୫)/ (ସାଙ୍କେତିକ ଦଖଲ)** ଋଣଗ୍ରହୀତା ଏବଂ ବନ୍ଧକଦାତା: **ଶ୍ରୀ ବଳରାମ ଚୌଧୁରୀ,** ମାର୍ଫତ: ସଦାନନ୍ଦ ଚୌଧୁରୀ / ଜାମିନ୍‌ଦାର: **ଶ୍ରୀ ସୁବ୍ରତ ବଳିୟାରସିଂହ,** ପିତା: ଗୋବିନ୍ଦ ଚନ୍ଦ୍ର ବଳିୟାରସିଂହ, ଉଭୟଙ୍କ ଠିକଣା- ସା/ପୋ: ଭୂତମୁଣ୍ଡାଇ, ପାରାଦୀପ, ଜିଲ୍ଲା: ଜଗତସିଂହପୁର, ଓଡ଼ିଶା, ପିନ୍-୭୫୪୧୪୧ | (କ) ଆଇନଗତ ବନ୍ଧକପ୍ରାପ୍ତ ଜମି ଏବଂ ଗୃହ ଯାହାର ଜିଲ୍ଲା: ଜଗତସିଂହପୁର, ତହସିଲ: କୁଜଙ୍ଗ, ତହସିଲ ନଂ.-୧୪୬, ଥାନା: ପାରାଦୀପ ଏବଂ ଥାନା ନଂ.-୧, ମୌଜା: ଭୂତମୁଣ୍ଡାଇ, ଆରଓଆର୍ ଖାତା ନଂ.: ୬୨୩/୪, ପ୍ଲଟ୍ ନଂ.: ୯୨୧/୧୪୮୮, କ୍ଷେତ୍ର: ଏକର୦.୧୨ଡିସିମିଲି, କିସମ: ଘରବାରି, ଏହାର ଚାରିପାର୍ଶ୍ୱରେ- ଉତ୍ତର: ୱାଟର ଡ୍ରେନେଜ୍ ଏବଂ ରାସ୍ତା, ଦକ୍ଷିଣ: ଭଗବତୀ ହୋଟେଲ ଏବଂ ଅନ୍ୟମାନେ, ପୂର୍ବ: ପ୍ରହଲ୍ଲାଦ ଚରଣ ସ୍ୱାଇଁ, ପଶ୍ଚିମ: ବୈଷ୍ଣବ ଚରଣ ମହାପାତ୍ର / (ଖ) ୨୬.୦୯.୨୦୨୪ / (ଗ) ୧୯.୧୨.୨୦୨୪ / (ଘ) ଟ.୮,୭୮,୩୪୫.୫୨ (ଆଠ ଲକ୍ଷ ଅଠସ୍ତରୀ ହଜାର ତିନି ଶହ ପଇଁଚାଳିଶି ଟଙ୍କା ଏବଂ ବାଉନ ପଇସା ମାତ୍ର) ତତ୍‌ସହିତ ସୁଧ ଏବଂ ସେବାବଦ ଆଇନଗତ ଖର୍ଚ୍ଚ। |
| **ପାରାଦୀପ ଶାଖା (୧୪୩୫)/ (ସାଙ୍କେତିକ ଦଖଲ)** ଋଣଗ୍ରହୀତା ଏବଂ ବନ୍ଧକଦାତା: **ଶ୍ରୀ ସନ୍ତୋଷ କୁମାର ଗୁପ୍ତା** / ସହ-ଋଣଗ୍ରହୀତା/ବନ୍ଧକଦାତାଙ୍କ ଆଇନଗତ ଉତ୍ତରାଧିକାରୀମାନେ: ୧) **ଶ୍ରୀମତୀ ସୁମନ ଗୁପ୍ତା,** ସ୍ୱାମୀ: ୰ ସଞ୍ଜୟ କୁମାର ଗୁପ୍ତା, ୨) **ମାଷ୍ଟର ପିୟୁଷ ଗୁପ୍ତା,** ପିତା: ୰ ସଞ୍ଜୟ କୁମାର ଗୁପ୍ତା, ୩) **ମାଷ୍ଟର ଆୟୁଷ୍ମାନ ଗୁପ୍ତା,** ପିତା: ୰ ସଞ୍ଜୟ କୁମାର ଗୁପ୍ତା, ସମସ୍ତଙ୍କ ଠିକଣା- ସା/ପୋ: କୁଜଙ୍ଗ, ଥାନା: କୁଜଙ୍ଗ, ଜିଲ୍ଲା: ଜଗତସିଂହପୁର, ଓଡ଼ିଶା, ପିନ୍-୭୫୪୧୪୧ / ଜାମିନ୍‌ଦାର: **ଶ୍ରୀ ପ୍ରମୋଦ କୁମାର ସାହୁ,** ସା/ପୋ: ପାରାଦୀପ ଗଡ଼, ଥାନା: ପାରାଦୀପ ଲକ୍, ଜିଲ୍ଲା: ଜଗତସିଂହପୁର, ଓଡ଼ିଶା, ପିନ୍-୭୫୪୧୪୧ | (କ) ଆଇନଗତ ବନ୍ଧକପ୍ରାପ୍ତ ଜମି ଏବଂ ଗୃହ ଯାହାର ପ୍ଲଟ୍ ନଂ.: ୧୩୯୫, ଅନୁରୂପ ମ୍ୟୁଟେସନ୍ ଖାତା ନଂ.: ୫୮୩/୧୪୭, କ୍ଷେତ୍ର: ଏକର୦.୧୧ଡିସିମିଲି ଏବଂ ପ୍ଲଟ୍ ନଂ.: ୩୬୨, ଅନୁରୂପ ମ୍ୟୁଟେସନ୍ ଖାତା ନଂ.: ୫୮୩/୧୧୨, କ୍ଷେତ୍ର: ଏକର୦.୦୮ଡିସିମିଲି ଏବଂ **ସମୁଦାୟ କ୍ଷେତ୍ର: ଏକର୦.୧୯ଡିସିମିଲି,** ମୌଜା/ତହସିଲ: କୁଜଙ୍ଗ, ଥାନା: କୁଜଙ୍ଗ, ଥାନା ନଂ. ୫୪, ଜିଲ୍ଲା: ଜଗତସିଂହପୁର, କିସମ: ଘରବାରି, **ପ୍ଲଟ୍ ନଂ. ୧୩୯୫**ର ଚାରିପାର୍ଶ୍ୱରେ- ଉତ୍ତର: ବିଚିତ୍ରାନନ୍ଦ ନାଥ, ଦକ୍ଷିଣ: ଗୋଚର, **ପ୍ଲଟ୍ ନଂ. ୩୬୨**ର ଚାରିପାର୍ଶ୍ୱରେ- ଉତ୍ତର: ଅମୃତ ଦାସ, ଦକ୍ଷିଣ: ଅମୃତ ଦାସ, ପୂର୍ବ: ଭୈରବ ଚରଣ ବେଉରା, ପଶ୍ଚିମ: ନିର୍ମଳା ମହାନ୍ତ / (ଖ) ୧୯.୦୯.୨୦୨୪ / (ଗ) ୧୯.୧୨.୨୦୨୪ / (ଘ) ଟ.୬୬,୭୬,୪୧୬.୦୯ (ଛଅଷଠି ଲକ୍ଷ ଛଅସ୍ତରୀ ହଜାର ଚାରି ଶହ ଷୋହଳ ଟଙ୍କା ଏବଂ ନଅ ପଇସା ମାତ୍ର) ତତ୍‌ସହିତ ସୁଧ ଏବଂ ସେବାବଦ ଆଇନଗତ ଖର୍ଚ୍ଚ। |

ତାରିଖ : ୧୯.୧୨.୨୦୨୪, ସ୍ଥାନ : କଟକ
କ୍ଷମତାପ୍ରାପ୍ତ ଅଧିକାରୀ, କାନାରା ବ୍ୟାଙ୍କ

## ୨୬ରେ ସବୁ ନିର୍ବାଚନମଣ୍ଡଳୀରେ ବିଜେଡି ପାଳିବ ପ୍ରତିଷ୍ଠା ଦିବସ

ଭୁବନେଶ୍ୱର,(ଅନିଲ ଦାସ): ଆସନ୍ତା ୨୬ ତାରିଖରେ ରାଜ୍ୟର ସମସ୍ତ ନିର୍ବାଚନମଣ୍ଡଳୀରେ ବିଜୁ ଜନତା ଦଳ ପ୍ରତିଷ୍ଠା ଦିବସ ପାଳନ କରିବ। ଶଙ୍ଖ ଭବନଠାରେ ଅନୁଷ୍ଠିତ ଏ ସମ୍ପର୍କିତ ପ୍ରସ୍ତୁତି ବୈଠକ ଶେଷରେ ବିଜେଡି ସମନ୍ୱୟ କମିଟିର ଅଧ୍ୟକ୍ଷ ଦେବୀ ପ୍ରସାଦ ମିଶ୍ର ଏହି ସୂଚନା ଦେଇଛନ୍ତି।


### ଜନ୍ମଦିନର ଶୁଭେଚ୍ଛା

ନାମ: ....................................
ବୟସ:....................................
ଜନ୍ମ ତାରିଖ: ..............................


ସତ୍ୟପ୍ରକାଶ ପରିବାରବର୍ଗ


ରାଜ୍ ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ରାହୁଲ ଓଡ଼ିଶା ଆସିବା ଆଗରୁ କ୍ଷମା ମାଗନ୍ତୁ: ଭାଜପା




ସଂସଦରେ କଂଗ୍ରେସ ନେତା ରାହୁଲ ଗାନ୍ଧୀଙ୍କ ହିଂସାତ୍ମକ ଆଚରଣ ପ୍ରତିବାଦରେ ଭୁବନେଶ୍ୱର ମାଷ୍ଟରକ୍ୟାଣ୍ଟିନ୍‌ଠାରେ ଭାଜପା ଯୁବମୋର୍ଚ୍ଚା ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି।

ଭୁବନେଶ୍ୱର, ୧୯।୧୨(ସୁନିତ୍ ମିଶ୍ର)

ଏମ୍‌ପି ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀଙ୍କୁ କଂଗ୍ରେସ ନେତା ରାହୁଲ ଗାନ୍ଧୀ ସଂସଦ ସମ୍ମୁଖରେ ଆକ୍ରମଣକରି ମୁଣ୍ଡ ଫଟେଇ ଲହୁଲୁହାଣ କରିବା ଘଟଣା ଅତ୍ୟନ୍ତ ନିନ୍ଦନୀୟ ବୋଲି ଭାଜପା ରାଜ୍ୟ ଯୁବମୋର୍ଚ୍ଚା ସଭାପତି ଅଭିଲାଷ ପଣ୍ଡା କହିଛନ୍ତି। ଏପରି ହିଂସ୍ର ଆଚରଣ ହେଉଛି କଂଗ୍ରେସର ପାରିବାରିକ ପରମ୍ପରା। ଏହି ଦଳ ହେଉଛି ହିଂସାର ବାହକ। ଇନ୍ଦିରା ଗାନ୍ଧୀଙ୍କ ଜରୁରିକାଳୀନ ପରିସ୍ଥିତିରେ ହୋଇଥିବା ହିଂସାଠାରୁ ଆରମ୍ଭକରି ରାହୁଲ ଭିଆଇ ଥିବା ବର୍ତ୍ତମାନର ଘଟଣା ପର୍ଯ୍ୟନ୍ତ ସବୁରି ମୂଳରେ ହିଂସା ରହିଛି। ତେଣୁ ଏନେଇ ରାହୁଲ କ୍ଷମା ପ୍ରାର୍ଥନା କରନ୍ତୁ ବୋଲି ସେ କହିଛନ୍ତି । ଏଭଳି ଘଟଣାକୁ ବିରୋଧକରି ଅଭିଲାଷଙ୍କ ନେତୃତ୍ୱରେ ଭାଜପା ଯୁବମୋର୍ଚ୍ଚା କର୍ମୀ ଭୁବନେଶ୍ୱର ମାଷ୍ଟରକ୍ୟାଣ୍ଟିନଠାରେ ରାହୁଲଙ୍କ କୁଶପୁତ୍ତଳିକା ଦାହକରିବା ସହ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି। ଭାଜପା ଯୁବମୋର୍ଚ୍ଚା ପକ୍ଷରୁ କୁହାଯାଇଛି, ରାହୁଲଙ୍କ କୁଶପୁତ୍ତଳିକା ଦାହକରି ଚେତାଇ ଦେଉଛୁ ଓଡ଼ିଶାର ଏହି ପବିତ୍ର ଭୂମିରେ ସେ ପାଦଦେବା ପୂର୍ବରୁ କ୍ଷମା ମାଗନ୍ତୁ, ନ ହେଲେ ସେ କେବେହେଲେ ଏଠାରେ ପାଦ ରଖିପାରିବେ ନାହିଁ ବୋଲି ଅଭିଲାଷ କହିଛନ୍ତି।

## ରାହୁଲଙ୍କ ଗୁଣ୍ଡାଗର୍ଦ୍ଦି ଲଜ୍ଜାଜନକ: ମନମୋହନ

ଭାଜପାର ବରିଷ୍ଠ ନେତା ତଥା ଏମ୍‌ପି ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀଙ୍କୁ ପାର୍ଲାମେଣ୍ଟରେ କଂଗ୍ରେସ ନେତା ରାହୁଲ ଗାନ୍ଧୀ ଧକ୍କାମାରି ଆହତ କରିବା ଘଟଣା ନିନ୍ଦନୀୟ ବୋଲି ଭାଜପା ରାଜ୍ୟ ସଭାପତି ମନମୋହନ ସାମଲ କହିଛନ୍ତି। ଏକ ପ୍ରେସ୍ ବିଜ୍ଞପ୍ତି ଜରିଆରେ ସେ କହିଛନ୍ତି, ରାହୁଲୀଙ୍କ ଏଭଳି ଗୁଣ୍ଡାଗର୍ଦ୍ଦି ଅତ୍ୟନ୍ତ ଲଜ୍ଜାଜନକ। ଗଣତନ୍ତ୍ରକୁ ସଭିଏଁ ସମ୍ମାନ ଦେବା ଉଚିତ। ଏଠାରେ ହିଂସାର କୌଣସି ସ୍ଥାନ ନାହିଁ। ଦାୟିତ୍ୱସମ୍ପନ୍ନ ଦଳର ବିରୋଧୀ ଦଳ ନେତା ବୋଲି ଦାବି କରୁଥିବା ରାହୁଲ ଗାନ୍ଧୀ ଯେଉଁଭଳି ବ୍ୟବହାର ପ୍ରଦର୍ଶନ କରିଛନ୍ତି, ତାହାକୁ ଭାରତୀୟମାନେ ନିନ୍ଦା କରୁଛନ୍ତି ବୋଲି ମନମୋହନ କହିଛନ୍ତି। ଚିକିତ୍ସାଧୀନ ଥିବା ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀଙ୍କ ସେ ଆଶୁ ଆରୋଗ୍ୟ କାମନା କରୁଥିବା କହିଛନ୍ତି।

# ଅନୁସୂଚିତ ଜାତି ଜନଜାତି ମନ୍ତ୍ରୀଙ୍କ ଇସ୍ତଫା ଦାବିକଲା ବିଜେଡି

ନବରଙ୍ଗପୁର, ୧୯।୧୨(ସଦାଶିବ ପ୍ରହରାଜ)

ଭୁବନେଶ୍ୱରର ଏକ ତାରକା ହୋଟେଲ ସମ୍ମୁଖରୁ ସିବିଆଇ ୧୦ ଲକ୍ଷ ଟଙ୍କା ଜବତ କରିଛି। ଏଥିରେ ଅନୁସୂଚିତ ଜାତି ଓ ଜନଜାତି ଉନ୍ନୟନ ବିଭାଗର ତତ୍କାଳୀନ ପ୍ରମୁଖ ଶାସନ ସଚିବଙ୍କ ସମ୍ପୃକ୍ତି ଓ ସିବିଆଇ ସମନ ହେବା ଘଟଣା ପଦାକୁ ଆସିବାପରେ ଗୁରୁବାର ନବରଙ୍ଗପୁର ଜିଲା ବିଜେଡି ଏକ ଖବରଦାତା ସମ୍ମିଳନୀ କରିଛି। ବିଭାଗୀୟ ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡଙ୍କୁ ସିବିଆଇ ତଦନ୍ତ ପକ୍ଷଭୁକ୍ତ କରନ୍ତୁ। ଏଥିସହ ମନ୍ତ୍ରୀ ଗଣ୍ଡ ଇସ୍ତଫା ଦିଅନ୍ତୁ ବୋଲି ଖବରଦାତା ସମ୍ମିଳନୀରେ ନବରଙ୍ଗପୁର ପୂର୍ବତନ ଏମ୍‌ପି ତଥା ଜିଲା ବିଜେଡି ସଭାପତି ରମେଶ ଚନ୍ଦ୍ର ମାଝି ଓ ରାଜ୍ୟ ସାଧାରଣ ସମ୍ପାଦକ ପ୍ରଦୀପ ମାଝୀ ଦାବି କରିଛନ୍ତି।

ଅନୁସୂଚିତ ଜାତି ଓ ଜନଜାତି ଉନ୍ନୟନ ବିଭାଗର ଯେକୌଣସି କାର୍ଯ୍ୟ ଅଟକଳ ମୂଲ୍ୟ ୨୦ କୋଟି ଟଙ୍କାରୁ ଊର୍ଦ୍ଧ୍ୱ ହେଲେ ରାଜ୍ୟ କ୍ୟାବିନେଟ୍‌ର ଅନୁମୋଦନ ନିହାତି ଆବଶ୍ୟକ। ବ୍ରିଜ୍ ଏଣ୍ଡ ରୁଫ୍ କର୍ପୋରେଶନକୁ ୨୦୨୪ ନଭେମ୍ବର ୧୯ରେ ପୂର୍ବତନ ପ୍ରମୁଖ ସଚିବ ୩୭ କୋଟି ଟଙ୍କାର କାର୍ଯ୍ୟାଦେଶ ଦେଇଛନ୍ତି। ଏହା ବିଭାଗୀୟ ମନ୍ତ୍ରୀଙ୍କ ବିନା ଅନୁମୋଦନ ଓ ବିନା ଅନୁମତିରେ ହୋଇପାରିବ ନାହିଁ ବୋଲି ବିଜେଡି ନେତାମାନେ କହିଛନ୍ତି। ୨୦୨୪ ନଭେମ୍ବର ୧୯ରେ ପୂର୍ବତନ ଶାସନ ସଚିବ ଭାରତ ସରକାରଙ୍କ ଚାରିଗୋଟି ରାଷ୍ଟ୍ରାୟତ୍ତ ସଂସ୍ଥା ବ୍ରିଜ୍ ଆଣ୍ଡ ରୁଫ୍ କର୍ପୋରେଶନ, ନ୍ୟାଶନାଲ ବ୍ରିଜ୍ କନ୍‌ଷ୍ଟ୍ରକଶନ କର୍ପୋରେଶନ, ୱାଟର ଆଣ୍ଡ ପାୱାର କନ୍‌ସଲଟାନ୍ସି ସର୍ଭିସ୍, ସେଣ୍ଟ୍ରାଲ ଇଲେକ୍ଟ୍ରୋନିକ୍ସ ଲିମିଟେଡ୍‌କୁ ସିଧାସଳଖ ୩୫୯ କୋଟି ଟଙ୍କାର କାର୍ଯ୍ୟାଦେଶ ଦେବା ସରକାରଙ୍କ ସ୍ୱଚ୍ଛତା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ୱାଟର ଆଣ୍ଡ ପାୱାର କନସଲଟାନ୍ସି ସର୍ଭିସ୍ ଭଳି ସଂସ୍ଥାକୁ ସୁନ୍ଦରଗଡ଼ ଜିଲା ପ୍ରଶାସନ ୨୦୨୪ ମାର୍ଚ୍ଚ ୪ରେ ରାଉରକେଲାରେ ଏକ ପୋଖରୀ ଖୋଳିବା କାର୍ଯ୍ୟରେ ଅନିୟମିତତା ଅଭିଯୋଗ ଯୋଗୁ କଳା ତାଲିକାଭୁକ୍ତ କରିଛନ୍ତି। ବିଧାନସଭାରେ ମୁଖ୍ୟମନ୍ତ୍ରୀ ୱାଟର ଆଣ୍ଡ ପାୱାର କନସଲଟିଏନ୍ସି ସର୍ଭିସ୍‌କୁ କଳା ତାଲିକାଭୁକ୍ତ କରାଯାଇଛି ବୋଲି ଗୃହକୁ ଦୃଢ଼ତାର ସହ ଜଣାଇଥିଲେ। ତାହାର କିଛି ମାସ ପରେ ବିଭାଗୀୟ ପ୍ରମୁଖ ଶାସନ ସଚିବ କିପରି ନିଜ ପତ୍ର ମାଧ୍ୟମରେ କାର୍ଯ୍ୟାଦେଶ ଦେଲେ। ଏଥିରେ ବିଭାଗୀୟ ମନ୍ତ୍ରୀଙ୍କ ସମ୍ପୃକ୍ତି ସ୍ପଷ୍ଟ ହୋଇଯାଇଛି ବୋଲି ବିଜେଡି କହିଛି। ସରକାର ମନ୍ତ୍ରୀମାନଙ୍କ ନିୟନ୍ତ୍ରଣ ବାହାରେ କି। ସିବିଆଇ କାହା ଚାପରେ ପକ୍ଷପାତିତା କରୁଛି ବୋଲି ପ୍ରଦୀପ ମାଝି ପ୍ରଶ୍ନ କରିଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ଭୂମିକା ସନ୍ଦେହ ଘେରକୁ ଆସୁଛି ବୋଲି ବିଜେଡି କହିଛି। ଡାବୁଗାଁ ବିଧାୟକ ମନୋହର ରନ୍ଧାରୀ କହିଥିଲେ, ମାତ୍ର ୬ ମାସରେ ରାଜ୍ୟ ସରକାରଙ୍କ ଦୁର୍ନୀତି ଲୋକଲୋଚନକୁ ଆସିଛି। ଏଥିରେ ମନ୍ତ୍ରୀ ଗଣ୍ଡଙ୍କ ସମ୍ପୃକ୍ତି ରହିଛି; ଯାହାକି ଲଜ୍ଜାଜନକ। ସେ ଇସ୍ତଫା ଦିଅନ୍ତୁ ବୋଲି ରନ୍ଧାରୀ କହିଛନ୍ତି। ୩୧ ଶହ ଟଙ୍କା କୁଇଣ୍ଟାଲ ପିଛା ଧାନ କିଣାଯିବ ବୋଲି ସରକାର କହିଲେ। କିନ୍ତୁ ମଣ୍ଡିରେ ଧାନ କିଣାଯାଇ ପାରୁନାହିଁ। ଏନେଇ ଚାଷୀଙ୍କ ସହ ସାମିଲ ହୋଇ ବିଜେଡି ଆନ୍ଦୋଳନ କରିବ ବୋଲି ନେତାମାନେ କହିଛନ୍ତି। ଖବରଦାତା ସମ୍ମିଳନୀରେ ଜିଲା ବିଜେଡି ସଭାନେତ୍ରୀ ମଞ୍ଜୁଳା ମାଝୀ, ଜିଲା ସାଧାରଣ ସମ୍ପାଦକ ରବି ପଟ୍ଟନାୟକ, କୋରାପୁଟ ଜିଲା ଜୋନ୍ ସଭାପତି ତପୋଷ ତ୍ରିପାଠୀ, ଜିଲା ଉପସଭାପତି ସରୋଜ ପାତ୍ର, ରାଜ୍ୟ ଛାତ୍ର ବିଜେଡି କାର୍ଯ୍ୟକାରୀ ସଭାପତି ଦିଲ୍ଲୁ ପଣ୍ଡା, ନଗର ସଭାପତି ପ୍ରମୋଦ ରଥ ଉପସ୍ଥିତ ଥିଲେ।

# ଘଟଣାର ସତ୍ୟାସତ୍ୟ ଲୋକଲୋଚନକୁ ଆସୁ: ବିଜେଡି

ଭୁବନେଶ୍ୱର, ୧୯।୧୨ (ଅନିଲ ଦାସ)

ପାର୍ଲାମେଣ୍ଟରେ ଘଟିଥିବା ଘଟଣା ସଂସଦର ଗରିମା କ୍ଷୁଣ୍ଣ କରିଥିବା ବେଳେ ଏହାର ସତ୍ୟାସତ୍ୟ ଲୋକଲୋଚନକୁ ଆସୁ ବୋଲି ବିଜୁ ଜନତା ଦଳ ଦାବି କରିଛି। ବିଜେଡି ମୁଖପାତ୍ର ତଥା ମିଡିଆ ସଂଯୋଜକ ଲେନିନ୍ ମହାନ୍ତି କହିଛନ୍ତି, ଗଣତନ୍ତ୍ରର ମନ୍ଦିର ସ୍ୱରୂପ ସଂସଦର ମର୍ଯ୍ୟାଦାକୁ ଅକ୍ଷୁଣ୍ଣ ରଖିବା ସମସ୍ତଙ୍କ କର୍ତ୍ତବ୍ୟ। ଗଣତନ୍ତ୍ରରେ ହିଂସାର ସ୍ଥାନ ନାହିଁ। ଅହିଂସାର ଗୁରୁତ୍ୱ ଉପଲବ୍ଧି କରି ବିଜୁ ଜନତା ଦଳର ସଭାପତି ନବୀନ ପଟ୍ଟନାୟକ ସମ୍ବିଧାନର ମୁଖବନ୍ଧରେ ଅହିଂସା ଶବ୍ଦକୁ ରଖିବା ପାଇଁ ପ୍ରସ୍ତାବ ରଖିଛନ୍ତି। ସଂସଦରେ ଘଟିଥିବା ଘଟଣାର ସତ୍ୟାସତ୍ୟ ଲୋକଲୋଚନକୁ ଆସିବା ଅତ୍ୟନ୍ତ ଜରୁରୀ।

ଯେଉଁ ବ୍ୟକ୍ତି ଆଇନକୁ ଉଲ୍ଲଂଘନ କରିଛନ୍ତି ଆଇନ ଅନୁସାରେ ତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ହେଉ। ଏହାକୁ ନେଇ କୌଣସି ରାଜନୀତି ହେବା ଉଚିତ ନୁହେଁ। ସାଂସଦ ହୁଅନ୍ତୁ କି ବିଧାୟକ କିମ୍ବା ରାଜ୍ୟପାଳଙ୍କ ପୁଅ କେହି ଆଇନର ଊର୍ଦ୍ଧ୍ୱରେ ନୁହନ୍ତି।

# ଭାଜପାକୁ ନିନ୍ଦାକଲା କଂଗ୍ରେସ




ଭୀମରାଓ ଆମ୍ବେଡକରଙ୍କ ପ୍ରତି ଅସମ୍ମାନଜନକ ମନ୍ତବ୍ୟ ଦେଇଥିବାରୁ ଭୁବନେଶ୍ୱର ମାଷ୍ଟରକ୍ୟାଣ୍ଟିନ୍‌ଠାରେ ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ୍ ଶାହାଙ୍କ କୁଶପୁତ୍ତଳିକା ଦାହ କରୁଛନ୍ତି କଂଗ୍ରେସ ନେତା ଓ କର୍ମୀ।

ଭୁବନେଶ୍ୱର, ୧୯।୧୨(ସୁନିତ୍ ମିଶ୍ର)

ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହା ଗତ ୧୭ ତାରିଖରେ ଭୀମରାଓ ଆମ୍ବେଡକରଙ୍କ ପ୍ରତି ଅସମ୍ମାନଜନକ ମନ୍ତବ୍ୟ ଦେଇଥିବାରୁ କଂଗ୍ରେସ ଏହାର ଦୃଢ଼ ନିନ୍ଦା କରିବା ସହ କ୍ଷୋଭ ପ୍ରକାଶ କରିଛି। ଅଖିଳ ଭାରତ କଂଗ୍ରେସ କମିଟି ନିର୍ଦ୍ଦେଶକ୍ରମେ ଅନୁସୂଚିତ ଜାତି, ଜନଜାତି, ପଛୁଆବର୍ଗ, ସଂଖ୍ୟାଲଘୁ, ଯୁବ ଓ ଛାତ୍ର କଂଗ୍ରେସ ଗୁରୁବାର ମିଳିତ ଭାବେ ଭୁବନେଶ୍ୱରର ମାଷ୍ଟର କ୍ୟାଣ୍ଟିନ୍‌ଠାରେ ଏହାର ପ୍ରତିବାଦ କରିବା ସହ ଅମିତ ଶାହାଙ୍କ କୁଶପୁତ୍ତଳିକା ଦାହ କରିଛନ୍ତି। କଂଗ୍ରେସ ଭବନଠାରୁ ଏକ ମିଳିତ ଶୋଭାଯାତ୍ରା ବାହାରି ମାଷ୍ଟରକ୍ୟାଣ୍ଟିନ୍ ଅଭିମୁଖେ ଯାଇଥିଲା। ଏଥିରେ କଂଗ୍ରେସ କର୍ମୀମାନେ ଆମ୍ବେଡକରଙ୍କ ଦେଶ ପ୍ରତି ଥିବା ତ୍ୟାଗ ଓ ବଳିଦାନକୁ ସ୍ଲୋଗାନ ଜରିଆରେ ଜଣାଇଥିଲେ। ଦିଲ୍ଲୀରେ ଆମ୍ବେଡକରଙ୍କ ପ୍ରତିମୂର୍ତ୍ତି ତଳେ ଏଆଇସିସି ସଭାପତି ତଥା ରାଜ୍ୟ ସଭା ବିରୋଧୀ ଦଳର ନେତା ମଲ୍ଲିକାର୍ଜୁନ ଖାର୍ଗେଙ୍କ ଉପରେ କେତେଜଣ ଭାଜପା ଏମ୍‌ପି ଆକ୍ରମଣ କରିଥିବାରୁ ଏହାକୁ ନେତୃମଣ୍ଡଳୀ ନିନ୍ଦା କରିଛନ୍ତି। ସରକାରରେ ଥିବା ଦଳ ସମ୍ବିଧାନ ପ୍ରଣେତା ଆମ୍ବେଡକରଙ୍କ ବିଷୟରେ ଅରୁଚିକର ମନ୍ତବ୍ୟ ଓ ଖାର୍ଗେଙ୍କ ଉପରେ ଆକ୍ରମଣ, ଲୋକ ସଭା ପ୍ରବେଶ ପଥରେ ରାହୁଲଙ୍କୁ ଭାଜପା ଏମ୍‌ପିମାନେ ପ୍ରତିରୋଧ କରିବା ଘଟଣାକୁ ଦଳ ପକ୍ଷରୁ ନିନ୍ଦା କରାଯାଇଛି।

# ବେସାମରିକ ବିମାନ ଚଳାଚଳ ମନ୍ତ୍ରୀଙ୍କୁ ଭେଟିଲେ ଓଡ଼ିଶା ଏମ୍‌ପିଙ୍କ ପ୍ରତିନିଧିମଣ୍ଡଳୀ

ଭୁବନେଶ୍ୱର, ୧୯।୧୨(ସୁନିତ୍ ମିଶ୍ର)

**ପୁରୀରେ ନୂଆ ଏୟାରପୋର୍ଟ, କଟକ ଚାର୍‌ବାଟିଆ ଏୟାରଫିଲ୍ଡକୁ ପୂର୍ଣ୍ଣାଙ୍ଗ ବେସାମରିକ ବିମାନବନ୍ଦର କରିବାକୁ ଅନୁରୋଧ**

କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ନେତୃତ୍ୱରେ ଗୁରୁବାର ଓଡ଼ିଶା ଏମ୍‌ପିମାନଙ୍କ ଏକ ପ୍ରତିନିଧିମଣ୍ଡଳୀ କେନ୍ଦ୍ର ବେସାମରିକ ବିମାନ ଚଳାଚଳ ମନ୍ତ୍ରୀ କେ. ରାମମୋହନ ନାଇଡୁଙ୍କୁ ଭେଟିଛନ୍ତି। ରାଜ୍ୟରେ ନୂତନ ବିମାନବନ୍ଦର ଓ ନୂତନ ଟର୍ମିନାଲ ନିର୍ମାଣ, ବିମାନବନ୍ଦର ସମ୍ପ୍ରସାରଣ ଓ ସଂଯୋଗୀକରଣ, ଯାତ୍ରୀ ସୁବିଧା ଏବଂ ଯୋଗାଯୋଗ ଭିତ୍ତିଭୂମିକୁ ସୁଦୃଢ଼ କରିବା ପାଇଁ ଏହି ପ୍ରତିନିଧିମଣ୍ଡଳୀଙ୍କ ପକ୍ଷରୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି।

ଭାଜପା ଏମ୍‌ପିମାନଙ୍କ ପକ୍ଷରୁ ଦାବି ରଖାଯାଇଛି, ଭୁବନେଶ୍ୱର ବିଜୁ ପଟ୍ଟନାୟକ ଅନ୍ତର୍ଜାତୀୟ ବିମାନବନ୍ଦରର ନୂତନ ଟର୍ମିନାଲ ଭବନ ନିର୍ମାଣ, ଝାରସୁଗୁଡ଼ା ବୀର ସୁରେନ୍ଦ୍ର ସାଏ ବିମାନବନ୍ଦରର ଦ୍ୱିତୀୟ ପର୍ଯ୍ୟାୟ ନବୀକରଣ, ପୁରୀରେ ନୂଆ ବିମାନବନ୍ଦର ପ୍ରତିଷ୍ଠା ସହ କଟକ ଚାର୍‌ବାଟିଆ ଏୟାରଫିଲ୍ଡକୁ ପୂର୍ଣ୍ଣାଙ୍ଗ ବେସାମରିକ ବିମାନବନ୍ଦରରେ ପରିଣତ କରାଯାଉ। ରାଉରକେଲା ଓ ଜୟପୁର ଏୟାରଷ୍ଟ୍ରିପ୍‌ର ସମ୍ପ୍ରସାରଣ ଏବଂ ବଲାଙ୍ଗୀର ଟୁଷୁରା ଏୟାରଷ୍ଟ୍ରିପର ନବୀକରଣ କରିବା ପାଇଁ ମନ୍ତ୍ରୀଙ୍କ ବ୍ୟକ୍ତିଗତ ହସ୍ତକ୍ଷେପ ଲୋଡ଼ିଛନ୍ତି। 'ଉଡାନ ଯୋଜନା' ସାଧାରଣ ଲୋକଙ୍କ ସ୍ୱପ୍ନ ଓ ଆକାଂକ୍ଷାକୁ ପୂରଣ କରିଥିବା ବେଳେ ଏହି ଯୋଜନାରେ ଢେଙ୍କାନାଳର ବିରାସାଲ, ସମ୍ବଲପୁରର ହୀରାକୁଦ, ଗଞ୍ଜାମର ରଙ୍ଗେଇଲୁଣ୍ଡା, ଜଗତ୍‌ସିଂହପୁରର ପାରାଦୀପ, କଳାହାଣ୍ଡିର ଉତ୍କେଲା, ଯାଜପୁରର କଳିଙ୍ଗନଗର, କେନ୍ଦୁଝରର ରାଇସୁଆଁ, ବରଗଡ଼ ଜିଲାର ପଦମପୁର ଓ ମୟୂରଭଞ୍ଜ ଜିଲାର ରାସଗୋବିନ୍ଦପୁର ଏବଂ ରାଇରୁଙ୍ଗପୁର ଏୟାରପୋର୍ଟ ସାମିଲ କରିବା ପାଇଁ ପଦକ୍ଷେପ ନେବାକୁ ସାଂସଦ ପ୍ରତିନିଧି ମଣ୍ଡଳ ଅନୁରୋଧ କରିଛନ୍ତି। ସେହିପରି ଭୁବନେଶ୍ୱର ବିଜୁ ପଟ୍ଟନାୟକ ବିମାନବନ୍ଦରରେ ବଢ଼ୁଥିବା ଏୟାର ଟ୍ରାଫିକ ଏବଂ ଘରୋଇ ଏବଂ ଅନ୍ତର୍ଜାତୀୟ ଯାତ୍ରୀଙ୍କ ସଂଖ୍ୟା ବୃଦ୍ଧି କାରଣରୁ ନୂଆ ଘରୋଇ ଟର୍ମିନାଲ ବିଲ୍ଡିଂ-୩ ପାଇଁ ମଞ୍ଜୁର ଦିଆଗଲେ ଏହି ସମସ୍ୟାର ସମାଧାନ ହୋଇପାରିବ। ଶିଳ୍ପ ସମୃଦ୍ଧ ସହର ଝାରସୁଗୁଡ଼ାରେ ଯାତ୍ରୀଙ୍କ ଯାତାୟାତ ପାଇଁ ବୀର ସୁରେନ୍ଦ୍ର ସାଏ ଏୟାରପୋର୍ଟ ଫେଜ୍-୨ର ନବୀକରଣ କାମ ନିତାନ୍ତ ଜରୁରୀ। ରାଜ୍ୟର ପ୍ରମୁଖ ଶିଳ୍ପ ଓ ବାଣିଜ୍ୟିକ କେନ୍ଦ୍ର ଅନୁଗୋଳ ତାଳଚେରର ଖଣିଜ ଅଞ୍ଚଳ, କଳିଙ୍ଗନଗରର ଇସ୍ପାତ କେନ୍ଦ୍ର ଏବଂ ଦେଶର ସର୍ବବୃହତ୍ ବନ୍ଦର ପାରାଦୀପ ନିକଟରେ ରହିଥିବା ବେଳେ ଭୁବନେଶ୍ୱର ଓ ଏହାର ଆଖପାଖ ଅଞ୍ଚଳରେ କ୍ୟାପିଟାଲ ରିଜିଅନ୍ ରିଂରୋଡ୍ କାମ ଚାଲୁଥିବା କାରଣରୁ ଏହି ପଦକ୍ଷେପ ଓଡ଼ିଶାର ଶିଳ୍ପ ବିକାଶରେ ସହାୟକ ହେବ। ପୁରୀରେ ରାଜ୍ୟ ସମେତ ଦେଶ ବାହାରୁ ଅନେକ ଲକ୍ଷ ପର୍ଯ୍ୟଟନ ଓ ତୀର୍ଥଯାତ୍ରୀଙ୍କ ଆଗମନ ହେଉଛି। ପୁରୀରେ ବିମାନବନ୍ଦର ପ୍ରତିଷ୍ଠା ହେଲେ ତୀର୍ଥଯାତ୍ରୀମାନଙ୍କୁ ସିଧାସଳଖ ଏବଂ ନିରନ୍ତର ବିମାନସେବା ମିଳିପାରିବ ବୋଲି ଧର୍ମେନ୍ଦ୍ର କହିଛନ୍ତି।


# Classified Everyday
0674-2580101, 9692975378




REAL ESTATE

SALE

4 BHK luxurious flat for sale at Unit-3, Kharavelanagar, back side of Ram Mandir, handover within 2 months. Please contact: 9438362399. D-2310

(A) Commercial plot, facing to NH Road, Nakhara to Niali NH 10000 sqft., 3 sides road, (B) Residential plot near Petal English Medium School 1250 sqft. with boundarywall at Brahmanjharilo, Cuttack, 11 Km. to BBSR. Personal plots, No builders. 7809525452. D-76401

50 ହଜାରରୁ 5 ଲକ୍ଷ ମଧ୍ୟରେ ଇନ୍‌ଭେଷ୍ଟମେଣ୍ଟ ପ୍ଲଟ୍, upto 1cr. Plots, Flats, 8917622925. D-2287

ଫୁଲନଖରା ନିକଟସ୍ଥ Sum Hospital-2 ଓ Grand Bazar ସମ୍ମୁଖରୁ ଅଳ୍ପ ଦୂରତାରେ ବାସୋପଯୋଗୀ ଘରବାରି SC/ Gen. ପ୍ଲଟ୍ କିଣନ୍ତୁ। 9658562429. D-76224


Scheduled Caste conversion boundary plot sale, Argul Station near IIT, 4000 sqft., 14,00,000/-. General 5000 sqft. plot, 30,00,000/-. Close to 40ft. pitchuroad- 9040074834. D-76225

Sum Hospital / Kalinga Studio Chowkରୁ 4 Km. ଦୂରରେ Gharabari, Yellow zone, boundary plot, Electricity ସହ କିଣନ୍ତୁ, immediate ଘର କରନ୍ତୁ - 9437581914. D-76223

1BHK ready to move in flats available in Hi-Tech Brundaban Project near Batamangala Temple, Puri Town. 9439368599, 8249877810. D-2318

Gharabari converted plots available near Hitech Square, Sundarpada, Bhubaneswar. For more details contact- 9938015048. D-2317

Official space & shops (BMC & RERA approved) for sale in a prime location of BBSR. For details please contact: 7605932509. D-2319




AIIMS- Shop for To-Let/ Lease/ Sale- Vipul Plaza Market Complex, AIIMS Main Gate, Bhubaneswar, Lift DG Security facility Commercial Shop on Rent/ Sale- 9861129574, 8586928386, 9818226704. D-2295

ପାଠକଙ୍କ ପାଇଁ ସୂଚନା– କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।




Newly open health benefits spa by experience lady therapist. 7750040475. D-76179

AFFIDAVIT

By virtue of an affidavit sworn before Executive Magistrate, Sanakhemundi, Ganjam dated 18.12.2024, I, Tukuna Das, Address: Village- Dharmaraypur, P.O.-P.Ramachandrapur, P.S.- Pattapur, Dist.- Ganjam, Odisha- 761013 declare that I have changed my daughter's name from Adyasa Das to Priyadarshini Das. Henceforth, she shall be known as Priyadarshini Das for all purposes. Tukuna Das D-2316

I, Keerthi Arland, W/o Anand Raymond Arland resident of At- House No.66, Essen Residency, Raghunathpur, Opp. Lalchand Jewellers, Patia, Bhubaneswar- 751024, Dist.- Khordha, Odisha declare by this affidavit CF.No.84, dtd.03.12.2024 that now onwards I shall be known as Keerthishree Arland for all future purposes. D-2326

I, Pradeep Kumar Patnaik, S/o Late Krushnamohan Pattanaik, resident of Mohanty Sahi, P.O./P.S.- Banapur, Dist.- Khordha, Pin - 752031, Odisha declare by this affidavit No.11 dtd. 18.12.2024 that now onwards I shall be known as **PRADEEP KUMAR PATTANAIK** for all future purposes. D-2321

By virtue of an affidavit sworn before Notary Public, Dtd. 18.12.2024, I Chakradhar Birua, Address: At/P.O.- Jamda, P.S.- Jamda, Dist.- Mayurbhanj, Pin- 757045 declare that I have changed my son's name from Dibashmohanrasairsri Birua to Debasman Birua. Henceforth, he shall be known as Debasman Birua for all purposes. Chakradhar Birua. D-2322

By virtue of Affidavit No. CA 100, Dated-18.12.2024, sworn before the Executive Magistrate, Bhubaneswar, I MANAMAYEE DAS, wife of Rakesh Kumar Das, of Village- Gadajit, P.O.- Dompara, P.S.- Banki, Dist.- Cuttack, declare that I want to change my name in Aadhaar Card from MANAMAYEE DAS to MANMAYEE PARIJA as both names are of same person and henceforth I will be known as MANMAYEE PARIJA for all future purpose. D-2323

I, Ananda R Arland, S/o Late Alfred Rock Arland, resident of At- House No.66, Essen Residency, Raghunathpur, Opp. Lalchand Jewellers, Patia, Bhubaneswar- 751024, Odisha declare by this affidavit No.85, dtd.03.12.2024 that now onwards I shall be known as Anand Raymond Arland for all future purposes. D-2325

By virtue of an affidavit sworn before Executive Magistrate, Anandapur dated 6.12.2024 I, Aparna Ganguli, At - Fakirpur, Anandapur of Keonjhar District declare that my name mentioned in the new Aadhaar card, Bank Pass Book and pension paper is same and one person as mentioned in the previous Aadhaar card as CHARULATA GANGULI. Henceforth, I shall be known as APARNA GANGULI for all purpose. D-2327




42 Mouza, Cuttack
ଆଜି ତୋର ଜନ୍ମଦିନରେ ଶ୍ରୀଜଗନ୍ନାଥଙ୍କ ପାଖରେ ଏତିକି ପ୍ରାର୍ଥନା ତୋର ଚଲାପଥ କୁସୁମିତ କରନ୍ତୁ ଓ ତୋତେ ଦୀର୍ଘାୟୁ କରନ୍ତୁ।
ଶୁଭେଚ୍ଛା ସହ ତୋର ବାପା, ବୋଉ, ପାପା, ମାମା, ଲିପୁ ପାପା, ମାନି ମାମା, ଛୁଆ ପାପା ତୋର ସାନ ଭଉଣୀ ମାମୁନି, ସାନ ଭାଇ ପାପୁନି ଓ ଅଜା, ଆଈ।
ଧ-୨୩୨୪

# ୪ ଦିନରେ ନିବେଶକ ହରାଇଲେ ୧୦ଲକ୍ଷ କୋଟି

■ସେନ୍‌ସେକ୍ସରେ ୯୬୪ ପଏଣ୍ଟ ହ୍ରାସ

■୨୪,୦୦୦ ଅଙ୍କ ତଳେ ନିଫ୍ଟି



ଭୁବନେଶ୍ୱର,୧୯।୧୨

ଅନ୍ତଃରାଷ୍ଟ୍ରୀୟ ଘଟଣାବଳୀ ଏବଂ ୟୁଏସ୍ ଫେଡେରାଲର ସୁଧହାର ହ୍ରାସର ପ୍ରଭାବ ସିଧାସଳଖ ଭାରତୀୟ ଷ୍ଟକ୍ ମାର୍କେଟ କାରବାରରେ ଦେଖିବାକୁ ମିଳୁଛି। ଏପରିକି କ୍ରମାଗତ ଭାବେ ଘରୋଇ ଶେୟାର ବଜାର କାରବାରରେ ହ୍ରାସ ଘଟୁଛି। ଚଳିତ ସପ୍ତାହର ଶେଷ ୪ଟି କାର୍ଯ୍ୟଦିବସର ଫଳାଫଳ ଅନୁଯାୟୀ ଶେୟାର ବଜାରର ନିବେଶକମାନେ ପ୍ରାୟ ୧୦ ଲକ୍ଷ କୋଟି ଟଙ୍କା( ୯,୬୫,୯୩୫.୬୬କୋଟି)ର ନିବେଶ ହରାଇଛନ୍ତି। ଫଳରେ ପୁଞ୍ଜି ବଜାରର ବଜାର ପୁଞ୍ଜି ୪,୪୯,୭୬,୪୦୨.୬୩ କୋଟି ( ୫.୨୯ ଟ୍ରିଲିୟନ ଡଲାର) ରେ ପହଞ୍ଚିଛି।

ଉଲ୍ଲେଖଯୋଗ୍ୟ, ଚଳିତ ସପ୍ତାହର ସୋମବାରରୁ ଗୁରୁବାର କାର୍ଯ୍ୟଦିବସ ମଧ୍ୟରେ ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ (ବିଏସ୍‌ଇ) ଏବଂ ନ୍ୟାଶନାଲ ଷ୍ଟକ୍ ଏକ୍ସଚେଞ୍ଜ (ଏନ୍‌ଏସ୍‌ଇ)ର କାରବାରରେ ପରିବର୍ତ୍ତନ ହେଉଛି। ଏପିରିକି ଏହି ସମୟ ମଧ୍ୟ ମଧ୍ୟରେ ବିଏସ୍‌ଇ ସେନ୍‌ସେକ୍ସର ମୋଟ ୨୯୧୫.୦୭ ପଏଣ୍ଟ ହ୍ରାସ ଘଟିଛି।

ସେହିଭଳି ଚଳିତ ସପ୍ତାହର ଗୁରୁବାର କାର୍ଯ୍ୟଦିବସ ଶେଷ ସୁଦ୍ଧା ୩୦ ଶେୟାର ବିଶିଷ୍ଟ ବିଏସ୍‌ଇ ସେନ୍‌ସେକ୍ସର କାରବାର ୧.୨୦% ହ୍ରାସ ଘଟି ୭୯,୨୧୮.୦୫ ଅଙ୍କରେ ରହିଥିଲାବେଳେ ନିଫ୍ଟିର କାରବାର ୧.୦୨% ଘଟି ୨୪,୦୦୦ ଅଙ୍କ ତଳେ (୨୩,୯୫୧.୭୦ ଅଙ୍କ) ରହିଛି। ସେହିପରି ବିଏସ୍‌ଇ ସେନ୍‌ସେକ୍ସର ମିଡକ୍ୟାପ ଏବଂ ସ୍ମଲକ୍ୟାପର କାରବାରରେ ମଧ୍ୟ ପରିବର୍ତ୍ତନ ହୋଇଛି। ଏପରିକି ନିଫ୍ଟି ମିଡ୍‌କ୍ୟାପ ୧୬୭ ପଏଣ୍ଟ ହ୍ରାସ ଘଟି ୫୮,୫୫୬.୨୫ ଅଙ୍କରେ ଥିଲାବେଳେ ସ୍ମଲକ୍ୟାପ ୦.୪୨% ହ୍ରାସ ଘଟି ୯୧୭୮.୪୫ ଅଙ୍କରେ ପହଞ୍ଚିଛି।

## ଶେୟାର ବଜାର କାରବାରରେ ହ୍ରାସ

କ୍ରମାଗତ ଚତୁର୍ଥ ଦିନ ଲାଗି ଘରୋଇ ଶେୟାର ବଜାର କାରବାରରେ ହ୍ରାସ ଘଟିଛି। ଏପରିକି ଚଳିତ ସପ୍ତାହର ୪ର୍ଥ କାର୍ଯ୍ୟଦିବସର ଫଳାଫଳ ଅନୁଯାୟୀ ଶେୟାର ବଜାରର ନିବେଶକମାନେ ଲକ୍ଷାଧିକ ଟଙ୍କାର ନିବେଶ ହରାଇଛନ୍ତି। ବିଶେଷ କରି ଗୁରୁବାର ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ (ବିଏସ୍‌ଇ)ର ସେନ୍‌ସେକ୍ସ ୯୬୪ (୯୬୪.୧୫) ପଏଣ୍ଟ କମି ୭୯,୨୧୮ (୭୯,୨୧୮,୦୫) ଅଙ୍କରେ କାରବାର ବନ୍ଦ ହୋଇଥିଲା। ସେହିଭଳି ନ୍ୟାଶନାଲ ଷ୍ଟକ୍ ଏକ୍ସଚେଞ୍ଜ (ଏନ୍‌ଏସ୍‌ଇ)ର ନିଫ୍ଟି-୫୦ରେ ମଧ୍ୟ ୨୪୭ (୨୪୭.୧୫) ପଏଣ୍ଟ ହ୍ରାସ ଘଟି ୨୩,୯୫୨ (୨୩,୯୫୧.୭୦) ଅଙ୍କରେ କାରବାର ଶେଷ ହୋଇଥିଲା। ଅପରପକ୍ଷରେ ବିଏସ୍‌ଇ ସେନ୍‌ସେକ୍ସର ମିଡକ୍ୟାପ୍ ଓ ସ୍ମଲକ୍ୟାପ୍ ଶେୟାରଗୁଡ଼ିକର ଇଣ୍ଡେକ୍ସ ସହିତ ଏନ୍‌ଏସ୍‌ଇ ନିଫ୍ଟି ମିଡକ୍ୟାପ,ସ୍ମଲକ୍ୟାପ ଏବଂ ବ୍ୟାଙ୍କ ଶେୟାରଗୁଡ଼ିକର କାରବାରରେ ପରିବର୍ତ୍ତନ ହୋଇଛି।

ଅପରପକ୍ଷରେ ନିଫ୍ଟି ବ୍ୟାଙ୍କର କାରବାର ୧.୦୮% ହ୍ରାସ ଘଟି ୫୧,୫୭୫.୭୦ ଅଙ୍କରେ ରହିଛି। ଏପରିକି ସେକ୍ଟରାଲ କ୍ଷେତ୍ରରେ ମଧ୍ୟ ଉଭୟ ବିଏସ୍‌ଇ ସେନ୍‌ସେକ୍ସ ଓ ନିଫ୍ଟିର ନିବେଶକମାନେ ବଡ଼ ଧରଣର କ୍ଷତି ସହିଛନ୍ତି।

## ଆଇ-ହବ୍ ସହ ଆଇସିସିର ବୁଝାମଣା



ନୂଆଦିଲ୍ଲୀ,୧୯।୧୨ (ଅଭୟ ଦାଶ)

ଇଣ୍ଡିଆନ୍ ଚାମ୍ବର ଅଫ୍ କମର୍ସ (ଆଇସିସି) ଏବଂ ଗୁଜରାଟ ଷ୍ଟୁଡେଣ୍ଟ ଷ୍ଟାର୍ଟଅପ୍ ଆଣ୍ଡ ଇନୋଭେଶନ ହବ୍ ବା ଆଇ-ହବ୍ ମଧ୍ୟରେ ଏକ ଦ୍ୱିପାକ୍ଷିକ ବୁଝାମଣା ନିକଟରେ ହୋଇଯାଇଛି। ଏପରିକି ଆଇସିସିର ବର୍ଷବ୍ୟାପୀ ଶତବାର୍ଷିକୀ ଉତ୍ସବ ପାଳନ ଉପଲକ୍ଷେ ଗୁଜରାଟ ଷ୍ଟୁଡେଣ୍ଟ ଷ୍ଟାର୍ଟଅପ୍ ଆଣ୍ଡ ଇନୋଭେଶନ ହବ୍ (ଆଇ-ହବ୍) ସହ ଏକ ଲେଟର ଅଫ୍ ଇଣ୍ଟେଟ (ଏଲ୍‌ଓଆଇ) ସ୍ୱାକ୍ଷର କରାଯାଇଛି। ଏପରିକି ଏହା ସ୍ଥାନୀୟ ଅଞ୍ଚଳରେ ଶିଳ୍ପ, ଶିକ୍ଷା ଏବଂ ଷ୍ଟାର୍ଟଅପ୍ ଅଂଶୀଦାରମାନଙ୍କୁ ଏକତ୍ରିତ କରିବା ସହ ଷ୍ଟାର୍ଟଅପ୍ ଏବଂ ଇନୋଭେଶନ ଇକୋସିଷ୍ଟମକୁ ମଧ୍ୟ ପ୍ରୋତ୍ସାହନ ଦେବ। ସେହିଭଳି ଏହି ବୁଝାମଣା ପତ୍ର(ଚୁକ୍ତି)ରେ ଆଇସିସି ଶିଳ୍ପ ସଦସ୍ୟମାନଙ୍କୁ ନେଇ ଗଠିତ ଏକ ମେଣ୍ଟର୍ ନେଟ୍‌ୱର୍କ ମାଧ୍ୟମରେ ଶିଳ୍ପ ଆହ୍ୱାନର ମୁକାବିଲା କରିବା ଏବଂ ଉଦ୍ୟୋଗକୁ ସମର୍ଥନ କରିବା ସହ ରଣନୈତିକ ମାର୍ଗଦର୍ଶନ ଓ ଭାଗୀଦାରି ପାଇଁ ଷ୍ଟାର୍ଟଅପଗୁଡ଼ିକୁ ଶିଳ୍ପ ସହିତ ସଂଯୋଗ କରିବା ଉପରେ ଗୁରୁତ୍ୱ ଦିଆଯାଇଛି। ଏପରିକି ଆଇ-ହବ୍‌ର ସିଇଓ ହିରଣ୍ମୟ ମହନ୍ତ ଏବଂ ଆଇସିସିର ସଭାପତି ତଥା ଜିନ୍ଦଲ ଷ୍ଟେନ୍‌ଲେସ୍‌ର ଏମ୍‌ଡି ଅଭ୍ୟୁଦୟ ଜିନ୍ଦଲ ଏହି ଏଲ୍‌ଓଆଇରେ ସ୍ୱାକ୍ଷର କରିଛନ୍ତି।

## ଖ୍ରୀଷ୍ଟମାସ୍ ଷ୍ଟୋରରେ ଆକର୍ଷଣୀୟ ରିହାତି

ନୂଆଦିଲ୍ଲୀ,୧୯।୧୨

ପ୍ରତି ବର୍ଷ ଭଳି ଚଳିତ ବର୍ଷ ଖ୍ରୀଷ୍ଟମାସ ଅବସରରେ ଆମାଜନ୍.ଇନ୍‌ର ବହୁ ପ୍ରତୀକ୍ଷିତ 'ଖ୍ରୀଷ୍ଟମାସ ଷ୍ଟୋର'ର ଶୁଭାରମ୍ଭ ନିକଟରେ ହୋଇଯାଇଛି। ସ୍ୱତନ୍ତ୍ର ଭାବେ ପ୍ରସ୍ତୁତ ଆମାଜନ୍.ଇନ୍‌ର ଖ୍ରୀଷ୍ଟମାସ ଷ୍ଟୋରରେ ଆକର୍ଷଣୀୟ ରିହାତି ସାମିଲ ରହିଛି। ଏହି ରିହାତି ଅଫର ୨୦୨୪ ଡିସେମ୍ବର ୨୫ପର୍ଯ୍ୟନ୍ତ ଉପଲବ୍ଧ। ସେହିଭଳି ଏହି ଷ୍ଟୋରରେ ଖ୍ରୀଷ୍ଟମାସ ସଜ୍ଜା, ଫେଷ୍ଟିଭାଲ୍ ଟ୍ରିଟ୍, ବିୟୁଟି ପ୍ରଡକ୍ଟସ, ଷ୍ଟାଇଲିଶ୍ ହ୍ୟାଣ୍ଡବ୍ୟାଗ୍, ସ୍ମାର୍ଟ ଟେକ୍ ଆକ୍ସେସରିଜ୍, ଖ୍ରୀଷ୍ଟମାସ ପୋଷାକ ସମେତ ବିଭିନ୍ନ ବର୍ଗର ଲକ୍ଷ ଲକ୍ଷ ଉତ୍ପାଦ ଉପଲବ୍ଧ ରହିଛି। ଗ୍ରାହକମାନେ ଏହି ଷ୍ଟୋର ଜରିଆରେ ସାମ୍‌ସଙ୍ଗ୍, ୱାନ୍‌ପ୍ଲସ୍, ଡୁରାସେଲ, ଫସିଲ୍, ଜିଭା, ଆମାଜନ ଆଲେକ୍ସା, ଫରେଷ୍ଟ ଏସେନସିଆଲ, ମିଲ୍‌ଟନ, ଲାଭି, ସୁଗାର, ସାଓମି, ଆଲେନ୍ ସୋଲି, ଫରଏଭର୨୧ ଭଳି ଅନେକ ବ୍ରାଣ୍ଡ ସହ ବିଭିନ୍ନ ବର୍ଗର ବିଶେଷ ଡିଲ୍ ଏବଂ ଅଫରର ସୁବିଧା ଲାଭ କରିପାରିବେ। ପ୍ଲାଟ୍‌ଫର୍ମର ପ୍ରାଇମ ମେମ୍ବରମାନେ ଆମାଜନ କୋ-ବ୍ରାଣ୍ଡେଡ୍ କ୍ରେଡିଟ୍ କାର୍ଡ ବ୍ୟବହାରକରି ସମସ୍ତ କ୍ରୟ ଉପରେ ଅସୀମିତ ୫% କ୍ୟାଶ୍‌ବ୍ୟାକ୍ ପାଇପାରିବେ ଏବଂ ଅଣ-ପ୍ରାଇମ୍ ମେମ୍ବରଙ୍କୁ ୩% କ୍ୟାଶ୍‌ବ୍ୟାକ୍ ମିଳିବ। ଅପରପକ୍ଷରେ ପ୍ରାଇମ୍ ମେମ୍ବରମାନେ ପ୍ରାଇମ ଡେ ସମେତ ସ୍ୱତନ୍ତ୍ର ଶପିଂ ଇଭେଣ୍ଟର ପ୍ରାରମ୍ଭିକ ଆକ୍‌ସେସ୍ ମଧ୍ୟ ଉପଭୋଗ କରିପାରିବେ। ଗ୍ରାହକମାନେ ଖ୍ରୀଷ୍ଟମାସ ଡେକର, ଉପହାର, ଫ୍ୟାଶନ, ସୌନ୍ଦର୍ଯ୍ୟ, ଦୈନନ୍ଦିନ ଆବଶ୍ୟକତା ଏବଂ ଇଲେକ୍ଟ୍ରୋନିକ୍ସ ଠାରୁ ଆରମ୍ଭକରି ବିଭିନ୍ନ ବର୍ଗର ସାମଗ୍ରୀ ଉପରେ ୨୫% ରୁ ୭୦% ପର୍ଯ୍ୟନ୍ତ ରିହାତି ସହିତ ଅବିଶ୍ୱସନୀୟ ସଞ୍ଚୟ ସୁବିଧା ପାଇପାରିବେ। ଏଠାରେ ଉପଲବ୍ଧ ରହିଥିବା ଉପହାରଗୁଡ଼ିକ ମଧ୍ୟରେ ଅର୍ବାନ୍ ଭେଷ୍ଟିଭିଟିସେ୍ ଏଫ୍‌ଟି ଖ୍ରୀଷ୍ଟମାସ ଟ୍ରି, ଜାଲ୍‌ଓ ଆର୍‌ଜିବି ୪୫ମିଟର ୧୬୦ଏଲ୍‌ଇଡି ମଲ୍ଟିକଲର ଷ୍ଟ୍ରିଂ ଲାଇଟ୍, ଟ୍ରେ ସହିତ ପିଓର ସୋର୍ସ ଇଣ୍ଡିଆ ଗ୍ଲାସ୍ ଟିଲାଇଟ୍ କ୍ୟାଣ୍ଡେଲ ହୋଲ୍ଡର, ଇ-କ୍ରାଫ୍ଟଇଣ୍ଡିଆ ରେଡ୍ ଗ୍ରୀନ୍ ଫ୍ଲିପ୍ ସିକ୍ୱିନ୍ ଫ୍ୟାନ୍ସି ମେରି ଖ୍ରୀଷ୍ଟମାସ ହ୍ୟାଟ୍, ପାନ୍ଧଲ କେକ୍ ସପ୍ ମାଟନଚେରି ସ୍ୱାଇସ୍ ମାଚିଓରଡ୍ ପ୍ଲମ୍ କେକ୍ ଇତ୍ୟାଦି ସାମିଲ ରହିଛି।

## ଭାରତ ଇନୋଭେଶନ ଗ୍ଲୋବାଲର ଶୁଭାରମ୍ଭ



ନୂଆଦିଲ୍ଲୀ,୧୯।୧୨

ନ୍ୟାଶନାଲ ସ୍କିଲ୍ ଡେଭ୍‌ଲପମେଣ୍ଟ କର୍ପୋରେଶନ ଇଣ୍ଟରନ୍ୟାଶନାଲ (ଏନ୍‌ଏସ୍‌ଡିସିଆଇ) ଏବଂ ଫିଜିକ୍ସୱାଲା (ପିଡବ୍ଲ୍ୟୁ)ର ମିଳିତ ସହଯୋଗରେ 'ଭାରତ ଇନୋଭେଶନ ଗ୍ଲୋବାଲ ପ୍ରାଇଭେଟ୍ ଲିମିଟେଡ୍ ବା ବିଆଇଜି (ବିଗ୍) ନାମକ ଏକ ନୂତନ ଅଭିଯାନର ଶୁଭାରମ୍ଭ କରାଯାଇଛି। ଏହି ଅଭିଯାନ ଭାରତକୁ ଏକ ଅନ୍ତର୍ଜାତୀୟ ଶିକ୍ଷା କେନ୍ଦ୍ରରେ ପରିଣତ କରିବାର ଲକ୍ଷ୍ୟ ପୂରଣ କରିବା ଦିଗରେ ରହିଥିବା ନୂତନ ପଦକ୍ଷେପକୁ ଚିହ୍ନିତ କରୁଛି। ସେହିଭଳି ଏହା ସୁବିଧାଜନକ, ଟେକ୍ନୋଲୋଜି ଚାଳିତ ଶିକ୍ଷା ମାର୍ଗଗୁଡିକ ମାଧ୍ୟମରେ ଶିକ୍ଷାକୁ କର୍ମବଳର ଚାହିଦା ସହ ସଂଯୋଜିତ କରିବା ସହିତ ଶିକ୍ଷାନୁଷ୍ଠାନ ଓ ନିଯୁକ୍ତି କ୍ଷମତା ମଧ୍ୟରେ ରହିଥିବା ଅନ୍ତରକୁ ଦୂରକରିବା ଉପରେ ଗୁରୁତ୍ୱ ଦେଉଛି। ବିଗ୍ ବିଦ୍ୟାଳୟଗୁଡ଼ିକରେ ଏକାଦଶ ଓ ଦ୍ୱାଦଶ ଶ୍ରେଣୀରୁ ଦକ୍ଷତା ତାଲିମର ଔପଚାରିକତାରୁ ଆରମ୍ଭକରି ଛାତ୍ରୀଛାତ୍ରମାନଙ୍କୁ ପ୍ରାରମ୍ଭିକ ପର୍ଯ୍ୟାୟରେ ଶିଳ୍ପ ସମ୍ବନ୍ଧିତ କ୍ୟାରିୟର ପାଇଁ ପ୍ରସ୍ତୁତ କରିବାର ଲକ୍ଷ୍ୟ ସହିତ ଏକ ବିବିଧ ବର୍ଗକୁ ଧ୍ୟାନ ଦେଉଛି। ଏ ସମ୍ପର୍କରେ ଏନ୍‌ଏସ୍‌ଡିସିର ସିଇଓ ଏବଂ ଏନ୍‌ଏସ୍‌ଡିସି ଇଣ୍ଟରନ୍ୟାଶନାଲର ଏମ୍‌ଡି ବେଦ୍ ମଣି ତିୱାରୀ କହିଛନ୍ତି, ଫିଜିକ୍ସୱାଲା ସହିତ ଆମର ସହଭାଗିତା ହୋଇଛି। ଏହି ସହଭାଗିତା ମାଧ୍ୟମରେ ଆମେ ଶିକ୍ଷା ଓ ଶିଳ୍ପ ଆବଶ୍ୟକତା ମଧ୍ୟରେ ରହିଥିବା ଅନ୍ତରକୁ ଦୂରକରିବା ଦିଗରେ ଏକ ପରିବର୍ତ୍ତନଶୀଳ ପଦକ୍ଷେପ ଗ୍ରହଣ କରିଛୁ। ଏପରିକି ଭାରତ ଇନୋଭେଶନ ଗ୍ଲୋବାଲ ବା ବିଗ୍ ଅଭିଯାନ ଭବିଷ୍ୟତର ନିଯୁକ୍ତି ବଜାର ପାଇଁ ଆବଶ୍ୟକ ଦକ୍ଷତା ସହ ସୁସଜ୍ଜିତ କରି ଅନେକ ଲକ୍ଷ ଶିକ୍ଷାର୍ଥୀଙ୍କୁ ସଶକ୍ତ କରିବ। ମିଳିତ ଭାବେ ଆମେ ଅଭିନବ ଶିକ୍ଷା ମାର୍ଗଗୁଡିକ ପାଇଁ ପଥ ପ୍ରସ୍ତୁତ କରିବୁ। ସେହିଭଳି ଫିଜିକ୍ସୱାଲାର ପ୍ରତିଷ୍ଠାତା ତଥା ସିଇଓ ଅଲଖ ପାଣ୍ଡେ କହିଛନ୍ତି, ଆମେ ଶିକ୍ଷାର୍ଥୀମାନଙ୍କୁ ଦକ୍ଷତା ପ୍ରଦାନକରି ସହଯୋଗ କରିବା ପାଇଁ ଲକ୍ଷ୍ୟ ରଖିଛୁ। ଯାହା ସେମାନଙ୍କୁ ସଦା ବିକଶିତ ଦୁନିଆରେ ସଫଳ ହେବା ପାଇଁ ପ୍ରସ୍ତୁତ କରିବ। ବିଗ୍ ଅଭିଯାନ ଜରିଆରେ ଏନ୍‌ଏସ୍‌ଡିସିଆଇ ସହ ଆମର ସହଭାଗିତା ଶିକ୍ଷା କ୍ଷେତ୍ରକୁ ଅଧିକ ସମାବେଶୀ କରିବା ଦିଗରେ ଏକ ବଡ ପଦକ୍ଷେପ ହେବ।

## ଷ୍ଟୋଭକ୍ରାଫ୍ଟ ଆଇକିଆର ଗ୍ଲୋବାଲ ସପ୍ଲାଇ ପାର୍ଟନର

ନୂଆଦିଲ୍ଲୀ,୧୯।୧୨

ଦେଶର ପ୍ରମୁଖ ଘରୋଇ ସଂସ୍ଥା ତଥା ଆଇକିଆର ବିଶ୍ୱ ଯୋଗାଣ ସହଯୋଗୀ (ଗ୍ଲୋବାଲ ସପ୍ଲାଇ ପାର୍ଟନର) ଭାବେ ଷ୍ଟୋଭକ୍ରାଫ୍ଟ ଲିମିଟେଡ୍‌କୁ ମନୋନୀତ କରାଯାଇଛି। ଏପରିକି ଏହି ଭାଗୀଦାରିର ଏକ ଅଂଶ ଭାବେ ଷ୍ଟୋଭକ୍ରାଫ୍ଟ ୨୦୨୬ରୁ ଆଇକିଆର ଗ୍ଲୋବାଲ ନେଟ୍‌ୱର୍କ ଅଫ୍ ଷ୍ଟୋର ମାଧ୍ୟମରେ ବିକ୍ରିହେବାକୁ ଥିବା ରନ୍ଧନ ସାମଗ୍ରୀଗୁଡିକର ଏକ ସ୍ୱତନ୍ତ୍ର ଶୃଙ୍ଖଳା ବିକଶିତ କରିବ। ସେହିଭଳି ଏହି ଯୋଗାଣ ଭାଗୀଦାରି ପାଇଁ ଷ୍ଟୋଭକ୍ରାଫ୍ଟ ଏହାର ହାରୋହଲ୍ଲୀ କ୍ୟାମ୍ପସରେ ୧,୮୦,୦୦୦ ବର୍ଗଫୁଟର ଏକ ଅତ୍ୟାଧୁନିକ ଉତ୍ପାଦନ କାରଖାନା ସ୍ଥାପନ କରୁଛି। ଏହି ସୁବିଧା ଆଇକିଇର ବିଶ୍ୱସ୍ତରୀୟ ମାନଦଣ୍ଡ ପୂରଣ ସହ ସର୍ବୋତ୍ତମ ଉତ୍ପାଦନ ଅଭ୍ୟାସ ଏବଂ ଉନ୍ନତ ଯୋଗାଣ ଶୃଙ୍ଖଳା ପ୍ରକ୍ରିୟାକୁ ସମନ୍ୱିତ କରିବ।ଏ ସମ୍ପର୍କରେ ଷ୍ଟୋଭକ୍ରାଫ୍ଟର ଏମ୍‌ଡି ରାଜେନ୍ଦ୍ର ଗାନ୍ଧୀ କହିଛନ୍ତି, ଆଇକିଆ ସହ ଭାଗୀଦାରି ଷ୍ଟୋଭକ୍ରାଫ୍ଟର ଅଭିବୃଦ୍ଧି ଯାତ୍ରାରେ ଏକ ଗୁରୁତ୍ୱପୂର୍ଣ୍ଣ ମାଇଲଖୁଣ୍ଟ ପ୍ରତିନିଧିତ୍ୱ କରୁଛି, ଯାହା ଏହାର ବିଶ୍ୱସ୍ତରୀୟ ପାଦ ବିସ୍ତାର କରିବା ଏବଂ ଅନ୍ତର୍ଜାତୀୟ ବଜାରରେ ଆମର ସ୍ଥିତିକୁ ସୁଦୃଢ଼ କରିବା ପାଇଁ ଆମର ରଣନୈତିକ ଲକ୍ଷ୍ୟ ସହିତ ଯୋଡ଼ିହୋଇଛି। ଘରୋଇ ବଜାରରେ ଏହା ପ୍ରସିଦ୍ଧ କବୁତ ବ୍ରାଣ୍ଡ ଅଧୀନରେ ଉତ୍ପାଦ ବିକ୍ରି କରିଥାଏ। ଯାହା ବର୍ତ୍ତମାନ ଭାରତୀୟ ରୋଷେଇ ଘରେ ଘରେ ପରିଚିତ ଏବଂ ଦେଶବ୍ୟାପୀ ୧,୨୫,୦୦୦ରୁ ଅଧିକ ରିଟେଲ ଷ୍ଟୋର ଓ ୨୦୦ ସ୍ୱତନ୍ତ୍ର ଆଉଟଲେଟ ଏବଂ ସମସ୍ତ ପ୍ରମୁଖ ଇ-କମର୍ସ ପ୍ଲାଟ୍‌ଫର୍ମରେ ଉପଲବ୍ଧ।

## ଖେଳ ଖବର

## ସିଙ୍ଗ୍‌ଟୋ ବହିଷ୍କୃତ

ହାଇଦ୍ରାବାଦ, ୧୯।୧୨ (ପି.ଟି.): ଇଣ୍ଡିଆନ ସୁପର ଲିଗ୍ (ଆଇଏସ୍ଏଲ୍) ସିଜନରେ ହାଇଦ୍ରାବାଦ୍ ଏଫ୍‌ସିର ଖରାପ ପ୍ରଦର୍ଶନ ପାଇଁ ଦଳ ଏହାର ମୁଖ୍ୟ କୋଚ୍ ଥଙ୍ଗବୋଇ ସିଙ୍ଗଟୋଙ୍କୁ ତାଙ୍କ ପଦବୀରୁ ବହିଷ୍କୃତ କରିଛି। ହାଇଦ୍ରାବାଦ ଏଫ୍‌ସି ବର୍ତ୍ତମାନ ସୁଦ୍ଧା ୧୧ଟି ମ୍ୟାଚ ଖେଳି ଦୁଇ ବିଜୟ ଓ ଗୋଟିଏ ଡ୍ର ସହ ପଏଣ୍ଟ ଟେବୁଲର ଦ୍ୱାଦଶ ସ୍ଥାନରେ ରହିଛି। ସିଙ୍ଗ୍‌ଟୋ ୫ବର୍ଷ ଧରି କ୍ଲବ ସହିତ ସଂଶ୍ଳିଷ୍ଟ ରହିଆସିଥିଲେ। ୨୦୨୦ରେ ସେ କ୍ଲବ ସହିତ ଟେକ୍‌ନିକାଲ ଡାଇରେକ୍ଟର (ୟୁଥ) ଓ ସହକାରୀ କୋଚ୍ ଭାବେ ଯୋଗଦେଇଥିଲେ। ୨୦୨୩ ଜୁଲାଇରେ ସେ ଦଳର ମୁଖ୍ୟକୋଚ୍ ଭାବେ ନିଯୁକ୍ତି ପାଇଥିଲେ। ସିଙ୍ଗ୍‌ଟୋଙ୍କ ସ୍ଥାନରେ ସହକାରୀ କୋଚ୍ ଶମିଲ ଚେମ୍ବାକାଥ କାମଚଳା ମୁଖ୍ୟ କୋଚ୍ ଭାବେ ଦାୟିତ୍ୱ ତୁଲାଇବେ।

## ବିସିସିଆଇର ଜରୁରୀ ଆପେକ୍ସ କାଉନ୍‌ସିଲ ବୈଠକ

ନୂଆଦିଲ୍ଲୀ, ୧୯।୧୨(ପି.ଟି.)

ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ)ର ଆପେକ୍ସ କାଉନ୍‌ସିଲ ବୈଠକ ଶୁକ୍ରବାର ବସିବ। ଖାଲିପଡ଼ିଥିବା ଦୁଇ ସମ୍ପାଦକ ଓ କୋଷାଧ୍ୟକ୍ଷ ପଦବୀ ପାଇଁ ହେବାକୁଥିବା ନିର୍ବାଚନ ଲାଗି ପୂର୍ବତନ ମୁଖ୍ୟ ନିର୍ବାଚନ କମିଶନର ଆଚଲ କୁମାର ଜ୍ୟୋତିଙ୍କୁ ନିର୍ବାଚନ ଅଧିକାରୀ ଭାବେ ନିଯୁକ୍ତି ଦିଆଯିବ। ଏହି ଦୁଇଟି ପଦବୀରେ ଯଥାକ୍ରମେ ଜୟ ଶାହା ଓ ଆଶିଷ ଶେଲାର କାର୍ଯ୍ୟ କରୁଥିଲେ। ଶାହା ଡିସେମ୍ବର ୧ରେ ଆଇସିସି ଚେୟାରମ୍ୟାନ ଭାବେ ଦାୟିତ୍ୱ ଗ୍ରହଣ କରିଥିବା ବେଳେ ଶେଲାର ନୂଆ ମହାରାଷ୍ଟ୍ର ସରକାରରେ ଜଣେ କ୍ୟାବିନେଟ ମନ୍ତ୍ରୀ ହୋଇଛନ୍ତି। ବୋର୍ଡରୁ ଯଦି କୌଣସି ନିର୍ବାଚିତ କର୍ମକର୍ତ୍ତା ଇସ୍ତଫା ପ୍ରଦାନ କରନ୍ତି ତେବେ ଏହାର ୪୫ ଦିନ ମଧ୍ୟରେ ସ୍ୱତନ୍ତ୍ର ସାଧାରଣ ବୈଠକ ଡକାଇ ଉତ୍ତରାଧିକାରୀ ବାଛିବାକୁ ହୋଇଥାଏ। ସମ୍ବିଧାନ ଅନୁସାରେ ନିର୍ବାଚନର ଅତିକମ୍‌ରେ ୪ ସପ୍ତାହ ପୂର୍ବରୁ ବିସିସିଆଇକୁ ଜଣେ ନିର୍ବାଚନ ଅଧିକାରୀଙ୍କୁ ନିଯୁକ୍ତି ଦେବାକୁ ପଡ଼ିବ। ନିର୍ବାଚନ ଅଧିକାରୀ ଭାବେ ଆଚଲ କୁମାର ଜ୍ୟୋତିଙ୍କ ନିଯୁକ୍ତି ଆପେକ୍ସ କାଉନ୍‌ସିଲ ଦ୍ୱାରା ଅନୁମୋଦନ ଲାଭ କରିବା ପରେ ସେ ଏକ ସ୍ୱତନ୍ତ୍ର ସାଧାରଣ ବୈଠକରେ ନିର୍ବାଚନ ପରିଚାଳନା କରିବେ।

## ଭାରତ ସିରିଜ ବିଜୟୀ

ମୁମ୍ବାଇ,୧୯।୧୨

### ଅନ୍ତିମ ଟି୨୦

### ମନ୍ଧାନା, ରିଚାଙ୍କ ଦ୍ରୁତ ଅର୍ଦ୍ଧଶତକ



୯୮ ରନ୍‌ର ଭାଗୀଦାରି ଅବସରରେ ସ୍ମୃତି ମନ୍ଧାନା ଓ ଜେମିମା ରୋଡ୍ରିଗୁଏଜ।

ୱେଷ୍ଟଇଣ୍ଡିଜ୍ ମହିଳା ଦଳ ବିପକ୍ଷ ଅନ୍ତିମ ଟି୨୦ କ୍ରିକେଟ ମ୍ୟାଚ୍‌କୁ ୬୦ ରନ୍‌ରେ ଜିତିବା ସହ ୩ ମ୍ୟାଚ୍ ବିଶିଷ୍ଟ ସିରିଜକୁ ୨-୧ରେ ଜିତିନେଇଛି ଭାରତ। ଟସ୍ ହାରି ପ୍ରଥମେ ବ୍ୟାଟିଂ କରି ୪ ଉଇକେଟରେ ୨୧୭ ରନ୍ ସ୍କୋର କରିବା ସହ ଏହାର ଟି୨୦ ଇତିହାସର ସର୍ବାଧିକ ସ୍କୋର ରେକର୍ଡ କରିଥିଲା। ଜବାବରେ ୱେଷ୍ଟଇଣ୍ଡିଜ୍ ୨୦ ଓଭରରେ ୯ ଉଇକେଟ ହରାଇ ୧୫୭ ରନ୍ ସଂଗ୍ରହ କରିଥିଲା। ଭାରତ ପକ୍ଷରୁ ଷ୍ଟାଣ୍ଡ ଇନ୍ କ୍ୟାପଟେନ୍ ସ୍ମୃତି ମନ୍ଧାନା ୭୭ ଓ ରିଚା ଘୋଷ ୫୪ ରନ୍‌ର ଇନିଂସ ଖେଳିଥିଲେ।

ଆଉ ଥରେ ଟସ୍ ହାରିଥିବା ଭାରତ ପ୍ରଥମେ ବ୍ୟାଟିଂ କରିଥିଲା। ଖାତା ଖୋଲିବା ଆଗରୁ ଉମା ଚେତ୍ରୀ ପ୍ୟାଭିଲିୟନ ଫେରିଥିଲେ। ତେବେ ପ୍ରଥମ ମ୍ୟାଚ୍‌ର ଦୁଇ ଅର୍ଦ୍ଧଶତକ ହାସଲକାରୀ ମନ୍ଧାନା ଓ ଜେମିମା ରୋଡ୍ରିଗୁଏଜ ୯୮ ରନ୍‌ର ଭାଗୀଦାରି କରି ସଙ୍କଟରୁ ଉଦ୍ଧାର କରିଥିଲେ। ମନ୍ଧାନା ୪୭ ବଲ୍ ଖେଳି ୭୭ ରନ୍ କରିଥିଲେ। ଏହି ଇନିଂସରେ ୧୩ ଚୌକା ଓ ୧ ଛକା ସାମିଲ ଥିଲା। ଅନ୍ୟ ପକ୍ଷରେ ଜେମିମା ୩୯ ରନ୍‌ର ଇନିଂସ ଖେଳି ତାଙ୍କୁ ସହାୟତା ଦେଇଥିଲେ। ୨୮ ବଲ୍‌ର ଇନିଂସରେ ସେ ୪ ଚୌକା ମାରିଥିଲେ। ୧୫ ତମ ଓଭରରେ ଆସିଥିବା ରିଚା ଘୋଷ ଆତସବାଜି ବ୍ୟାଟିଂର ନମୁନା ଦେଖାଇବା ସହ ମହିଳା ଟି୨୦ କ୍ରିକେଟରେ ଦ୍ରୁତତମ ଅର୍ଦ୍ଧଶତକର ଯୁଗ୍ମ ରେକର୍ଡ ନିଜ ନାମରେ କରିଥିଲେ। ସୋଫି ଡିଭାଇନ୍‌ଙ୍କ ନାମରେ ପୂର୍ବରୁ ଏହି ରେକର୍ଡ ରହିଥିଲା। ୧୮ ବଲ୍‌ରେ ଅର୍ଦ୍ଧଶତକ ହାସଲ କରିଥିବା ରିଚା ୨୧ ବଲ୍ ଖେଳି ୫୪ ରନ୍ ସ୍କୋର କରିଥିଲେ। ଅନ୍ୟ ମାନଙ୍କ ମଧ୍ୟରେ ରାଘବୀ ବିସ୍ତ ଅପରାଜିତ ୩୧ ରନ୍ କରିଥିଲେ। ୱେଷ୍ଟଇଣ୍ଡିଜ ପକ୍ଷରୁ ଚିନେଲ୍ ହେନରୀ, ଡିଆଣ୍ଡ୍ରା ଡଟିନ୍, ଆଲିଆ ଆଲିନ୍ ଓ ଆଫି ଫ୍ଲେଚର ଗୋଟିଏ ଲେଖାଏ ଉଇକେଟ ନେଇଥିଲେ। ଜବାବରେ ୱେଷ୍ଟଇଣ୍ଡିଜ ୧୫୭ ରନ୍‌ରେ ସୀମିତ ରହିଥିଲା। ଦଳ ପକ୍ଷରୁ ଚିନେଲ୍ ହେନରୀ ସର୍ବାଧିକ ୪୩ ରନ୍ କରିଥିଲେ। ୧୬ ବଲ୍‌ର ଇନିଂସରେ ସେ ୩ ଚୌକା ଓ ୪ ଛକା ମାରିଥିଲେ। ଅନ୍ୟ ମାନଙ୍କ ମଧ୍ୟରେ ଡିଆଣ୍ଡ୍ରା ଡଟିନ ୨୫ ଓ ହିଲୀ ମାଥ୍ୟୁସ୍ ୨୨ ରନ୍ କରିଥିଲେ। ଭାରତ ପକ୍ଷରୁ ରାଧା ଯାଦବ ୪, ଦୀପ୍ତି ଶର୍ମା, ଟିଟାସ୍ ସାଧୁ, ସଜୀବନ ସଜନା ଓ ରେଣୁକା ସିଂ ଠାକୁର ଗୋଟିଏ ଲେଖାଏ ଉଇକେଟ ନେଇଥିଲେ।

**ସଂକ୍ଷିପ୍ତ ସ୍କୋର**

୨୦ ଓଭରରେ ୨୧୭/୪(ସ୍ମୃତି ମନ୍ଧାନା-୭୭, ରିଚା ଘୋଷ-୫୪, ଜେମିମା ରୋଡ୍ରିଗୁଏଜ-୩୯, ଚିନେଲ୍ ହେନରୀ-୧/୧୪, ଡିଆଣ୍ଡ୍ରା ଡଟିନ-୧/୫୪,ଆଫି ଫ୍ଲେଚର-୧/୨୪। ୱେଷ୍ଟଇଣ୍ଡିଜ ୨୦ ଓଭରରେ ୧୫୭/୯ (ଚିନେଲ୍ ହେନରୀ-୪୩, ଡିଆଣ୍ଡ୍ରା ଡଟିନ-୨୫, ହିଲୀ ମାଥ୍ୟୁସ-୨୨, ରାଧା ଯାଦବ-୪/୨୯, ରେଣୁକା ସିଂ ଠାକୁର-୧/୧୬, ସଜୀବନ ସଜନା-୧/୧୬)।

## ସନ୍‌ରାଇଜ୍ କ୍ଲବ ସେମିଫାଇନାଲରେ



ସନରାଇଜ୍ କ୍ଲବ କଟକ ଓ ଆସାମ ପୋଲିସ ମଧ୍ୟରେ ଅନୁଷ୍ଠିତ ମ୍ୟାଚ।

ଢେଙ୍କାନାଳ,୧୯।୧୨(ରତନ ନାୟାର)

### ସର୍ବଭାରତୀୟ ଆମନ୍ତ୍ରଣୀୟ ଫୁଟ୍‌ବଲ

ଢେଙ୍କାନାଳ ଜିଲା କ୍ରୀଡ଼ା ସଂଘ ପକ୍ଷରୁ ରାଜ୍ୟ ସରକାରଙ୍କ କ୍ରୀଡ଼ା ଓ ଯୁବ ବ୍ୟାପାର ବିଭାଗ ଏବଂ ଜିଲା ପ୍ରଶାସନର ମିଳିତ ସହଯୋଗରେ ଚାଲିଥିବା ୬ଷ୍ଠ ସର୍ବଭାରତୀୟ ଆମନ୍ତ୍ରଣୀୟ ଫୁଟ୍‌ବଲ ପ୍ରତିଯୋଗିତାର ଗୁରୁବାର ଦ୍ୱିତୀୟ କ୍ୱାର୍ଟର ଫାଇନାଲ ମ୍ୟାଚରେ ସନ୍‌ରାଇଜ୍ କ୍ଲବ କଟକ ବିଜୟୀ ହୋଇ ସେମିଫାଇନାଲରେ ପ୍ରବେଶ କରିଛି। ସଂଘର୍ଷପୂର୍ଣ୍ଣ ଦ୍ୱିତୀୟ କ୍ୱାର୍ଟର ଫାଇନାଲ ମ୍ୟାଚରେ ଟାଇବ୍ରେକରରେ ସନ୍‌ରାଇଜ୍ କ୍ଲବ କଟକ ୪-୩ ଗୋଲରେ ଆସାମ ପୋଲିସକୁ ହରାଇ ସେମିଫାଇନାଲକୁ ଉନ୍ନୀତ ହୋଇଛି। ସନ୍‌ରାଇଜ୍ କ୍ଲବର ଗୋଲକିପର ରବି କୁମାର ଶ୍ରେଷ୍ଠ ଖେଳାଳି ଭାବେ ଜିଲା କ୍ରୀଡ଼ା ସଂଘ ସଭ୍ୟ ସୁନୀଲ କୁମାର ପଣ୍ଡାଙ୍କଠାରୁ ପୁରସ୍କୃତ ହୋଇଥିଲେ। ଆଶୀର୍ବାଦ କାନୁନ୍‌ଗୋ, ଶଶିକାନ୍ତ ଦାଶିଆ, ଦିଗ୍‌ବିଜୟ ଦାସ ଓ ଦେବରାଜ ସ୍ୱାଇଁ ଖେଳ ପରିଚାଳନା କରିଥିବା ବେଳେ ମାୟାଧର ସାହୁ ମ୍ୟାଚ କମିଶନର ରହିଥିଲେ। ଓଡ଼ିଶା ଫୁଟବଲ ଆସୋସିଏଶନ ସଦସ୍ୟ ତଡିତ୍ କୁମାର ରାଉତ ମୁଖ୍ୟ ଅତିଥି ଓ ଜିଲା କ୍ରୀଡ଼ା ସଂଘ ସମ୍ପାଦକ ନଳିନୀ କୁମାର ଦାସ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ସଂଘ ଉପସଭାପତି ସଞ୍ଜୟ କୁମାର ଭଞ୍ଜ, ଯୁଗ୍ମ ସମ୍ପାଦକ ଅଭିଜିତ ମିଶ୍ର, ଗୌରାଙ୍ଗ ସେଠୀ, ମନୋଜ ସେଠୀ, ମନୋଜ ପଟ୍ଟନାୟକ, ପ୍ରତାପ ମହାନ୍ତି, ବାବୁ ପାଢ଼ୀ, ଶ୍ୟାମସୁନ୍ଦର ମହାପାତ୍ର, ସୁଶାନ୍ତ ଜେନା, ସରୋଜ ପାଢ଼ୀ, ମନୋଜ ଦାସ, ଲକ୍ଷ୍ମୀ ନାରାୟଣ ପଟ୍ଟନାୟକ, ରାଜେନ୍ଦ୍ର ପାଣି, ବିଭୂତି ଭୂଷଣ ପଟ୍ଟନାୟକ ପ୍ରମୁଖ ସହଯୋଗ କରିଥିଲେ। ଶୁକ୍ରବାର ତୃତୀୟ କ୍ୱାର୍ଟର ଫାଇନାଲ ମ୍ୟାଚ ରାଧାରମଣ କ୍ଲବ କଟକ ଓ ସୁରଜ ଫୁଟ୍‌ବଲ କ୍ଲବ ଫୁଲବାଣୀ ମଧ୍ୟରେ ଖେଳାଯିବ।

## ବାଂଲାଦେଶକୁ ୮ଉଇକେଟରେ ହରାଇଲା ଭାରତ

### ୧୯ ବର୍ଷରୁ କମ୍ ମହିଳା ଏସିଆ କପ୍

କୁଆଲାଲମ୍ପୁର, ୧୯।୧୨ (ପି.ଟି.)

ଜି. ତ୍ରିଶାଙ୍କ ଅପରାଜିତ ଅର୍ଦ୍ଧଶତକ ସହାୟତାରେ ଭାରତ ୧୯ ବର୍ଷରୁ କମ୍ ମହିଳା ଟି୨୦ କ୍ରିକେଟ ଏସିଆ କପ୍‌ରେ ଏହାର ପ୍ରଥମ ସୁପର-୪ ମ୍ୟାଚରେ ବାଂଲାଦେଶକୁ ୮ଉଇକେଟରେ ପରାସ୍ତ କରିଛି। ମ୍ୟାଚରେ ଦ୍ୱିତୀୟ ବ୍ୟାଟିଂ କରିଥିବା ଭାରତ ୮୧ରନର ସହଜସାଧ୍ୟ ବିଜୟ ଲକ୍ଷ୍ୟକୁ ୧୨.୧ ଓଭରରେ ମାତ୍ର ୨ ଉଇକେଟ ବିନିମୟରେ ହାସଲ କରି ନେଇଥିଲା। ତ୍ରିଶା ୪୬ବଲ୍ ସାମ୍ନା କରି ୧୦ ଚୌକା ସହ ୫୮ରନ କରି ଅପରାଜିତ ରହିଥିଲେ। ରନ୍ ଚେଜ୍ ବେଳେ ଭାରତର ଆରମ୍ଭ ଭଲ ନ ଥିଲା। ଭାରତ ୧୦ରନ ସ୍କୋରରେ ଜି. କମଳିନୀ (୦)ଙ୍କ ଉଇକେଟ ଏବଂ ୨୨ ସ୍କୋରରେ ସାନିକା ଚାଲ୍‌କେ (୧)ଙ୍କ ଉଇକେଟ ହରାଇଥିଲା। କିନ୍ତୁ ତ୍ରିଶା ଓ ନିକ୍କି ପ୍ରସାଦ (୨୨*, ୧୪ ବଲ୍, ୧ ଚୌକା, ୨ ଛକା) ତୃତୀୟ ଉଇକେଟରେ ଅପରାଜିତ ୬୪ରନ ଯୋଗ କରି ଭାରତକୁ ବିଜୟୀ କରିଥିଲେ। ପୂର୍ବରୁ ବାମହାତୀ ସ୍ପିନର ଆୟୁଷୀ ଶୁକ୍ଳା ଓ ସୋନମ ଯାଦବ ମିଳିତ ଭାବେ ୫ ଉଇକେଟ ଦଖଲ କରିବାରୁ ନିର୍ଦ୍ଧାରିତ ଓଭରରେ ବାଂଲାଦେଶର ସ୍କୋର ୮୦/୮ରେ ସୀମିତ ହୋଇଯାଇଥିଲା। ଏହି ବିଜୟ ଦ୍ୱାରା ଭାରତ ବର୍ତ୍ତମାନ ୫ ପଏଣ୍ଟ ସହ ସୁପର-୪ ଟେବୁଲର ଶୀର୍ଷରେ ରହିଛି। ବାଂଲାଦେଶ ୪ ପଏଣ୍ଟ ସହ ଦ୍ୱିତୀୟ ସ୍ଥାନ ଅଧିକାର କରିଛି।

**ସଂକ୍ଷିପ୍ତ ସ୍କୋର**

୧୯ ବର୍ଷରୁ କମ୍ ବାଂଲାଦେଶ : ୨୦ ଓଭରରେ ୮୦/୮ (ମୋସାମାତ ଇଭା-୧୪; ଆୟୁଷୀ ଶୁକ୍ଳା-୩/୯, ସୋନମ ଯାଦବ-୨/୬)। ୧୦ ବର୍ଷରୁ କମ୍ ଭାରତ: ୧୨.୧ ଓଭରରେ ୮୬/୨ (ଜି. ତ୍ରିଷ୍ଠା-୫୮*, ନିକ୍କି ପ୍ରସାଦ-୨୨*)।

DHARITRI
ଧରିତ୍ରୀ 51 Years
www.orissakhabar.com/ www.dharitri.com ପୃଷ୍ଠା ୧୬ Press Regd. No. R.N. 21326/74 Postal Regd. No. BN/42/24-26. ଭୁବନେଶ୍ୱର, ଶୁକ୍ରବାର, ଡିସେମ୍ବର ୨୦/୨୦୨୪ Bhubaneswar, Friday, December 20/ 2024

# ବେଦାନ୍ତ କଳିଙ୍ଗ ଲାନ୍ସର୍ସର ଜର୍ସି ଉନ୍ମୋଚନ

ଭୁବନେଶ୍ୱର,୧୯।୧୨
(ସରୋଜ ଜେନା)

ହକିଇଣ୍ଡିଆ ଲିଗ୍(ଏଚ୍ଆଇଏଲ୍)ର ଆସନ୍ତା ସଂସ୍କରଣ ପାଇଁ ବେଦାନ୍ତ କଳିଙ୍ଗ ଲାନ୍ସର୍ସ ଦଳର ଜର୍ସି, ମାସ୍କଟ ଓ ଥିମ୍ ସଙ୍ଗ ଗୁରୁବାର କଳିଙ୍ଗ ଷ୍ଟାଡିୟମ୍‌ରେ ଉନ୍ମୋଚିତ ହୋଇଯାଇଛି। ଓଡ଼ିଶା ସରକାରଙ୍କ କ୍ରୀଡ଼ା ଓ ଯୁବ ବ୍ୟାପାର ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ, କ୍ରୀଡ଼ା ସଚିବ ଭାସ୍କର ଜ୍ୟୋତି ଶର୍ମା ଓ ବେଦାନ୍ତ ଆଲୁମିନିୟମ ସିଓଓ ତଥା କଳିଙ୍ଗ ଲାନ୍ସର୍ସର ନିର୍ଦ୍ଦେଶକ ସୁନିଲ ଗୁପ୍ତା ଉପସ୍ଥିତ ରହି ଥିମ୍ ସଙ୍ଗ, ଜର୍ସି ଓ ମାସ୍କଟ ଉନ୍ମୋଚନ କରିଥିଲେ। କଳିଙ୍ଗ ଲାନ୍ସର୍ସ ଦଳରେ ଥିଏରୀ ବ୍ରିଙ୍କମ୍ୟାନ ଅଧିନାୟକ ରହିଥିବା ବେଳେ ୮ ଜଣ ଓଡ଼ିଆ ଖେଳାଳି ଏହି ଦଳରେ ସ୍ଥାନ ପାଇଛନ୍ତି।



ଜର୍ସି ଓ ମାସ୍କଟ ଉନ୍ମୋଚନ ଅବସରରେ ଖେଳାଳି ଓ କର୍ମକର୍ତ୍ତାଙ୍କ ଗହଣରେ କ୍ରୀଡ଼ାମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ।

ଆସନ୍ତା ସିଜନ ପାଇଁ ଡିଫେଣ୍ଡିଂ ଚାମ୍ପିୟନ କଳିଙ୍ଗ ଲାନ୍ସର୍ସର ଦୁଇଟି ଜର୍ସିର ଉନ୍ମୋଚନ କରାଯାଇଛି। ୨୦୧୭ ସିଜନ ପରି କମଳା ଓ ଧଳା ରଙ୍ଗର ଜର୍ସି ଆୱେ ମ୍ୟାଚ୍ ପାଇଁ ରଖାଯାଇଥିବା ବେଳେ ହୋମ୍ ମ୍ୟାଚ୍‌ଗୁଡିକ ପାଇଁ ବ୍ଲୁ ଓ ଗ୍ରୀନ୍ ରଙ୍ଗର ଜର୍ସି ରହିଛି। ଜର୍ସିରେ ଓଡ଼ିଶାର କଳା, ସଂସ୍କୃତି ଓ ଐତିହ୍ୟକୁ ପ୍ରାଧାନ୍ୟ ଦିଆଯାଇଛି। ସେହିପରି ଓଡ଼ିଶା, କର୍ନାଟକ ଓ ତେଲଙ୍ଗାନାରେ ରାଜ୍ୟ ପକ୍ଷୀର ମାନ୍ୟତା ହାସଲ କରିଥିବା ଇଣ୍ଡିଆନ ରୋଲର(ଭଦଭଦଳିଆ) ପକ୍ଷୀ ଆଧାରରେ ଟିମ୍‌ର ମାସ୍କଟ ଜିତ୍‌କୁ ଡିଜାଇନ କରାଯାଇଛି। କ୍ରୀଡ଼ା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଜର୍ସି ଉନ୍ମୋଚନ କରିଥିବା ବେଳେ କ୍ରୀଡ଼ା ସଚିବ ଭାସ୍କର ଜ୍ୟୋତି ଶର୍ମା ମାସ୍କଟ ଉନ୍ମୋଚନ କରିଥିଲେ। ସେହିପରି ଥିମ୍ ସଙ୍ଗ ଭାବରେ 'ଜଜ୍‌ବା ଜିତ୍ କା' ଉନ୍ମୋଚନ କରାଯାଇଥିଲା। ବଲିଉଡ୍‌ର ଓଡ଼ିଆ ଗାୟକ ଋତୁରାଜ ମହାନ୍ତି ଏହି ଗୀତଟିକୁ ଗାଇଥିଲେ। ଏହି ଅବସରରେ ଓଡ଼ିଶୀ ନୃତ୍ୟଶିଳ୍ପୀ ଅରୁଣା ମହାନ୍ତି, ଓଡ଼ିଶାର ପ୍ରଥମ କେ ପପ୍ ଗାୟିକା ଶ୍ରେୟା ଲେଙ୍କା ଓ ପ୍ରସ୍ତର ଶିଳ୍ପୀ ରଘୁନାଥ ସାହୁଙ୍କୁ ସମ୍ମାନିତ କରାଯାଇଥିଲା। କଳିଙ୍ଗ ଲାନ୍ସର୍ସ ଦଳର ସମସ୍ତ ଖେଳାଳି ଏହି ଜର୍ସି ଲଞ୍ଚ ଇଭେଣ୍ଟରେ ଉପସ୍ଥିତ ରହିଥିଲେ।

# ନିରପେକ୍ଷ ଭେନ୍ୟୁରେ ଖେଳିବ ଭାରତ

ଦୁବାଇ, ୧୯।୧୨ (ପି.ଟି.)

**ଚାମ୍ପିୟନ୍ସ ଟ୍ରଫି**



ଆସନ୍ତାବର୍ଷ ହେବାକୁଥିବା ଚାମ୍ପିୟନ୍ସ ଟ୍ରଫି କ୍ରିକେଟର ଆୟୋଜନକୁ ନେଇ ଦେଖାଦେଇଥିବା ସଙ୍କଟର ଶେଷରେ ପରିସମାପ୍ତି ଘଟିଛି। ଏହି ୫୦-ଓଭର ବିଶିଷ୍ଟ ଇଭେଣ୍ଟରେ ଭାରତ ଏହାର ମ୍ୟାଚଗୁଡ଼ିକ ଆୟୋଜକ ଦେଶ ପାକିସ୍ତାନ ପରିବର୍ତ୍ତେ ଏକ ନିରପେକ୍ଷ ଭେନ୍ୟୁରେ ଖେଳିବ। ୨୦୨୭ରେ ଭାରତରେ ଟୁର୍ନାମେଣ୍ଟ ଆୟୋଜନ ବେଳେ ପାକିସ୍ତାନ ପାଇଁ ଅନୁରୂପ ବ୍ୟବସ୍ଥା କାର୍ଯ୍ୟକାରୀ ହେବ। ଅନ୍ତର୍ଜାତୀୟ କ୍ରିକେଟ ପରିଷଦ (ଆଇସିସି) ତରଫରୁ ଗୁରୁବାର ଏ ସମ୍ପର୍କରେ ସ୍ପଷ୍ଟ କରାଯାଇଛି। ହୋଇଥିବା ରାଜିନାମା ଅନୁସାରେ ପାକିସ୍ତାନରେ ୨୦୨୮ରେ ମହିଳା ଟି୨୦ ବିଶ୍ୱକପ୍ ବେଳେ ଏହି ବ୍ୟବସ୍ଥା କାର୍ଯ୍ୟକାରୀ ହେବ ବୋଲି କୁହାଯାଉଛି, ଯଦିଓ ଏନେଇ ଆନୁଷ୍ଠାନିକ ଘୋଷଣା କରାଯାଇ ନାହିଁ। କିନ୍ତୁ ଭାରତର ଚାମ୍ପିୟନ୍ସ ଟ୍ରଫି ମ୍ୟାଚ୍‌ଗୁଡ଼ିକ ସଂଯୁକ୍ତ ଆରବ ଏମିରେଟ୍ସ (ୟୁଏଇ)ରେ ଖେଳାଯିବ। ୨୦୨୪ରୁ ୨୦୨୭ ପର୍ଯ୍ୟନ୍ତ ଚାଲିଥିବା ବର୍ତ୍ତମାନର ସମୟ ଚକ୍ରରେ (ଭାରତ ଓ ପାକିସ୍ତାନ ଆୟୋଜିତ ହେବାକୁ ଥିବା) ଆଇସିସି ଇଭେଣ୍ଟଗୁଡ଼ିକରେ ଭାରତ ଓ ପାକିସ୍ତାନ ମ୍ୟାଚ୍‌ଗୁଡ଼ିକ ନିରପେକ୍ଷ ଭେନ୍ୟୁରେ ହେବ। ଟୁର୍ନାମେଣ୍ଟର ଆୟୋଜକଙ୍କ ଦ୍ୱାରା ଦିଆଯାଇଥିବା ପ୍ରସ୍ତାବ ଆଇସିସି ବୋର୍ଡ ଦ୍ୱାରା ଗୃହୀତ ହୋଇଯାଇଛି। ଏହି ବ୍ୟବସ୍ଥା ଆସନ୍ତାବର୍ଷ ଭାରତରେ ହେବାକୁଥିବା ମହିଳା ବିଶ୍ୱକପ୍ ଓ ୨୦୨୬ରେ ହେବାକୁଥିବା ଟି୨୦ ବିଶ୍ୱକପ୍ କ୍ଷେତ୍ରରେ ମଧ୍ୟ ଲାଗୁ ହେବ। ଭାରତ ସୁରକ୍ଷାଗତ କାରଣରୁ ଆସନ୍ତା ଫେବୃଆରୀ-ମାର୍ଚ୍ଚରେ ହେବାକୁ ଇଭେଣ୍ଟ ଲାଗି ପାକିସ୍ତାନ ଗସ୍ତ କରିବାକୁ ମନା କରିଦେଇଛି। ୨୦୦୮ରେ ମୁମ୍ବାଇରେ ଆତଙ୍କବାଦୀ ଆକ୍ରମଣ ପରଠାରୁ ଭାରତ ପଡ଼ୋଶୀ ପାକିସ୍ତାନରେ ଖେଳିନାହିଁ। ଏଥିରେ ୧୫୦ ଲୋକ ନିହତ ହୋଇଥିଲେ। ଦୁଇ ଦେଶ ଗତ ଥର ଦ୍ୱିପାକ୍ଷିକ ସିରିଜ ୨୦୧୨ରେ ଖେଳିଥିଲେ। ପାକିସ୍ତାନ ଗସ୍ତ କରିବାକୁ ହେଲେ ଭାରତ ସରକାରଙ୍କ ଅନୁମତି ନେବାକୁ ପଡ଼ିବ। ସରକାର କୌଣସି ପ୍ରକାର ଅନୁମତି ଦେବେ ନାହିଁ। ଆଇସିସି ଚାମ୍ପିୟନ୍ସ ଟ୍ରଫି ୨୦୨୫ର କାର୍ଯ୍ୟସୂଚୀ ଖୁବ୍‌ଶୀଘ୍ର ପ୍ରକାଶ ପାଇବ ବୋଲି ଅନ୍ତର୍ଜାତୀୟ କ୍ରିକେଟ ପରିଷଦ କହିଛି। ଡିସେମ୍ବର ୧ରେ ଆଇସିସିର ମୁଖ୍ୟଭାବେ ଦାୟିତ୍ୱ ଗ୍ରହଣ କରିଥିବା ଜୟ ଶାହା, ପାକିସ୍ତାନ କ୍ରିକେଟ ବୋର୍ଡ (ପିସିବି), ବିସିସିଆଇ ଓ ବ୍ରଡକାଷ୍ଟର ସମେତ ସମସ୍ତ ଅଂଶୀଦାରଙ୍କ ମଧ୍ୟରେ ଅନୁଷ୍ଠିତ ଏକ ବୈଠକରେ ୫୦-ଓଭର ଇଭେଣ୍ଟର ଆୟୋଜନ ନେଇ ଆଲୋଚନା ହୋଇଥିଲା। ଟୁର୍ନାମେଣ୍ଟରେ ୮ଟି ଦଳ ଭାଗ ନେବେ। ସେମାନଙ୍କୁ ଦୁଇଟି ଗ୍ରୁପ୍‌ରେ ବିଭକ୍ତ କରାଯିବ। ପ୍ରତି ଗ୍ରୁପ୍‌ର ଶ୍ରେଷ୍ଠ ଦୁଇ ଦଳ ସେମିଫାଇନାଲକୁ ଉନ୍ନୀତ ହେବ।

# ଓଡ଼ିଶାରୁ ଭାଗନେଲେ ୫ ପ୍ରତିଯୋଗୀ



ବିଶ୍ୱ ପେନ୍‌ଚାକ ସିଲାଟ ଚାମ୍ପିୟନଶିପ୍ ପାଇଁ ମନୋନୀତ ଓଡ଼ିଆ ଖେଳାଳି।

ଭୁବନେଶ୍ୱର, ୧୯।୧୨ (ତପନ ସ୍ୱାଇଁ)

**ବିଶ୍ୱ ପେନ୍‌ଚାକ ସିଲାଟ ପ୍ରତିଯୋଗିତା**

ଦୁବାଇର ଆବୁଧାବିରେ ୫ମ ବିଶ୍ୱ ଜୁନିୟର, ସବ୍ ଜୁନିଅର ଓ ୨୦ତମ ସିନିୟର ପେନ୍‌ଚାକ ସିଲାଟ ଚାମ୍ପିୟନଶିପ୍ ଆରମ୍ଭ ହୋଇଛି। ୨୨ ତାରିଖ ପର୍ଯ୍ୟନ୍ତ ଚାଲିବାକୁ ଥିବା ଏହି ପ୍ରତିଯୋଗିତାରେ ଓଡ଼ିଶାରୁ ମୋଟ ୫ ଖେଳାଳି ଓ ଜଣେ ରେଫରି ଅଂଶଗ୍ରହଣ କରିଛନ୍ତି। ଖେଳାଳିମାନେ ହେଲେ ଦୀପାଂଶୁ ବାମେଲ, ଅଂଶୁମାନ ଭୌମିକ, ଅବଦୁଲ ସୋଫିଆନ, ଭିଦିତ ଗୁପ୍ତା ଓ ଶରତ ଦାସ। ସେହିପରି ପ୍ରେମ ସିଂ ଥାପା ରେଫରିଭାବେ ମନୋନୀତ ହୋଇଛନ୍ତି। ଓଡ଼ିଶା ଖେଳାଳିମାନଙ୍କୁ ଯୁବ ସମାଜସେବୀ ତଥା ପେନ୍‌ଚାକ ସିଲାଟ ଖୋର୍ଦ୍ଧା ସଂପାଦକ ଜିତେନ୍ଦ୍ର କୁମାର ରାଉତ, ପେନ୍‌ଚାକ୍ ସିଲାଟ ଆସୋସିଏଶନ ଓଡ଼ିଶାର ସଭାପତି ତାପସ କୁମାର ରାୟ ଚୌଧୁରୀ, ଉପସଭାପତି ମନୋରଞ୍ଜନ ଭଞ୍ଜ, ଅରବିନ୍ଦ ବାରିକ, ସାଧାରଣ ସମ୍ପାଦକ ଗୁରୁ ପ୍ରେମ ସିଂ ଥାପା, ବ୍ୟକ୍ତିଗତ ଉପଦେଷ୍ଟା ସୁମନ ମୋଦି ପ୍ରମୁଖ ଶୁଭେଚ୍ଛା ଜଣାଇଛନ୍ତି।

# ଭର୍ଷ୍ଟାପେନ୍‌ଙ୍କ ଟିମ୍‌ମେଟ୍ ହେଲେ ଲସନ

ମିଲ୍‌ଟନ କେନିସ , ୧୯।୧୨ (ଏପି)

ଫର୍ମୁଲା ୱାନ ସିଜନ ୨୦୨୫ରେ ଲିଆମ ଲସନ ରେଡ୍‌ବୁଲ୍‌ରେ ବିଶ୍ୱ ଚାମ୍ପିୟନ ମାକ୍ସ ଭର୍ଷ୍ଟାପେନ୍‌ଙ୍କ ନୂଆ ପାର୍ଟନର ହେବେ। ଫର୍ମୁଲା ୱାନ ଟିମ୍ ତରଫରୁ ଗୁରୁବାର ଘୋଷଣା କରାଯାଇଛି। ନ୍ୟୁଜିଲାଣ୍ଡର ଲସନଙ୍କୁ ସର୍ଗିଓ ପେରେଜଙ୍କ ସ୍ଥାନରେ ନିଆଯାଇଛି। କ୍ରମାଗତ ଧରି ଖରାପ ପ୍ରଦର୍ଶନ ପାଇଁ ପେରେଜଙ୍କୁ ବୁଧବାର ଟିମ୍‌ରୁ ବାଦ୍ ଦିଆଯାଇଥିଲା। ଲସନ କହିଛନ୍ତି, ରେଡ୍‌ବୁଲ ଦଳରୁ ଭାଗ ନେବା ତାଙ୍କ ପିଲାଦିନର ଏକ ସ୍ୱପ୍ନ ଥିଲା।

# କେରଳଠାରୁ ହାରିଲା ଓଡ଼ିଶା

ହାଇଦ୍ରାବାଦ, ୧୯।୧୨ (ପି.ଟି.): ଜାତୀୟ ସିନିୟର ପୁରୁଷ ଫୁଟ୍‌ବଲ ଚାମ୍ପିୟନଶିପ୍ ସନ୍ତୋଷ ଟ୍ରଫିର ଫାଇନାଲ ରାଉଣ୍ଡ ଗ୍ରୁପ୍ 'ବି'ରେ କେରଳ ୨-୦ ଗୋଲ୍‌ରେ ଓଡ଼ିଶାକୁ ପରାସ୍ତ କରିଛି। ଦଳ ୩ଟି ମ୍ୟାଚରୁ ୯ ପଏଣ୍ଟ ଅର୍ଜନ କରି ଗ୍ରୁପ୍ 'ବି' ପଏଣ୍ଟ ଟେବୁଲ ଶୀର୍ଷରେ ରହିଛି। ୨୦୨୧-୨୨ ଚାମ୍ପିୟନ କେରଳ ମ୍ୟାଚରେ ପ୍ରାଧାନ୍ୟ ବିସ୍ତାର କରି ଖେଳିଥିଲା। ଦଳ ପକ୍ଷରୁ ମହମ୍ମଦ ଅଜସଲ (୪୧ତମ ମିନିଟ୍) ଓ ନସିବ ରହମନ (୫୪ତମ) ଗୋଟିଏ ଲେଖାଏଁ ଗୋଲ ସ୍କୋର କରିଥିଲେ। ଗୁରୁବାର ଏହି ପରାଜୟ ଦ୍ୱାରା ଓଡ଼ିଶା ତିନୋଟି ଗେମ୍‌ରୁ ଗୋଟିଏ ବିଜୟ ସହ ଗ୍ରୁପ୍'ବି'ରେ ଚତୁର୍ଥ ସ୍ଥାନକୁ ଖସି ଆସିଛି। ଗତଥରର ରନରଅପ୍ ମେଘାଳୟ ଅନ୍ୟ ଏକ ମ୍ୟାଚରେ ୨-୦ ଗୋଲ୍‌ରେ ଦିଲ୍ଲୀକୁ ପରାସ୍ତ କରି ଫାଇନାଲ ରାଉଣ୍ଡରେ ଏହାର ପ୍ରଥମ ବିଜୟ ହାସଲ କରିଛି। ଦଳ ୪ ପଏଣ୍ଟ ସହ ତୃତୀୟ ସ୍ଥାନକୁ ଉନ୍ନୀତ ହୋଇଛି। ଅନ୍ୟପକ୍ଷରେ ଦିଲ୍ଲୀର ଏହା ହେଉଛି ପ୍ରଥମ ପରାଜୟ। ଦଳ ୬ ପଏଣ୍ଟ ସହ ପୂର୍ବ ଭଳି ଦ୍ୱିତୀୟ ସ୍ଥାନରେ ରହିଛି।

# ଦକ୍ଷିଣ ପୂର୍ବ ରେଲ୍‌ୱେ ଚକ୍ରଧରପୁର ବିଜୟୀ



ଅତିଥିଙ୍କ ଗହଣରେ ଉଭୟ ଦଳର ଖେଳାଳି।

ଟାଙ୍ଗୀ,୧୯।୧୨ (ରଘୁନାଥ ସାହୁ)

**ସର୍ବଭାରତୀୟ ମହାବୀର କପ୍ ଫୁଟ୍‌ବଲ**

କୁହୁଡ଼ି ମହାବୀର ଆଥ୍‌ଲେଟିକ ଆସୋସିଏଶନ ଆନୁକୂଲ୍ୟରେ ଜନତା ଷ୍ଟାଡିୟମରେ ଗୁରୁବାର ୬୫ତମ ସର୍ବଭାରତୀୟ ମହାବୀର କପ୍ ଫୁଟ୍‌ବଲ ଟୁର୍ନାମେଣ୍ଟ ଆରମ୍ଭ ହୋଇଛି। ଉଦ୍‌ଘାଟନୀ ମ୍ୟାଚ୍ ୟୁଥ୍ ଡେଭଲପମେଣ୍ଟ କ୍ଲବ ଗଣ୍ଡରପୁର ଭୁବନେଶ୍ୱର ଏବଂ ଦକ୍ଷିଣ ପୂର୍ବ ରେଲ୍‌ୱେ ଚକ୍ରଧରପୁର ଟିମ୍ ମଧ୍ୟରେ ହୋଇଥିଲା। ମ୍ୟାଚ୍ ସଂଘର୍ଷପୂର୍ଣ୍ଣ ହୋଇଥିବାବେଳେ ଦ୍ୱିତୀୟାର୍ଦ୍ଧର ୨୦ମିନିଟରେ ଚକ୍ରଧରପୁର ଟିମ୍‌ର ଅଜୟ ମୁର୍ମୁ ଗୋଟିଏ ଗୋଲ ଦେଇଥିଲେ। ସେହିପରି ୨୮ମିନିଟରେ ଗଣ୍ଡରପୁର ଟିମ୍‌ର ତୋଫାନ ନାୟକ ଗୋଟିଏ ଗୋଲ ଦେଇଥିଲେ। ମ୍ୟାଚ୍ ଶେଷ ସୁଦ୍ଧା ଉଭୟ ଟିମ୍ କେହି କାହାକୁ ଆଉ ଗୋଲ ଦେଇପାରି ନ ଥିଲେ। ଫଳରେ ଟାଇବ୍ରେକରରେ ୫-୪ ଗୋଲରେ ଦକ୍ଷିଣ ପୂର୍ବ ରେଲ୍‌ୱେ ଚକ୍ରଧରପୁର ଟିମ୍ ବିଜୟୀ ହୋଇଥିଲା। ରାଜୁ ମହାନ୍ତି ମ୍ୟାଚ୍ ପରିଚାଳନା କରିଥିବା ବେଳେ ପ୍ରିୟବ୍ରତ ବାହିନୀପତି, ଗୋପାଳ ସାମନ୍ତରାୟ ଏବଂ ଅପର୍ତ୍ତି ବେହେରା ସହାୟତା କରିଥିଲେ। ବିଜୟ କୁମାର ରାଉତ ମ୍ୟାଚ୍ କମିଶନରଭାବେ ଦାୟିତ୍ୱ ତୁଲାଇଥିଲେ। ଶ୍ରେଷ୍ଠ ଖେଳାଳିଭାବେ ଚକ୍ରଧରପୁର ଟିମ୍‌ର ଅଜୟ ମୁର୍ମୁ ଏବଂ ଗଣ୍ଡରପୁର ଟିମ୍‌ର ଚନ୍ଦନ ନାୟକଙ୍କୁ ସମ୍ମାନିତ କରାଯାଇଥିଲା। ଉଦ୍‌ଘାଟନୀ ଉତ୍ସବରେ ଅତିଥିଭାବେ ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ, ଖୋର୍ଦ୍ଧା ବିଧାୟକ ପ୍ରଶାନ୍ତ କୁମାର ଜଗଦେବ, କବି ଡ.ଶଶାଙ୍କ ଶେଖର ଚୂଡ଼ାମଣି, ପୂର୍ବତନ ଚିଲିକା ବ୍ଲକ ଅଧ୍ୟକ୍ଷ ଲଳିତ ମୋହନ ପଟ୍ଟନାୟକ, ଟାଙ୍ଗୀ ବ୍ଲକ ଅଧ୍ୟକ୍ଷା ରିସ୍ମା ମାନ୍ଧାତା, ପୂର୍ବତନ ଜିଲାପରିଷଦ ଅଧ୍ୟକ୍ଷ ରାମଚନ୍ଦ୍ର ମହାପାତ୍ର, କୁହୁଡ଼ି ପୂର୍ବତନ ସରପଞ୍ଚ ଜୟଦେବ ବେହେରା, ରତନପୁର ସରପଞ୍ଚ ଗୁରୁବନ୍ଧୁ ବେହେରା ପ୍ରମୁଖ ଯୋଗଦେଇ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। ସଭାପତି ତଥା ପ୍ରଧାନଶିକ୍ଷକ ରଘୁନାଥ ସ୍ୱାଇଁ, ସମ୍ପାଦକ ମନୋଜ କୁମାର ମାନସିଂ, ସହସମ୍ପାଦକ କମଳାକାନ୍ତ ସାମନ୍ତରାୟ, ରମେଶ କୁମାର ନାଇଡୁ, ରତ୍ନାକର ସାମନ୍ତରାୟ, କେଦାର ଦାସ, ଶ୍ରୀବତ୍ସ ପରିଡ଼ା, ଡ. ଚନ୍ଦ୍ରଶେଖର ଦାଶ ପ୍ରମୁଖ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।

# ୬ଷ୍ଠ ରାଉଣ୍ଡ ସୁଦ୍ଧା ଏନ୍‌ଗୁଏନ ଅଗ୍ରଣୀ

**ଅନ୍ତର୍ଜାତୀୟ ଗ୍ରାଣ୍ଡମାଷ୍ଟର ଚେସ୍**

ଭୁବନେଶ୍ୱର, ୧୯।୧୨ (ତପନ ସ୍ୱାଇଁ)

ଅଲ୍ ଓଡ଼ିଶା ଚେସ୍ ଆସୋସିଏଶନ ଓ ଶିକ୍ଷା ଏବଂ ଅନୁସନ୍ଧାନ (ସୋଆ) ବିଶ୍ୱବିଦ୍ୟାଳୟର ମିଳିତ ଆନୁକୂଲ୍ୟରେ ଚାଲିଥିବା ଓଡ଼ିଶା ଓପନ ଅନ୍ତର୍ଜାତୀୟ ଗ୍ରାଣ୍ଡମାଷ୍ଟର ଚେସ୍ ମହୋତ୍ସବର ୬ ରାଉଣ୍ଡ ଶେଷସୁଦ୍ଧା ଭିଏତ୍‌ନାମର ଏନ୍‌ଗୁଏନ କ୍ୱୋକ ହେ ଅଗ୍ରଣୀଲାଭ କରିଛନ୍ତି। ବେଲାରୁଷ ଗ୍ରାଣ୍ଡମାଷ୍ଟର ଫେଡୋରୋଭ ଆଲେକ୍ସି ଦ୍ୱିତୀୟ ସ୍ଥାନରେ ରହିଛନ୍ତି। ଉଭୟ ଖେଳାଳି ୫.୫ ପଏଣ୍ଟ ଲେଖାଏ ପାଇଛନ୍ତି। ତେଲଙ୍ଗାନାର ଭିଗ୍ନେଶ ଅଦଭେତ ଭେମୁଲା, ଆରସିପିବି ପକ୍ଷରୁ ପ୍ରତିନିଧିତ୍ୱ କରୁଥିବା ନିଲାଶ ସାହା, ଆଇସିଏଫ୍‌ର ଶ୍ୟାମ ନିଖିଲ ପି., କଲମ୍ବିଆର ରିଓସ ଗୋମେଜ କ୍ରିଷ୍ଟିଆନ କାମିଲୋ, ଆଇସିଏଫ୍‌ର ଦୀପନ ଚକ୍ରବର୍ତ୍ତୀ, ପଶ୍ଚିମବଙ୍ଗର ସାୟନ୍ତନ ଦାସ, କାଜାଖସ୍ତାନର ତୋଲୋଗୋନ ତେଗିନ ସେମେତେଇ (ସମସ୍ତେ ୫ ପଏଣ୍ଟ ଲେଖାଏ) ଓ ତାମିଲନାଡୁ ଗ୍ରାଣ୍ଡମାଷ୍ଟର ଭେଙ୍କଟେଶ ଏମ୍.ଆର (୪.୫) ଟପ୍-୧୦ରେ ରହିଛନ୍ତି। ଓଡ଼ିଶା ଖେଳାଳିଙ୍କ ମଧ୍ୟରେ ସମ୍ବିତ ପଣ୍ଡା ୪.୫ ପଏଣ୍ଟ ପାଇଛନ୍ତି।

# 'ଅବସର ନେଇ ଅନୁଶୋଚନା ନାହିଁ'

ଚେନ୍ନାଇ,୧୯।୧୨(ପି.ଟି.)

ବ୍ରିସବେନ୍‌ରେ ଭାରତ ଓ ଅଷ୍ଟ୍ରେଲିଆ ମଧ୍ୟରେ ଖେଳାଯାଉଥିବା ବର୍ଡର-ଗାଭାସ୍କର ଟ୍ରଫିର ତୃତୀୟ ଟେଷ୍ଟ ଡ୍ର'ରେ ଶେଷ ହୋଇଥିବା ବେଳେ ଅଭିଜ୍ଞ ଅଫ୍ ସ୍ପିନର ରବିଚନ୍ଦ୍ରନ ଅଶ୍ୱିନ ପ୍ରେସ୍ ମିଟ୍‌ରେ ଅବସର ଘୋଷଣା କରିଥିଲେ। ବୁଧବାର ଟେଷ୍ଟ ସିରିଜ୍‌ର ଅଧାରେ ଅବସର ଘୋଷଣା କରି ସମସ୍ତଙ୍କୁ ଚକିତ କରି ଦେଇଥିବା ଅଶ୍ୱିନ ଗୁରୁବାର ଚେନ୍ନାଇରେ ପହଞ୍ଚିଛନ୍ତି। ୩୮ ବର୍ଷୀୟ ଅଶ୍ୱିନ ଭାରତ ପକ୍ଷରୁ ୭୬୫ ଅନ୍ତର୍ଜାତୀୟ ଉଇକେଟ ହାସଲ କରିଛନ୍ତି। ଚେନ୍ନାଇରେ ପହଞ୍ଚିବା ପରେ ଅବସର ନିଷ୍ପତ୍ତିକୁ ଭାବିଚିନ୍ତି ନେଇଥିବା କହିଛନ୍ତି। ଏହା ସହ ତାଙ୍କର କୌଣସି ଅନୁଶୋଚନା ନାହିଁ ବୋଲି ମଧ ସେ ସ୍ପଷ୍ଟ କରିଛନ୍ତି। ବିମାନବନ୍ଦରରେ ପହଞ୍ଚିବା ପରେ ରାଜ୍ୟ କ୍ରିକେଟ ଆସୋସିଏଶନର କର୍ମକର୍ତ୍ତା ତାଙ୍କୁ ସ୍ୱାଗତ କରିଥିଲେ। ପ୍ରଥମେ ନିଜ ପରିବାର ଲୋକଙ୍କୁ ଭେଟିବା ପରେ ଉପସ୍ଥିତ ମିଡିଆକୁ ବୟାନ ଦେଇଥିଲେ ଅଶ୍ୱିନ। ଅନେକ ଲୋକଙ୍କ ପାଇଁ ଏହା ଏକ ଭାବବିହ୍ୱଳ ନିଷ୍ପତ୍ତି। ତେବେ ବ୍ୟକ୍ତିଗତ ଭାବରେ ଏହା ମୋତେ ଆତ୍ମସନ୍ତୋଷ ପ୍ରଦାନ କରିଛି। ବିଗତ କିଛିଦିନ ଧରି ଅବସର ସମ୍ପର୍କରେ ଚିନ୍ତା କରୁଥିଲି। ବ୍ରିସବେନ ଟେଷ୍ଟର ଚତୁର୍ଥ ଦିନରେ ହିଁ ଅବସର ନେବାକୁ ମନସ୍ଥ କରି ସାରିଥିଲି ବୋଲି ସେ କହିଛନ୍ତି।

ଅବସର ଏକ ବଡ଼ ନିଷ୍ପତ୍ତି ନୁହେଁ ବୋଲି କହିବା ସହିତ ସେ ଏକ ଭିନ୍ନ ପଥ ଅନୁସରଣ କରିବାକୁ ଯାଉଛନ୍ତି। ସେହିପରି ଭାରତୀୟ ଦଳର ଅଧିନାୟକ ନ ହୋଇପାରିବାକୁ ନେଇ ତାଙ୍କର କିଛି ଦୁଃଖ ରହିଛି ବୋଲି ପ୍ରଶ୍ନରେ ଅଶ୍ୱିନ କହିଥିଲେ, ଏହା ବର୍ତ୍ତମାନ ହେବା ସମ୍ଭବ ନୁହେଁ। ଜୀବନରେ କୌଣସି ଜିନିଷକୁ ନେଇ ମୋର ଦୁଃଖ ନାହିଁ। ଅନୁଶୋଚନା ପ୍ରକାଶ କରୁଥିବା ଅନେକ ଲୋକଙ୍କୁ ଅତ୍ୟନ୍ତ ନିକଟରୁ ଦେଖିଛି। ମୋର ସେଭଳି କୌଣସି ଅନୁଶୋଚନା ନାହିଁ। ୨୦୧୧ ବିଶ୍ୱକପ ଓ ୨୦୧୩ରେ ଚାମ୍ପିୟନ୍ସ ଟ୍ରଫି ବିଜେତା ଦଳର ସଦସ୍ୟ ରହିଥିବା ଅଶ୍ୱିନ ଭାରତ ପାଇଁ ୧୧୬ ଦିନିକିଆରୁ ୧୫୬ ଉଇକେଟ ଓ ୬୫ ଟି୨୦ ମ୍ୟାଚ୍‌ରୁ ୭୨ ଉଇକେଟ ନେଇଛନ୍ତି।




Printed and published by Adyasha Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-34, Industrial Estate, Pita Mahal, Rayagada, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ